# ଧରିତ୍ରୀ DHARITRI

ଧରିତ୍ରୀ 51 Years

ପୃଷ୍ଠା-୮+୮

ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, May 23/2025 | Page 16 | ₹ 7.00

୫୧ଶ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 177 | ମୂଲ୍ୟ ₹୭/-







ୱାଶିଂଟନ୍ ଡିସିସ୍ଥିତ କ୍ୟାପିଟାଲ ଇହୁଦୀ ମ୍ୟୁଜିୟମ୍ ବାହାରେ ଗୁଳିକାଣ୍ଡ ପରେ ଜଣେ ବ୍ୟକ୍ତି ଇସ୍ରାଏଲୀ ପତାକା ଘୋଡ଼େଇ ହୋଇ ଲୋକଙ୍କୁ ଅଟକାଉଛନ୍ତି।

## ୱାଶିଂଟନ୍ ଇହୁଦୀ ମ୍ୟୁଜିୟମ୍‌ରେ ଗୁଳି

# ଇସ୍ରାଏଲୀ ଦୂତାବାସର ୨ କର୍ମଚାରୀ ନିହତ

**ୱାଶିଂଟନ୍,୨୨।୫**

ଆମେରିକାର ୱାଶିଂଟନ୍ ଡିସିସ୍ଥିତ କ୍ୟାପିଟାଲ ଇହୁଦୀ ମ୍ୟୁଜିୟମ୍ ବାହାରେ ବୁଧବାର ସନ୍ଧ୍ୟାରେ ଗୁଳିକାଣ୍ଡ ଘଟିଛି। ଜଣେ ବନ୍ଧୁକଧାରୀ 'ପାଲେଷ୍ଟାଇନ୍‌କୁ ମୁକ୍ତକର' ସ୍ଲୋଗାନ ଦେଇ ଆଖିବୁଜା ଗୁଳି ଚଳାଇଛନ୍ତି। ଏହି ଆକ୍ରମଣରେ ଇସ୍ରାଏଲୀ ଦୂତାବାସର ୨ ଜଣ ଷ୍ଟାଫ୍ ମେମ୍ବର ନିହତ ହୋଇଛନ୍ତି। ପୋଲିସ ଆକ୍ରମଣକାରୀଙ୍କୁ ଗିରଫ କରିଛି। ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଗୁଳିମାଡ଼ରେ ପ୍ରାଣ ହରାଇଥିବା କର୍ମଚାରୀ ଦ୍ୱୟ ୟାରୋନ୍ ଲିସ୍କିନ୍‌ସ୍କାଏ ଏବଂ ସାରାହ ମିଲଗ୍ରିମ୍ ବୋଲି ଇସ୍ରାଏଲ ବହିର୍ବ୍ୟାପାର ମନ୍ତ୍ରୀ ଗିଡେଓନ୍ ସାର ସୂଚନା ଦେଇଛନ୍ତି। ଲିସ୍କିନ୍‌ସ୍କାଏ ଜଣେ ଗବେଷକ ସହାୟକ ହୋଇଥିବାବେଳେ ମିଲ୍‌ଗ୍ରିମ୍ ଇସ୍ରାଏଲକୁ ଗସ୍ତ ଓ ମିଶନଗୁଡ଼ିକର ଆୟୋଜକ ଥିଲେ। ସନ୍ଦିଗ୍ଧ ବ୍ୟକ୍ତି ଜଣକ ୪ ଜଣଙ୍କ ନିକଟକୁ ଯାଇ ଗୁଳି କରିବା ସମୟରେ ଏହି ୨ ଜଣ ଉକ୍ତ ସଂଗ୍ରହାଳୟରୁ ବାହାରୁଥିଲେ। ୩୦ ବର୍ଷୀୟ ସନ୍ଦିଗ୍ଧ ଏଲିଆସ୍ ରୋଡ୍ରିଗୁଏଜ୍ ଶିକାଗୋ ବାସିନ୍ଦା ଗୁଳି ଚଳାଇବା ପୂର୍ବରୁ ମ୍ୟୁଜିୟମ୍ ବାହାରେ ଲୋକଙ୍କ ଗତିବିଧି ଅନୁଧ୍ୟାନ କରିଥିଲେ। କାଣ୍ଡ ଭିଆଇବା ପରେ ସେ ମ୍ୟୁଜିୟମ୍ ଭିତରକୁ ପ୍ରବେଶ କରିଥିଲେ। ସେଠାରେ କାର୍ଯ୍ୟକ୍ରମରେ ନିୟୋଜିତ ସୁରକ୍ଷା କର୍ମୀ ତାଙ୍କୁ କାବୁ କରିନେଇଥିଲେ ବୋଲି ମେଟ୍ରୋପଲିଟାନ୍ ପୋଲିସ ମୁଖ୍ୟ ପାମେଲା ସ୍ମିଥ୍ ଏକ ପ୍ରେସ୍ କନ୍‌ଫରେନ୍ସରେ ସୂଚନା ଦେଇଛନ୍ତି। ଏହି ଆକ୍ରମଣ ପରେ ଇସ୍ରାଏଲୀ ଦୂତାବାସ ସୁରକ୍ଷା କଡ଼ାକଡ଼ି କରାଯାଇଛି।


ଗିରଫ ସନ୍ଦିଗ୍ଧ ଏଲିଆସ୍ ରୋଡ୍ରିଗୁଏଜ୍

ଇସ୍ରାଏଲ୍ ପକ୍ଷରୁ ଗାଜାରେ ଆଉ ଏକ ବଡ଼ ଆକ୍ରମଣ ଚାଲିବା ପରେ ଏହି ଗୁଳିକାଣ୍ଡ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଗୁରୁବାର ଏହାର ନିନ୍ଦା କରି କହିଛନ୍ତି, ବର୍ତ୍ତମାନ ଇହୁଦୀ ବିରୋଧୀ ମନୋଭାବ ବନ୍ଦ ହେବା ଜରୁରୀ। ଆମେରିକାରେ ଘୃଣା ବିସ୍ତାରକାରୀ ଓ କେଠାରପନ୍ଥୀଙ୍କ ପାଇଁ କୌଣସି ସ୍ଥାନ ନାହିଁ ବୋଲି ସେ ନିଜ ସୋସିଆଲ ମିଡିଆ 'ଟ୍ରୁଥ୍ ସୋସିଆଲ୍'ରେ ପୋଷ୍ଟ କରିଛନ୍ତି। ସେହିପରି ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ମଧ୍ୟ ଏହାକୁ ଏକ ଭୟଙ୍କର ଓ ଇହୁଦୀ ବିରୋଧୀ ଗୁଳିକାଣ୍ଡ ବୋଲି ଅଭିହିତ କରିଛି।

ଆକ୍ରମଣକାରୀ ରୋଡ୍ରିଗୁଏଜ୍ ପାର୍ଟି ଫର୍ ସୋସିଆଲିଜମ୍ ଆଣ୍ଡ ଲିବରେଶନ୍ (ପିଏସ୍ଏଲ୍) ପାଇଁ କାର୍ଯ୍ୟ କରୁଥିବାବେଳେ ବ୍ଲାକ୍ ଲାଇଭ୍ସ ମ୍ୟାଟର ଆନ୍ଦୋଳନରେ ସକ୍ରିୟ ଭୂମିକା ନେଇଥିଲେ। ସେ ୨୦୧୭ରେ ତତ୍କାଳୀନ ଶିକାଗୋ ମେୟର ରହମକ୍ ଏମାନ୍ୱେଲଙ୍କ ବାସଭବନ ବାହାରେ ଆୟୋଜିତ ଏକ ବିକ୍ଷୋଭରେ ମଧ୍ୟ ସାମିଲ ଥିଲେ।




# ସିନ୍ଦୂର ଯେବେ ବାରୁଦ ହୁଏ...

**ବିକାନେର,୨୨।୫**

ସିନ୍ଦୂର ଯେତେବେଳେ ବାରୁଦରେ ପରିଣତ ହୁଏ, ସେତେବେଳେ କ'ଣ ସବୁ ଘଟେ ତାହା ଭାରତର ଶତ୍ରୁମାନେ ଜାଣି ସାରିଛନ୍ତି ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାଶ କରିଛନ୍ତି। ଏହି ଅବସରରେ ନିଜ ପରାକ୍ରମ ବଳରେ ପାକିସ୍ତାନକୁ ଆଣ୍ଠେଇବାକୁ ବାଧ କରିଥିବା ଭାରତୀୟ ସଶସ୍ତ୍ର ବଳକୁ ମଧ୍ୟ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି।

'ଅପରେଶନ୍ ସିନ୍ଦୂର' ପରେ ରାଜସ୍ଥାନରେ ପ୍ରଥମ ଥର ପାଇଁ ଏକ ଜନସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି ପାକିସ୍ତାନକୁ କଡ଼ାଭାଷାରେ ନିନ୍ଦା କରିଛନ୍ତି। ପାକିସ୍ତାନ ସୀମା ସଂଲଗ୍ନ ବିକାନେରର ପଲାନାରେ ମୋଦି କହିଛନ୍ତି, ଏପ୍ରିଲ ୨୨ ଆକ୍ରମଣର ପ୍ରତିଶୋଧ ମାତ୍ର ୨୨ ମିନିଟ୍ ଭିତରେ ନିଆଯାଇଥିଲା। ଏଥିରେ ଆତଙ୍କବାଦୀଙ୍କ ୯ ଆଡ୍ଡା ଧ୍ୱଂସ ହୋଇଯାଇଥିଲା। ସିନ୍ଦୂର ବାରୁଦରେ ପରିଣତ ହେଲେ କ'ଣ ହୁଏ ତାହା

## ପାକିସ୍ତାନକୁ ପ୍ରଧାନମନ୍ତ୍ରୀଙ୍କ କଡ଼ା ଚେତାବନୀ



ବିଶ୍ୱ ଏବଂ ଭାରତର ଶତ୍ରୁମାନେ ଦେଖିଛନ୍ତି। ଏବେ ମୋଦିଙ୍କ ଶିରାପ୍ରଶିରାରେ ରକ୍ତ ନୁହେଁ, ଗରମ ସିନ୍ଦୂର ପ୍ରବାହିତ ହେଉଛି। ପାକିସ୍ତାନକୁ ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣ ପାଇଁ ମୂଲ୍ୟ ଦେବାକୁ ପଡ଼ିବ। ଆତଙ୍କବାଦୀ ଆକ୍ରମଣକୁ ଭାରତର ଜବାବ ପ୍ରତିଶୋଧର ଏକ ଖେଳ ନୁହେଁ, ବରଂ ନ୍ୟାୟର ନୂଆ ରୂପ। ପାକିସ୍ତାନ ସହ ବାଣିଜ୍ୟ ଓ ଆଲୋଚନା ହେବନାହିଁ। କେବଳ ପାକ୍–ଅଧିକୃତ କଶ୍ମୀର (ପିଓକେ) ସମ୍ପର୍କରେ ଆଲୋଚନା ହେବ। ପାକିସ୍ତାନର ଆଣବିକ ଧମକକୁ ନେଇ ଭାରତ ଭୟଭୀତ ହେବ ନାହିଁ। ଆତଙ୍କବାଦୀ ଆକ୍ରମଣ ହେଲେ କେବେ ଓ କିପରି ଭାବେ ଏହାର ମୁହଁତୋଡ଼ ଜବାବ ଦିଆଯିବ ତାହା ଭାରତୀୟ ସେନା ନିର୍ଦ୍ଧାରଣ କରିବ। ଆତଙ୍କବାଦୀ ଓ ସେମାନଙ୍କୁ ପ୍ରୋତ୍ସାହନ ଦେଉଥିବା ସରକାରଙ୍କୁ ଆମେ ପୃଥକ୍ ଦୃଷ୍ଟିରେ ଦେଖିବୁ ନାହିଁ। ଉଭୟଙ୍କୁ ଗୋଟିଏ ବୋଲି ଧରିବୁ। ଏହା ହେଉଛି 'ଅପରେଶନ୍ ସିନ୍ଦୂର'ର ୩ ସୂତ୍ର।

ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ପାକିସ୍ତାନ ବିକାନେରର ନାଲ୍ ଏୟାରବେସ୍‌କୁ ଟାର୍ଗେଟ ଉଦ୍ୟମ କରିଥିଲା। କିନ୍ତୁ ଏହାର କିଛି କ୍ଷତି କରିପାରି ନ ଥିଲା। ଅନ୍ୟପକ୍ଷେ ପାକିସ୍ତାନର ରହିମ୍‌ୟାର ଖାନ୍ ଏୟାରବେସ୍ କେବେ ଖୋଲିବ ତାହା କେହି ଜାଣନ୍ତି ନାହିଁ। ଏହା ଏବେ ଆଇସିୟୁରେ ରହିଛି। ଭାରତୀୟ ସଶସ୍ତ୍ର ବଳର ଆକ୍ରମଣରେ ଏହି ଏୟାରବେସ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ପାକିସ୍ତାନ ଭାରତ ବିରୋଧରେ ପ୍ରତ୍ୟକ୍ଷ ଲଢ଼େଇରେ କେବେହେଲେ ଜିତିପାରିବ ନାହିଁ। ଏଥିଲାଗି ପାକିସ୍ତାନ ସବୁବେଳେ ଭାରତ ବିରୋଧୀ ଲଢ଼େଇରେ ଆତଙ୍କବାଦକୁ ନିଜ ଅସ୍ତ୍ରରେ ପରିଣତ କରିଛି। ପାକିସ୍ତାନ ଭାରତ ଭାଗରେ ପଡୁଥିବା ସିନ୍ଧୁ ନଦୀ ଜଳ ପାଇବ ନାହିଁ। ଆତଙ୍କବାଦୀଙ୍କୁ ସମର୍ଥନ ଜାରି ରଖିଥିବା ପର୍ଯ୍ୟନ୍ତ ପାକିସ୍ତାନୀ ସେନା ଓ ଅର୍ଥନୀତିକୁ ସବୁବେଳେ ଭିକ ମାଗିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ଚେତାଇ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଗୁଜରାଟ ପାଇଁ ଭର୍ଚୁଆଲି ୧୦୩ 'ଅମୃତ ଭାରତ' ଷ୍ଟେଶନ୍‌ର ଲୋକାର୍ପଣ କରିଛନ୍ତି।

# ମୁକୁଳା ବୁଲୁଛନ୍ତି ଆତଙ୍କବାଦୀ

**ପହଲଗାମ୍,୨୨।୫(ପି.ଟି.)**

ପହଲଗାମ୍ ବୈସରନ୍‌ରେ ୨୫ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ଘୋଡ଼ାବାଲାଙ୍କୁ ଗୁଳିକରି ହତ୍ୟା କରିବାର ମାସକ ପରେ ମଧ୍ୟ ଆତଙ୍କବାଦୀମାନେ ମୁକୁଳା ବୁଲୁଛନ୍ତି। କଶ୍ମୀର ଉପତ୍ୟକାରେ ସୁରକ୍ଷା ବଳ ପକ୍ଷରୁ ଚାଲିଥିବା ବ୍ୟାପକ ତଲାସି ଅଭିଯାନକୁ ଏଯାଏ ସଫଳତା ମିଳିନାହିଁ। ଏପ୍ରିଲ ୨୨ ଆକ୍ରମଣ ପରଠାରୁ ଅପରେଶନ୍‌ରେ ଅନେକ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ନିହତ ହୋଇଥିଲେ ମଧ୍ୟ ଏହି ଗଣହତ୍ୟା ଭିଆଇଥିବା ଆତଙ୍କବାଦୀମାନେ ସୁରକ୍ଷା ବଳ ଆଖିରେ ଧୂଳି ଦେଇ ଫେରାର

## ପହଲଗାମ୍ ଆକ୍ରମଣକୁ ମାସେ ବିତିଲା




ହେବାରେ ସକ୍ଷମ ହୋଇଛନ୍ତି। ପହଲଗାମ୍ ଆକ୍ରମଣର ତଦନ୍ତ ଭାର ହାତକୁ ନେଇଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଅଦ୍ୟାବଧି ୧୦୦ରୁ ଅଧିକ ସନ୍ଦିଗ୍ଧଙ୍କୁ ପଚରାଉଚରା କଲାଣି, ଯେଉଁମାନେ କି ଗଣହତ୍ୟାରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଜଡ଼ିତ ଥାଇପାରନ୍ତି। ଜେରାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଫୁଡ୍ ଷ୍ଟଲ୍ ମାଲିକ, ଜିପ୍‌ଲାଇନ୍ ଅପରେଟର ଓ ଘୋଡ଼ାବାଲା ରହିଛନ୍ତି। ଏନ୍ଆଇଏ ୩ ଆକ୍ରମଣକାରୀ ଆଦିଲ ହୁସେନ ଠୋକେର(ଅନନ୍ତନାଗ ବାସିନ୍ଦା) ଏବଂ ୨ ପାକିସ୍ତାନୀ ନାଗରିକ ଅଲୀ ଭାଇ ଓରଫ୍ ତଲ୍‌ହା ଭାଇ ଏବଂ ହାସିମ୍ ମୁସା ଓରଫ୍ ସୁଲେମାନ୍‌ଙ୍କ ସ୍କେଚ୍ ଜାରି କରିଥିଲା। ଏମାନଙ୍କୁ ଧରାଇଦେଲେ ୨୦ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ ବୋଲି ଘୋଷଣା କରାଯାଇ ବିଭିନ୍ନ ସ୍ଥାନରେ ପୋଷ୍ଟର ମଧ୍ୟ ଲଗାଯାଇଥିଲା। ଆକ୍ରମଣ ଦିନର ପହଲଗାମ୍ ମୋବାଇଲ୍ ଡେଟା ଏବଂ ଭିଡିଓଗୁଡ଼ିକୁ ବିଶ୍ଳେଷଣ କରାଯାଇଛି। ଏହାସତ୍ତ୍ୱେ ହତ୍ୟାକାରୀମାନଙ୍କ ପତ୍ତା ମିଳି ନ ଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି ଆକ୍ରମଣରେ ୪ରୁ ୬ ଜଣ ଆତଙ୍କବାଦୀ ସମ୍ପୃକ୍ତ ଥିବା କୁହାଯାଉଛି।

## ଗୁଳି ବିନିମୟରେ ଯବାନ, ୨ ଆତଙ୍କବାଦୀ ମୃତ

**ଶ୍ରୀନଗର, ୨୨।୫**

ଜମ୍ମୁ–କଶ୍ମୀରର କିସ୍ତୱାରରେ ଗୁରୁବାର ସୁରକ୍ଷା ବଳ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଜଣେ ଯବାନଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଜିଲାର ସିଂପୁରା ଅଞ୍ଚଳରେ ୩ରୁ ୪ ଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ଗୋଇନ୍ଦା ସୂଚନା ଆଧାରରେ ଖବର ମିଳିଥିବାରୁ ସୁରକ୍ଷା ବଳ ଏବଂ ଜମ୍ମୁ–କଶ୍ମୀର ପୋଲିସ ପକ୍ଷରୁ ଅପରେଶନ ତ୍ରାଶି ଆରମ୍ଭ କରାଯାଇଥିଲା। ଅପରେଶନ ଆତଙ୍କବାଦୀଙ୍କ ପକ୍ଷରୁ ଗୁଳିଚାଳନା ଘଟିଥିଲା। ସୁରକ୍ଷା ବଳ ପକ୍ଷରୁ ପ୍ରତି ଜବାବରେ ମଧ୍ୟ ଗୁଳିଚାଳନା କରାଯାଇଥିଲା। ଗୁଳି ବିନିମୟ ବେଳେ ଭାରତୀୟ ସେନାର ଜଣେ ଯବାନଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଗୁଳି ବିନିମୟରେ ୨ ଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିବା ଭାରତୀୟ ସେନାର ହ୍ୱାଇଟ ନାଇଟ କର୍ପ୍ସ ପକ୍ଷରୁ ଏକ୍ସ'ରେ ସୂଚନା ଦିଆଯାଇଛି।

# ସତ୍ୟପାଲ ମଲିକଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ



**ନୂଆଦିଲ୍ଲୀ, ୨୨।୫**

ଜମ୍ମୁ–କଶ୍ମୀରର କିରୁ ଜଳବିଦ୍ୟୁତ୍ ପ୍ରକଳ୍ପ ସହ ଜଡ଼ିତ ଏକ ଭ୍ରଷ୍ଟାଚାର ମାମଲାରେ ଗୁରୁବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଜମ୍ମୁ–କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକ ଏବଂ ଅନ୍ୟ ୭ ଜଣଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଛି। ମାମଲାରେ ୩ ବର୍ଷ ଧରି ତଦନ୍ତ କରିବା ପରେ ସିବିଆଇ ପକ୍ଷରୁ ଜମ୍ମୁର ଏକ ସ୍ୱତନ୍ତ୍ର କୋର୍ଟରେ ଏହି ଚାର୍ଜଶିଟ ଦାଖଲ କରାଯାଇଛି। ତେବେ ସିବିଆଇର ଚାର୍ଜଶିଟ ଦାଖଲ ପରେ ଅସୁସ୍ଥ ଥିବା ନେଇ ସତ୍ୟପାଲ ଏକ୍ସ'ରେ ପୋଷ୍ଟ କରି କହିଛନ୍ତି। ସେ କହିଛନ୍ତି, ଏବେ ମୁଁ ଅସୁସ୍ଥ ଥିବାରୁ ମେଡିକାଲ୍‌ରେ ଭର୍ତ୍ତି ହୋଇଛି। ତେଣୁ ସିବିଆଇ ଦାଖଲ କରିଥିବା ଚାର୍ଜଶିଟ୍ ସମ୍ପର୍କରେ କୌଣସି ପ୍ରତିକ୍ରିୟା ରଖିପାରିବି ନାହିଁ। ୨୦୨୨ରେ ଜମ୍ମୁ–କଶ୍ମୀର ସରକାରଙ୍କ ଅନୁରୋଧ କ୍ରମେ ସିବିଆଇ ଏହି ମାମଲାକୁ ଗ୍ରହଣ କରିଥିଲା। ପୂର୍ବରୁ ମାମଲାର ତଦନ୍ତ କରି ସିବିଆଇ ସତ୍ୟପାଲଙ୍କ ଅନେକ ଠିକଣାରେ ଚଢ଼ାଉ କରିଥିଲା। ସତ୍ୟପାଲ ୨୦୧୮ ଅଗଷ୍ଟରୁ ୨୦୧୯ ଅକ୍ଟୋବର ପର୍ଯ୍ୟନ୍ତ ଜମ୍ମୁ–କଶ୍ମୀରର ରାଜ୍ୟପାଳ ଥିଲେ।



# ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ | Bhubaneswar, Friday, May 23/2025 | ପୃଷ୍ଠା-୧




ତାମିଲନାଡୁର ଡିଣ୍ଡିଗୁଲ ଜିଲା କୋଡ଼ାଇକାନାଲସ୍ଥିତ ମାନ୍ନାଭନୁର ହ୍ରଦ ନିକଟରେ ଗୁରୁବାର ଗୁଡ଼ିଉଡ଼ା ପର୍ବ ପାଳନ ବେଳେ ପ୍ରତିଯୋଗୀମାନେ ରଙ୍ଗବେରଙ୍ଗର ଗୁଡ଼ି ଉଡ଼ାଉଛନ୍ତି।

# ‘ଇଡି ସବୁ ସୀମା ଲଂଘୁଛି’

- ତାମିଲନାଡୁରେ ମଦ ଦୋକାନ ଲାଇସେନ୍ସ ପ୍ରଦାନରେ ୧,୦୦୦ କୋଟିର ଦୁର୍ନୀତି
- ଟିଏସ୍ଏମ୍ଏସି ବିରୋଧରେ ପିଏମ୍ଏଲ୍ଏ ତଦନ୍ତ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

ନୂଆଦିଲ୍ଲୀ,୨୨।୫



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସବୁ ସୀମା ଲଂଘୁଛି ଏବଂ ଶାସନର ସଂଘୀୟ ବିଚାରଧାରାର ଉଲ୍ଲଂଘନ କରୁଛି ବୋଲି କହି ଗୁରୁବାର ସୁପ୍ରିମକୋର୍ଟ କେନ୍ଦ୍ରୀୟ ଏଜେନ୍ସିକୁ ଭର୍ତ୍ସନା କରିଛନ୍ତି। ତାମିଲନାଡୁ ସରକାର ପରିଚାଳିତ ଲିକର ରିଟେଲର ଟିଏସ୍ଏମ୍ଏସି ପକ୍ଷରୁ ମଦ ଦୋକାନ ଖୋଲିବା ଲାଇସେନ୍ସରେ ଦୁର୍ନୀତି ଅଭିଯୋଗର ମନିଲଣ୍ଡରିଂ ତଦନ୍ତ ଉପରେ ସର୍ବୋଚ୍ଚ ଅଦାଲତ ସ୍ଥଗିତାଦେଶ ଜାରି କରିବା ସହ ଇଡିକୁ ନୋଟିସ କରିଛନ୍ତି।

ତାମିଲନାଡୁ ସରକାର ଏବଂ ତାମିଲନାଡୁ ଷ୍ଟେଟ୍ ମାର୍କେଟିଂ କର୍ପୋରେଶନ୍ (ଟିଏସ୍ଏମ୍ଏସି) ପକ୍ଷରୁ ଦାଖଲ ପିଟିଶନର ଶୁଣାଣିକରି ପ୍ରଧାନ ବିଚାରପତି (ସିଜେଆଇ) ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଅଗଷ୍ଟାଇନ୍ ଜର୍ଜ ମନୀଷଙ୍କ ଖଣ୍ଡପୀଠ ମନିଲଣ୍ଡରିଂ ନିରୋଧୀ ତଦନ୍ତକାରୀ ସଂସ୍ଥା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁଙ୍କୁ କହିଛନ୍ତି, ଆପଣଙ୍କ ଇଡି ସବୁ ସୀମା ଲଂଘୁଛି। ଇଡି ଶାସନର ସଂଘୀୟ ବିଚାରଧାରାକୁ ଉଲ୍ଲଂଘନ କରୁଛି। ଟିଏସ୍ଏମ୍ଏସି ବିରୋଧରେ ବର୍ତ୍ତମାନ ଇଡି ତଦନ୍ତ ଚାଲିବ ନାହିଁ। ରାଜୁ ଏହାକୁ ବିରୋଧ କରି କହିଥିଲେ, ୧,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଏହି ଦୁର୍ନୀତି ପ୍ରସଙ୍ଗରେ ତଦନ୍ତ ବେଳେ ଇଡି କୌଣସି ସୀମା ଲଂଘିନାହିଁ। ଶୁଣାଣି ବେଳେ ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅମିତ୍ ଆନନ୍ଦ ତିୱାରୀ ଯୁକ୍ତି ବାଢ଼ିଥିଲେ, ୨୦୧୪ରୁ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ ସମ୍ପର୍କିତ ଅନିୟମିତତା ଅଭିଯୋଗରେ ତାମିଲନାଡୁ ସରକାର ନିଜେ ୪୦ରୁ ଅଧିକ ମାମଲାରେ ଏଫ୍ଆଇଆର୍ ରୁଜୁ କରିଛନ୍ତି। ଏବେ ଇଡି ଏହା ଭିତରେ ମୁଣ୍ଡ ପୂରାଇବା ସହ ଟିଏସ୍ଏମ୍ଏସି ଉପରେ ଚଢ଼ାଉ କରୁଛି। ପୂର୍ବତନ ଆର୍ଟର୍ନି ଜେନେରାଲ ମୁକୁଲ ରୋହତ୍‌ଗୀ ମଧ୍ୟ ରାଜ୍ୟ ପକ୍ଷରୁ ମାମଲା ପରିଚାଳନା କରି କହିଥିଲେ, ଇଡି ଟିଏସ୍ଏମ୍ଏସି ଅଧିକାରୀମାନଙ୍କ ଫୋନ୍‌ଗୁଡ଼ିକୁ କ୍ଲୋନ୍ କରି ସେମାନଙ୍କ ପ୍ରିଭେସିର ଉଲ୍ଲଂଘନ କରୁଛି, ଯାହାକି କୋର୍ଟ ନିର୍ଦ୍ଧାରିତ ଗାଇଡ୍‌ଲାଇନ୍‌ର ପରିପନ୍ଥୀ। ଏହା ଶୁଣିବା ପରେ ଖଣ୍ଡପୀଠ ପ୍ରଶ୍ନ କଲେ ଇଡି କିପରି ଭାବେ ସରକାର ପରିଚାଳିତ ଟିଏସ୍ଏମ୍ଏସି ଉପରେ ଚଢ଼ାଉ କରୁଛି।

ପ୍ରକାଶ ଯେ, ଏପ୍ରିଲ ୬ରୁ ୮ ମଧ୍ୟରେ ଇଡି ଟିଏସ୍ଏମ୍ଏସି ମୁଖ୍ୟାଳୟରେ ଚଢ଼ାଉ କରିବା ସହ କର୍ପୋରେଶନ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ଗିରଫ କରିଥିଲା। ଏହା ବିରୋଧରେ ଟିଏସ୍ଏମ୍ଏସି ମାଡ୍ରାସ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଏପ୍ରିଲ ୨୩ରେ ହାଇକୋର୍ଟ ଟିଏସ୍ଏମ୍ଏସିର ଆବେଦନକୁ ଖାରଜ କରିବା ସହ ଇଡିକୁ ମନିଲଣ୍ଡରିଂ ନିବାରଣ ଆଇନ (ପିଏମ୍ଏଲ୍ଏ) ଅଧୀନରେ କାର୍ଯ୍ୟାନୁଷ୍ଠାନ ଅନୁମତି ଦେଇଥିଲେ। ଇଡି ଚଢ଼ାଉକୁ ତାମିଲନାଡୁର ଡିଏମ୍‌କେ ସରକାର ଏବଂ ଟିଏସ୍ଏମ୍ଏସି ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

# ରେଙ୍ଗାଲି ଡ୍ୟାମ୍‌ରେ ବୁଡ଼ି ୨ ପୁଅ, ମା’ ମୃତ

ଦେବଗଡ଼,୨୨।୫
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ତଲେଇସର ଗ୍ରାମ ନିକଟ ରେଙ୍ଗାଲି ଡ୍ୟାମ୍‌ରେ ବୁଧବାର ରାତିରେ ଦେଶୀ ଡଙ୍ଗା ଓଲଟି ମା’ ଓ ୨ ପୁଅଙ୍କ ମୃତ୍ୟୁ ଘଟିଥିବାବେଳେ ବାପା ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମୃତକ ହେଲେ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ପୁଡାଡିହି ଗ୍ରାମର ଜ୍ୟୋସ୍ନା ପେଣ୍ଠେଇ ଓ ତାଙ୍କ ୨ ପୁଅ ଆୟୁଷ(୬), ରିୟାଂଶ(୪)। ମିଳିଥିବା ସୂଚନା ଅନୁଯାୟୀ, ସବୁଦିନ ଭଳି ବୁଧବାର ରାତିରେ ୨ ପୁଅ, ସ୍ତ୍ରୀଙ୍କୁ ନେଇ ପୁଡାଡିହି ଗ୍ରାମର ବୁଲୁ ପେଣ୍ଠେଇ ଏକ ଦେଶୀ ଡଙ୍ଗାରେ ରେଙ୍ଗାଲି ଡ୍ୟାମ୍‌କୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରିବା ପାଇଁ ଜାଲ ପକାଉଥିବାବେଳେ ହଠାତ୍ ଜୋର୍‌ରେ ପବନ ହେବାରୁ ଡଙ୍ଗା ଓଲଟି ପଡ଼ିଥିଲା। ଫଳରେ ସେମାନେ ପାଣିରେ ବୁଡ଼ି ଯାଇଥିଲେ। କିଛି ଘଣ୍ଟା ପରେ ୨ ପୁଅଙ୍କ ମୃତଦେହକୁ ବୁଲୁ ପାଣିରୁ ଉଦ୍ଧାର କରିଥିଲେ। ହେଲେ ଜ୍ୟୋସ୍ନାଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ ରିଆମାଳ ଅଗ୍ନିଶମ କର୍ମଚାରୀ ସ୍ଥାନୀୟ ଲୋକଙ୍କ ସହାୟତାରେ ଖୋଜାଖୋଜି କରିଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ଜ୍ୟୋସ୍ନାଙ୍କ ମୃତଦେହ କିଛି ଦୂରରେ ଥିବା ଏକ ଜାଲରେ ଛନ୍ଦି ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଅଗ୍ନିଶମ କର୍ମଚାରୀ ମୃତଦେହ ଉଦ୍ଧାର କରି କୂଳକୁ ଆଣିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ବୁଲୁଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଦେବଗଡ଼ ଉପଜିଲାପାଳ ପରକ୍ଷିତ ସାହୁ, ଜିଲା ମତ୍ସ୍ୟ ଅଧିକାରୀ ଏବଂ ରିଆମାଳ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କା ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ରାଶି ଦିଆଯିବ ବୋଲି ଉପଜିଲାପାଳ କହିଛନ୍ତି।

## ଓଏସ୍ଏସ୍‌ସି ଅଧ୍ୟକ୍ଷ ହେଲେ ସୁଧାକର ବୁର୍ଗି

ଭୁବନେଶ୍ୱର, ୨୨।୫(ସୁନିତ୍ ମିଶ୍ର)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର (ଓଏସ୍ଏସ୍‌ସି) ସଦସ୍ୟ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସୁଧାକର ବୁର୍ଗିଙ୍କୁ ରାଜ୍ୟ ସରକାର ଗୁରୁବାର ନୂଆ ଦାୟିତ୍ୱ ଦେଇଛନ୍ତି। ସୁଧାକର ଏବେ କମିଶନ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇବେ। ଏହାସହ ସେ ତାଙ୍କ ପୁରୁଣା ଦାୟିତ୍ୱ ମଧ୍ୟ ପାଳନ କରିବେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗୁରୁବାର ଏକ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏଥିସହ ଗତ ୧୯ ତାରିଖରେ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନର ଅଧ୍ୟକ୍ଷ ପଦରୁ ଅଭୟ ଇସ୍ତଫା ଦେଇଛନ୍ତି। ରାଜ୍ୟ ସରକାର ମଧ୍ୟ ତାହାକୁ ଗ୍ରହଣ କରିଛନ୍ତି ବୋଲି ଏକ ନିର୍ଦ୍ଦେଶନାମାରେ କୁହାଯାଇଛି। ସୂଚନାଯୋଗ୍ୟ, ରାଜ୍ୟର ପୂର୍ବତନ ଡିଜି ଅଭୟ ପୋଲିସ ମହାନିର୍ଦ୍ଦେଶକ ପଦରୁ ଅବସର ନେବା ପରେ ତତ୍କାଳୀନ ସରକାର ତାଙ୍କୁ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରିଥିଲେ।

## ଭତ୍ତା ପାଇଁ ଗାଁଦାଣ୍ଡରେ ଘୁଷୁରିଲେ ବୃଦ୍ଧ



ଶ୍ରୀଧର ବେହେରା ପଞ୍ଚାୟତ କାର୍ଯ୍ୟାଳୟକୁ ଘୁଷୁରି ଘୁଷୁରି ଯାଉଛନ୍ତି।

କେନ୍ଦ୍ରାପଡ଼ା, ୨୨।୫
(ଜଗନ୍ନାଥ ଧଳ)

କେନ୍ଦ୍ରାପଡା ବ୍ଲକ କୋରୋ ପଞ୍ଚାୟତରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ନିଜର ମାସିକ ବାର୍ଦ୍ଧକ୍ୟ ଭତ୍ତା ପାଇଁ ଗାଁ ଦାଣ୍ଡରେ ୮୦ ବର୍ଷର ବୃଦ୍ଧ ଶ୍ରୀଧର ବେହେରା ପଞ୍ଚାୟତ କାର୍ଯ୍ୟାଳୟକୁ ଘୁଷୁରି ଘୁଷୁରି ଯାଉଥିଲେ। ଏହି ଘଟଣାର ଦୃଶ୍ୟ ଭାଇରାଲ ହେବା ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିଜୟଲକ୍ଷ୍ମୀ ପାଠୀ ରାସ୍ତା ମଝିରେ ଶ୍ରୀଧରଙ୍କୁ ଭତ୍ତା ଅର୍ଥ ପ୍ରଦାନ କରିଛନ୍ତି। ଅସୁସ୍ଥ ଓ ଅତିଶୟ ବୃଦ୍ଧାବୃଦ୍ଧଙ୍କୁ ଘରେ ଭତ୍ତା ଅର୍ଥ ପ୍ରଦାନ ପାଇଁ ରାଜ୍ୟ ସରକାର ବ୍ୟବସ୍ଥା କରିଥିବାବେଳେ ଏପରି ଅଭାବନୀୟ ଦୃଶ୍ୟ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ହିତାଧିକାରୀ ଶ୍ରୀଧରଙ୍କୁ ପଚାରିବାରେ ପ୍ରତିମାସ ଭତ୍ତା ବାବଦ ଟଙ୍କା ପଞ୍ଚାୟତ କାର୍ଯ୍ୟାଳୟରୁ ଝିଅ ନେଇଥାଏ। ତେବେ ଗତ ମାସରେ ଝିଅକୁ ଭତ୍ତା ଅର୍ଥ ନ ଦେବା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଥିଲେ। ଆର୍ଥିକ ଦୁରବସ୍ଥା ଥିବାରୁ ଭତ୍ତା ଅର୍ଥ ପାଇଁ ବାଧ୍ୟ ହୋଇ ଆସିଥିବା ଶ୍ରୀଧର କହିଛନ୍ତି। ଅପରପକ୍ଷରେ ଗ୍ରାମର ମହେଶ୍ୱର ନାୟକଙ୍କ ସମେତ କେତେଜଣ ଅଧିବାସୀ କହିଛନ୍ତି, ନିର୍ବାହୀ ଅଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ସବୁବେଳେ ଆସୁନାହାନ୍ତି। ଫଳରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ହିତାଧିକାରୀ ଶ୍ରୀଧରଙ୍କ ବୟସ ବହୁତ ଅଧିକ। ଆର୍ଥିକ ଦୁରବସ୍ଥାରୁ ନୂଆଣିଆ ଚାଳ ଘରେ ରହୁଛନ୍ତି। ତାଙ୍କୁ ଆବାସ ଯୋଜନାରେ ସାମିଲ କରାଯାଉ ନ ଥିବା ନେଇ ଦୁଃଖପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ପାଠୀଙ୍କୁ ପଚାରିବାରେ ହିତାଧିକାରୀଙ୍କ ସମ୍ପର୍କରେ କେତେକ ତଥ୍ୟ ସଂଗ୍ରହ କରିବାର ଥିଲା। ଏଥିପାଇଁ ଭତ୍ତା ଅର୍ଥ ଝିଅଙ୍କ ମାଧ୍ୟମରେ ଦେବାକୁ ମନା କରିଥିଲେ। ଭତ୍ତା ଅର୍ଥ ପ୍ରଦାନ ପରେ ହିତାଧିକାରୀ ଶ୍ରୀଧରଙ୍କ ଘରକୁ ଯାଇ ଭତ୍ତା ତଥ୍ୟ ସଂଗ୍ରହ ସହ ଭତ୍ତା ଅର୍ଥ ଦେବା ପାଇଁ ସ୍ଥିର କରିଥିଲେ। ଇତିମଧ୍ୟରେ ସେ ରାସ୍ତାରେ ଘୁଷୁରି ଘୁଷୁରି ଆସୁଥିବା ଖବରପାଇ ଅଧାବାଟରେ ଭତ୍ତା ଅର୍ଥ ପ୍ରଦାନ କରିଛନ୍ତି।

## ନିଜସ୍ୱ ଉଦ୍ୟମରେ ମିଷ୍ଟର ବିଷ୍ଟ ସର୍ବକନିଷ୍ଠ ବିଲିୟନେୟାର

ୱାଶିଂଟନ, ୨୨।୫



ମିଷ୍ଟର ବିଷ୍ଟ ଭାବେ ପରିଚିତ ପ୍ରସିଦ୍ଧ ଆମେରିକୀୟ ୟୁଟ୍ୟୁବର ଜିମି ଡୋନାଲ୍ଡସନ୍ ମାତ୍ର ୨୭ ବର୍ଷ ବୟସରେ ନିଜ ଉଦ୍ୟମରେ ବିଲିୟନେୟାର ହୋଇପାରିଛନ୍ତି। ସେଲିବ୍ରିଟି ନେଟ୍ ୱର୍ଥର ରିପୋର୍ଟ ଅନୁଯାୟୀ, ଏହି ଆମେରିକୀୟ କଣ୍ଟେଣ୍ଟ କ୍ରିଏଟରଙ୍କ ସମ୍ପତ୍ତି ୧ ବିଲିୟନ ଡଲାର (ପ୍ରାୟ ୮,୩୫୦ କୋଟି ଟଙ୍କା) ଛୁଇଁଛି। ଏହାସହ ସେ ନିଜସ୍ୱ ପ୍ରଚେଷ୍ଟାରେ ବିଶ୍ୱର ସର୍ବକନିଷ୍ଠ ବିଲିୟନେୟାର ହୋଇଛନ୍ତି। ମିଷ୍ଟର ବିଷ୍ଟ ୩୦ ବର୍ଷରୁ କମ୍ ବୟସର ବିଶ୍ୱର ଏକମାତ୍ର ସେଲ୍ଫ ମେଡ୍ ବିଲିୟନେୟାର ହୋଇଥିବା ନେଇ ସେଲିବ୍ରିଟି ନେଟ୍ ୱର୍ଥର ରିପୋର୍ଟରେ ପ୍ରକାଶ ପାଇଛି। ମିଷ୍ଟର ବିଷ୍ଟଙ୍କ ଏହି ସମ୍ପତ୍ତି ତାଙ୍କୁ ଉତ୍ତରାଧିକାରୀ ସୂତ୍ରରେ ମିଳିନାହିଁ ବରଂ ସେ ନିଜ ପରିଶ୍ରମ ବଳରେ ହାସଲ କରିଛନ୍ତି ବୋଲି ରିପୋର୍ଟରେ କୁହାଯାଇଛି। ୟୁଟ୍ୟୁବ୍‌ରେ ୩୯୯ ମିଲିୟନ ଫଲୋଅର୍ସ ଥିବା ମିଷ୍ଟର ବିଷ୍ଟ ପ୍ରତି ମାସରେ ପ୍ରାୟ ୫୦ ମିଲିୟନ ଡଲାର ରୋଜଗାର କରନ୍ତି। ସେ ବିଶ୍ୱର ଅଷ୍ଟମ ସର୍ବକନିଷ୍ଠ ବିଲିୟନେୟାର ହୋଇଥିବା ଏହି ରିପୋର୍ଟରେ କୁହାଯାଇଛି। ମିଷ୍ଟର ବିଷ୍ଟ ୧୯୯୮ ମସିହା ମେ’ ୭ରେ ଉତ୍ତର କାରୋଲିନା ରାଜ୍ୟର ଗ୍ରୀନ୍‌ଭିଲେ ସହରରେ ଜନ୍ମ ହୋଇଥିଲେ। ୨୦୧୦ରେ ମାତ୍ର ୧୨ ବର୍ଷ ବୟସରେ ସେ ‘ମିଷ୍ଟର ବିଷ୍ଟ ୬୦୦୦’ ନାମରେ ନିଜର ଏକ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରିଥିଲେ। ୨୦୧୬ରେ ଗ୍ରୀନ୍ ଭିଲେ ଖ୍ରୀଷ୍ଟିଆନ୍ ଏକାଡେମୀରୁ ସ୍ନାତକ ହାସଲ ପରେ ସେ ଉଚ୍ଚ ଶିକ୍ଷାରେ ନିଜକୁ ନିୟୋଜିତ ନ କରି କଣ୍ଟେଣ୍ଟ କ୍ରିଏଶନ ଉପରେ ଧ୍ୟାନ ଦେଇଥିଲେ। ପ୍ରଥମେ ସେ ଗେମ୍ କମେଣ୍ଟ୍ରି, ରିଆକ୍ସନ ଭିଡିଓ ଆଦିକୁ ନେଇ ୟୁଟ୍ୟୁବ୍‌ରେ ଭିଡିଓ କରୁଥିଲେ। ୨୦୧୭ରେ ତାଙ୍କ ‘କାଉଣ୍ଟିଂ ଟୁ ୱାନ୍ ଲାଖ୍’ ଭିଡିଓ ଭାଇରାଲ ହୋଇଥିଲା, ଯାହା ତାଙ୍କୁ ପ୍ରସିଦ୍ଧି ଦେଇଥିଲା। ଏହାପରଠାରୁ ତାଙ୍କ ଫଲୋଅର୍ସ ଏବଂ ୟୁଟ୍ୟୁବ୍ ଚ୍ୟାନେଲ ସବ୍‌ସ୍କ୍ରିପ୍ସନ ସଂଖ୍ୟା କ୍ଷିପ୍ରଗତିରେ ବଢ଼ିଥିଲା। ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲରେ ବିଭିନ୍ନ ଷ୍ଟଣ୍ଟ, ପ୍ରତିଯୋଗିତାମୂଳକ ଚ୍ୟାଲେଞ୍ଜ ଆଦିକୁ ନେଇ ଭିଡିଓ ପ୍ରସ୍ତୁତ କରିଥାନ୍ତି। ଏହି ପ୍ରତିଯୋଗିତାଗୁଡ଼ିକରେ ବିଜେତାଙ୍କ ପାଇଁ ସେ ବିଭିନ୍ନ ନଗଦ ପୁରସ୍କାର ରାଶି ଏବଂ ଉପହାର ଘୋଷଣା କରିଥାନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ତ୍ରିଧାରା ପକ୍ଷରୁ ଓଡ଼ିଶୀସନ୍ଧ୍ୟା 'ଦେବସ୍ମୃତି', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସଂଭାବନା ପକ୍ଷରୁ ଓଡ଼ିଆ ସ୍ୱାଭିମାନ ଓ ଅସ୍ମିତା ଅଭିଯାନର ବିଂଶବର୍ଷ ଅବସରରେ 'ଓଡ଼ିଶା: ଆଜି ଓ କାଲିର– ଐତିହ୍ୟ, ଇତିହାସ ଓ ପର୍ଯ୍ୟଟନ' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ୭ମ ଜାତୀୟ ନାଟ୍ୟ ମହୋତ୍ସବରେ ନାଟକ 'ବ୍ୟଥା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## କଟକ
- କଟକ ନୃତ୍ୟୋତ୍ସବ କମିଟି ପକ୍ଷରୁ ୧୬ତମ ସାତସାହି କଟକ ନୃତ୍ୟୋତ୍ସବର ଅଷ୍ଟମ ସନ୍ଧ୍ୟା, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀ ଶ୍ରୀ ରାମଚରିତ ମାନସ ନବାହ୍ନ ପାରାୟଣ ଜ୍ଞାନଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଯାପନ, ସ୍ଥାନ: ଶଙ୍ଖାମେରୀ ଗ୍ରାମ (କପାପଦା ସାହି ), ବଡ଼ମ୍ବା ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ସାକ୍ଷୀଗୋପଳାଙ୍କ ଜଳ କ୍ରୀଡ଼ା ବେଶ, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ପରିସର, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ମା' ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବାରାପାଳ, ରୂପସା, ସମୟ: ଦିବସବ୍ୟାପୀ।
- ମହାପ୍ରଭୁଙ୍କ ଆଧ୍ୟାତ୍ମିକ ୩୨ ବେଶର ୨ୟ ଦିବସରେ ଯଜ୍ଞ, ନୀତିକାନ୍ତି ପୂଜାର୍ଚ୍ଚନା ଓ ସନ୍ଧ୍ୟାରେ ପ୍ରବଚନ, ସ୍ଥାନ: ନିଶନପୁର ଗ୍ରାମ ମନ୍ଦିର, ଭୋଗରାଇ, ସମୟ: ସକାଳରୁ ରାତି ପର୍ଯ୍ୟନ୍ତ।
- ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଆଇଟିଡିଏ କାର୍ଯ୍ୟାଳୟ ସମ୍ମୁଖ, ନୀଳଗିରି, ସମୟ: ସକାଳ ୭ଟା।
- ନୟାଖଣ୍ଡି, କଇଥଗଡ଼ିଆ ଓ ଗଡ଼ପୋଖାରୀ ପଞ୍ଚାୟତବାସୀଙ୍କ ସୋର – କୁପାରୀ ରାସ୍ତା ଅବରୋଧ, ସ୍ଥାନ: ତୋରାଣିପଦା ଛକ, ଖଇରା, ସମୟ: ସକାଳ ୭ଟା ୩୦।
- ମାଟ୍ରିକ ପରୀକ୍ଷା ଏ୧ ଛାତ୍ରୀଛାତ୍ରଙ୍କ ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ବିଜୟ କୁମାର ଏକାଡେମୀ, ସୋହରିଆ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଚତୁର୍ଥ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ପଞ୍ଚଦଶ ଜଉକଣ୍ଢେଇ ବାହାଘର ଉତ୍ସବ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଟେନିକଏଟ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ, ସ୍ଥାନ: ପିଏମଶ୍ରୀ ବିନ୍ଧୁମାଧବ ବାଗୁରାଇ ଉଚ୍ଚବିଦ୍ୟାଳୟ, ଭଦ୍ରକ, ସମୟ: ସକାଳ ୬ଟା।
- ନିର୍ବାଚନ ମଣ୍ଡଳୀ ଉନ୍ନୟନ ପରିଷଦ ବୈଠକ, ସ୍ଥାନ: ବ୍ଲକ କନଫରେନ୍ସ ହଲ, ବାସୁଦେବପୁର, ସମୟ: ସକାଳ ୯ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: କଲେଜ ଛକ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ରାଧାକୃଷ୍ଣ ମହାପ୍ରଭୁଙ୍କ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: ନହରପଦା ୱାର୍ଡ ନଂ. ୧୬, ବାରିପଦା, ସମୟ: ସକାଳ ୮ଟା।
- ଆମେ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: କେ.ସି. ପବ୍ଲିକ ସ୍କୁଲ, ଟାଟା ବେଞ୍ଚ ଛକ, ସମୟ: ସକାଳ ୭ଟା ୩୦।
- ସବୁଜ ବାହିନୀ ପକ୍ଷରୁ ବିଶ୍ୱ କଇଁଛ ଦିବସ ପାଳନ, ସ୍ଥାନ: ସୁନାପୁର ବେଳାଭୂମି, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ
- ମେଗା ରକ୍ତଦାନ ଶିବିର,ସ୍ଥାନ: ଭଞ୍ଜନଗର ଦକ୍ଷିଣ ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଆସିକା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ପାତ୍ରପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ, ସ୍ଥାନ: ବୁଗୁଡା ପଞ୍ଚାୟତ ସମିତି ସଭା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- କାମାକ୍ଷାନଗରର ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଅସ୍ଥାୟୀ କ୍ୟାମ୍ପସ ଶୁଭ ଉଦଘାଟନ, ସ୍ଥାନ: ମୁଣ୍ଡିଦେଉଳି ଉପ୍ରା ବିଦ୍ୟାଳୟ, କାମାକ୍ଷାନଗର, ସମୟ: ପୂର୍ବାହ୍ନ ୧୧ଟା।
- ବୈଶାଖୀ ମହୋତ୍ସବ ଉଦଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ଶ୍ରୀଜଗନ୍ନାଥ ସଙ୍କୀର୍ତ୍ତନ ମହାସଂଘ ପକ୍ଷରୁ ପଦ୍ମଶ୍ରୀ ବାବା ବଳିଆଙ୍କ ଦିବ୍ୟ ଭାଗବତ କଥା ଆଲୋଚନା, ସ୍ଥାନ: ଅନନ୍ତ ବଳିଆ ଭବନ, କେନ୍ଦ୍ରାପଡ଼ା ଲ' କଲେଜ ନିକଟ, ଉଦୟନଗର, ଡେରାବିଶ, ସମୟ: ସନ୍ଧ୍ୟା ୭ଟା।
- ସ୍ୱପ୍ନେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନରସିଂହପୁର, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୭ଟା।

## ଯାଜପୁର
- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ପାଇଁ ଅନଲାଇନ ପଞ୍ଜୀକରଣ, ସ୍ଥାନ: ଜନଶୁଣାଣୀ ପୋର୍ଟାଲ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ରୁକ୍ମିଣୀ ବିବାହ ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା
- ଜିଲା ଭାଜପା କୃଷକ ମୋର୍ଚ୍ଚା ତରଫରୁ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଚାଷୀଙ୍କ ସହ ଆଲୋଚନା, ସ୍ଥାନ: ବି. ନାରାୟଣ ପୁର,ରାୟଗଡା, ସମୟ: ସକାଳ ୮ ଟା।
- ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ବ୍ଲକ ଅଫିସ୍ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା।
- ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଚାଷୀଙ୍କୁ ଉଦ୍‌ବୋଧନ କାର୍ଯ୍ୟକ୍ରମ,
- ସ୍ଥାନ: ରାୟଗଡା ମ୍ୟୁନିସିପାଲିଟି ବିଜୁ ପଟ୍ଟନାୟକ ଅଡିଟୋରିୟମ,ସମୟ: ପୂର୍ବାହ୍ନ ୧୧ଟା।
- ରଣନୈତିକ ବିକ୍ରୟ ଦକ୍ଷତା, ବୃତ୍ତିଗତ ବ୍ୟାଙ୍କିଙ୍ଗ ଏବଂ ବୀମା ସଶକ୍ତିକରଣ ଆଧାରିତ ପରିଚାଳନା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଗୁଣପୁର ଜିଆଇଇଟି ବିଶ୍ୱ ବିଦ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ଦିନ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ସକାଳ ୬ଟା।
- ସାଓଲିନ କୁଙ୍ଗ୍‌ଫୁ ଉଷ୍ଣ ଅନୁଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ନିଶୁଳ୍କ ଜୁଡୋ, କୁସ୍ତି, କରାଟେ ଏବଂ ଉଷ୍ଣୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର , ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ବର୍ଷିୟାନ କ୍ରୀଡା ସଂଘ ଆୟୋଜନରେ ଗ୍ରୀଷ୍ମକାଳିନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ : କାଇଁଶିର ଖେଳ ପଡିଆ, ସମୟ : ସକାଳ ୭ଟା।
- ବଡବଜାର ଶ୍ରୀଶ୍ରୀ ଶିତଳେଶ୍ୱର ବାବା ଏବଂ ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା ଶିତଳଷଷ୍ଠୀ ଯାତ୍ରା କମିଟିର ବୈଠକ, ସ୍ଥାନ : ବଡବଜାର ସ୍ଥିତ ଗୋକୁଳ କଲ୍ୟାଣ ମଣ୍ଡପ, ସମୟ ପୂର୍ବାହ୍ନ ୧୧ଟା ୩୦।

## ବଲାଙ୍ଗୀର
- ଜିଲାସ୍ତରୀୟ ରବି ଧାନ କିଣା ପ୍ରକ୍ରିୟାର ଶୁଭାରମ୍ଭ, ସ୍ଥାନ: ଭାଲେର ପାକ୍ସ, ଭାଲେର, ପୁଇଁତଲା ବ୍ଲକ, ସମୟ: ସକାଳ ୯ଟା।

## ରାଉରକେଲା
- ମ୍ୟାଙ୍ଗୋ ଭେଲ୍ୟୁ ଏଡେଡ୍ ଟ୍ରେନିଂ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ଓରମାସ୍, ସମୟ: ସକାଳ ୮ଟା।
- ଜ୍ଞାନକୌଶଳ ବ୍ୟବହାର ପ୍ରଶିକ୍ଷଣ ଶିବିର, ସ୍ଥାନ: ଏନ୍‌ଆଇଟି ରାଉରକେଲା, ସମୟ: ସକାଳ ୯ଟା।
- ଭାଗବତ ପାରାୟଣ, ସ୍ଥାନ: ହନୁମାନ ବାଟିକା, ସମୟ: ସନ୍ଧ୍ୟା ୬ଟା ୩୦
- ସ୍ୱେରେଜ ଅବ୍ୟବସ୍ଥା ନେଇ କମିଶନରଙ୍କୁ ଫେରାଦ, ସ୍ଥାନ: ଆର୍‌ଏମ୍‌ସି ପ୍ରେକ୍ଷାଳୟ, ସମୟ: ସକାଳ ୧୧ଟା ୩୦।
- ଦିବଂଗତ ସମାଜସେବୀଙ୍କ ସ୍ମୃତିସଭା, ସ୍ଥାନ: ବିର୍ସାମୁଣ୍ଡା ହାଇସ୍କୁଲ, ସମୟ: ସନ୍ଧ୍ୟା ୬ଟା।

## ସୁନ୍ଦରଗଡ଼
- ବାଲ୍ୟବିବାହ ନିଷେଧ ଆଇନ ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ,ସ୍ଥାନ: ସର୍ଗିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ସମୟ: ସକାଳ ୮ଟା।

## ବରଗଡ଼
- ଗ୍ରୀଷ୍ମ ଶିବିର, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ବରଗଡ଼, ସମୟ: ସକାଳ ୬ଟା ୩୦
- ଚେସ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ଏଇଏମ୍ ଇଂଲିଶ ମିଡ଼ିୟମ ସ୍କୁଲ, ବରଗଡ଼, ସମୟ: ସକାଳ ୮ଟା
- ଧନୁଯାତ୍ରା ଉପଦେଷ୍ଟା, କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ବରଗଡ଼, ସମୟ: ଅପରାହ୍ନ ୧ଟା
- ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ନଦୀପଡ଼ା(ଅଲେଖ ମନ୍ଦିର), ବରଗଡ଼, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର
- ପଞ୍ଚାୟତିରାଜ, ପାନୀୟ ଜଳ ଯୋଗାଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସମୀକ୍ଷା ବୈଠକ, ସ୍ଥାନ: ସୁବର୍ଣ୍ଣପୁର ସର୍କିଟ୍ ହାଉସ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦ୍ୱାରା ଅଙ୍ଗନୱାଡି କେନ୍ଦ୍ର ଲୋକାର୍ପଣ, ୬୩ଟି ପ୍ରକଳ୍ପର ଶିଳାନ୍ୟାସ, ସ୍ଥାନ: ଚମ୍ପାମାଳ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ମାହେଶ୍ୱରୀ ସଙ୍ଗଠନର ବାର୍ଷିକୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ତରଭା ହାଟପଦା କ୍ଲବ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ସକାଳ ୯ଟା ୧୦।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ବୈଠକି କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଲଖନା ପଞ୍ଚାୟତ ଡେଡେଙ୍ଗା ଗାଁ, ସମୟ: ଅପରାହ୍ନ ୫ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଚାନ୍ଦୋପଲା ଗାଁ, ସମୟ: ସକାଳ ୮ଟା ୪୫।
- ଭାଜପା ପକ୍ଷରୁ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ଛକଠାରୁ ନୂଆପଡ଼ା ପୋଲିସ ପଡିଆ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମଙ୍ଗଳ ନୀଚ ରାଶିରେ ରହିଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ସଙ୍କୁଚିତ ମନେକରିବେ। ଏକାଦଶସ୍ଥ ଚନ୍ଦ୍ର ହେତୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଉନ୍ନତ ହେବ। ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କ କଥା ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗି ନ ପାରେ। ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭଖବର ଶୁଣି ଖୁସି ହୋଇପାରନ୍ତି।

**ବୃଷ** ଶୁକ୍ର ଏକାଦଶରେ ମିତ୍ରଯୁକ୍ତ ହେତୁ ଘର ସକାଶେ ଆବଶ୍ୟକ ବିଳାସୋପକରଣ କ୍ରୟ କରିବେ। ଜମିଜମା କିମ୍ବା ଯାନ୍ତ୍ରିକ ମରାମତି କ୍ଷେତ୍ରରେ ଅର୍ଥ ବ୍ୟୟ କରିବେ। ବନ୍ଧୁମାଙ୍କ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ସମସ୍ୟାକୁ ବୃଦ୍ଧି କରିପାରେ। କର୍ମକ୍ଷେତ୍ରରେ ସହକର୍ମୀ ସହଯୋଗର ହାତ ବଢ଼ାଇବାର ସମ୍ଭାବନା ରହିଛି।

**ମିଥୁନ** ବୃହସ୍ପତିଙ୍କ ପ୍ରଭାବରୁ ଯାହା ନିଷ୍ପତ୍ତି ନେବେ ତାହା ନିର୍ବିବାଦରେ ଗ୍ରହଣଯୋଗ୍ୟ ହେବ। କର୍ମକ୍ଷେତ୍ରରେ ମିତ୍ରମାନେ ପୂର୍ବ ଶତ୍ରୁତା ସ୍ମରଣ କରି ଅସହଯୋଗ କରିପାରନ୍ତି। ବିବାଦୀୟ ପରିସ୍ଥିତି ତଥା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ପରିଲକ୍ଷିତ ହେବ। ସାହିତ୍ୟ ଓ ଗୁରୁତ୍ୱପୂର୍ଣ୍ଣ କାମରେ ଉପଯୁକ୍ତ ଭାବେ ସୁଫଳ ପାଇବେ।

**କର୍କଟ** କର୍ମଜଞ୍ଜାଳ ବୃଦ୍ଧିରୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ରହି ନ ପାରେ। ସାଧାରଣ କଥାକୁ କେନ୍ଦ୍ରକରି ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧପ୍ରକାଶ କରିବେ। ଆପଣ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବେ, ଯାହାକି ଅଶାନ୍ତି ସୃଷ୍ଟି କରିପାରେ। କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି।

**ସିଂହ** ରାଶ୍ୟାଧିପ କର୍ମସ୍ଥ ହେତୁ ବିବାଦୀୟ ଘଟଣାର ସମାଧାନ କରିବାରେ ସଫଳ ହେବେ। ଆଜି ଆପଣ ଯାହା ପାଇବେ ତାହା ବହୁତ ପୂର୍ବରୁ ହିଁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। ମାଙ୍ଗଳିକ ଉତ୍ସବ ନିମନ୍ତେ ଆତ୍ମୀୟଙ୍କ ପରାମର୍ଶ କ୍ରମେ ପ୍ରସ୍ତୁତିରେ ଲାଗିପଡ଼ିବେ।

**କନ୍ୟା** ରାଶିରେ କେତୁଙ୍କ କୁପ୍ରଭାବରୁ ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିପାରେ। ଯାନବାହନରେ ସତର୍କ ରହିବା ଭଲ, ନଚେତ୍ ହଇରାଣ ହୋଇପାରନ୍ତି। ଏକ ଭିନ୍ନ ପରିବେଶ ଓ ପରିସ୍ଥିତିରେ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡିହୋଇଯିବ। ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହୋଇପାରେ ତଥାପି କାମ ଅଟକିବ ନାହିଁ।

**ତୁଳା** ମାରକାଧିପଙ୍କ ଦୁର୍ବଳତାରୁ କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ବନ୍ଧୁଙ୍କ ନିକଟରୁ ପାଇବାକୁ ଥିବା ଅର୍ଥକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ସାମାଜିକ ସ୍ତରରେ ପ୍ରଶଂସନୀୟ କାମ କରି ଅନ୍ୟର ଦୃଷ୍ଟିଆକର୍ଷଣ କରିପାରନ୍ତି।

**ବିଛା** ଯେଉଁ କାମରେ ହାତ ଦେଇଛନ୍ତି ସେଥିରେ କୃତକାର୍ଯ୍ୟ ଅବଶ୍ୟ ହେବେ। ଲେଖା ପଢ଼ାରୁ , ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଅଫିସିଆଲି କାମରେ ବିବାଦୀୟ ଘଟଣା ଆଶଙ୍କା ଦୂର ହୋଇଯିବ। ନୀଚାରୋହୀ ଶନିଙ୍କ ଯୋଗୁ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** କର୍ମକ୍ଷେତ୍ର ଏକାଧିକ ଗ୍ରହଦୃଷ୍ଟିରେ ଥିବାରୁ ବନ୍ଧୁଙ୍କ ପରାମର୍ଶରେ ନୂତନ କାମର ପରିକଳ୍ପନା କରିବେ। ପରିବାରର ଖର୍ଚ୍ଚଭାର ସାଙ୍ଗକୁ ଋଣଭାର ବୃଦ୍ଧିଜନିତ ଚିନ୍ତାପ୍ରକଟ କରିବେ। ଜନମଙ୍ଗଳ କାର୍ଯ୍ୟରେ ନିୟୋଜିତ ହେବେ। ଜମିଜମା ବ୍ୟବସାୟ, ପରିବହନ କ୍ଷେତ୍ର ଏବଂ ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମକର** ଆପଣଙ୍କ ସାହାଯ୍ୟ ନେଇ ନିଜକାମ ହାସଲ କରିବା ମାନସରେ ଆତ୍ମୀୟମାନେ ପାଖେଇ ଆସିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ପ୍ରିୟ ବନ୍ଧୁଟି ସହ ଭାଙ୍ଗିପଡିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠା ହେବ। ପାରିବାରିକ କ୍ଷେତ୍ରର ଟେନସନ୍ କମିଯିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଜଣେ ବନ୍ଧୁଙ୍କୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ** ଦୈହିକ ଅସୁସ୍ଥତା ହେତୁ ପରିବାରର ବାରଣକୁ ନ ମାନି କୌଣସି କାମରେ ଆଗଭର ହେବା ଠିକ୍ ହେବନି। କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିବାରୁ ମନକୁ ବିବ୍ରତ କରିପାରେ। କାମ ହାସଲ ନ ହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ। ବ୍ୟବସାୟ, ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା ଜଟିଳ ହେବାର ସୂଚନା ରହିଛି।

**ମୀନ** କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ ପ୍ରକାଶ କରି ବିବାଦୀୟ ହୋଇପାରନ୍ତି। ପରିବହନରେ, ପ୍ରଶାସନିକ ସ୍ତରରେ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇବାରେ ସଫଳ ହେବେ। ଗୃହକାମରେ ବ୍ୟସ୍ତରହି କୌଣସି କାମକୁ ଭୁଲିଯିବାରୁ ସମାଲୋଚିତ ହେବେ। ଜଣେ ପୁରୁଣା ବନ୍ଧୁ ହଠାତ୍ ଆପଣଙ୍କ ନିକଟକୁ ଆସି ଶୁଭଖବର ଦେଇପାରନ୍ତି।

ଆଜି ମେ ୨୩ ତାରିଖ, ଜ୍ୟେଷ୍ଠ କୃଷ୍ଣପକ୍ଷର ସର୍ବସମ୍ମତ ଜଳକ୍ରୀଡ଼ା ଏକାଦଶୀ ଶୁକ୍ରବାର, ରାଶି ନକ୍ଷତ୍ର–ଉତ୍ତରଭାଦ୍ରପଦ/ମୀନ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୦୪ ଗତେ ଘ.୦୬.୫୬ ମଧ୍ୟେ, ଘ.୧୨.୦୯ ଗତେ ଘ.୦୨.୪୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦.୦୫ ଗତେ ଘ.୧୧.୪୩ ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବରଷା ଖରା, ଭୃତ୍ୟ ମଗରା,
ଗୋଦରୀ ଦାରୀ, ନିର୍ମୁଣ୍ଡି ନାରୀ,
ଏ ଚାରିରେ ଦାଉ ସହି ନ ପାରି ।**

ବରଷା ପରେ ଯେଉଁ ଖରା ହୁଏ, ତାହା ଦେହକୁ କାଟିଥାଏ। ଭୃତ୍ୟ ମଗରା ପ୍ରକୃତିର ହେବା ମାଲିକ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଥାଏ। ସେହିପରି ଗୋଦରୀ ଦାରୀ ଓ ନିର୍ମୁଣ୍ଡି ନାରୀଙ୍କ ଗୁଣଗ୍ରାମ ଅତି ଅସହ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ବିପଦ ବେଳେ ବେଙ୍ଗ ବାଟ ଛାଡ଼େ ନାହିଁ ।**

ଶତ୍ରୁର ଦୁର୍ବଳ ମୁହୂର୍ତ୍ତରେ ତାକୁ ଆଘାତ ଦେବା ହିଁ ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଉପଯୁକ୍ତ ବେଳ ଦେଖି ଅତି ସାମାନ୍ୟ ବ୍ୟକ୍ତି ଦାଉ ସାଧିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ବନ୍ୟପ୍ରାଣୀ ଅପରାଧର ମୁକାବିଲା ହେଲେ ଜୈବବିବିଧତା ସମୃଦ୍ଧ ହେବ




ନୟାଗଡ଼ ଜିଲା ଶରଣକୁଳଠାରେ ଗୁରୁବାର ଗ୍ରୀନ କ୍ଲବ ହରିହରପୁର, ନୟାଗଡ଼ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍ ଏବଂ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ପାଳିତ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ।

ଭୁବନେଶ୍ୱର,୨୨।୫(ବନ୍ଦନା ସେଠୀ)

ନୟାଗଡ଼ ଜିଲା ଶରଣକୁଳଠାରେ ଗୁରୁବାର ଅର୍ନ୍ତଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି। ଗ୍ରୀନ କ୍ଲବ ହରିହରପୁର, ନୟାଗଡ଼ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍ ଏବଂ ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ(ଓପ୍‌ସା)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ପ୍ରକୃତି ସହିତ ସମନ୍ୱୟ ଏବଂ ନିରନ୍ତର ବିକାଶ' ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୃକ୍ତ ଅଞ୍ଚଳରେ ବଢୁଥିବା ବନ୍ୟପ୍ରାଣୀ ଅପରାଧର ମୁକାବିଲା ପାଇଁ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହା ହେଲେ ଜୈବ ବିବିଧତା ସମୃଦ୍ଧ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା। ସେହିପରି ଦଶପଲ୍ଲା, ମହୀପୁର, ଓଡ଼ଗାଁ, ଖଣ୍ଡପଡ଼ା ଏବଂ ପଞ୍ଚିଡା ରେଞ୍ଜର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷା ଦେବା ବିଷୟରେ ଅଂଶଗ୍ରହଣକାରୀମାନେ ଆଲୋଚନା କରିଥିଲେ। ଏହି ଜୈବବିବିଧତାପୂର୍ଣ୍ଣ ଅଞ୍ଚଳ ହାତୀ, କୁଟୁରା, ସମ୍ବର, ଗୟଳ ସହିତ ବିଭିନ୍ନ ସରୀସୃପ ଏବଂ ପକ୍ଷୀଙ୍କ ବାସସ୍ଥାନ ଭାବେ ପରିଚିତ। ମାତ୍ର ଅବାଧ ଶୀକାର, ବନ୍ୟଜନ୍ତୁ ମାଂସ ବିକ୍ରି ଏବଂ ଅବୈଧ ବନ୍ୟପ୍ରାଣୀ ଚୋରାଚାଲାଣ ଏଠାରେ ବଡ଼ ସମସ୍ୟା ଭାବେ ଉଭାହୋଇଛି। ତେଣୁ ଶିକ୍ଷା ସଚେତନତା ମାଧ୍ୟମରେ ଅଞ୍ଚଳର ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି ଲାଗି ଉପସ୍ଥିତ ପରିବେଶ କର୍ମୀ ଓ ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଥିଲେ। ଏଥିସହିତ ଆସନ୍ତା ୨ ବର୍ଷରେ ୫ହଜାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶିକ୍ଷା ସଚେତନତା ସୃଷ୍ଟି କରାଯିବା ନେଇ 'ଓପ୍‌ସା' ପକ୍ଷରୁ ସୂଚନା ଦିଆଯାଇଛି।

କାର୍ଯ୍ୟକ୍ରମରେ 'ଓପ୍‌ସା' ପ୍ରତିଷ୍ଠାତା ସୌମ୍ୟରଞ୍ଜନ ବିଶ୍ୱାଳ ଯୋଗଦେଇ, ଆମକୁ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ବିକଳ୍ପ ଜୀବିକା ସୃଷ୍ଟି ସହିତ ସ୍ଥାନୀୟ ଜୈବ ବିବିଧତା, ଜଙ୍ଗଲ ପରିସଂସ୍ଥାର ପରିବେଶଗତ ଗୁରୁତ୍ୱ ବିଷୟରେ ଯୁବପିଢ଼ୀଙ୍କୁ ଶିକ୍ଷିତ କରିବା ଉପରେ ଧ୍ୟାନ ଦେବାକୁ ପଡିବ ବୋଲି କହିଥିଲେ। ସେହିପରି ନିୟମିତ ସଚେତନତା ଅଭିଯାନ ଏବଂ ବନ୍ୟପ୍ରାଣୀ ସୁରକ୍ଷା ଆଇନ୍‌ର କଠୋର ପ୍ରୟୋଗ ବର୍ତ୍ତମାନର ପରିସ୍ଥିତିରେ ଯଥେଷ୍ଟ ପରିବର୍ତ୍ତନ ଆଣିପାରିବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫ୍ରେଣ୍ଡସ ହେଲ୍ପ ଗ୍ରୁପ୍‌ର ସମ୍ପାଦକ ସୁଜିତ କୁମାର ପ୍ରଧାନ, ଗ୍ରୀନ୍ କ୍ଲବ୍ ହରିପୁରର ସମ୍ପାଦକ କୁମାର ବରଦା, ଓପ୍‌ସା ଟ୍ରଷ୍ଟର ସୁମନ ପ୍ରଧାନ, ପରିବେଶକର୍ମୀ ପମି ନାୟକ ପ୍ରମୁଖ ଯୋଗଦେଇ ନୟାଗଡର ସମୃଦ୍ଧ ଜୈବ ବିବିଧତାକୁ ସୁରକ୍ଷା ଦେବା ପାଇଁ ସରକାରୀ ସଂସ୍ଥା, ସଂରକ୍ଷଣ ସଂଗଠନ ଏବଂ ସ୍ଥାନୀୟ ସମ୍ପ୍ରଦାୟର ପୂର୍ଣ୍ଣ ସମନ୍ୱୟରେ ନିରନ୍ତର ପ୍ରୟାସ ଆବଶ୍ୟକ ବୋଲି ମତ ରଖିଥିଲେ। ଏଥିସହ ନୟାଗଡ଼ ଜିଲ୍ଲାରେ ବନ୍ୟଜନ୍ତୁ ସଂରକ୍ଷଣ ସଚେତନତା ସୃଷ୍ଟି ପାଇଁ ସଂକଳ୍ପ ନେଇଥିଲେ।

# କୋଟିଆ ପାଇଁ ୧୬ ଜଣିଆ କମିଟି

## ରାଜସ୍ୱ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୧୫ ସଦସ୍ୟ ରହିଲେ

- ଜଣେ ଓଏଏସ୍ କିମ୍ବା ଓଆର୍‌ଏସ୍ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଖୋଲିବ ସ୍ୱତନ୍ତ୍ର ଅଫିସ୍
- କୋଟିଆବାସୀଙ୍କୁ ସବୁ ପ୍ରକାର ସୁବିଧା ଗୋଟିଏ ଏଜେନ୍ସି ଜରିଆରେ ମିଳିବ

ଭୁବନେଶ୍ୱର,୨୨।୫(ସୁନିତ୍ ମିଶ୍ର)

କୋଟିଆ ବିବାଦ ପ୍ରସଙ୍ଗକୁ ନେଇ ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଅଧ୍ୟକ୍ଷ ଥିବାବେଳେ ମୋଟ ୧୬ ଜଣ କମିଟିରେ ରହିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ସଚିବ କମିଟିର ଆବାହକ ତଥା ସଦସ୍ୟ ଥିବାବେଳେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ଏସ୍‌ସି, ଏସ୍‌ଟି ବିଭାଗର ପ୍ରମୁଖ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗର ସଚିବ, ଶ୍ରମ ବିଭାଗ ପ୍ରମୁଖ ସଚିବ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବ, ଓଡ଼ିଶା ଭାଷା, ସଂସ୍କୃତି ବିଭାଗର ପ୍ରମୁଖ ସଚିବ, ଆଇନ ବିଭାଗ ପ୍ରମୁଖ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ, ଆର୍‌ଡିସି ବ୍ରହ୍ମପୁର, ଦକ୍ଷିଣାଞ୍ଚଳ ଡିଆଇଜି, କୋରାପୁଟ ଜିଲାପାଳ ଏବଂ ଏସ୍‌ପିଙ୍କୁ ଏହି କମିଟିରେ ସଦସ୍ୟ ଭାବେ ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ ପରେ ଏକ କମିଟି ଗଠନ ଲାଗି ନିର୍ଦ୍ଦେଶ ଦିଆଯାଇଥିଲା। ସେହି କ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗୁରୁବାର ଏହି କମିଟି ଘୋଷଣା କରାଯାଇଛି।

ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି, କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ୍‌ର କୋଟିଆ ଗ୍ରାମପଞ୍ଚାୟତକୁ ସ୍ୱତନ୍ତ୍ର ଦୃଷ୍ଟିଦେଇ ସେଠାରେ ଯେପରି ସବୁ ପ୍ରକାର ସରକାରୀ ସୁବିଧା ଏକ ପ୍ରଶାସନିକ ବ୍ୟବସ୍ଥା ଭିତରେ ପହଞ୍ଚିବ ସେଥିପ୍ରତି ଧ୍ୟାନ ଦିଆଯିବା ଦରକାର। କୋଟିଆ ଗ୍ରାମପଞ୍ଚାୟତର ବିକାଶ ଲାଗି ଗୋଟିଏ ଏଜେନ୍ସି ଦ୍ୱାରା ସବୁ ପ୍ରକାର ସରକାରୀ ସୁବିଧା ସେଠାକାର ବାସିନ୍ଦାଙ୍କୁ ଯୋଗାଇ ଦିଆଯିବ। ଏହାର ଦାୟିତ୍ୱ ଜଣେ ଓଏଏସ୍ କିମ୍ବା ଓଆର୍‌ଏସ୍ ଅଫିସରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲାଯାଇ କରାଯିବ। ସେଠାରେ ଓଡ଼ିଆ ଭାଷା, ସଂସ୍କୃତି, ପର୍ବ ଭଲ ଭାବେ ପାଳନ କରାଯିବ। ସେଠାକାର ଲୋକଙ୍କୁ କିପରି ସବୁ ପ୍ରକାର ସହାୟତା ଯୋଗାଇ ଦିଆଯାଇପାରିବ ଏବଂ ଅର୍ଥ ବ୍ୟବସ୍ଥା କିପରି ହେବ, ସୀମାନ୍ତବର୍ତ୍ତୀ ରାଜ୍ୟ କେଉଁ ସୁବିଧା ଦେଉଛନ୍ତି ତା'ର ତର୍ଜମା ରାଜ୍ୟସ୍ତରୀୟ କମିଟିକରିବ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ଗତ ଏପ୍ରିଲ ୨୨ରେ କୋରାପୁଟ ଜିଲାର କୋଟିଆ ଗ୍ରାମ ପଞ୍ଚାୟତ ସମ୍ପର୍କରେ ସମୀକ୍ଷାକରି ସାମ୍ପ୍ରତିକ ସ୍ଥିତି ଅନୁଧ୍ୟାନ କରିବା ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଥିଲେ। ବୈଠକରେ ଏ ସମ୍ପର୍କରେ ବିସ୍ତୃତ ଆଲୋଚନା ପରେ ଏହାର ସମାଧାନ ପାଇଁ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ କରାଯିବ ବୋଲି କୁହାଯାଇଥିଲା। ଉକ୍ତ କମିଟି ସ୍ଥିତି ଅନୁଧ୍ୟାନକରି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେବ ବୋଲି କୁହାଯାଇଥିଲା।

# ବାନ୍ଧି ପିଟିଲେ, ଗୁଳିମାରି ଲୁଟିଲେ

## ୧୦ ଲକ୍ଷର ସୁନାଗହଣା, ୫୦ ହଜାର ଟଙ୍କା ନେଇଗଲେ

■ ୨ ମାସ ମଧ୍ୟରେ ୪ ଲୁଟ୍
■ ଭରସା ହରାଉଛି ପୋଲିସ

ସୋର, ୨୨।୫(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ ଏବେ ଲୁଟେରାଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଲୁଟେରାମାନେ ଦିନକୁ ଦିନ ଗୁରୁତର ଲୁଟ କାରବାର କରୁଛନ୍ତି। ଏହାରି ମଧ୍ୟରେ ପୋଲିସ ଅପରାଧୀଙ୍କୁ ଧରିବାରେ ବିଫଳ ହେଉଛି। ଗତ ୨ମାସ ମଧ୍ୟରେ ଏହି ଥାନା ଅଞ୍ଚଳରେ ୪ଟି ଲୁଟ ଘଟଣା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳାଇ ଦେଇଛି। ସୂଚନା ଅନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ସୋର ଥାନା ତେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମର ରବୀନ୍ଦ୍ର ନାୟକଙ୍କ ଘରେ କଳାମୁଖା ପିନ୍ଧା ୮ଜଣ ଡକାୟତ କବାଟ ଭାଙ୍ଗି ପଶିଥିଲେ। ଦୁର୍ବୃତ୍ତମାନେ ପଶିଥିବା ଜାଣିପାରି ରବୀନ୍ଦ୍ରଙ୍କ ସ୍ତ୍ରୀ ଉପର ମହଲାରେ ଶୋଇଥିବା ପୁଅକୁ ଫୋନ ଯୋଗେ ଜଣାଇଥିଲେ। ପୁଅ ପଡ଼ୋଶୀଙ୍କୁ ଜଣାଇବାବେଳକୁ ଡକାୟତମାନେ ପରିବାରର ୫ଜଣଙ୍କୁ କବାଟ ଓ ଝରକା ଗ୍ରିଲରେ ହାତଗୋଡ଼ ବାନ୍ଧି, ଭୁଜାଲି ଦେଖାଇ ଭୟଭୀତ କରାଇବା ସହିତ ମାଡ଼ ମାରିଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ତଳ ଘରେ ଥିବା ସମସ୍ତ ଗହଣା ଓ ୫୦ହଜାର ଟଙ୍କା ଆଲମିରାରୁ ଲୁଟ କରିବା ସହିତ ଉପର ମହଲାରେ ଥିବା ପୁତୁରା ରୋହିତ ନାୟକଙ୍କ ରୁମ୍‌ର କବାଟ ଭାଙ୍ଗି ତାଙ୍କୁ ମାଡ଼ ମାରିବା ସହ ସମସ୍ତ ଗହଣା ଟଙ୍କା ନେଇଥିଲେ। ପରେ ତାଙ୍କୁ ତଳକୁ ଆଣି ବାନ୍ଧି ଦେଇଥିଲେ। ଏହାସହିତ ୮୫ ବର୍ଷର ବୁଢ଼ୀ ମା' ଓ ୧୫ ବର୍ଷର ପୁଅ ମନ୍ମଥ ନାୟକଙ୍କ ମୁଣ୍ଡକୁ ମାଡ଼ ମାରି ହାତକୁ ବାନ୍ଧି ପକାଇଥିଲେ। ଏହି ସମୟରେ ୪ଜଣ ପଡ଼ୋଶୀ ପହଞ୍ଚିବାରୁ ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ପଡ଼ୋଶୀ ବଳରାମ ରାଉତଙ୍କ ଛାତିରେ ଗୁଳି ବାଜିଥିଲା। ଅନ୍ୟଜଣେ ପ୍ରଶାନ୍ତ ରାଉତ ମଧ୍ୟ ଆଂଶିକ ଆହତ ହୋଇଥିଲେ। ଗୁଳି ଫୁଟିବା ଶୁଣି ଅନ୍ୟ ପଡ଼ୋଶୀମାନେ ଭୟରେ ସେଠାକୁ ଆସି ନ ଥିଲେ। ଡକାୟତମାନେ ହିନ୍ଦୀ ଓ ଓଡ଼ିଆରେ କଥା ହେଉଥିଲେ। ଆହତମାନଙ୍କୁ ପ୍ରଥମେ ସୋର ଡାକ୍ତରଖାନା ଓ ପରେ ବାଲେଶ୍ୱର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗୁଳିମାଡ଼ରେ ଗୁରୁତର ବଳରାମଙ୍କୁ ପରେ କଟକ ସ୍ଥାନାନ୍ତର କରାଯାଇଛି। ସୋର ପୋଲିସ ଗୁରୁବାର ସକାଳେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, ଗତ ଏପ୍ରିଲ ୮ ତାରିଖରେ ବାଗୁଡ଼ି ଆଙ୍ଗୁଲାଠାରେ ସୁନା ବ୍ୟବସାୟୀ ଗୋପାଳ ଚନ୍ଦ୍ର ରଣାଙ୍କ ଘରୁ ଲକ୍ଷାଧିକ ଟଙ୍କାର ଗହଣା ଲୁଟ ହୋଇଥିଲା। ସେହିପରି ଏପ୍ରିଲ ୧୨ରେ ତେଣ୍ଟେଇ ଗ୍ରାମର ପୋଷ୍ଟମାଷ୍ଟର ବଟକୃଷ୍ଣ ମଲ୍ଲିକଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ୫ଲକ୍ଷ ଟଙ୍କା ଓ ଚଳିତମାସ ୧୩ରେ ସୋର ଥାନା ପାଖର ଗ୍ରାମର ଅନନ୍ତପୁର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ପ୍ରସାଦ ପାତ୍ରଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ୮୦ ହଜାର ଟଙ୍କା ଲୁଟ ହୋଇଥିଲା। ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ସୋର ପୋଲିସ ଉପରୁ ଲୋକଙ୍କ ଭରସା ତୁଟିଯାଇଥିବା ଆଲୋଚନା ହେଉଛି। ଏ ସମ୍ପର୍କରେ ସୋରୋ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁ କହିଛନ୍ତି, ଅଭିଯୋଗକୁ ଆଧାର କରି ଏକ ମାମଲା (ନଂ. ୪୦୩/୨୫) ରୁଜୁ ହୋଇଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ ଜାରି ରଖିଛି। ଖୁବ୍‌ଶୀଘ୍ର ଅପରାଧୀଙ୍କ ଧରିବାକୁ ଚେଷ୍ଟା କରାଯାଉଛି।



ଡକାୟତଙ୍କ ଗୁଳିମାଡ଼ରେ ଆହତ ଯୁବକ।

# ଅବକାରୀ ଟିମ୍ ଉପରେ ଆକ୍ରମଣ

## ମଦ ଚଢ଼ାଉ ପାଇଁ ଯାଇଥିଲେ

ରାଜଗାଙ୍ଗପୁର,୨୨।୫ (ଅଶୋକ ପାଣି)

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କରାଲାକାନି ଗ୍ରାମକୁ ଗୁରୁବାର ବେଆଇନ ମଦ ଧରପଗଡ଼ ପାଇଁ ଯାଇଥିବା ଅବକାରୀ ଟିମ୍ ଉପରେ ଗ୍ରାମବାସୀ ଏଥିରେ ଅତର୍କିତ ଆକ୍ରମଣ କରିଛନ୍ତି। ଏଥିରେ ୨ ଅବକାରୀ ବିଭାଗ କର୍ମଚାରୀ ଆହତ ହୋଇଛନ୍ତି। ଏହାସହ ରାଜଗାଙ୍ଗପୁର ଥାନାର ଜଣେ ସିପାହି ଓ ୫ ଜଣ ଭାଟି କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଏନେଇ ରାଜଗାଙ୍ଗପୁର ଥାନାରେ ଏକ ମାମଲା (କେସ୍ ନଂ. ୨୩୫/୨୫) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିବା ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଗୁରୁବାର ସକାଳ ପ୍ରାୟ ୬ଟା୩୦ ସମୟରେ ଅବକାରୀ ବିଭାଗର ବଡ଼ଗାଁ ଇନ୍ସପେକ୍ଟର ପ୍ରମୋଦ ବଡ୍‌ଜ୍ୟା, ରାଜଗାଙ୍ଗପୁର ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ସଞ୍ଜୀବ ଶର୍ମା ଓ ଅବକାରୀ ବିଭାଗର ରାଉରକେଲା ସାଉଥ୍‌ଜୋନ ଟିମ, ରାଜଗାଙ୍ଗପୁର ପୋଲିସର ଏକ ୧୪ ଜଣିଆ ଟିମ ମିଳିତଭାବେ କରାଲାକାନି ଗ୍ରାମରେ ବେଆଇନ ମଦ ଧରିବା ପାଇଁ ଚଢ଼ାଉ କରିଥିଲେ। ଏହି ସମୟରେ ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଠେଙ୍ଗା ଓ ରଡ ଧରି ଅବକାରୀ ବିଭାଗକୁ ଗାଁ ଭିତରେ ପଶିବାକୁ ବାରଣ କରିଥିଲେ। ସେମାନଙ୍କୁ ବୁଝାଶୁଝା କରିବା ପରେ ମଧ୍ୟ ଗ୍ରାମବାସୀ ନ ବୁଝି ସେମାନଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ସମସ୍ତ ଆହତଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ଛଡ଼ାଯାଇଥିଲା। ହେଲେ ୨ ଭାଟି କର୍ମଚାରୀଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲାର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# ଧରାପଡ଼ିଲେ ୪ ବ୍ରାଉନସୁଗାର ବେପାରୀ

## ଡିଲ୍ ବେଳେ ଚଢ଼ାଉ

ଭୁବନେଶ୍ୱର,୨୨।୫(ସତ୍ୟଜିତ୍ ରାଉତ)

ଡିଲ୍ ବେଳେ ମୈତ୍ରୀ ବିହାର ଥାନା ପୋଲିସ ଚଢ଼ାଉ କରି ୪ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗୁରୁବାର ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସାଲିଆସାହି ଏକାମ୍ର ଭିଲାରେ ରହୁଥିବା ଚନ୍ଦନ ବେହୁରିଆ (୨୪), ବଡ଼ଗଡ଼ ଥାନା ଅନ୍ତର୍ଗତ ମଞ୍ଚେଶ୍ୱର ଖାଲରେ ରହୁଥିବା ଗଜପତି ଜିଲା ପାରଲାଖେମୁଣ୍ଡି ଅଞ୍ଚଳର ଡି. ରାଜା(୨୪), ମଞ୍ଚେଶ୍ୱରର କିଶୋର ଜେନା (୪୦) ଓ ନୟାଗଡ଼ ଜିଲା ବୋଲଗଡ଼ ଅଞ୍ଚଳର ହରକୃଷ୍ଣ ପ୍ରଧାନ ଓରଫ ହରେଶ ସ୍ୱାଇଁ (୪୭)। ସେମାନଙ୍କ ନିକଟରୁ ୪୦ ଗ୍ରାମ ବ୍ରାଉନସୁଗାର, ୨ଟି ମୋବାଇଲ, ଗୋଟିଏ ସ୍କୁଟି (କେଏ୦୩-କେଏମ୍-୧୦୪୩) ଜବତ ହୋଇଛି। ଜବତ ବ୍ରାଉନସୁଗାରର ବଜାର ମୂଲ୍ୟ ୪ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ଅଭିଯୁକ୍ତମାନେ ଖୋର୍ଦ୍ଧାରୁ ବ୍ରାଉନସୁଗାର ଆଣି ସାଲିଆ ସାହିରେ ବିକ୍ରି କରୁଥିବା ପୋଲିସ ସୂଚନା ପାଇଥିଲା। ସେହିପରି ଚନ୍ଦନଙ୍କ ନାଁରେ ବିଭିନ୍ନ ଥାନାରେ ୩ ମାମଲା ରହିଥିବା ବେଳେ ଡି.ରାଜାଙ୍କ ନାଁରେ ୧୫ ଏବଂ କିଶୋରଙ୍କ ନାଁରେ ୯ଟି ଅପରାଧିକ ମାମଲା ରହିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ୫ ମାସରେ ୭୮ ନିଶାବେପାରୀ ଗିରଫ

## ୮୨ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ଭୁବନେଶ୍ୱର,୨୨।୫ (ସତ୍ୟଜିତ୍ ରାଉତ)

ରାଜଧାନୀ ଭୁବନେଶ୍ୱର ବ୍ରାଉନସୁଗାର ଓ ଗଞ୍ଜେଇ ବେପାରୀଙ୍କ ଏକ ପେଣ୍ଠସ୍ଥଳ ପାଲଟିଲାଣି। ବିଭିନ୍ନ ଅଞ୍ଚଳରୁ ବେପାରୀ ଏଠାକୁ ଆସି ନିଶାଦ୍ରବ୍ୟ କାରବାର କରୁଛନ୍ତି। ତେବେ ଭୁବନେଶ୍ୱରରେ ଗତ ୫ମାସ ମଧ୍ୟରେ ବିଭିନ୍ନ ଥାନାରେ ୩୩ ମାମଲା ପଞ୍ଜୀକୃତ ହୋଇଥିବାବେଳେ ମୋଟ ୭୮ ନିଶାବେପାରୀ ଗିରଫ ହୋଇଥିବା ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ପକ୍ଷରୁ ଶୁକ୍ରବାର ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ୨୦୨୫ ଜାନୁଆରୀ ୧ରୁ ମେ ୫ତାରିଖ ମଧ୍ୟରେ ହ୍ୱାଇଟ୍ ସ୍ୱାଇଜର୍ ଅଭିଯାନ ଅନ୍ତର୍ଗତ ୧୮ଟି ବ୍ରାଉନ୍‌ସୁଗାର ମାମଲା ରୁଜୁ ହୋଇଛି। ଏଥିରେ ୪୨ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ୮୧୧.୬୩ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଥିବାବେଳେ ନଗଦ ୯୭ ହଜାର ୭୦୦ଟଙ୍କା, ୩ଟି ଚାରିଚକିଆ ଯାନ, ୯ଟି ଦୁଇଚକିଆ ଏବଂ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ସେହିପରି ୧୫ଟି ଗଞ୍ଜେଇ କାରବାର ମାମଲା ରୁଜୁ ହୋଇଥିବାବେଳେ ୩୬ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେମାନଙ୍କ ନିକଟରୁ ମୋଟ ୧୦୧୭ କେଜି ୬୪୫ ଗ୍ରାମ ଗଞ୍ଜେଇ, ୨୪ ହଜାର ୬୩୦ ଟଙ୍କା ସହ ୨ଟି ଚାରିଚକିଆ ଯାନ, ୮ଟି ଦୁଇଚକିଆ ଏବଂ ୮ଟି ମୋବାଇଲ ଜବତ ହୋଇଛି। ନିଶା କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି।

# ଟାଙ୍ଗିଆରେ ହାଣି ସ୍ୱାମୀଙ୍କୁ ହତ୍ୟା, ସ୍ତ୍ରୀ ଗିରଫ

## ପାରିବାରିକ କଳହର କରୁଣ ପରିଣତି

ଯୋଡ଼ା,୨୨।୫(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରାଞ୍ଚଳ ୯ ନଂ. ୱାର୍ଡ ଗୁଡ଼ି ସାହିରେ ଦମ୍ପତିଙ୍କ ମଧ୍ୟରେ କଳହ ଯୋଗୁ ସ୍ତ୍ରୀଙ୍କ ଟାଙ୍ଗିଆ ଆକ୍ରମଣରେ ସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ଗୁଡ଼ିସାହିର ସିଲେଇ ମୁଣ୍ଡା(୨୫)। ପୋଲିସ ଅଭିଯୁକ୍ତ ମଞ୍ଜୁ ମୁଣ୍ଡାଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଗୁଡ଼ିସାହିର ସିଲେଇ ଓ ତାଙ୍କ ସ୍ତ୍ରୀ ମଞ୍ଜୁଙ୍କ ମଧ୍ୟରେ ଅନେକ ସମୟରେ କଳହ ହେଉଥିଲା। ଗତ ୧୨ତାରିଖରେ ଉଭୟଙ୍କ ମଧ୍ୟରେ ପତିପୁଣି ହୋଇଥିଲା। ଏଥିରେ ମଞ୍ଜୁ ଉତ୍ତେଜିତ ହୋଇ ସ୍ୱାମୀ ସିଲେଇଙ୍କ ବେକର ପଛ ପାର୍ଶ୍ୱକୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସିଲେଇ ଆହତ ହେବାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ସେଠାରୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସିଲେଇଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଯୋଡ଼ା ପୋଲିସ ସ୍ତ୍ରୀ ମଞ୍ଜୁଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଏହି ଘଟଣାର ଅଭିଯୋଗ ତଦନ୍ତ ଚାଲିଥିବା ଯୋଡ଼ା ଥାନା ଅଧିକାରୀ ସୁଶାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।


**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍ଇଆର-ସି-ଏସ୍‌ଏ-ଟିସି ୨୧-୦୫-୨୫ । ... ବିସ୍ତୃତ ବିବରଣୀ www.ireps.gov.in ୱେବସାଇଟରେ ... ଟେଣ୍ଡର ଦାଖଲ ତାରିଖ ... ଟେଣ୍ଡର ବନ୍ଦ ହେବା ତାରିଖ ... (PR-189)

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ. 07-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ (KUR) ମଣ୍ଡଳ ଭଦ୍ରକ (BHC) – ଖୋର୍ଦ୍ଧା ରୋଡ୍ (KUR) ସେକ୍ସନରେ ... (NGMP) ... (NGMP/SSP) ...

ବିଜ୍ଞାପିତ ମୂଲ୍ୟ (₹): 1,14,26,228.10, EMD (₹) : 2,07,100.00, ... 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.23.05.2025ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.06.2025 ଘଣ୍ଟା 1300 ପର୍ଯ୍ୟନ୍ତ । ... http://www.ireps.gov.in ... PR-153/Q/25-26 ଖୋର୍ଦ୍ଧା ରୋଡ୍

**ପୂର୍ବ ତଟ ରେଳପଥ**

ଟେଣ୍ଡର ସୂଚନା ନଂ. 09-SBP-TRD-OT-2025-26, ତା.15.05.2025ରିଖ

କାର୍ଯ୍ୟର ନାମ : (1) ... KM 111/7-8 ... (2) ... KM 65.250 ... ST-38 ... (3) ... KM 527/6-7 ... (4) ... KM 552/12-14 ... (5) ... KM 0/3-4 ... ST-J01A ... TRD ...

ଆନୁମାନିକ ମୂଲ୍ୟ : ₹ 40,66,128.48, EMD : ₹ 81,300/-, ... 12 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.06.06.2025ରିଖ 1530 ଘଣ୍ଟା । ... www.ireps.gov.in ... PR-154/Q/25-26



**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** / बैंक ऑफ महाराष्ट्र Bank of Maharashtra — ଏକ ପରିବାର ଏକ ବ୍ୟାଙ୍କ

ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର, ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଗାଡ଼ି ଡିମାଣ୍ଡ/ରିକଲ୍ ନୋଟିସ୍**

ବନ୍ଧକପ୍ରାପ୍ତ ସମ୍ପତ୍ତିର ଦଖଲ ନିମନ୍ତେ ରିକଲ୍ ନୋଟିସ୍ ଓ ପ୍ରାକ୍ ସୂଚନା

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, ବଲାଙ୍ଗିର ଶାଖା ଦ୍ୱାରା ନିମ୍ନ ଋଣ ସୁବିଧା ପ୍ରଦାନ କରାଯାଇଛି ...

| ବଲାଙ୍ଗିର ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ପ୍ରକାଶ କୁମାର ଶୁକ୍ଳା, ପିତା: ହରିଶ କୁମାର ଶୁକ୍ଳା, ସା: ତିକାୟତ ପଡ଼ା, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା | ମିଆଦୀ ଋଣ / ଟ.୫,୫୦,୦୦୦/- | ୧୭.୦୪.୨୦୨୫ / ୧୭.୦୪.୨୦୨୫ ସୁଦ୍ଧା ଟ.୫,୨୧,୪୦୯/- +ସେବାବେ ପରବର୍ତ୍ତୀ ସୁଧ | ଶ୍ରୀ ପ୍ରକାଶ କୁମାର ଶୁକ୍ଳାଙ୍କ ନାମରେ ବନ୍ଧକ ଥିବା ମୋଟର କାର (ସମ୍ପତ୍ତି) ଯାହାର ସବିଶେଷ ବିବରଣୀ |

ନିମ୍ନରେ: ଗାଡ଼ିର ବିବରଣୀ - ରେଜିଷ୍ଟ୍ରେସନ ନଂ.: OD 03 AB 5218, ନିର୍ମାଣ ବର୍ଷ: ୨୦୨୪, ମଡ଼େଲ: MARUTI ALTO K10 VXI+ 1L AGS BS6, ରଙ୍ଗ: ସିଲଭର, ଚେସିସ୍ ନଂ.: MA3SFM61SRA246042, ଇଞ୍ଜିନ୍ ନଂ.: K10CN1223203, ରେଜିଷ୍ଟ୍ରେସନ ସର୍ଟିଫିକେଟ୍ ନଂ.: MN0004304309 ...

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୩.୦୫.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର



**यूनियन बैंक Union Bank of India** — ଖୋର୍ଦ୍ଧା ଶାଖା, ଆପଲେକ୍ସ କମ୍ପ୍ଲେକ୍ସ ନିକଟ, ବିଡିଓ କଲୋନୀ, ଖୋର୍ଦ୍ଧା-୭୫୨୦୫୫, ଇ-ମେଲ୍ : ubin0813737@unionbankofindia.bank

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ନିୟମ ସରଫେସି ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ନୋଟିସ୍

ପ୍ରାପ୍ତେଷୁ,

ଋଣଗ୍ରହୀତା: ଶ୍ରୀ ଶୁଭାଂଶୁ ସାହୁ, ପିତା: ଶ୍ରୀ ଚୈତନ୍ୟ ସାହୁ / ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ଶ୍ରୀମତୀ ଜମାମଣୀ ସାହୁ, ... ୨) ଶ୍ରୀ ଚୈତନ୍ୟ ସାହୁ ...

ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୩) ସହିତ ଧାରା ୧୩(୨) ଅନୁଯାୟୀ ନୋଟିସ୍ ...

| କ୍ର. ନଂ. | ଋଣ ପ୍ରକାର | ୧୪.୦୪.୨୦୨୫ ସୁଦ୍ଧା ବକେୟା ଦେୟ | ୧୪.୦୪.୨୦୨୫ ସୁଦ୍ଧା ବକେୟା ସୁଧ | ଦେୟ | ମୋଟ ବକେୟା |
|---|---|---|---|---|---|
| ୧ | ମିଆଦୀ ଋଣ | ଟ.୨,୦୪,୮୯୯/- | ଟ.୩,୪୬୭/- | ୦.୦୦ | ଟ.୨,୦୮,୩୬୬/- |
| ୨ | ମିଆଦୀ ଋଣ | ଟ.୮,୦୯,୭୭୩/- | ଟ.୩୫,୨୬୭.୫୭ | ୦.୦୦ | ଟ.୯,୩୪,୫୩୦.୫୭ |
| | ସମୁଦାୟ | ଟ.୧୧,୦୪,୮୭୨/- | ଟ.୩୮,୬୭୪.୫୭ | ୦.୦୦ | ଟ.୧୧,୪୨,୮୯୬.୫୭ |

ମୋଟ ବକେୟା: ଏଗାର ଲକ୍ଷ ବୟାଳିଶ ହଜାର ଆଠ ଶହ ଛୟାନବେ ଟଙ୍କା ଏବଂ ସତାବନ ପଇସା ମାତ୍ର

ବନ୍ଧକପ୍ରାପ୍ତ ସ୍ଥାବର ସମ୍ପତ୍ତିର ବିବରଣୀ ନିମ୍ନରେ: ...

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୨.୦୫.୨୦୨୫ — ଆପଣଙ୍କ ବିଶ୍ୱସ୍ତ, ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର



See Career Appointment on every Wednesday & Saturday



**Government of Jharkhand**
**Jharkhand Flying Institute**
A Society Regd. Under Department of Cabinet Secretariat & Vigilance (Civil Aviation Division)
State Hangar, Birsa Munda Airport Road, Hinoo, Ranchi-834002
E-mail-jfi.govtfly@gmail.com, Website-www.jharkhandaviation.in

Tender Ref. No: -HSS/03/2024-JFI-152,/Ranchi, Date:-20/05/2025

**e-Tender Notice**

e-Tender under two bid system are invited for Helicopter Service in state of Jharkhand for various Pilgrimages/ Tourist Places/ Commercial uses in Jharkhand on the basis of PPP Mode.
As per the following schedule of events:-

| | | |
|---|---|---|
| 1. | Tender Ref. No. | HSS/03/2024-JFI/152 /Ranchi, Dated- 20/05/2025 |
| 2. | Name of Work | JHARKHAND FLYING INSTITUTE "JFI" invites e-Tender from Service Provider or Non Scheduled Operator's Permit (NSOP) holders for Helicopter Service in state of Jharkhand for various Pilgrimages/ Tourist Places/ Commercial uses in Jharkhand on the basis of PPP Mode. |
| 3. | Tender Participation | Rs. 25,000/- (Rs. Twenty Five Thousand only) Through Online mode. |
| 4. | EMD | Rs.5,00,000/- (Rs. Five Lakhs only) Through Online Mode. |
| 5. | Publish of Tender on website & Start of Submission of e-bids | 23/05/2025 at 03:30 PM |
| 6. | Start of Downloading Tender Documents. | 23 /05/2025 at 03:30 PM |
| 7. | Last date for submission of e-bids. | 11/06/2025 till 03:30 PM |
| 8. | Opening of Technical Bids. | 12/06/2025 at 03:30 PM |
| 9. | Opening of Financial Bids. | After scrutiny of Technical Bid |
| 10. | Time for work completion. | 10 days from the signing of agreement. |
| 11. | Officer Inviting e-Tender | Managing Director, Jharkhand Flying Institute, Govt. of Jharkhand |
| 12. | Help line Number of e-Tender Notice | Mr. Rathour Nitant K. Singh, Section Officer Mob. No. 9472749978, E-Mail-jfi.govtfly@gmail.com |

For further details kindly visit www.jharkhandaviation.in/tenders and for applying online, please visit jharkhandtenders.gov.in

Sd/-
(Capt. S. P. Sinha)
Managing Director
Jharkhand Flying Institute

PR 353166 Civil Aviation(25-26).D



**Office-Superintendent, Phulo-Jhano Medical College Hospital (PJMCH) Dumka (Jharkhand)**

**NOTICE INVITING E-TENDER (NIT)**
**Bidding Document No:- 01/2025-26**

1. Superintendent PJMCH, Dumka (Tender inviting Authority-TIA) invites sealed Bids in two part systems for **"Selection of Agency for Providing Nursing Services, Paramedical Staffs & Other Technical Staffs in PJMCH, Dumka** through e-tender as detailed in the Bidding Document under section **Scope of work**.
2. **Brief Scope of Work:-**
The aim and objective is to provide **Nursing Services, Paramedical Staffs, Pharmacist Staffs, Other Technical & Non Technical Staffs** in the Health Units of the **PJMCH, Dumka** detailed under the section **Scope of work**.
3. **Award Methodology:-** Bidder shall be awarded considering least percentage of service charge to PJMCH, Dumka i.e. L1 (Lowest Bidder). Bidder qualifying the Technical bid and meeting the pre-Qualifying criteria shall only be considered for opening of Price Bids. For details regarding **"Methodology for selection of Contractor"** refer section No. E on **Instruction to Bidders (ITB)**.
4. **Salient Features of Bidding Document:-**

| Sl.No. | Details | Timelines/other Particulars |
|---|---|---|
| a. | Date of Publication of Tender on website | 23.05.2025 (1.30 P.M) on www.jharkhandtenders.gov.in |
| b. | Pre-Bid meeting | 29.05.2025 at 1.30 P.M. in the office of the Tender Inviting Authority. |
| c. | Date of Uploading of Final Tender Documents with amendments after pre-bid meeting | 04.06.2025 at 1.30 P.M. |
| d. | Date of Start for Submission | 06.06.2025 from 11.30 A.M. |
| e. | Last Date and time for submission of Bids | 17.06.2025 up to 5.00 P.M. |
| f. | Opening of Technical Bid-PART A | 20.06.2025 at 1.30 P.M. in the office of the Tender Inviting Authority. |
| g. | Bid Security/Earnest Money Deposit (EMD) | Rs. 8,00,000.00 (Eight Lacs). Submission Through online Payment Gateway(Exemption will be allowed as per "Jharkhand Procurement Policy-2014 For Registered Jharkhand OEM MSMEs Firms / Agencies). |

*Note:- If any of the cut-off date identified above happens to be holiday, the next working day shall be implied.*

5. The complete Bidding document is available on the website www.jharkhandtenders.gov.in .The Tenders should be submitted through e-procurement system only.

Superintendent, PJMCH, Dumka.

PR.NO.353282 Health Med Edu and Family Welfare(25-26):D



**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** (ଭାରତ ସରକାରଙ୍କ ଏକ ଅଧିନସ୍ଥ ସଂସ୍ଥା)

କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ୨ୟ ମହଲା, ସହିଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍ ନଂ.: ୦୬୭୪-୨୫୪୦୦୩୨, ଇ-ମେଲ୍: 0815samd@iob.in

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ନିୟମ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

...

| ଶାଖା / ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ମୁକ୍ତିସିଂହ ସହରାନ୍ତ ଶାଖା (୩୪୭୮) / ... ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ (ବନ୍ଧକଦାତା) ... ଶ୍ରୀ ପ୍ରଭାତ କୁମାର ସାହୁ ... | ୧୭.୦୫.୨୦୨୫ ସୁଦ୍ଧା ଟ.୧୧,୩୫,୨୦୪.୦୦ + ପରିବର୍ତ୍ତୀ ତାରିଖ ... | ୧୮.୦୧.୨୦୨୫ / ୧୭.୦୫.୨୦୨୫ | ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ ଏବଂ ଶ୍ରୀ ପ୍ରଭାତ କୁମାର ସାହୁଙ୍କ ନାମରେ ଥିବା ସମ୍ପତ୍ତି ... |
| ସତ୍ୟନଗର ଶାଖା (୧୦୭୦) / ... | ୨୧.୦୫.୨୦୨୫ ସୁଦ୍ଧା ଟ.୨୯,୩୮,୫୮୦.୩୧ + ... | ୦୪.୦୨.୨୦୨୫ / ୨୧.୦୫.୨୦୨୫ | ... |

ତାରିଖ: ୨୨.୦୫.୨୦୨୫, ସ୍ଥାନ: ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

ଏହା ସତ୍ୟ ଯେ, ଏହି ଜଗତ ଏକ ବିପଜ୍ଜନକ ସ୍ଥାନ, ଯେଉଁଠାରେ କି ମିଥ୍ୟା ଜୀବନ୍ତ ଭାବେ ତିଷ୍ଠି ରହିଛି। ଶ୍ରୀଅରବିନ୍ଦ କହନ୍ତି- କେବଳ ସେଇମାନେ ହିଁ ନିରାପଦ, ଯେଉଁମାନେ ଭଗବାନଙ୍କୁ ସେମାନଙ୍କ ହୃଦୟରେ ଧରି ରଖିଛନ୍ତି। ନିର୍ଭୟ ହୁଅ। ଠିକ୍ ରାସ୍ତା ଅନୁକରଣ କର। -ଶ୍ରୀମା

-ଜଳକ୍ରୀଡ଼ା ଏକାଦଶୀ
ଉପବାସ ଓ ହଳ ନିଷେଧ



# ଶାନ୍ତି ଚୁକ୍ତିରେ ମହିଳାଙ୍କ ଭୂମିକା



କାରୋଲିନ ଚିସାଡ୍‌ଜା

ବିଶ୍ୱରେ ଲିଙ୍ଗଗତ ସମାନତା ପାଇଁ ସବୁ ପ୍ରକାର ଅଗ୍ରଗତି ହୋଇଥିଲେ ମଧ୍ୟ ଅନେକେ ଅଦ୍ୟାବଧି ସଶସ୍ତ୍ର ସଂଘର୍ଷକୁ ମୁଖ୍ୟତଃ ପୁରୁଷ ପ୍ରାଧାନ୍ୟ ଭାବେ ଦେଖିବାକୁ ଅଧିକ ଉତ୍ସାହିତ ହେଉଛନ୍ତି। ବାସ୍ତବରେ ମହିଳାମାନେ ବହୁ ସମୟରେ ଯୁଦ୍ଧ, ଅଣଯୁଦ୍ଧ ଓ ନେତୃତ୍ୱ ଭୂମିକାରେ ନିର୍ଣ୍ଣାୟକ ସାବ୍ୟସ୍ତ ହେଉଥିଲେ ମଧ୍ୟ ଔପଚାରିକ ଶାନ୍ତି ପ୍ରକ୍ରିୟାରେ ଏବଂ ଯୁଦ୍ଧ ପରବର୍ତ୍ତୀ ଶାସନରେ ସେମାନଙ୍କୁ ନିୟମିତ ଭାବେ ଅଣଦେଖା କରାଯାଉଛି। ଏହି ଧାରା ଏକ ନୈତିକ ଓ ବ୍ୟବହାରିକ ବିଫଳତାକୁ ଦର୍ଶାଉଛି। ସଶସ୍ତ୍ର ଯୁଦ୍ଧରେ ମହିଳାମାନେ ଗଣହତ୍ୟା, ଚାଲାଣ, ଦାସତ୍ୱ ଓ ଯୌନ ନିର୍ଯାତନା ସହ ସବୁ ପ୍ରକାର ସ୍ୱାସ୍ଥ୍ୟଗତ ବିପଦ ତଥା ମାନସିକ ଆଘାତର ଶିକାର ହେବାର ସମ୍ଭାବନା ଅଧିକ ରହିଥାଏ। କେବଳ ଏଇଥିପାଇଁ ସେମାନଙ୍କୁ ଶାନ୍ତି ପ୍ରକ୍ରିୟାରେ ଭାଗନେବାରେ ସେମାନଙ୍କର ଅଧିକାର ରହିଛି। ମହିଳାମାନେ ଯେ କେବଳ କ୍ଷତି ସହୁଛନ୍ତି ତାହା ନୁହେଁ, ବରଂ ଯୁଦ୍ଧଭୂମିରେ ଯୁଦ୍ଧ ସମୟରେ ସେମାନଙ୍କର ବ୍ୟାପକ ଯୋଗଦାନ ରହିଛି, ଯାହା ଆମେ ୟୁକ୍ରେନରେ ଦେଖିଛେ। ଏହା ସହ ନାଗରିକ ସମାଜ ଓ ଶାନ୍ତି ପାଇଁ ସ୍ୱର ଉତ୍ତୋଳନ କରିବାରେ ସେମାନଙ୍କ ପ୍ରମୁଖ ଭୂମିକା ରହିଛି। ଏ ଦୃଷ୍ଟିରୁ ଯୁଦ୍ଧ ସମୟରେ ମହିଳାମାନେ ବିପଦର ସମ୍ମୁଖୀନ ହେଉଥିଲେ ମଧ୍ୟ ବହୁ ସମୟରେ ସେମାନଙ୍କ ପ୍ରତିନିଧିତ୍ୱ ବଢ଼ାଇଥାନ୍ତି। କିନ୍ତୁ ଯେତେବେଳେ ସେମାନଙ୍କୁ ଶାନ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯାଏ, ପରେ ଯାହା ଘଟେ ଯୁଦ୍ଧରେ ସେମାନଙ୍କ ପ୍ରତିନିଧିତ୍ୱର ଲାଭ ବିପରୀତ ହୋଇଯାଏ। ବିଶେଷକରି ୟୁକ୍ରେନ ଘଟଣାରେ ଏହା ସ୍ପଷ୍ଟ ହୋଇଛି, ଯେଉଁଠି ପୁରୁଣା ଲିଙ୍ଗଗତ ମାନଦଣ୍ଡ ପୁନର୍ବାର ଦୃଢ଼ ଭାବେ ସାମ୍ନାକୁ ଆସିଛି। ଏହା ବିଶେଷକରି ଯୁଦ୍ଧ ପ୍ରଭାବିତ ତଥା ଅଧିକ ପୁରୁଷ ପ୍ରାଧାନ୍ୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଥିବା ଦେଶଗୁଡ଼ିକରେ ଦେଖାଯାଉଛି।

ଯୁଦ୍ଧସମାଧାନ, ଶାନ୍ତିପ୍ରତିଷ୍ଠା ଏବଂ ଯୁଦ୍ଧପରେ ପୁନର୍ଗଠନରେ ମହିଳାଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରୁଥିବା ନ୍ୟାୟିକ ଢାଞ୍ଚା ଏବେ ସୁଦ୍ଧା ନକାରାତ୍ମକ ଧାରାକୁ ବଦଳାଇପାରିନାହିଁ। ନ୍ୟାୟିକ ଢାଞ୍ଚା ଆଂଶିକ ରୂପେ କାର୍ଯ୍ୟକାରୀ ହେବା ଓ ପରିଚାଳନାଗତ ଆହ୍ୱାନ ଯୋଗୁ ଏଭଳି ହେଉଛି। ଉଦାହରଣ ସ୍ୱରୂପ, ଜାତିସଂଘର ସବୁ ସଦସ୍ୟ ଦେଶ ମହିଳା ଭାଗୀଦାରି ବୃଦ୍ଧି କରିବା ସହ ଏହାର ସମସ୍ତ ଶାନ୍ତି ଓ ସୁରକ୍ଷା ପଦକ୍ଷେପରେ ଲିଙ୍ଗଗତ ଦୃଷ୍ଟିକୋଣକୁ ସାମିଲ କରିବା ଆବଶ୍ୟକ ବୋଲି ୨୦୦୦ରେ ଗ୍ରହଣ କରାଯାଇଥିବା ଜାତିସଂଘ ସୁରକ୍ଷା ପରିଷଦ ପ୍ରସ୍ତାବନା ୧୩୨୫ରେ ଗୁରୁତ୍ୱ ଦିଆଯାଇଥିଲା। କିନ୍ତୁ ୨୦୧୮ ସୁଦ୍ଧା ଶାନ୍ତି ଚୁକ୍ତି ବା ବୁଝାମଣାରେ ସ୍ୱାକ୍ଷର କରିଥିବା ମହିଳାଙ୍କ ସଂଖ୍ୟା ଅଧିକ ବୃଦ୍ଧି ହୋଇ ନ ଥିଲା। ଶାନ୍ତି ଚୁକ୍ତିର ସଫଳତା ଓ ଶାନ୍ତି ଉପରେ ଏହାର ବଡ଼ ପ୍ରଭାବ ରହିଛି। ନିକଟରେ ମୋ ସହ-ଗବେଷକ ମାଥ୍ୟୁ କ୍ଲାସ୍ସ, ରୋମୁଆଲ୍ଡ ମିନଗୋ ଏବଂ ଚାର୍ଲ ଭାନ ସ୍କୁର ଓ ମୁଁ ୧୯୯୦ରୁ ୨୦୨୩ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିଗୁଡ଼ିକରେ ଲିଙ୍ଗଗତ




ଭାଷା (ଯଥା ମ୍ୟାନ୍, ଗର୍ଲ, ବୟ, ହର୍, ହିଜ୍, ଫିମେଲ, ମେଲ୍, ୱାଇଫ୍, ଡଟର୍ ଇତ୍ୟାଦି)ର ବ୍ୟବହାର ସମ୍ପର୍କରେ ଅନୁଧ୍ୟାନ କରିଥିଲୁ ଏବଂ ନାଚୁରାଲ ଲାଙ୍ଗୁଏଜ ପ୍ରୋସେସିଂ ବ୍ୟବହାର କରିଥିଲୁ। ଆମେ ଏକ 'ଲିଙ୍ଗଗତ ଅସମାନତା' ମାନକ ସୃଷ୍ଟି କରିଥିଲୁ। ଏଥିରେ କମ୍ ସ୍କୋର କମ୍ ଲିଙ୍ଗଗତ ଭାଷା ବ୍ୟବହାର ଏବଂ ଲିଙ୍ଗ ଆଧାରିତ ପରିଣାମ ଉପରେ କମ୍ ଗୁରୁତ୍ୱ ଦିଆଯାଇଛି ବୋଲି ଦର୍ଶାଏ। ତେବେ ଆମେ ଯେଉଁସବୁ ଶାନ୍ତି ଚୁକ୍ତି ଉପରେ ସମୀକ୍ଷା କରିଥିଲୁ ସେଥିରୁ କୌଣସି ଗୋଟିଏରେ ବି ନିର୍ଦ୍ଦିଷ୍ଟ ଭାବେ ଅଧିକ ଲିଙ୍ଗଗତ ଅସମାନତା ନ ଥିଲା, କିନ୍ତୁ ସେସବୁରେ ଅଧିକ ଲିଙ୍ଗଗତ ଭାଷା ବ୍ୟବହାର ହୋଇଥିଲା, ଯାହା ମହିଳାଙ୍କ ପ୍ରତି କିଛି ସକାରାତ୍ମକ ଦୃଷ୍ଟିକୋଣ ରହିଥିଲା। କିନ୍ତୁ ଏହିସବୁ ଚୁକ୍ତି ମହିଳାଙ୍କ ପ୍ରତିନିଧିତ୍ୱରେ ଅଧିକ ଉନ୍ନତି ଆଣିବାରେ ଆଶାନୁରୂପ ଜଡ଼ିତ ନ ଥିଲା। ଅନ୍ୟପକ୍ଷରେ, ଏପରି କି ଲିଙ୍ଗଗତ ସମ୍ବେଦନଶୀଳ ଢାଞ୍ଚାଗୁଡ଼ିକ (ଯାହା ଲିଙ୍ଗଗତ ଅସମାନତାକୁ ନିର୍ଣ୍ଣୟ କରେ) କୌଣସି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିପାରି ନ ଥିଲା।

ସମସ୍ୟା ହେଉଛି, ଲିଙ୍ଗ ସମ୍ପର୍କରେ ସୂଚିତ କରାଯାଇଥିଲେ ମଧ୍ୟ ଠୋସ୍ ଆବଶ୍ୟକତା ସମ୍ପର୍କରେ କିଛି ଦର୍ଶାଯାଇ ନ ଥିଲା କିମ୍ବା ସଞ୍ଚାଳନ ଓ ପ୍ରବର୍ତ୍ତନ ପ୍ରକ୍ରିୟା ବିଷୟ ଆଦୌ ନ ଥିଲା। ଉଦାହରଣ ସ୍ୱରୂପ, ଏକ ଶାନ୍ତି ଚୁକ୍ତି ମହିଳାଙ୍କ ରାଜନୈତିକ ଭାଗୀଦାରି ଉପରେ ଜୋର ଦେବା କଥା, କିନ୍ତୁ ଏହା କେତେ ରହିବ ତାହା ସ୍ଥିର କରାଯାଇନାହିଁ। ଏଣୁ ଯଦି କିଛି ଫଳ ମିଳୁଛି ତାହା ବହୁତ କମ୍। କିନ୍ତୁ ପଦକ୍ଷେପ ନିଆଯାଉଛି ବୋଲି ସୂଚିତ କରାଯାଉଛି କିନ୍ତୁ ବାସ୍ତବତା ତାହା ନୁହେଁ। ଏଣୁ ଏହି ଦୃଷ୍ଟିକୋଣ ଲିଙ୍ଗ ସମାନତାକୁ କ୍ଷତି କରିପାରେ। ଅନ୍ୟ କେତେକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ନିରସ୍ତ୍ରୀକରଣ, ସେନା ସଞ୍ଚାଳନ ବନ୍ଦ କରିବା ଏବଂ ପୁନଃ ଏକୀକରଣ (ଡିଡିଆର)କୁ ନେଇ କରାଯାଉଥିବା ଶାନ୍ତି ଚୁକ୍ତିରେ ମହିଳାଙ୍କୁ କ୍ୱଚିତ ସୂଚିତ କରାଯାଇଥାଏ। ଏହା ମହିଳା ସୈନ୍ୟଙ୍କ ଯୁଦ୍ଧ ଉପରାନ୍ତ ଥଇଥାନ ଉପରେ ପ୍ରତିକୂଳ ପ୍ରଭାବ ପକାଏ ଏବଂ ସେମାନେ ପୁରୁଷଙ୍କ ପାଇଁ ନିଆଯାଉଥିବା ପଦକ୍ଷେପରୁ ବାଦ ପଡ଼ିବାର ସମ୍ଭାବନା ଅଧିକ ଥାଏ। ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ, ଯୁଦ୍ଧ ସମାଧାନ ଓ ଶାନ୍ତି ପ୍ରତିଷ୍ଠା ପ୍ରକ୍ରିୟାରେ ମହିଳାଙ୍କୁ ସାମିଲ କଲେ ସମସ୍ତଙ୍କ ପାଇଁ ସୁଫଳ ମିଳେ। ୨୦୧୮ରେ କରାଯାଇଥିବା ଏକ ସମୀକ୍ଷାରୁ ସ୍ପଷ୍ଟ ଯେ, ଶାନ୍ତି ଚୁକ୍ତିର ସ୍ୱାକ୍ଷରକାରୀ ଭାବେ ମହିଳା ପ୍ରତିନିଧିମାନଙ୍କୁ ସାମିଲ କରାଯିବା ଏବଂ ଯୁଦ୍ଧ ପର ଶାନ୍ତିର ସ୍ଥାୟିତ୍ୱ ମଧ୍ୟରେ ଦୃଢ଼ ସମ୍ପର୍କ ରହିଛି। ତେବେ ମହିଳାଙ୍କ ଦ୍ୱାରା ସ୍ୱାକ୍ଷରିତ ଚୁକ୍ତିଗୁଡ଼ିକରେ ରାଜନୈତିକ ସୁଧାର କୈନ୍ଦ୍ରିକ ଅଧିକ ପ୍ରାବଧାନ ରହିବା ଦରକାର ଏବଂ ଏହି ପ୍ରାବଧାନଗୁଡ଼ିକୁ ଅଧିକ କାର୍ଯ୍ୟକାରୀ କରାଯିବା ଆବଶ୍ୟକ।

ଏଲ୍ ସାଲଭାଡରରେ ୧୯୯୨ ଚୁକ୍ତି ସେଠାରେ ଦୀର୍ଘ ୧୨ ବର୍ଷର ଗୃହ ଯୁଦ୍ଧର ଅବସାନ ଘଟାଇଥିଲା, ଯାହା ଲଢୁଆ ସୈନ୍ୟଙ୍କୁ ଲାଭ ଦେଇଥିଲା ଏବଂ ଯୁଦ୍ଧରେ ଭାଗ ନେଇ ନ ଥିବା ବିରୋଧୀ ଆନ୍ଦୋଳନର ମହିଳା ସଦସ୍ୟଙ୍କୁ ଏକୀକରଣ କାର୍ଯ୍ୟକ୍ରମରେ ସାମିଲ କରିଥିଲା। ଫଳରେ ମହିଳାମାନେ ଏକୀକରଣ ପ୍ରକ୍ରିୟାରେ ଏକ ସ୍ଥାୟୀ ଭୂମିକା ନେବା ସହ ପୁନର୍ଗଠନ ପଦକ୍ଷେପରେ ସେମାନଙ୍କର ପ୍ରମୁଖ ଯୋଗଦାନ ରହିଥିଲା। ଏକୀକରଣ ଓ ପୁନର୍ଗଠନ କାର୍ଯ୍ୟକ୍ରମ ମାଧ୍ୟମରେ ଯେଉଁ ଗୋଷ୍ଠୀଗୁଡ଼ିକ ଅଧିକ ସୁସଙ୍ଗତ ଓ ବ୍ୟବସ୍ଥିତ ସମର୍ଥନ ପାଇଲେ, ସେମାନଙ୍କର ଲିଙ୍ଗଗତ ସମାନତା ଓ ବିକାଶରେ ଅଧିକ ପ୍ରଗତି ହୋଇଥିଲା। ସେହିପରି ଲାଇବେରିଆରେ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଲାଗି ରହିଥିବା ଗୃହଯୁଦ୍ଧର ଅବସାନ ପାଇଁ ୨୦୦୦ ଦଶନ୍ଧିର ପ୍ରାରମ୍ଭରେ ହୋଇଥିବା ବୁଝାମଣାରେ ମହିଳାଙ୍କୁ ସାମିଲ କରାଯାଇଥିଲା। ପରେ ରାଜନୀତିରେ ମହିଳାଙ୍କ ପ୍ରତିନିଧିତ୍ୱ କ୍ରମଶଃ ବୃଦ୍ଧି ପାଇଥିଲା। ଫଳରେ ୨୦୦୫ରେ ଲାଇବେରିଆରେ ଏଲେନ ଜନଶନ ସାର୍‌ଲିଫ୍ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ ଓ ଆଫ୍ରିକାରେ ପ୍ରଥମ ମହିଳା ଭାବେ ଏହି ସଫଳତା ପାଇଥିଲେ। ଏହିସବୁ ଉଦାହରଣ ଏକ ସ୍ପଷ୍ଟ ବାର୍ତ୍ତା ଦିଏ ଯେ, ଯେକୌଣସି ଶାନ୍ତି ପ୍ରକ୍ରିୟାରେ ଆଲୋଚନା, ବୁଝାମଣା ଓ ଚୁକ୍ତି ସ୍ୱାକ୍ଷରଠାରୁ ଆରମ୍ଭ କରି ଯୁଦ୍ଧ ପରବର୍ତ୍ତୀ ସ୍ଥିରତା ଓ ପୁନର୍ଗଠନ ଯୋଜନା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ମହିଳାଙ୍କୁ ସାମିଲ କରିବା ଉଚିତ। ସେମାନଙ୍କ ନିକଟରେ ସମସ୍ତ ଲାଭଭିତ୍ତିକ କାର୍ଯ୍ୟକ୍ରମ ଏବଂ ନିର୍ଦ୍ଦିଷ୍ଟ ଭାବେ ଲିଙ୍ଗଗତ ସମାଧାନ ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ପହଞ୍ଚାଯିବା ଦରକାର।

ବ୍ୟାପକ ଦୃଷ୍ଟିରୁ ଦେଖିଲେ, ଶାନ୍ତି ପ୍ରକ୍ରିୟା ସ୍ପଷ୍ଟ ଭାବେ ମହିଳା ପ୍ରତିନିଧିତ୍ୱକୁ ସ୍ୱୀକୃତି ଦେବା ସହ ପ୍ରତ୍ୟକ୍ଷ ଭାବେ ପ୍ରୋତ୍ସାହିତ କରିବା ଦରକାର। ତେବେ ଉତ୍ତରଦାୟିତ୍ୱ କମାଇବା ଲାଗି ମହତ୍ତ୍ୱାକାଂକ୍ଷୀ ଭାଷା ଉପରେ ଭରସା କରାଯାଉଥିଲେ ମଧ୍ୟ ମହିଳାଙ୍କ ଆବଶ୍ୟକତା ଓ ଯୋଗଦାନକୁ ସ୍ୱୀକାର କରି ତା' ଉପରେ କିଛି ପଦକ୍ଷେପ ନ ନେବାର ହିଁ ମାନେ କିଛି ନାହିଁ। ବରଂ ଶାନ୍ତି ପ୍ରତିଷ୍ଠାରେ ତଥା ଯୁଦ୍ଧ ଉପରାନ୍ତ ଭବିଷ୍ୟତ ଗଢ଼ିବାରେ ମହିଳାଙ୍କ ପ୍ରତିନିଧିତ୍ୱକୁ ସମର୍ଥନ କରାଯିବା ଦରକାର। ଏଥିପାଇଁ ମହିଳାଙ୍କ ଅଧିକାର ବଜାୟ ରଖିବା ଓ ସବୁ ପ୍ରକାର ନୀତି ନିର୍ଦ୍ଧାରଣରେ ସେମାନଙ୍କ ଭାଗୀଦାରିକୁ ବଢ଼ାଇବା ଲାଗି ଦୃଢ଼ ତଥା ଲାଗୁହେବା ଯୋଗ୍ୟ ପଦକ୍ଷେପ ନିଆଯିବା ଆବଶ୍ୟକ।

**ସହ-ପ୍ରାଧ୍ୟାପିକା(ଅର୍ଥନୀତି), ପ୍ରିଟୋରିଆ ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଆଫ୍ରିକା**

# ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ



ଡି. ଶୁଭମ୍

ସାଧାରଣତଃ ମାଣ୍ଡିଆ ଏକ କ୍ଷୁଦ୍ର ଦାନାଯୁକ୍ତ, ଗରମ ଦିନିଆ ଫସଲ। ଏଥିରେ ଅଧିକ ପରିମାଣରେ ପ୍ରୋଟିନ୍, ଫାଇବର, ନିଆସିନ୍, ଥାଏମିନ୍, ରାଇବୋଫ୍ଲାବିନ୍, ମିଥିଓନାଇନ, ଲେସିଥିନ୍ ଓ ଭିଟାମିନ -ଇ ଥାଏ। ଏହା ବିଭିନ୍ନ ପ୍ରକାର ଖଣିଜ ଲବଣ ଯଥା ଆଇରନ୍, ମାଗ୍ନେସିୟମ, କ୍ୟାଲସିୟମ ଓ ପଟାସିୟମରେ ଭରପୂର ଥାଏ। ସମୟ ଥିଲା ଲୋକମାନେ ନିଜ ଫୁଡ୍ ମେନୁ ଅବା ଖାଦ୍ୟଥାଳିରେ ମାଣ୍ଡିଆକୁ ଗ୍ରହଣ କରୁ ନ ଥିଲେ। ବୋଧହୁଏ ଏ ଦିଗରେ ସେତେଟା ପ୍ରଚାର ପ୍ରସାର ହୋଇ ନ ଥିବାରୁ ଏହା ଲୋକମାନଙ୍କଠାରୁ ଦୂରରେ ଥିଲା। କିନ୍ତୁ ସମୟ ବଦଳିଛି। ଲୋକଙ୍କ ଖାଦ୍ୟଥାଳିରେ ମାଣ୍ଡିଆ ପରଷା ଯାଉଛି। ଏହା ହିଁ ତ ପରିବର୍ତ୍ତନ। ଆମ ରାଜ୍ୟ ଓଡ଼ିଶା ବି ଏବେ ମାଣ୍ଡିଆ ଉତ୍ପାଦନରେ ବେଶ୍ ଆଗରେ ଅଛି। ସୁଦୂର ସୁନ୍ଦରଗଡ଼ଠୁ ଆରମ୍ଭ କରି ସୀମାନ୍ତ ମୟୂରଭଞ୍ଜ ଯାଏ ସବୁଠି ଏବେ ମାଣ୍ଡିଆର ମହକରେ ମହକିତ ହେଉଛି।

ଦେଶୀମାଣ୍ଡିଆ କଥା କହିଲେ ଆମେ ସବୁବେଳେ କୋରାପୁଟର କଥା ପ୍ରଥମେ ଭାବିଥାଉ। ଦେଶୀ ବିହନ, ଦେଶୀଚାଷ ଏସବୁର ସଂଜ୍ଞା ଏବେ ବୁଝାଇବାର ଆବଶ୍ୟକତା ନାହିଁ। କିନ୍ତୁ ଯେଉଁ ଦେଶୀମାଣ୍ଡିଆ ପାଇଁ ଓଡ଼ିଶା ତା'ର ପରିଚୟ ବହନ କରିଥିଲା ଆମର ଉତ୍ତରଦାୟିତ୍ୱ ଦେଶୀମାଣ୍ଡିଆର ଉପଯୁକ୍ତ ସଂରକ୍ଷଣ। ତେବେ ଏ ଦିଗରେ କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକର ଗଠନ ଅପରିହାର୍ଯ୍ୟ। ଯାହାସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ଆବଶ୍ୟକତାକୁ ମେଣ୍ଟାଇବାରେ ସାହାଯ୍ୟ କରିପାରିବ। ଓଡ଼ିଶାରେ କାଳିଆ ମାଣ୍ଡିଆ, ବଡ଼ତାରା ମାଣ୍ଡିଆ, ଜାମମାଣ୍ଡିଆ ପରି ବିହନକୁ ନିଜେ ସଂରକ୍ଷଣ କରିବା ସହ ଚାଷୀମାନେ ଆଖପାଖର ଗାଁଲୋକମାନଙ୍କୁ ଚାଷକରିବାକୁ ଦେଇଥାନ୍ତି। ପ୍ରତିବଦଳରେ ଚାଷ ପରେ ସେହି ବିହନକୁ ପୁଣି ସେମାନେ ଦେଇଥିବା ଚାଷୀଙ୍କୁ ଫେରାଇଥାନ୍ତି। ସତରେ କେଡ଼େ ନିଆରା ପ୍ରୟାସ। ବାସ୍ତବରେ ଆମ ଦେଶୀବିହନ ଆଜି ବିଳାପ କରୁଛି। ଅନ୍ତର୍ଜାତୀୟ କୃଷିବିଜ୍ଞାନୀ ରୋନିଭେରୋନ କହିଥିଲେ, ଉତ୍ତମ ଗୁଣ ଥିବା ଦେଶୀବିହନଗୁଡ଼ିକ ଆମ ପରବର୍ତ୍ତୀ ପିଢ଼ିପାଇଁ ଏକ ଶୁଭସଙ୍କେତ। ଏ ଦିଗରେ କମ୍ୟୁନିଟିବିହନ ବ୍ୟାଙ୍କଗୁଡ଼ିକ ଅଗ୍ରାଧିକାର ସ୍ୱରୂପ ଗଠନ ହେବା ଜରୁରୀ। କାରଣ ଏଥିରେ ଅନ୍ତର୍ଭୁକ୍ତ ଚାଷୀମାନେ ବିହନର ବିପଣନ, ଅମଳ, ସଂରକ୍ଷଣ ତଥା ଏହାର ଗୁଣାତ୍ମକ ଉତ୍ପାଦନ ଉପରେ ଗୁରୁତ୍ୱ ଦେଇଥାନ୍ତି। ବିଶେଷକରି ଜଳବାୟୁର ଏହି ଅନିୟମିତତା ସମୟରେ ଏହି କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକର ଏକ ବଡ଼ ଭୂମିକା ରହିଥାଏ। ଏହା ମାଧ୍ୟମରେ ଚାଷୀମାନେ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତକରି ଏହାର ଉତ୍ପାଦନ ତଥା ବିକ୍ରୟ ଉପରେ ଗୁରୁତ୍ୱ ଦେଇଥାନ୍ତି। ଏହା ବ୍ୟତୀତ ଜାତୀୟସ୍ତରରେ 'ସିଡ୍ ଫର ନିଡ୍' ଉପରେ ଅନେକ ଗୁରୁତ୍ୱ ଦିଆଯାଇଛି। ଯାହା କୃଷିକ୍ଷେତ୍ରରେ ବିବିଧତାକୁ ରକ୍ଷାକରିବା ଦିଗରେ ମୁଖ୍ୟ ଭୂମିକା ନେଇଛି। ମୁଖ୍ୟତଃ ଏହି ପ୍ରୟାସଗୁଡ଼ିକ ଚାଷୀମାନଙ୍କୁ ଏକତ୍ରକରି ଏକ ମଧୁମୟ ଭବିଷ୍ୟତ ଗଠନ ସହ ଖାଦ୍ୟ ନିରାପତ୍ତାକୁ କିପରି ମୁକାବିଲା କରାଯାଇ ପାରିବ, ସେ ଦିଗରେ ପ୍ରବର୍ତ୍ତାଇଥାଏ। ଯାହା ସ୍ଥାନୀୟ ସ୍ତରରେ ଚାଷୀମାନଙ୍କ ମଧ୍ୟରେ ଏହି ଦେଶୀ ବିହନକୁ ନେଇ ସଚେତନତା ବୃଦ୍ଧିକରିଥାଏ। ଏହି କମ୍ୟୁନିଟି ବିହନ ବ୍ୟାଙ୍କଗୁଡ଼ିକ ବିଗତ ୨୦ ବର୍ଷ ମଧ୍ୟରେ ଚାଷୀମାନଙ୍କ ଅଧିକାର ଉପରେ କାମକରୁଛି। ଏହି ଗୋଷ୍ଠୀଭିତ୍ତିକ ବିହନ ସଂରକ୍ଷଣ ମାଧ୍ୟମରେ ଆମେ ଶ୍ରୀଅନ୍ନର ଅଧିକ ପ୍ରସାର କରିପାରିବା।

କେବଳ ପୁଷ୍ଟି ଶସ୍ୟରେ ସୀମିତ ନ ରହି ମାଣ୍ଡିଆ ଆଜି ଏକ ବିପ୍ଲବ ସୃଷ୍ଟିକରିଛି। ତେବେ କମ୍ୟୁନିଟି ସିଡ୍ ବ୍ୟାଙ୍କ ମାଧ୍ୟମରେ ଆମେ ଶ୍ରୀଅନ୍ନର ବିହନ ସଂରକ୍ଷଣ ଉପରେ ଅଧିକ ଧ୍ୟାନ ଦେଇପାରିବା। ଅନେକ ଚାଷୀ ଏବେ ମାଣ୍ଡିଆର ବିଭିନ୍ନ କିସମକୁ ସଂରକ୍ଷଣ କରିବା ଦିଗରେ ମଧ୍ୟ ଧ୍ୟାନ ଦେଉଛନ୍ତି। ଏପରିକି ଓଡ଼ିଶା ମାଣ୍ଡିଆର ଚାରୋଟି ଭୂପ୍ରଜାତି ଯଥା -କୁନ୍ଦ୍ରବାଟି, ମାଲ୍ୟବନ୍ତ ମାମି, ଗୁପ୍ତେଶ୍ୱର ଭାରତୀ ଓ ଲକ୍ଷ୍ମୀପୁର କାଳିଆ ଜାରି କରିବାରେ ପ୍ରଥମ ରାଜ୍ୟ। କୃଷିଭିତ୍ତିକ ରାଜ୍ୟ ଓଡ଼ିଶାରେ ଏହି ବିହନ ବ୍ୟାଙ୍କଗୁଡ଼ିକର ଆବଶ୍ୟକତା ରହିଛି। ଅନେକ ବେସରକାରୀ ସଂସ୍ଥା ଏ ଦିଗରେ ନିଜର ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରୁଛନ୍ତି। କେବଳ ଜୈବକୃଷି ନାରା ଦେଇ ଆମେ ଚୁପ୍‌ରହିଲେ ହେବ ନାହିଁ ବରଂ ଏହାର ବାସ୍ତବତାକୁ ଉପଲବ୍ଧି କରିବା ସହ ଆମେ ବିଲୁପ୍ତହେବାକୁ ଯାଉଥିବା ଏହି ଦେଶୀ ବିହନଗୁଡ଼ିକର ସଂରକ୍ଷଣ ଦିଗରେ ଅଣ୍ଟାଭିଡ଼ିବା।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**
**ମୋ:୯୪୩୮୪୬୭୦୭୯**

## ଏଇ ଭାରତରେ

ମହାରାଷ୍ଟ୍ର ଠାଣେର ହେନିକ ଗାଲା ଓ ଶ୍ରେୟାସ ଜଲାପୁର ସ୍କୁଲରେ ପଢ଼ିବାବେଳେ ଜଣେ କବାଡିବାଲାଙ୍କ କାର୍ଯ୍ୟକୁ ଦେଖୁଥିଲେ। ଏହି ଦୁଇ ବନ୍ଧୁ ସ୍କୁଲ ଶିକ୍ଷା ଶେଷ କରି ଉଚ୍ଚଶିକ୍ଷା ଲାଭ କରିବା ପରେ କବାଡିବାଲାଙ୍କ କାମର ଗୁରୁତ୍ୱକୁ ଉପଲବ୍ଧି କରି ବର୍ଜ୍ୟ ସଂଗ୍ରହ ଓ ସେଗୁଡ଼ିକର ରିସାଇକିଲିଂ କରୁଛନ୍ତି। ସେମାନେ 'ସ୍କ୍ରାପ୍ ଜି'ଷ୍ଟାର୍ଟଅପ ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଏହାକୁ ସେମାନେ ୨୦୨୩ରେ ପ୍ରତିଷ୍ଠା କରିଥିଲେ। ପ୍ରତି ମାସରେ ସେମାନେ ୧୦,୦୦୦ କେଜି ବର୍ଜ୍ୟ ରିସାଇକିଲିଂ କରିବାକୁ ସକ୍ଷମ ହେଉଛନ୍ତି। ସେମାନଙ୍କ ସହ ଅନେକ ଯୁବକ ମଧ୍ୟ ଯୋଗଦେଇଛନ୍ତି । ମୁଖ୍ୟତଃ ଖବରକାଗଜ, ପ୍ଲାଷ୍ଟିକ, ଧାତବ ଓ ଇ ବର୍ଜ୍ୟ ଲୋକଙ୍କଠାରୁ ସଂଗ୍ରହ କରାଯାଉଛି। ଏବେ ସୁଦ୍ଧା ୨୦୦୦ରୁ ଊର୍ଦ୍ଧ୍ୱ ପରିବାରୁ ଏସବୁ ସଂଗ୍ରହ ହେଉଛି ଓ ସେମାନଙ୍କୁ ମଧ୍ୟ ଏବାବଦରେ ଟଙ୍କା ଦିଆଯାଉଛି। ୱେବ୍‌ସାଇଟ ଓ ହ୍ୱାଟ୍‌ସଆପ୍ ମାଧ୍ୟମରେ ଏହିସବୁ ପରିବାର ସହ ଯୋଗାଯୋଗ ରଖିଛନ୍ତି ଏବଂ ଠିକ୍ ସମୟରେ ଗାଡ଼ିରେ ପରିବାରଗୁଡ଼ିକରୁ ବର୍ଜ୍ୟ ଆଣିବାର ବ୍ୟବସ୍ଥା କରିବା ସହ ରିସାଇକିଲିଂ ସେଣ୍ଟରକୁ ପଠାଯାଉଛି। ସ୍କ୍ରାପ ଜି' କାରବାର ଏବେ ୨୫ ଲକ୍ଷ ଟଙ୍କାକୁ ଟପିଗଲାଣି ଓ ୨୦୨୫ ସୁଦ୍ଧା ୧ କୋଟି ଟଙ୍କାରେ ପହଞ୍ଚିବାର ଲକ୍ଷ୍ୟ ରଖିଛନ୍ତି ଏହି ଦୁଇବନ୍ଧୁ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୩ ମେ ୧୯୭୬

- ଯୌତୁକ ଦେବା କିମ୍ବା ଗ୍ରହଣ କରିବା ଏକ ଧର୍ତ୍ତବ୍ୟ ଅପରାଧ ବୋଲି ପଞ୍ଜାବରେ ଆଇନ ପ୍ରଣୟନ କରାଯାଇଛି।
- ଭାରତର ପ୍ରଥମ ସମୁଦ୍ର ଶଯ୍ୟାସ୍ଥିତ ତୈଳ ଉତ୍ପାଦନ କେନ୍ଦ୍ର 'ବମ୍ବେ ହାଇ'ରୁ ବ୍ୟାବସାୟିକ ସୂତ୍ରରେ ତୈଳ ଉତ୍ପାଦନ କାର୍ଯ୍ୟ ଆରମ୍ଭ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | 5 | | | | |
| 4 | | | 1 | | | | | 3 |
| | | 1 | | | | | | 2 |
| | | 5 | | | | | | |
| 2 | | | | | 3 | | 9 | |
| | | 3 | | 7 | | | 6 | |
| | 4 | | 8 | 1 | | | | |
| | | 8 | | | | 2 | 1 | |
| | 7 | | | | | 6 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 4 | 7 | 9 | 6 | 5 | 2 | 3 |
| 5 | 2 | 7 | 8 | 1 | 3 | 4 | 9 | 6 |
| 6 | 9 | 3 | 4 | 5 | 2 | 8 | 7 | 1 |
| 7 | 3 | 5 | 9 | 4 | 1 | 6 | 8 | 2 |
| 9 | 8 | 1 | 2 | 6 | 5 | 7 | 3 | 4 |
| 4 | 6 | 2 | 3 | 8 | 7 | 9 | 1 | 5 |
| 1 | 7 | 6 | 5 | 2 | 8 | 3 | 4 | 9 |
| 2 | 4 | 8 | 6 | 3 | 9 | 1 | 5 | 7 |
| 3 | 5 | 9 | 1 | 7 | 4 | 2 | 6 | 8 |

ଗତକାଲିର ଉତ୍ତର

# ଜଳସଙ୍କଟର ସମାଧାନ



ବରେଣ୍ୟ ଦାସ

ଜଳ ହେଉଛି ଜୀବନର ମୂଳାଧାର, କିନ୍ତୁ ଭାରତରେ ଜଳସଙ୍କଟ ଏକ ଗମ୍ଭୀର ଚ୍ୟାଲେଞ୍ଜ ଭାବେ ଉଭାହୋଇଛି। ନୀତି ଆୟୋଗର ୨୦୧୮ ରିପୋର୍ଟ ଅନୁସାରେ ଭାରତର ୬୦୦ ନିୟୁତ (୪୫% ଜନସଂଖ୍ୟା) ଲୋକ ଅତି ଗମ୍ଭୀର ଜଳସଙ୍କଟର ସମ୍ମୁଖୀନ ହେଉଛନ୍ତି। ୨୦୩୦ ସୁଦ୍ଧା ଦେଶର ଜଳ ଚାହିଦା ଉପଲବ୍ଧ ଜଳର ଦୁଇଗୁଣ ହେବ ବୋଲି ଆକଳନ କରାଯାଇଛି। ଭାରତ ବିଶ୍ୱ ଜନସଂଖ୍ୟାର୧୮% ଅଧିକାର କରୁଥିବା ସତ୍ତ୍ୱେ, ମାତ୍ର ୪% ମଧୁର ଜଳସମ୍ପଦ ରହିଛି। ଜଣେ ବ୍ୟକ୍ତିଙ୍କ ପାଇଁ ଜଳ ଉପଲବ୍ଧତା ୧୧୦୦ଘନମିଟର, ଯାହା ଜଳ ଅଭାବର ଅନ୍ତର୍ଜାତୀୟ ସୀମା (୧୭୦୦ଘନମିଟର)ଠାରୁ କମ୍। ମୌସୁମୀ ବର୍ଷାରେ ଅସମତା ଏହି ସମସ୍ୟାକୁ ଜଟିଳ କରୁଛି। ଉଦାହରଣ ସ୍ୱରୂପ, ୨୦୧୯ରେ ମହାରାଷ୍ଟ୍ର, ତାମିଲନାଡୁ ଓ କର୍ନାଟକ ଭଳି ରାଜ୍ୟଗୁଡ଼ିକ କମିଥିଲା, ଯାହା ପାଇଁ ଜଳାଶୟଗୁଡ଼ିକ ହ୍ରାସ ପାଇଥିଲା। ଭାରତର ୮୫% ପାନୀୟ ଓ କୃଷି ଜଳ ଭୂମିଗତ ଜଳ ଉପରେ ନିର୍ଭର କରେ। କେନ୍ଦ୍ରୀୟ ଭୂମିଗତ ଜଳ ବୋର୍ଡ (ସିଜିଡବ୍ଲ୍ୟୁବି)ଅନୁସାରେ ୧୪୬୦ବ୍ଲକ ମଧ୍ୟରୁ ୨୫୬ଟିରେ ଜଳସ୍ତର 'ଗମ୍ଭୀର' ବା 'ଅତ୍ୟଧିକ ଶୋଷିତ' ଶ୍ରେଣୀରେ। ପଞ୍ଜାବରେ ୭୯% ଓ ହରିୟାଣାରେ ୬୧% ଭୂମିଗତ ଜଳ ଅଞ୍ଚଳ ଅତ୍ୟଧିକ ଶୋଷିତ। ବିଶ୍ୱବ୍ୟାଙ୍କର ୨୦୧୮ରିପୋର୍ଟ ଅନୁସାରେ ଭାରତ ବାର୍ଷିକ୨୫୧ବିଲିୟନ ଘନମିଟର ଭୂମିଗତ ଜଳ ଉତ୍ତୋଳନ କରୁଛି, ଯାହା ବିଶ୍ୱର ସର୍ବାଧିକ।

କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁସାରେ, ଭାରତର ୭୦% ଉପରିସ୍ଥ ଜଳ ପ୍ରଦୂଷିତ। ଗଙ୍ଗାନଦୀରେ ୨୭୫ ସହରରୁ ୬୦୦୦କୋଟି ଲିଟର ଜଳ ନିଷ୍କାସନ ହେଉଛି, ଯାହାର ୮୦% ଅଶୋଧିତ। ଏହା ସହ କୃଷିରେ ବ୍ୟବହୃତ ରାସାୟନିକ ସାର ଓ କୀଟନାଶକ ଯୋଗୁ ୩୦% ଭୂମିଗତ ଜଳ ଆର୍ସେନିକ, ଫ୍ଲୋରାଇଡ ଓ ନାଇଟ୍ରେଟ୍‌ଦ୍ୱାରା ଦୂଷିତ। ଏହା ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟିକରୁଛି, ଯେଉଁଠାରେ ପ୍ରତିବର୍ଷ ୧.୫ ନିୟୁତ ଶିଶୁ ଅପରିଷ୍କାର ଜଳଜନିତ ରୋଗରେ ମୃତ୍ୟୁବରଣ କରୁଛନ୍ତି। କୃଷିକ୍ଷେତ୍ର ଭାରତର ୮୫% ମଧୁରଜଳ ବ୍ୟବହାର କରୁଛି, କିନ୍ତୁ ଅତ୍ୟଧିକ ଜଳସେଚନ ଯୋଗୁ ୬୫% ଜଳନଷ୍ଟ ହେଉଛି। ସହରୀ ଜଳବଣ୍ଟନରେ ଲିକେଜ ଯୋଗୁ ମୁମ୍ବାଇରେ ୩୫% ଓ ଦିଲ୍ଲୀରେ ୪୦% ଜଳ ନଷ୍ଟ ହେଉଛି। ଏହା ସହିତ, ଜଳସଂରକ୍ଷଣ ପାଇଁ ଅପର୍ଯ୍ୟାପ୍ତ ନିବେଶ ଓ ଅବ୍ୟବସ୍ଥାପନା ସଙ୍କଟକୁ ବୃଦ୍ଧିକରୁଛି।

ଜଳସଙ୍କଟ ମହିଳା ଓ ଶିଶୁମାନଙ୍କୁ ଅଧିକ ପ୍ରଭାବିତ କରୁଛି। ଗ୍ରାମାଞ୍ଚଳରେ ମହିଳାମାନେ ଦୈନିକ ୩-୪ଘଣ୍ଟା ପାଣି ଆଣିବାରେ ବ୍ୟୟ କରନ୍ତି, ଯାହା ସେମାନଙ୍କ ଶିକ୍ଷା ଓ ରୋଜଗାର ସୁଯୋଗକୁ ସୀମିତ କରୁଛି ଓ ଅର୍ଥନୀତିରେ୧.୫% ଜିଡିପି ହ୍ରାସ ଘଟାଉଛି। ଅପରିଷ୍କାର ଜଳ ଯୋଗୁ ପ୍ରତିବର୍ଷ ୪ଲକ୍ଷ ଲୋକ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ଜଳ ସଙ୍କଟର ମୂଳ କାରଣଗୁଡ଼ିକ ଶିଳ୍ପାୟନ, ସହରୀକରଣ, ଜଳବାୟୁ ପରିବର୍ତ୍ତନ ଓ ନୀତିଗତ ଅସଙ୍ଗତି। ଭାରତର ଜନସଂଖ୍ୟା ୧୯୫୧ରେ ୩୬ କୋଟି ଥିବାବେଳେ ୨୦୨୫ରେ ୧୪୦କୋଟି ଅତିକ୍ରମ କରିଛି, ଯାହା ଜଳ ଚାହିଦାକୁ ୩୦୦% ବୃଦ୍ଧିକରିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ମୌସୁମୀ ବର୍ଷାରେ୧୫-୨୦% ଅନିୟମିତତା ଦେଖାଦେଇଛି, ଯାହା ଜଳାଶୟ ଓ ନଦୀଗୁଡ଼ିକୁ ହ୍ରାସକରିଛି। ଉଦାହରଣ ସ୍ୱରୂପ ୨୦୧୯ରେ ଚେନ୍ନାଇରେ ଜଳସଙ୍କଟ ଏତେ ଗମ୍ଭୀର



ହୋଇଥିଲା ଯେ ୨୦୦କିଲୋମିଟର ଦୂରରୁ ଟ୍ରେନ୍ ଯୋଗେ ୧୦ନିୟୁତ ଲିଟର ଜଳ ଆଣିବାକୁ ପଡ଼େ।

ଭାରତରେ ଜଳସଙ୍କଟ ନିରାକରଣ ପାଇଁ ପରିମାଣଗତ ଓ ବାସ୍ତବ ସମ୍ମତ ସମାଧାନ ଆବଶ୍ୟକ। ଏକ ସମନ୍ୱିତ ପଦକ୍ଷେପ ମାଧ୍ୟମରେ ଏହି ସଙ୍କଟକୁ ୨୦୩୦ ସୁଦ୍ଧା ୫୦% ହ୍ରାସ କରାଯାଇ ପାରେ। ବର୍ଷାଜଳ ସଂଗ୍ରହ ଓ ଭୂମିଗତ ଜଳ ରିଚାର୍ଜ ଉପରେ ଗୁରୁତ୍ୱଦେବା ଆବଶ୍ୟକ। ଉଦାହରଣ ସ୍ୱରୂପ ମହାରାଷ୍ଟ୍ରର ଜଳଯୁକ୍ତ ଶିବାର ପ୍ରକଳ୍ପ ୨୦୧୬-୨୦୨୦ ମଧ୍ୟରେ ୨୨,୦୦୦ ଗ୍ରାମରେ ୫୦,୦୦୦ ଜଳସଂରକ୍ଷଣ ଷ୍ଟ୍ରକଚର ନିର୍ମାଣ କରି ଭୂମିଗତ ଜଳସ୍ତର ୧.୫ ମିଟର ବୃଦ୍ଧି କରିଛି। ଏହି ମଡେଲକୁ ଦେଶବ୍ୟାପୀ ୫୦୦,୦୦୦ ଷ୍ଟ୍ରକଚର ନିର୍ମାଣ କରି ବାର୍ଷିକ ୧୦୦ ବିଲିୟନ ଘନମିଟର (ବିସିଏମ୍) ଜଳ ସଂରକ୍ଷଣ କରାଯାଇ ପାରିବ।

କୃଷିକ୍ଷେତ୍ରରେ ଜଳସେଚନ ଦକ୍ଷତା ବୃଦ୍ଧି କରାଯାଇପାରେ। ୨୦୨୮ ସୁଦ୍ଧା କୃଷିଜଳ ବ୍ୟବହାର ୪୦% ହ୍ରାସକରି ୧୫୦ ବିସିଏମ୍ ଜଳ ସଂରକ୍ଷଣ କରାଯାଇପାରିବ। ଏଥିପାଇଁ ଡ୍ରିପ ଓ ସ୍ପ୍ରିଙ୍କଲର ଜଳସେଚନକୁ ୫୦% କୃଷକଙ୍କ ମଧ୍ୟରେ ପ୍ରୋତ୍ସାହିତ କରାଯାଇପାରିବ। ଉଦାହରଣ ସ୍ୱରୂପ ଗୁଜରାଟରେ ଡ୍ରିପ ଜଳସେଚନ ୩୦% ଜଳ ସଂରକ୍ଷଣ କରିଛି ଓ ଫସଲ ଉତ୍ପାଦନ ୨୦% ବୃଦ୍ଧି କରିଛି।

ଜଳପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ପ୍ରତି ସହରରେ ଅପଶିଷ୍ଟ ଜଳଶୋଧନ ପ୍ଲାଣ୍ଟ (ଏସ୍‌ଟିପି) ସ୍ଥାପନ କରାଯାଇପାରେ। ଯେମିତି ସୁରଟରେ ୧୧୫ଟି ଏସ୍‌ଟିପେ ୨୦୨୦ରେ ୩୦% ଅପଶିଷ୍ଟ ଜଳ ପୁନଃବ୍ୟବହାର କରିଛି। ଦେଶବ୍ୟାପୀ ୫୦୦୦ ଏସ୍‌ଟିପି ସ୍ଥାପନ କରି ବାର୍ଷିକ ୧୮,୨୫୦ ନିୟୁତ ଲିଟର ଜଳ ପୁନଃ ବ୍ୟବହାର କରାଯାଇପାରେ। ଏହା ସହିତ, ଶିଳ୍ପପାଇଁ 'ଜିରୋଲିକ୍ୱିଡ ଡିସ୍‌ଚାର୍ଜ' ନୀତି କଠୋର କାର୍ଯ୍ୟକାରୀ କରିବା ଆବଶ୍ୟକ।

ସହରୀ ଜଳବଣ୍ଟନ ବ୍ୟବସ୍ଥାରେ ଉନ୍ନତି କରିବା ଆବଶ୍ୟକ। ୨୦୨୮ ସୁଦ୍ଧା ସହରୀ ଜଳ ଲିକେଜ ୧୫%କୁ ହ୍ରାସ କରି ୨୦ ବିସିଏମ୍ ଜଳ ସଂରକ୍ଷଣ କରାଯାଇପାରିବ। ସ୍ମାର୍ଟମିଟରିଂ ଓ ପାଇପଲାଇନ ମରାମତି ମାଧ୍ୟମରେ ଜଳବଣ୍ଟନ ଦକ୍ଷତା ବୃଦ୍ଧି କରାଯାଇପାରେ। ବେଙ୍ଗାଲୁରୁରେ ସ୍ମାର୍ଟମିଟରିଂ ମାଧ୍ୟମରେ୧୫% ଜଳ ନଷ୍ଟ ହ୍ରାସ କରାଯାଇଛି।

ସାମୁଦାୟିକ ଅଂଶଗ୍ରହଣ ଓ ସଚେତନତାକୁ ପ୍ରୋତ୍ସାହନ ଆଉ ଗୋଟିଏ ଉପାୟ। ୨୦୩୦ ସୁଦ୍ଧା ୭୫% ଗ୍ରାମପଞ୍ଚାୟତରେ ଜଳ ସଂରକ୍ଷଣ କମିଟି ଗଠନ କରାଯାଇପାରେ। ସ୍ଥାନୀୟ ସ୍ତରରେ ଜଳ ବ୍ୟବସ୍ଥାପନା ପାଇଁ ଗ୍ରାମବାସୀଙ୍କୁ ଟ୍ରେନିଂ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରେ। ଯେମିତି ରାଜସ୍ଥାନର ତରୁଣ ଭାରତ ସଙ୍ଗଠନ ୧୦୦୦ ଗ୍ରାମରେ ଜଳସଂରକ୍ଷଣ କମିଟି ଗଠନ କରି ୨୫% ଜଳ ବ୍ୟବହାର ହ୍ରାସ କରିଛି।

ଭାରତର ଜଳସଙ୍କଟ ଏକ ବହୁମୁଖୀ ସମସ୍ୟା, ଯାହା ଦେଶର ସ୍ଥାୟୀ ଉନ୍ନୟନକୁ ବାଧା ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ସରକାର, ସମାଜ ଓ ବ୍ୟକ୍ତିଗତ ସ୍ତରରେ ଦୃଢ଼ ପ୍ରତିବଦ୍ଧତା ଆବଶ୍ୟକ। ନୀତିଗତ ସଂସ୍କାର, ପ୍ରଯୁକ୍ତିଗତ ନବୋନ୍ମେଷ ଓ ସାମୁଦାୟିକ ସହଯୋଗ ମାଧ୍ୟମରେ ଜଳ ସମ୍ପଦର ଠିକ ବ୍ୟବହାର ଓ ସୁରକ୍ଷା ସମ୍ଭବ। ଏକ ସମୃଦ୍ଧ ଓ ସୁସ୍ଥ ଭାରତ ଗଠନ ପାଇଁ ଜଳ ସଙ୍କଟର ନିରାକରଣ ଅତ୍ୟନ୍ତ ଜରୁରୀ। ସମୟୋଚିତ ଓ ସମନ୍ୱିତ ପ୍ରୟାସ ଦ୍ୱାରା ଆମେ ଆଗାମୀ ପିଢ଼ି ପାଇଁ ଜଳ-ସୁରକ୍ଷିତ ଭବିଷ୍ୟତ ନିଶ୍ଚିତ କରିପାରିବା।

**କୋଲକାତା**
**ମୋ: ୮୩୩୫୯୪୯୪୭୭**

## ଚିରନ୍ତନୀ

ଜୀବନର ଭାବନାରେ
ବହିଯାଏ ମୋର ପ୍ରତିକ୍ଷଣ,
ନାହିଁ ବେଳ କରିବାକୁ
ମୁକ୍ତି ଅବା ମୃତ୍ୟୁର ଚିନ୍ତନ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଛ ବଞ୍ଚାଯାଉ

ମହାଶୟ,

ବିଏମ୍‌ସି ଅଧୀନରେ ଥିବା କାର୍‌ଗିଲ ରୋଡ୍ ଓ ପୋଖରୀପୁଟ ଛକଠାରୁ ମଧୁସୂଦନ ପାର୍କ ପର୍ଯ୍ୟନ୍ତ ଜଳ ନିଷ୍କାସନ ନିମିତ୍ତ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଆଳରେ ପାର୍କ ପାର୍ଶ୍ୱରେ ଥିବା ଶହ ଶହ ଗଛ କଟାଯାଉଛି। ଫଳରେ ରାସ୍ତା ପାର୍ଶ୍ୱରେ ଥିବା ଗଛ ଶୂନ୍ୟ ହୋଇଯିବ। ଗଛ ବଞ୍ଚାଇବା ପାଇଁ ଉଦ୍ୟମ ହେବା ଉଚିତ। ଗଛକୁ ଛାଡ଼ି ନିକଟସ୍ଥ ଫୁଟ୍‌ପାଥ୍‌ରେ ଡ୍ରେନ୍ ନିର୍ମାଣ କରାଗଲେ କିଛି ଅସୁବିଧା ହେବନାହିଁ। ବିଡିଏ ବୃକ୍ଷ ରୋପଣ ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଡ୍ରେନ୍ ନିର୍ମାଣ ଆଳରେ ବୃକ୍ଷ କାଟିବା କାହା ସ୍ୱାର୍ଥରେ ବୋଲି ଲୋକେ ପ୍ରଶ୍ନ କରୁଛନ୍ତି। ଗଛ ବଞ୍ଚାଇବା ସଙ୍ଗେ ସଙ୍ଗେ ଡ୍ରେନ୍ ନିର୍ମାଣ କଲେ ଜନସାଧାରଣ ଉପକୃତ ହେବେ।

**-ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଗୁରୁବାର ଯାଜପୁର ଜିଲା କଳିଙ୍ଗନଗରଠାରେ ଆୟୋଜିତ ଉଦ୍‌ଘାଟନୀ ଓ ଶିଳାନ୍ୟାସ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି । ମଞ୍ଚରେ ନିମନ୍ତ୍ରିତ ଅତିଥିବୃନ୍ଦ ।

# ୨୪ ଶିଳ୍ପ କାରଖାନା ଉଦ୍‌ଘାଟିତ, ଶିଳାନ୍ୟାସ

## ୩୫,୮୩୮ ନୂତନ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ

ଯାଜପୁର/କଳିଙ୍ଗନଗର(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ),୨୨।୫ :

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ୨୪ଟି ବୃହତ୍ ଶିଳ୍ପ କାରଖାନାର ଶୁଭ ଉଦ୍‌ଘାଟନ ଏବଂ ଶିଳାନ୍ୟାସ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏଥିରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କା ବିନିଯୋଗ ହୋଇଥିବାବେଳେ ୩୬ ହଜାର ନୂତନ ନିଯୁକ୍ତି ସୃଷ୍ଟି ହେବ ବୋଲି ସରକାରଙ୍କ ପକ୍ଷରୁ ଦାବି କରାଯାଇଛି। ସେଥିମଧ୍ୟରୁ ଟାଟା ଷ୍ଟିଲ ସମ୍ପ୍ରସାରଣ ପ୍ରକଳ୍ପରେ ୪୭,୫୯୯ କୋଟି ଟଙ୍କା ବିନିଯୋଗ ହୋଇଥିବାବେଳେ ୪,୬୨୫ ନୂତନ ନିଯୁକ୍ତି ଦେବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଏଥିରେ ୬୧,୭୬୯ କୋଟି ଟଙ୍କା ବିନିଯୋଗ ହେଉଥିବାବେଳେ ୧୪ ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହାବାଦ୍ ଜିନ୍ଦଲ ଷ୍ଟେନଲେସ ଷ୍ଟିଲ ଗ୍ରୁପର ୪୭୦ କୋଟି ଟଙ୍କା ବିନିଯୋଗ କରି ପେଟ୍ରୋଲିୟମ ଏବଂ ସୋଲାର ପାୱାର ଭେନ୍‌ଚର ପ୍ରକଳ୍ପ ରହିଛି। ଏଥିରେ ୫୫୦ ଜଣଙ୍କୁ ନିଯୁକ୍ତି ମିଳିବ। ୧୬୧.୫୭ କୋଟି ଟଙ୍କାର ଅବିସ ଏକ୍ସପୋର୍ଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ ପୋଲଟ୍ରି ଫିଡ ପ୍ଲାଣ୍ଟରେ ୮୫୦ ନୂତନ ନିଯୁକ୍ତି ସୃଷ୍ଟି କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାବାଦ ୨୨୦ କୋଟି ଟଙ୍କାର ଜଟିଆ ଷ୍ଟିଲ କାରଖାନା ଉଦ୍‌ଘାଟିତ ହୋଇଛି। ଏଥିରେ ୩୨୫ ଜଣଙ୍କୁ ନିଯୁକ୍ତି ମିଳିବ।

୬୧,୭୬୯ କୋଟି ଟଙ୍କାର ଶିଳାନ୍ୟାସ ପ୍ରକଳ୍ପରେ ଟାଟା ଷ୍ଟିଲ ଦ୍ୱାରା ପରିଚାଳିତ ନୀଳାଚଳ ଇସ୍ପାତ ନିଗମ ଲିଃ, ୧୫୨୪ କୋଟି ଟଙ୍କାର ଇମ୍ପା, ୧୦୦୦ କୋଟି ଟଙ୍କାର ଟାଟା ଲିଃ(ଗ୍ରୋଥ ସପ୍), ୬୨୮ କୋଟିଟଙ୍କାର ଆନନ୍ଦ ଏକ୍ସପର୍ଟ, ୪୨୫ କୋଟି ଟଙ୍କାର ଲିଣ୍ଡେ ଇଣ୍ଡିଆ ଲିଃ, ୩୦୦ କୋଟି ଟଙ୍କାର ଭିସିଆଇ ଇଣ୍ଡଷ୍ଟ୍ରିଜ ଲିଃର ସମ୍ପ୍ରସାରଣ, ୯୯.୫୪ କୋଟି ଟଙ୍କାର ସାନ୍ଧୁ ଟ୍ୟୁବ୍ସ ପ୍ରାଇଭେଟ ଲିଃ, ୮୯.୯୦ କୋଟି ଟଙ୍କାର ସାଇଜର ଇଣ୍ଟରପ୍ରାଇଜ ପ୍ରାଇଭେଟ ଲିଃ, ୫୭ କୋଟି ଟଙ୍କାର ଟିଓ୍ୱାଇକେ ସିରାମିକ୍ସ ଇଣ୍ଡିଆ, ୫୦.୬୦ କୋଟି ଟଙ୍କାର ଆଲମାମେଟ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ୪୩.୮୮ କୋଟି ଟଙ୍କାର ରୁଙ୍ଗ୍‌ଟା ଏଜେନ୍ସି ପ୍ରାଇଭେଟ ଲିମିଟେଡ, ୭୨ କୋଟି ଟଙ୍କାର ନିଉ ଇଣ୍ଡଷ୍ଟ୍ରିଜ ମେଟାଲ ପ୍ରୋସେସିଂ ପ୍ରାଇଭେଟ ଲିଃ, ୫୦.୧୦ କୋଟି ଟଙ୍କାର କୋରଓ୍ୱେର ସରଫେସ୍ ଟେକ୍ନୋଲୋଜି ପ୍ରା.ଲିଃ., ୨୮ କୋଟି ଟଙ୍କାର ପ୍ଲାଷ୍ଟୋକେମ ଇଣ୍ଡିଆ ପ୍ରା.ଲିଃ., ୧୬.୬୫ କୋଟି ଟଙ୍କାର ଏମ୍ପାୟାର ଅଟୋ ପ୍ରାଇଭେଟ ଲିଃ, ୧୦.୭୦ କୋଟି ଟଙ୍କାର ଲାଲଚାନ୍ଦ ଏଣ୍ଡ ସନ୍ସ, ୯ କୋଟି ଟଙ୍କାର ଏସକେଆର୍‌କେ ଏଣ୍ଟରପ୍ରାଇଜେସ ପ୍ରା.ଲିଃ., ୬.୯୭ କୋଟି ଟଙ୍କାର ଗ୍ଲୁକ ଫ୍ଲୁଡ କନେକ୍ଟର ପ୍ରାଇଭେଟ ଲିଃ ଏବଂ ୧.୫୦ କୋଟି ଟଙ୍କାର ଲେଚଲର ଇଣ୍ଡିଆ ପ୍ରା.ଲି. ପ୍ରକଳ୍ପ ରହିଛି। ତେବେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଦୀର୍ଘ ବର୍ଷ ଧରି ସ୍ଥାନୀୟ ନିଯୁକ୍ତିକୁ ନେଇ ହୋଇ ଆସୁଥିବା ଆନ୍ଦୋଳନ, ଦାବି ଆଦି ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଶିଳ୍ପପତିମାନଙ୍କୁ ପରାମର୍ଶ ଦେଇଥିଲେ। ଏହାବାଦ୍ ଟାଟା ଷ୍ଟିଲ କାରଖାନା ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ ସମୟରେ ୨୦୦୬ ଜାନୁଆରୀ ୨ ତାରିଖରେ ହୋଇଥିବା ଗୁଳିକାଣ୍ଡ ଘଟଣାକୁ ମୁଖ୍ୟମନ୍ତ୍ରୀ ମାଝୀ ମନେପକେଇ ଦୁଃଖ ପ୍ରକାଶ କରିଥିଲେ। ଏହିକ୍ରମରେ ଶିଳ୍ପ ପ୍ରତିଷ୍ଠା ପାଇଁ ବଳିଦାନ ନୁହେଁ, ଲୋକଙ୍କ ସହଭାଗିତା ଆବଶ୍ୟକ ବୋଲି ସେ କହିଥିଲେ। ଏହି ପରିସ୍ଥିତିରେ ରାଜ୍ୟର ଠିକାସଂସ୍ଥାଗୁଡ଼ିକୁ ନିୟୋଜନ କରି ସ୍ଥାନୀୟ ନିଯୁକ୍ତି ସଂଖ୍ୟାକୁ ବୃଦ୍ଧି କରିବାରେ ଶିଳ୍ପପତିମାନେ କେତେ ଦୂର ସହାୟକ ହୋଇପାରୁଛନ୍ତି ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଉଛି। ଏହାପୂର୍ବରୁ କଳିଙ୍ଗନଗର ଶିଳ୍ପାଞ୍ଚଳର ବଡ ଶିଳ୍ପାନୁଷ୍ଠାନରେ ରାଜ୍ୟ ବାହାରର ଠିକାସଂସ୍ଥାଗୁଡ଼ିକୁ ପ୍ରାଧାନ୍ୟ ଦେଇ ସ୍ଥାନୀୟ ନିଯୁକ୍ତିକୁ ହେୟମନେ କରି ଆସୁଥିବା ଅଭିଯୋଗ ହୋଇ ଆସୁଛି।





ମୁଖ୍ୟମନ୍ତ୍ରୀଙ୍କ ସଭାରେ ଉପସ୍ଥିତ ସ୍ଥାନୀୟ ଜନସାଧାରଣ ଓ ଶିଳ୍ପପତିମାନେ ।



ଯାଜପୁର ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି ।

# ରଘୁନାଥପୁରର ବିନିତ ହେଲେ ରାଜ୍ୟ ଟପ୍ପର

## ଯୁକ୍ତ ୨ ବିଜ୍ଞାନ ପରୀକ୍ଷାଫଳ

ଜଗତ୍‌ସିଂହପୁର, ୨୨।୬ (ପ୍ରମୋଦ କୁମାର ନାୟକ):

ଯୁକ୍ତ ୨ ବିଜ୍ଞାନ ପରୀକ୍ଷାଫଳ ପ୍ରକାଶ ପାଇଲା ପରେ ଜଗତ୍‌ସିଂହପୁର ଜିଲାକୁ ଆଉ ଏକ ଗୌରବ ମିଳିଛି। ରଘୁନାଥପୁର ନାରାୟଣ ଛକସ୍ଥିତ ହୁରାସାହି ବାସିନ୍ଦା ବିନିତ ମହାନ୍ତି ରାଜ୍ୟ ଟପ୍ପର ହୋଇଛନ୍ତି। ସେ ମୋଟ ୬୦୦ରୁ ୫୮୬ ଅର୍ଥାତ୍ ୯୭.୬୬% ନମ୍ବର ରଖି ଏହି ସଫଳତା ପାଇଛନ୍ତି। ସେ କଟକ ଲିଙ୍କ୍‌ରୋଡ଼ସ୍ଥିତ ସରସ୍ୱତୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପଢୁଥିବାବେଳେ ହଷ୍ଟେଲରେ ରହୁଥିଲେ। କିଛି ଦିନ ହେବ ଭୁବନେଶ୍ୱରସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରରେ ଆଇଆଇଟି କୋଚିଂ ନେଉଛନ୍ତି। ବିନିତ ଗଣିତରେ ୧୦୦ ଓ ଜୀବ ବିଜ୍ଞାନରେ ୫୦ ଅର୍ଥାତ୍ ଶତପ୍ରତିଶତ



ନମ୍ବର ରଖିଥିବାବେଳେ ରସାୟନ ବିଜ୍ଞାନରେ ୯୯, ପଦାର୍ଥ ବିଜ୍ଞାନ ୯୮, ଏମ୍‌ଆଇଏଲ୍ (ସଂସ୍କୃତ) ୯୬, ଇଂଲିଶ୍‌ରେ ୯୪ ଓ ଉଦ୍ଭିଦ ବିଜ୍ଞାନରେ ୫୦ରୁ ୪୯ ନମ୍ବର ରଖିଛନ୍ତି। ତାଙ୍କ ମା' ଶୈଳବାଳା ମହାନ୍ତି ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଏକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ହୋଇଥିବାବେଳେ ବାପା ବିଜୟାନନ୍ଦ ମହାନ୍ତି ଜଣେ ବ୍ୟବସାୟୀ। ତାଙ୍କ ବଡ଼ ଭଉଣୀ ରେଭେନ୍ସା ମହାବିଦ୍ୟାଳୟରେ ଯୁକ୍ତ ତିନି ବିଜ୍ଞାନ (ପଦାର୍ଥ ବିଜ୍ଞାନ ସମ୍ମାନ)ର ଦ୍ୱିତୀୟ ବର୍ଷ ଛାତ୍ରୀ। ଏହି ସଫଳତାର ଶ୍ରେୟ ବିନିତ ମା', ବାପା, ପରିବାର ସ୍ୱଜନ, ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, ଗୁରୁମା' ଓ ଗୁରୁଜୀମାନଙ୍କୁ ଦେଇଛନ୍ତି। ବିଶେଷକରି ଜେଜେବାପା ରାମକୃଷ୍ଣ ମିଶନରେ ଶିକ୍ଷକ ଥିବାରୁ ତାଙ୍କ ଆଶୀର୍ବାଦ ଥିବା ବିନିତ ପ୍ରକାଶ କରିଛନ୍ତି। ଭବିଷ୍ୟତରେ ସେ ଆଇଆଇଟି ଇଞ୍ଜିନିୟର ହେବାକୁ ଇଚ୍ଛା ରଖିଥିବା ଧରିତ୍ରୀକୁ ସ୍ୱତନ୍ତ୍ର ଭାବେ କହିଛନ୍ତି। ସେ ରଘୁନାଥପୁର ଜଗନ୍ନାଥପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ମାଟ୍ରିକ୍‌ରେ ୯୨% ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ ।

# ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇ ଛାତ୍ରଙ୍କ ଆତ୍ମହତ୍ୟା

ଚଣ୍ଡିଖୋଲ, ୨୨।୫(ପ୍ରଦୀପ୍ତ କୁମାର ପୃଷ୍ଟି):

ପରୀକ୍ଷାରେ ଅକୃତ କାର୍ଯ୍ୟ ହେବାରୁ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ନାନପୁର ଗ୍ରାମରେ ଗୁରୁବାର ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗ୍ରାମର ଗଗନ ବିହାରୀ ଜେନାଙ୍କ ପୁଅ ଜ୍ୟୋତି ରଞ୍ଜନ ଜେନା(୧୮)। ବୁଧବାର ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶ ପାଇଥିଲା। ସେଥିରେ ସେ ଅକୃତ କାର୍ଯ୍ୟ ହୋଇଥିଲେ। ଫଳରେ ସେ ଗୁରୁବାର ସକାଳେ ଘରେ ରଶି ଲଗାଇ ଦେଇଥିଲେ। ପରିବାର ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହିତ ଏକ ମାମଲା ନଂ.୧୧/୨୫ ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଉତ୍ପାଦନ କ୍ଷମତା ବାର୍ଷିକ ୩ ରୁ ୮ ନିୟୁତ ଟନ୍‌କୁ ବୃଦ୍ଧି



ଟାଟା ଷ୍ଟିଲ୍‌ର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରୁଛନ୍ତି ।

## ଟାଟା ଷ୍ଟିଲର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ଉଦ୍‌ଘାଟିତ

■ ୨୭ ହଜାର କୋଟି ଟଙ୍କା ନିବେଶ

ଯାଜପୁର/କଳିଙ୍ଗନଗର(ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ),୨୨।୫ :

କଳିଙ୍ଗନଗର ଟାଟା ଷ୍ଟିଲ ପ୍ଲାଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ ପ୍ରକଳ୍ପକୁ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଏହି ସମ୍ପ୍ରସାରଣ ଫଳରେ ପ୍ଲାଣ୍ଟରେ କ୍ରୁଡଷ୍ଟିଲ ଉତ୍ପାଦନ କ୍ଷମତା ବାର୍ଷିକ ୩ ନିୟୁତ ଟନ୍‌ରୁ ୮ ନିୟୁତ ଟନ୍ (ଏମ୍‌ଟିପିଏ)କୁ ବୃଦ୍ଧି ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପବଳ ସାମନ୍ତ ଓ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଯାଜପୁର ଏମ୍‌ପି ରବୀନ୍ଦ୍ରନାରାୟଣ ବେହେରା, କୋରେଇ ବିଧାୟକ ଆକାଶଦାସ ନାୟକ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଇପିକଲ ପରିଚାଳନା ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂହ ପୁନିଆ ଏବଂ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଟାଟାଷ୍ଟିଲର ପରିଚାଳନା ନିର୍ଦ୍ଦେଶକ ଟି.ଭି. ନରେନ୍ଦ୍ରନ, ଟାଟା ଷ୍ଟିଲର ଉପସଭାପତି (କର୍ପୋରେଟ ସର୍ଭିସେସ) ଡିବି ସୁନ୍ଦର ରାମ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ଟାଟା ଷ୍ଟିଲର ପରିଚାଳନା ନିର୍ଦ୍ଦେଶକ ନରେନ୍ଦ୍ରନ କହିଥିଲେ, ଏହିଅତ୍ୟାଧୁନିକପ୍ଲାଣ୍ଟଭବିଷ୍ୟତଇସ୍ପାତ୍‌ନିର୍ମାଣ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କଳିଙ୍ଗନଗର ଆମ ପାଇଁ ଏକ ଉତ୍ପାଦନ ପ୍ଲାଣ୍ଟଠାରୁ ବହୁତ ଅଧିକ। ଯେତେବେଳେ ସମାଜ, ସରକାର ଓ ଉଦ୍ୟୋଗ ମିଳିତ ଭାବେ କାର୍ଯ୍ୟ କରନ୍ତି, ସେତେବେଳେ ଏପରି ବିକାଶ ସମ୍ଭବ ହୋଇଥାଏ। ଏହି ପ୍ଲାଣ୍ଟ ସମ୍ପ୍ରସାରଣ କାର୍ଯ୍ୟରେ ଆତ୍ମନିର୍ଭରଶୀଳ ଭାରତ ଗଠନରେ ସହାୟକ ହୋଇପାରିଛୁ। ଟାଟାଷ୍ଟିଲ କଳିଙ୍ଗନଗର ଭାରତର ସବୁଠାରୁ ଆଧୁନିକ ଓ ଉନ୍ନତ ଇଣ୍ଟିଗ୍ରେଟେଡ ପ୍ଲାଣ୍ଟ ମଧ୍ୟରୁ ଅନ୍ୟତମ । ଯାହା ଅଟୋମେଟିଭ, ପ୍ରତିରକ୍ଷା, ଅବସ୍ଥାପନା, ଇଞ୍ଜିନିୟରିଂ, ତେଲ ଏବଂ ଗ୍ୟାସ, ନବୀକରଣୀୟ ଉର୍ଜା ଓ ଜାହାଜ ନିର୍ମାଣ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକ ପାଇଁ ବିଶ୍ୱମାନ୍ୟତା ସମ୍ପନ୍ନ ଷ୍ଟିଲ ଉତ୍ପାଦନ କରୁଛି। କଳିଙ୍ଗନଗର ପ୍ଲାଣ୍ଟର ଏହି ନୂତନ ବ୍ଲାଷ୍ଟ ଫର୍ନେସ ସର୍ବବୃହତ୍ ୫୮୭୦ ଏମ୍‌କ୍ୟୁ ଆୟତନ ସହିତ ଦୀର୍ଘ ସମୟ ଚାଲିପାରିବା ପାଇଁ ଆବଶ୍ୟକ ଡିଜାଇନ ଏବଂ ଉତ୍ପାଦନ ପ୍ରକ୍ରିୟାରେ ଉନ୍ନତି ଆଣି ପାରିଛି। ଏହି ବ୍ଲାଷ୍ଟ ଫର୍ନେସ ଉତ୍ପାଦନରେ ଇନ୍ଧନ ଖର୍ଚ୍ଚରେ ଉନ୍ନତି ଆଣିବା ପାଇଁ ଭାରତରେ ପ୍ରଥମଥର ୪ଟି ଶ୍ରେଷ୍ଠ ଦହନଶୀଳ ଷ୍ଟୋଭ୍ସ ବ୍ୟବହାର କରିବ। କଳିଙ୍ଗ ନଗର କାରଖାନାର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ମଧ୍ୟରେ ପେଲେଟ ପ୍ଲାଣ୍ଟ, କୋକ ପ୍ଲାଣ୍ଟ ଏବଂ କୋକ ରୋଲିଂ ମିଲ ରହିଛି ବୋଲି ସୂଚନା ଦିଆଯାଇଛି।









# ଖଣି ମାଫିଆଙ୍କ ଆକ୍ରମଣରେ ଜଣେ ଗୁରୁତର

ନୟାଗଡ଼/ଓଡ଼ଗାଁ,୨୨।୫
(ଲୋକନାଥ ମିଶ୍ର/ଆଦର୍ଶ ପଟ୍ଟନାୟକ)

ଖଣି ମାଫିଆଙ୍କ ମିଳିତ ଆକ୍ରମଣରେ ଜଗନ୍ନାଥ ପଣ୍ଡା(୨୬) ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ନୟାଗଡ଼ ଜିଲା ଓଡ଼ଗାଁ ଥାନାରେ ରୋହିବାଙ୍କର ବିଶ୍ୱନାଥ ପଣ୍ଡାଙ୍କ ଅଭିଯୋଗ ପରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଏହି ଘଟଣାର ତନାଘନା ଆରମ୍ଭ କରିଛି। ତେବେ ଏହି ରିପୋର୍ଟ ଲେଖା ହେବ ପର୍ଯ୍ୟନ୍ତ ପୋଲିସ କାହାକୁ ଗିରଫ କରିପାରିନାହିଁ।

ସୂଚନା ଅନୁଯାୟୀ, କୋମଣ୍ଡ ଖଣି ସମ୍ପର୍କରେ ଆଲୋଚନା କରିବାକୁ ବୁଧବାର ରାତିରେ ଏକ ବୈଠକ ବସିଥିଲା। ହେଲେ କଥା କଥା କଟାକଟିକୁ ନେଇ ବିଶ୍ୱନାଥ ପଣ୍ଡାଙ୍କ ପୁଅ ଜଗନ୍ନାଥ(୨୬)ଙ୍କୁ ମିଳିତ ଆକ୍ରମଣ କରାଯାଇଥିଲା। କୋମଣ୍ଡ ମକରପଦାର ସରୋଜ କୁମାର ପୃଷ୍ଟି ଓରଫ ବୁଲୁ (୩୫) ଓ ପ୍ରଭାତ ଦାସ(୩୫), ଗଞ୍ଜାମ ଜାମୁପଲ୍ଲୀ ଅଞ୍ଚଳର ଜଣେ ଯୁବକ ଜଗନ୍ନାଥଙ୍କୁ ମାରପିଟ୍ କରିଥିଲେ। ଏତିକିରେ କଥା ସରି ନ ଥିଲା। ସରୋଜ କାର ଭିତରୁ ଏକ ଭୁଜାଲି ଆଣି ଜଗନ୍ନାଥଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା। ହେଲେ ସେତେବେଳକୁ ଅଭିଯୁକ୍ତମାନେ ଫେରାର ହୋଇ ଯାଇଥିଲେ। ଜଗନ୍ନାଥଙ୍କୁ ପ୍ରଥମେ ଓଡ଼ଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତ କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱର ପଠାଯାଇଛି। ପୋଲିସ ଏକ ମାମଲା(ନଂ.୧୪୯/୨୫)ରୁଜୁ କରି ଘଟଣାର ତଦନ୍ତ କରୁଛି। ନିଜେ ଆଇଆଇସି ଅଭୟ କୁମାର ବେହେରା ଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବାର ପ୍ରସ୍ତୁତି ଚାଲିଛି ବୋଲି ଆଇଆଇସି ପ୍ରକାଶ କରିଛନ୍ତି।

ଓଡ଼ଗାଁ ତହସିଲ କୋମଣ୍ଡ ଅଞ୍ଚଳରେ ବେଆଇନ ମାଙ୍କଡ଼ା ପଥର କାରବାରରେ ରାଜନେତା, ପୋଲିସ, ଉପଜିଲାପାଳ, ତହସିଲଦାର, ଖବରଦାତାଙ୍କ ପରି ସମାଜର ଅନେକ ବ୍ୟକ୍ତି ସାମିଲ ଥିବା ସଂକ୍ରାନ୍ତରେ ଏକ ଅଡିଓ ବୁଧବାର ଭାଇରାଲ ହୋଇଥିଲା। ପାନ ଦୋକାନଠାରୁ ଆରମ୍ଭ କରି ପରିବା ଦୋକାନ, ସେଲୁନ୍, ବଜାର, ଗାଁ, ସହର ସବୁଠି ଏହାକୁ ନେଇ ଚର୍ଚ୍ଚା, ସମାଲୋଚନା, ବିତର୍କ ଚାଲିଥିଲା। ବୁଧବାର ରାତିରେ କୋମଣ୍ଡର ଏକ ଢ଼ାବାରେ ଖଣି ମାଫିଆଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାଇରାଲ ଭିଡିଓର ସୋର୍ସ, ଲାଞ୍ଚ ଦେବା ପରେ ବି ପ୍ରଶାସନ ପକ୍ଷରୁ ଚଢ଼ାଉ କାହିଁକି ହେଲା ତା'ର କାରଣ ନେଇ ଖୋଳତାଡ ହୋଇଥିଲା। ହେଲେ ବୈଠକରେ କୌଣସି ନିର୍ଯାସ ବାହାରି ନ ଥିବା ବେଳେ ପରସ୍ପର


ଆହତ ଜଗନ୍ନାଥ ପଣ୍ଡାଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

ମଧ୍ୟରେ କଥା କଟାକଟି, ବାଦାନୁବାଦକୁ ନେଇ ଅସନ୍ତୋଷ ବଢ଼ିଥିଲା। ସ୍ଥିତ ଏପରି ହୋଇଥିଲା ଯେ ମାରପିଟ୍ ଯାଏ କଥା ଯାଇଥିଲା। କେତେଜଣ ଚୌକି ଫିଙ୍ଗିବା ଯୋଗୁ ଉତ୍ତେଜନା ବଢ଼ି ଥିଲା। ଶେଷରେ କେତେଜଣଙ୍କ ମିଳିତ ଆକ୍ରମଣରେ ଜଗନ୍ନାଥ ଗୁରୁତର ହୋଇଥିଲେ।

## ମାସକୁ ଯାଉଥିଲା ୬.୬୦ ଲକ୍ଷ ଲାଞ୍ଚ

ବେଆଇନ ଖଣି ଖନନ ଓ ସୁରକ୍ଷା ପାଇଁ ମାସକୁ ୬ ଲକ୍ଷ ୫୦ରୁ ୬୦ ହଜାର ମଧ୍ୟରେ ଲାଞ୍ଚ ଯାଉଥିଲା ବୋଲି ଭାଇରାଲ ଅଡିଓରୁ ଜଣାପଡିଛି। ଅନ୍ୟପକ୍ଷେ କେତେଜଣ ଖଣି ମାଫିଆଙ୍କ ସୂଚନା ଅନୁସାରେ ଲାଞ୍ଚ ଟଙ୍କା

## ଭାଇରାଲ ଅଡିଓ ଗୁମର ଖୋଲିବା ଘଟଣା

- ବିବାଦର ସମାଧାନ ପାଇଁ ଚାଲିଥିଲା ବୈଠକ
- ନିର୍ଯ୍ୟାସ ବାହାରିବା ବଦଳରେ କଥା କଟାକଟିକୁ ନେଇ ଗଣ୍ଡଗୋଳ

ବଣ୍ଟନରେ ସ୍ୱଚ୍ଛତା ରହୁ ନ ଥିବାରୁ ସନ୍ଦେହ ସୃଷ୍ଟି ହୋଇଥିଲା। ପୂର୍ବରୁ ସିନି ନାମକ ଜଣେ ବ୍ୟକ୍ତି ପୋଲିସ, ଉପଜିଲାପାଳ, ଖଣି ଅଧିକାରୀ, ତହସିଲଦାର, ନେତା, ଖବରଦାତା, ପୋଲିସଙ୍କ ମାସିକ ଚାନ୍ଦା କଥା ବୁଝୁଥିଲେ। ପରେ ପଣ୍ଡା ନାମକ ଜଣେ ବ୍ୟକ୍ତି ଏହାର ପରିଚାଳନା କଲେ। ଲାଞ୍ଚ ଦେବାରେ ପାଟିତୁଣ୍ଡ ପରେ କିଛି ଲାଞ୍ଚ ବାଣ୍ଟିବାର ଦାୟିତ୍ୱ ସିନି ହାତରେ ରହିଲା। ତେବେ ସିନି ଓ ପଣ୍ଡା ମଧ୍ୟରେ ଲାଞ୍ଚ ଟଙ୍କା ବଣ୍ଟନକୁ ନେଇ ଶୀତଳଯୁଦ୍ଧ ଚାଲିଥିଲା। ଉଭୟଙ୍କ ବିବାଦ ଧୀରେ ଧୀରେ ପଦାକୁ ଆସିଲା। ପରେ ଅଡିଓ ଭାଇରାଲ ହେବାରୁ ସବୁ ଗୁମର ସାମ୍ନାକୁ ଆସିଥିଲା।

## ଅନୁକମ୍ପା ଯୋଗୁ ଚଢ଼ାଉ ନ ଥିଲା

କୋମଣ୍ଡ ରାଜସ୍ୱ ନିରୀକ୍ଷକ(ଆରଆଇ)ଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା କୋମଣ୍ଡ, ବାଦଭୂଇଁ, ଭଗବତୀପ୍ରସାଦ, ରୋହିବାଙ୍କ, ଉଦୟପୁର ଅଞ୍ଚଳରେ ଚାଲିଥିବା ବେଆଇନ ମାଙ୍କଡା ପଥର ଖଣିର ଗୁମର ୨୦୨୨ରୁ ଖୋଲି ସାରିଛି। ୨୦୨୨ ଡିସେମ୍ବର ଓ ୨୦୨୩ ଜାନୁଆରୀରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶନ ପରେ ନୟାଗଡ଼ର ତତ୍କାଳୀନ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଚଢ଼ାଉ କରିଥିଲେ। ଚଢ଼ାଉ ପରେ ଅନିୟମିତତା ଜଣାପଡିବା ପରେ ୨୦୨୩ ଜାନୁଆରୀ ୩ରେ ଜିଲାପାଳ ଆରଆଇଙ୍କୁ ନିଲମ୍ବିତ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଉପଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶକୁ ଭିତ୍ତି କର ତତ୍କାଳୀନ ଜିଲାପାଳ ଓଡ଼ଗାଁର ତତ୍କାଳୀନ ତହସିଲଦାର ବିଜୟିତା ସାମନ୍ତସିଂହାର ବଦଳି କରାଇଥିଲେ। ଅପରପକ୍ଷେ ବେଆଇନ ଖଣିକୁ ଚଳାଇବା ପାଇଁ ତହସିଲଦାର, ଆରଆଇ, ରାଜନେତା, ସରକାରୀ କର୍ମଚାରୀଙ୍କଠାରୁ ଆରମ୍ଭ କରି କେତେଜଣ ଗଣମାଧ୍ୟମର ପ୍ରତିନିଧି ଲାଞ୍ଚ ନେଇଥିବାର ଅଭିଯୋଗ ଥିଲେ ମଧ୍ୟ ତଦନ୍ତ ପରିସରଭୁକ୍ତ ହୋଇ ନ ଥିଲେ। ସେ ସମୟରେ ପ୍ରାୟ ୨ମାସ ଖଣି ଖନନ ବନ୍ଦ ରହିଥିଲା। ୨୦୨୩ ମାର୍ଚ୍ଚଠାରୁ ପୁଣି ବେଆଇନ ଖଣି ଖନନ ବଢ଼ି ଚାଲିଥିଲା। ସରକାର ବଦଳିବା ପରେ ବି ଖଣି ମାଫିଆ ବେଆଇନ ଭାବେ ଖଣି ଖନନ କରି ଆସୁଥିବାର ଅଭିଯୋଗ ହୋଇ ଆସୁଥିଲା।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଦେବୀପ୍ରିୟା


@ ବାପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସିଧାମୂଳାରେ ତ୍ରିରଙ୍ଗା ଶୋଭାଯାତ୍ରା


ସିଧାମୂଳାରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରା।

ଖଣ୍ଡପଡ଼ା,୨୨।୫
(ଅଜୟ କୁମାର ମହାରଣା)

ଅପରେଶନ ସିନ୍ଦୂର ଜରିଆରେ ଭାରତୀୟ ସେନା ବାହିନୀର ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଗ୍ରାମରେ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଓ ଯୁବକମାନେ ସାମିଲ ହୋଇଥିଲେ। ସମସ୍ତେ ହାତରେ ଜାତୀୟ ପତାକା ଧରି ଗ୍ରାମ ପରିକ୍ରମା କରିବା ଅବସରରେ ଭାରତ ମାତା କି ଜୟ ସ୍ଲୋଗାନ ଦେଇଥିଲେ। ଆତଙ୍କବାଦ ବିରୋଧରେ ଭାରତର ଲଢେଇକୁ ସିଧାମୂଳା ଗ୍ରାମବାସୀ ଶୋଭାଯାତ୍ରା ଜରିଆରେ ସମର୍ଥକ କରିଥିଲେ।

# ମାନସୀ, ଆଶୁତୋଷ, ପୁଷ୍ପାଞ୍ଜଳି ଟପ୍ପର

## ଭାପୁର ବ୍ଲକର ଯୁକ୍ତ ୨ ପରୀକ୍ଷା ଫଳ

ନୟାଗଡ଼,୨୨।୫(ଲୋକନାଥ ମିଶ୍ର)

ଯୁକ୍ତ ଦୁଇ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଭାପୁର ବ୍ଲକ ପଦ୍ମାବତୀ ପ୍ରହଲ୍ଲାଦ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟରେ କଳା ବିଭାଗରେ ୧୨୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୭ ଜଣ , ଦ୍ୱିତୀୟ ଶ୍ରେଣୀରେ ୩୧ ଜଣ ଓ ତୃତୀୟ ଶ୍ରେଣୀରେ ୬୧ ଜଣ ପାସ ହୋଇଛନ୍ତି। ମାନସୀ ମହାପାତ୍ର ୫୧୦ ମାର୍କ ରଖି ମହାବିଦ୍ୟାଳୟରେ ଟପ୍ପର ହୋଇଛନ୍ତି। ବିଜ୍ଞାନ ପରୀକ୍ଷାରେ ୨୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୫ ଜଣ ପାସ ହୋଇଛନ୍ତି । ପାସ ଛାତ୍ରୀଛତ୍ରଙ୍କ ମଧ୍ୟରେ ପ୍ରଥମ ଶ୍ରେଣୀରେ ୭ ଜଣ , ଦ୍ୱିତୀୟ ଶ୍ରେଣୀରେ ୧୧ ଜଣ ଓ ତୃତୀୟ ଶ୍ରେଣୀରେ ୭ ଅଛନ୍ତି। ଆଶୁତୋଷ ବେହେରା ୪୩୮ ମାର୍କ ରଖି ବିଜ୍ଞାନରେ ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ୧୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୫ ଜଣ ପାସ ହୋଇଛନ୍ତି। ପାସ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଦ୍ୱିତୀୟ ଶ୍ରେଣୀରେ ୨ ଜଣ ଓ ତୃତୀୟ ଶ୍ରେଣୀରେ ୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅପରପକ୍ଷେ ଭାପୁର ଆଞ୍ଚଳିକ ଡିଗ୍ରୀ କଲେଜର କଳା ବିଭାଗରେ ୮୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୬୯ ଜଣ ପରୀକ୍ଷାର୍ଥୀ ପାସ ହୋଇଛନ୍ତି। ଏଥିରୁ ପ୍ରଥମ ଶ୍ରେଣୀରେ ୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୭ ଜଣ ଓ ତୃତୀୟ ଶ୍ରେଣୀରେ ୫୬ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ କଲେଜର ପୁଷ୍ପାଞ୍ଜଳି ବେହେରା ୪୭୫ ମାର୍କ ରଖି ଟପ୍ପର ହୋଇଛନ୍ତି।




# ଜାତୀୟ ଯୋଗ ପ୍ରତିଯୋଗିତାରେ ଭାଗନେବେ ଜଗବନ୍ଧୁ

ନୂଆଗାଁ,୨୨।୫(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଞ୍ଚାୟତ କୋଷାକଟା ଗ୍ରାମର ଜଗବନ୍ଧୁ ଜାତୀୟ ଯୋଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଯୋଗ ଅଲମ୍ପିଆଡ ପ୍ରତିଯୋଗିତା ଉଭୟ ୧୪ ବର୍ଷ ଓ ୧୭ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୭ ବର୍ଷରୁ କମ ବାଳକ ବିଭାଗରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋଷାକଟା ଗ୍ରାମ ତଥା ଚିନ୍ତାମଣି ବିଦ୍ୟାପୀଠର ଦଶମ ଶ୍ରେଣୀର ଛାତ୍ର ଜଗବନ୍ଧୁ ସାମନ୍ତରା ରାଜ୍ୟସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଆସନ୍ତା ଜୁନ ୧୫ ତାରିଖରୁ କନ୍ୟାକୁମାରୀଠାରେ ହେବାକୁ ଥିବା ଜାତୀୟ ଯୋଗ ପ୍ରତିଯୋଗିତାରେ ଜଗବନ୍ଧୁ ଅଂଶଗ୍ରହଣ କରିବେ। ଜଗବନ୍ଧୁ ହେଉଛନ୍ତି ଜଣେ ଜାତୀୟସ୍ତରର କୃତୀ ପ୍ରତିଯୋଗୀ। ପୂର୍ବରୁ ସେ ଯୋଗରେ ୧୪ ବର୍ଷରୁ କମ ବାଳକ ବିଭାଗରେ ଅଂଶ ଗ୍ରହଣ କରି ଜାତୀୟସ୍ତରରେ ଦିଲ୍ଲୀ, ଭୋପାଳ, ମହାରାଷ୍ଟ୍ର ଓ ରାଜସ୍ଥାନଠାରେ ଆୟୋଜିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିସାରିଛନ୍ତି। ନୟାଗଡ଼ ଅଞ୍ଚଳର ଜଣାଶୁଣା ଯୋଗ ଶିକ୍ଷକ ପରମାନନ୍ଦ ପରିଡ଼ାଙ୍କଠାରୁ ଜଗବନ୍ଧୁ ନିୟମିତ ଯୋଗ ଶିକ୍ଷା କରୁଛନ୍ତି।


ପ୍ରତିଯୋଗୀଙ୍କ ଗହଣରେ ଜଗବନ୍ଧୁ ପୁରସ୍କୃତ ହେଉଛନ୍ତି।

# ୧୫ ୟୁନିଟ୍ ରକ୍ତ ସଂଗୃହୀତ

ଖଣ୍ଡପଡ଼ା,୨୨।୫(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଖଣ୍ଡପଡ଼ା ଯୁବକସଂଘ ଓ ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦର ମିଳିତ ସହଯୋଗରେ ଆୟୋଜିତ ରକ୍ତଦାନ ଶିବିରରୁ ୧୫ ୟୁନିଟ ରକ୍ତ ସଂଗୃହିତ ହୋଇଛି । ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାର କର୍ମଚାରୀ ଶିବିରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ । ଶିବିର ପରିଚାଳନାରେ ଖଣ୍ଡପଡ଼ା ଯୁବକ ସଂଘର ସମ୍ପାଦକ ମହେନ୍ଦ୍ର କୁମାର ବାରିକ ଓ ସମସ୍ତ ସଦସ୍ୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ଼ାକ୍ତର ଓ କର୍ମଚାରୀମାନେ ସହଯୋଗ କରିଥିଲେ । ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହୋଇଥିବାରୁ ଏହାକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାକୃତ ରକ୍ତଦାତାମାନଙ୍କୁ ନେଇ ଏହି ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା ।




# ଗମେଇରେ ହୋଇପାରେ ନୂଆ ଚିନିକଳ

ନୟାଗଡ଼,୨୨।୫(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ୍ ଗମେଇରେ ହୋଇପାରେ ନୂଆ ଚିନିକଳ। ଏଥିପାଇଁ ନୟାଗଡ଼ ତହସିଲ ପକ୍ଷରୁ ଗମେଇ ଅଞ୍ଚଳରେ ୪୦ ଏକର ଜମି ଚିହ୍ନଟ କରି ପ୍ରଶାସନକୁ ଅବଗତ କରାଯାଇଛି। ନୂଆ ଚିନିକଳ ପାଇଁ ସ୍ଥାନ ଚିହ୍ନଟ ପରେ ବୁଧବାର ନୟାଗଡ଼ ଜିଲାର ନୋଡାଲ ଅଫିସର ଦେବେନ୍ଦ୍ର ପ୍ରସାଦ ଦାସ ଜିଲାପାଳଙ୍କ କାର୍ଯ୍ୟାଳୟରେ ନୂଆ ଚିନିକଳ କରାଯିବା ନେଇ ସମୀକ୍ଷା କରିଛନ୍ତି। ନୂଆ ଚିନିକଳର ଡିପିଆର ପ୍ରସ୍ତୁତ କରିବାକୁ କହିଛନ୍ତି। ଗମେଇରେ ଚିନିକଳ ହେଲେ ସୁବିଧା କ'ଣ, ଅସୁବିଧା କ'ଣ ହେବ ସେନେଇ ପଚାରି ବୁଝିଛନ୍ତି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଉପଜିଲାପାଳ କର୍ଣ୍ଣଦେବ ସମାଦାର, ଡିଆରସିଏସ୍ ଅନନ୍ତ ନାୟକ, କୃଷି ବିଭାଗର ଅଧିକାରୀ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ।

## ୪୦ ଏକର ଜମି ଚିହ୍ନଟ ପରେ ନୋଡାଲ ଅଫିସରଙ୍କ ସମୀକ୍ଷା

ସୂଚନାଯୋଗ୍ୟ, ପାଣିପୋଇଲାସ୍ଥିତ ଚିନିକଳ ବିବାଦ ଓ କୋର୍ଟ କେଶରେ ଛନ୍ଦି ହୋଇ ପଡିଛି। ଅନ୍ୟପକ୍ଷେ ଚିନିକଳରେ ତାଲା ଝୁଲିବା ପରେ ଜିଲା ପ୍ରଶାସନ ପକ୍ଷରୁ ସମ୍ପତ୍ତି ଆକଳନ ପରେ ଚୋରି ବଢ଼ି ଚାଲିଲା। ଏବେ ଚିନିକଳ ମାଟିରେ ମିଶି ସାରିଲାଣି। ସେପଟେ ନିର୍ବାଚନରେ ବିଜୟ ହେବାର ୧୦୦ ଦିନ ଭିତରେ ନୂଆ ଚିନିକଳ ପାଇଁ ପ୍ରସ୍ତୁତି ହେବ ବୋଲି ପୁରୀ ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏପରିକି ୨୦୨୪ ଜିଲା ମହୋତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ନୟାଗଡ଼ରେ ନୂଆ ଚିନିକଳ ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ନୂଆ ଚିନିକଳ ନିର୍ମାଣ ପ୍ରସଙ୍ଗ ନେଇ ଜିଲାରେ ସମାଲୋଚନା ଚାଲିଥିବାବେଳେ ସରକାରୀସ୍ତରରେ ତତ୍ପରତା ସାଧାରଣରେ ଆଗ୍ରହ ବଢ଼ାଇଛି।

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ Bhubaneswar, Friday, May 23/ 2025

ଘରୋଇ କ୍ରିକେଟର ଗତ ସିଜନରେ ଓଡ଼ିଶା ପ୍ରଦର୍ଶନ ଭଲ ରହି ନ ଥିଲା। ରଣଜୀ ଟ୍ରଫି ହେଉ କି ଦେଓଧର ଟ୍ରଫି କିମ୍ବା ସୟଦ ମୁସ୍ତାକ ଅଲୀ ଟ୍ରଫି, ରାଜ୍ୟ ଦଳର ପ୍ରଦର୍ଶନ ଫିକା ରହିଥିଲା। ଏବେ ନୂଆ ସିଜନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିବାବେଳେ ଓଡ଼ିଶା କ୍ରିକେଟକୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ।

# ଓଡ଼ିଶା କ୍ରିକେଟ ପାଇଁ ଚ୍ୟାଲେଞ୍ଜ



ନିର୍ମଳ କୁମାର ମିଶ୍ର





ଆରମ୍ଭ ହେବାକୁ ଯାଉଛି ଆଉ ଏକ ରଣଜୀ ସିଜନ୍। ଘରୋଇ କ୍ରିକେଟର ସର୍ବୋଚ୍ଚ ଟୁର୍ନାମେଣ୍ଟ ହେଉଛି ରଣଜୀ ଟ୍ରଫି। ଘରୋଇ କ୍ରିକେଟ ପାଇଁ ଖୁବ୍ ଶୀଘ୍ର କାର୍ଯ୍ୟସୂଚୀ ଘୋଷଣା କରିବାକୁ ଯାଉଛି ବିସିସିଆଇ। ବିଭିନ୍ନ ବର୍ଗରେ ଅନେକ ମ୍ୟାଚ ଖେଳାଯିବ। ସମ୍ଭବତଃ ଗତବର୍ଷ ପରି ସେପ୍ଟେମ୍ବରରୁ ଆରମ୍ଭ ହୋଇ ୨୦୨୬ ପର୍ଯ୍ୟନ୍ତ ଅନେକ ବ୍ୟସ୍ତ ବହୁଳ କାର୍ଯ୍ୟକ୍ରମ ରହିବ। ଏଥିପାଇଁ ବିସିସିଆଇ ତାର ଅନୁବନ୍ଧିତ ରାଜ୍ୟ ଆସୋସିଏଶନ୍‌ଗୁଡ଼ିକୁ ଘରୋଇ ମ୍ୟାଚ ଆରମ୍ଭ କରିବାକୁ ଅନୁମତି ଦେଇଛି। ଏଥିରେ ରାଜ୍ୟ ଆସୋସିଏଶନ୍‌ଗୁଡ଼ିକ ତତ୍ପରତା ପ୍ରକାଶ କରିବା ସହିତ ବିଭିନ୍ନ ବର୍ଗର ଟୁର୍ନାମେଣ୍ଟ ଗୁଡ଼ିକ ଆରମ୍ଭ କରିଛନ୍ତି। ଓସିଏ (ଓଡ଼ିଶା କ୍ରିକେଟ ଆସୋସିଏଶନ୍) ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ଭିଜନ ୨୦୩୦କୁ ସଫଳ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ମୋଟ ଉପରେ ଦେଖିବାକୁ ଗଲେ ଆମର ଭିଜନ-୨୦୨୪ ଅନେକ ଦୃଷ୍ଟି କୋଣରୁ ବିଫଳ ହୋଇଛି। ମହିଳା ସିନିୟର କ୍ରିକେଟକୁ ଛାଡିଦେଲେ ଆମେ ଆଖିଦୃଶିଆ ସଫଳତା ପାଇପାରିନେ। ରଣଜୀ ଟ୍ରଫିରେ ସିନିୟର ଖେଳାଳିଙ୍କ ସଫଳତା ଆଦୌ ଲୋକଲୋଚନକୁ ଆସିପାରିନି। ଭଲ ପ୍ରଦର୍ଶନ ପାଇଁ ବ୍ୟାପକ ବନ୍ଦୋବସ୍ତ କରିଥିଲେ ମଧ୍ୟ ବିଫଳତାର କାରଣ ଆମେ ଖୋଜିବାକୁ ଆରମ୍ଭ କରିଛେ। ପୁନର୍ବାର ମାଷ୍ଟର ପ୍ଲାନ ମାଧ୍ୟମରେ ଭିଜନ ୨୦୩୦ ମଧ୍ୟରେ କିଛି ସଫଳତା ପାଇବାକୁ ଲକ୍ଷ୍ୟ ରହିଛି।

ସିନିୟର ଖେଳାଳିଙ୍କ ପାଇଁ ବର୍ତ୍ତମାନ ମୁଖ୍ୟ ଟୁର୍ନାମେଣ୍ଟ ହେଲା ରଣଜୀ ଟ୍ରଫି, ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି ଓ ବିଜୟ ହଜାରେ ଟ୍ରଫି। ଏହା ମଧ୍ୟରେ ବହୁ ଦିନିଆ ରଣଜୀ ଟ୍ରଫି ରହିଥିବା ବେଳେ ଏକଦିବସୀୟ ଓ ଟି୨୦ ମ୍ୟାଚ ହ୍ୱାଇଟ ବଲରେ ଖେଳାଯାଉଛି। ଏବେ କିଛି ସିନିୟର ଖେଳାଳିଙ୍କୁ ଅଭ୍ୟାସ ପାଇଁ ଶ୍ରୀଲଙ୍କା ଗସ୍ତରେ ପଠାଇଛି ଓସିଏ। କେତେଜଣ ଖେଳାଳି ସେଠାରେ ଭଲ ପ୍ରଦର୍ଶନ କରୁଥିଲେ ମଧ୍ୟ ଇମର୍ଜିଂ ଦଳ ବିପକ୍ଷରେ ଖେଳି ପ୍ରଦର୍ଶନରେ କେତେ ପରିମାଣରେ ଉନ୍ନତି ଆସିବ ତାହାକୁ ନେଇ ମଧ୍ୟ ପ୍ରଶ୍ନ ରହିଛି। ଗତ ସିଜନରେ ଗ୍ରୁପ୍-ଏରେ ଓଡ଼ିଶା ୮ ଦଳ ମଧ୍ୟରେ ୧୭ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଥିଲା। ଓଡ଼ିଶା ତଳକୁ ରହିଥିଲେ କେବଳ ତ୍ରିପୁରା ଓ ମେଘାଳୟ। ତେଣୁ ଘରୋଇ ମାଟିରେ ଭଲ ପ୍ରଦର୍ଶନ କରିପାରୁ ନ ଥିବା ଓଡ଼ିଶା ପାଇଁ ସ୍ୱତନ୍ତ୍ର ରଣନୀତି କରିବାକୁ ଟିମ୍ ମ୍ୟାନେଜମେଣ୍ଟ ତତ୍ପର ହେବା ଆବଶ୍ୟକ। ଗତ ସିଜନରେ ପେସ୍ ବୋଲିଂ ଆମ ଶକ୍ତି ଥିଲା। ମାତ୍ର ଘରୋଇ ମାଟିରେ ନବାଗତ ତାପସ ଦାସ, ସୁନୀଲ ରାଉଳ, ରାକେଶ ମହାନ୍ତି ଓ ଦେବବ୍ରତ ପ୍ରଧାନଙ୍କ ପରି ପେସ୍ ବୋଲର ଓ ଘରୋଇ କଳାହାଣ୍ଡି କପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବା ସୁମିତ ଶର୍ମା, କାର୍ତ୍ତିକ ବିଶ୍ୱାଳ ଓ ତାରେଣୀ ଶ'ଙ୍କ ପରି ବୋଲର ଫାଇଦା ନେଇପାରି ନ ଥିଲେ। ୭ଟି ମ୍ୟାଚ ଖେଳିଥିଲା ଓଡ଼ିଶା। ବର୍ଷା ଯୋଗୁ ତ୍ରିପୁରା ସହ ମ୍ୟାଚ ବାତିଲ ହୋଇଥିଲା। ଜମ୍ମୁ ଓ କଶ୍ମୀର ସହ ମ୍ୟାଚ ଡ୍ର। ବରୋଦା ସହ ୯୮ ରନ୍‌ରେ ବଡ଼ ବ୍ୟବଧାନରେ ପରାସ୍ତ। ମୁମ୍ବାଇଠାରୁ ଏକ ଇନିଂସ ଓ ୧୦୩ ରନ୍‌ରେ ପରାସ୍ତ। ମହାରାଷ୍ଟ୍ର ବିପକ୍ଷରେ ୩ ଉଇକେଟରେ ବିଜୟୀ ହୋଇଥିଲା। ମେଘାଳୟ ବିପକ୍ଷରେ ଏକ ଇନିଂସ ଓ ୫୬ରନ୍‌ରେ ବିଜୟୀ ହେବା ପରେ ସର୍ଭିସେସ୍ ନିକଟରୁ ୧୦ ଉଇକେଟରେ ପରାଜୟ ଦଳ ପାଇଁ ବେଶ୍ ମହଙ୍ଗା ପଡିଥିଲା।

ଅପେକ୍ଷାକୃତ ଦୁର୍ବଳ ତ୍ରିପୁରା ବିପକ୍ଷ ପ୍ରଥମ ମ୍ୟାଚ ବାତିଲ ହେବାରୁ ଓଡ଼ିଶାର ଆରମ୍ଭ ଭଲ ହୋଇପାରି ନ ଥିଲା। ମୋଟ ଉପରେ ଦେଖିବାକୁ ଗଲେ ୨ଟି ବଡ଼ ପରାଜୟ ଓ ଦୁର୍ବଳ ରଣନୀତି ପାଇଁ ସମସ୍ୟା ଆସିଥିଲା। ଦୁର୍ବଳ ମେଘାଳୟ ବିପକ୍ଷରେ ୫୪୮ ରନ୍ ଓଡ଼ିଶାର ସର୍ବାଧିକ ସ୍କୋର ରହିଥିଲା। ଷ୍ଟାର ବ୍ୟାଟର ଗୋବିନ୍ଦ ପୋଦ୍ଦାର ୬ ମ୍ୟାଚରୁ ୩୬୫ରନ୍ କରିଥିବା ବେଳେ ୧୩୩ରନ୍ ସର୍ବାଧିକ ଥିଲା। ସୁମିତ ଶର୍ମା ୫ ମ୍ୟାଚରୁ ୧୭ ଉଇକେଟ ଓ ଗୋବିନ୍ଦ ପୋଦାର ୬ଟି ମ୍ୟାଚରୁ ୧୩ ଉଇକେଟ ନେଇଥିଲେ। ଆମ ଖେଳାଳିମାନେ ବ୍ୟାଟିଂ ଓ ବୋଲିଂ ତାଲିକାର ୨୦ ମଧ୍ୟରେ ସ୍ଥାନ ପାଇଲେ ଜାତୀୟ ଚୟନ କର୍ତ୍ତା ଓ ବିସିସିଆଇର ଦୃଷ୍ଟିଆକର୍ଷଣ କରିହୁଅନ୍ତା। ୫୫ତମ ସ୍ଥାନରେ ସନ୍ଦୀପ ପଟ୍ଟନାୟକ ରହିଥିବା ବେଳେ ୬୩ ତମ ସ୍ଥାନରେ ସୁମିତ ଶର୍ମା ରହିଥିଲେ।

ସେହିପରି ଲୋକପ୍ରିୟ ମୁସ୍ତାକ ଅଲ୍ଲୀ ଟ୍ରଫିରେ ଅତି ଦୟନୀୟ ପ୍ରଦର୍ଶନ କରିଥିଲା ଓଡ଼ିଶା ଦଳ। ଗ୍ରୁପ-ଡିରେ ଦଳ ୬ଟି ମ୍ୟାଚ ଖେଳି ମାତ୍ର ଗୋଟିଏରେ ବିଜୟୀ ହୋଇ ପଏଣ୍ଟ ଟେବୁଲର ସପ୍ତମ ସ୍ଥାନରେ ଥିଲା। ଆମ ବ୍ୟାଟର୍ସ ଓ ବୋଲର୍ସମାନେ ନିହାତି ଖରାପ ପ୍ରଦର୍ଶନ କରିଥିଲେ। ସର୍ବାଧିକ ଟି୨୦ ମ୍ୟାଚ ଖେଳାଯାଉଛି କ୍ଲବ କ୍ରିକେଟ ଗୁଡ଼ିକରେ। ଏପରିକି ଅନେକ ଅଭ୍ୟାସମୂଳକ ମ୍ୟାଚ ଆମନ୍ତ୍ରିତ ଦଳଗୁଡ଼ିକ ସହ ଖେଳୁଛନ୍ତି। ମାତ୍ର ପ୍ରଦର୍ଶନରେ ଉନ୍ନତି ଆସୁନାହିଁ। ଫଳ ସ୍ୱରୂପ ଆଇପିଏଲ୍ ପାଇଁ ଓଡ଼ିଶାର ୧୬ ଖେଳାଳି ପଞ୍ଜୀକୃତ ହୋଇଥିଲେ ମଧ୍ୟ କୌଣସି ଫ୍ରାଞ୍ଚାଇଜ୍ ଆଗ୍ରହ ପ୍ରକାଶ କଲେନାହିଁ। କାରଣ ଜାତୀୟ ସ୍ତରରେ ଆମ ଖେଳାଳିମାନେ ବିଫଳ। ବିଜୟ ହଜାରେ ଟ୍ରଫିରେ ମଧ୍ୟ ଆମର ଅଭିଯାନ ଗ୍ରୁପ ପର୍ଯ୍ୟାୟରେ ଶେଷ ହୋଇଥିଲା। ବାସ୍ତବିକ ଦେଖିବାକୁ ଗଲେ ମାଇକେଲ ବେଭାନ, ୱାସିମ ଜାଫର, ଦୀନେଶ ମୋଙ୍ଗିଆଙ୍କ ପରି ଦାମୀ କୋଚ ଆମକୁ ଯେଉଁ ସଫଳତା ଦେଇପାରି ନାହାନ୍ତି ଆମର ଘରୋଇ ପୂର୍ବତନ ରଣଜୀ ଖେଳାଳିମାନେ ତାହା କରି ଦେଖାଇଛନ୍ତି। ରଶ୍ମିରଞ୍ଜନ ପରିଡା, ଦେବାଶିଷ ମହାନ୍ତି ଓ ଲଳିତେନ୍ଦୁ ମହାପାତ୍ରଙ୍କ ସମୟରେ ପାଇଥିବା ସଫଳତା ଏମାନଙ୍କ ସମୟରେ ମିଳିନାହିଁ। ୨୦୧୬-୧୭ ଓ ୨୦୧୯-୨୦ ସିଜନ୍‌ର ସଫଳତା ଆମକୁ ହାସଲ କରିବାକୁ ପଡ଼ିବ। ଆମ ସିନିୟର ଓ ଜୁନିୟର ଖେଳାଳିଙ୍କୁ ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ହେବ। ଚଳିତ ଆଇପିଏଲ୍‌ରେ ଏକାଧିକ ଯୁବ ଖେଳାଳି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଜାତୀୟ ଦଳ ପାଇଁ ସଜବାଜ ହେଉଛନ୍ତି।

ଇତି ମଧ୍ୟରେ ଓସିଏ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଗତ ସିଜନରେ ସେପରି ଚମତ୍କାରିତା ଦେଖାଇ ନ ଥିବା ସୁରେନ୍ଦ୍ର ଭାବେଙ୍କୁ ସିନିୟର ପୁରୁଷ ଦଳର ମୁଖ୍ୟ କୋଚ ରୂପେ ଅପରିବର୍ତ୍ତିତ ରଖିଥିବା ବେଳେ ସୁମନ ଶର୍ମାଙ୍କୁ ମହିଳା ଦଳର ମୁଖ୍ୟ କୋଚ କରିଛି। ଅନେକ ପୂର୍ବତନ ସଫଳ ଖେଳାଳି ଏବଂ ପୂର୍ବ ସିଜନର ସିଲେକ୍ଟର ଓ କୋଚମାନଙ୍କୁ ପୁନର୍ବାର ଅବସ୍ଥାପିତ କରାଯାଇଛି। ସେମାନଙ୍କ ମଧ୍ୟରେ ବସନ୍ତ ମହାନ୍ତି, ସୌରଭ ସେହଗଲ, ପ୍ରଭଞ୍ଜନ ମଲ୍ଲିକ, ସୁବିତ ବିଶ୍ୱାଳ, ରଶ୍ମିରଞ୍ଜନ ଦାଶ, ପ୍ରୀତମଜିତ୍ ଦାସ, ସୁରେଶ କୁମାର, ଜୟପ୍ରକାଶନ, ଦେବବ୍ରତ ପଣ୍ଡା, ସଞ୍ଜୟ ଶତପଥୀ, ଦୀପକ ମଙ୍ଗରାଜ, କେ.ଭି. ପ୍ରସାଦ, ପ୍ରଭାତ ନାୟକ, ଶୋଭନ ଦେବ, ଦେବଦତ୍ତ ଲେଙ୍କା ପ୍ରମୁଖ ସାମିଲ ଅଛନ୍ତି। ପୂର୍ବରୁ ଏମାନଙ୍କର ଅନେକ ଅଭିଜ୍ଞତା ରହିଛି। ସେମାନେ ଗତଥର ହୋଇଥିବା ତ୍ରୁଟି ସୁଧାରିବା ସହିତ ଉପଯୁକ୍ତ ଖେଳାଳି ଚୟନ କରିବା ଓ ଯୋଗ୍ୟ ଖେଳାଳିମାନଙ୍କୁ ନେଇ କ୍ୟାମ୍ପ ମାଧ୍ୟମରେ ଦୋଷ ଦୁର୍ବଳତା ପ୍ରତି ଧ୍ୟାନ ଦେଲେ ନିଶ୍ଚୟ ସଫଳତା ମିଳିବ। ମହିଳା ଦଳ ଗତ କିଛିବର୍ଷ ହେବ ଭଲ ପ୍ରଦର୍ଶନ କରୁଛି। ସିନିୟର ଦଳ ମଧ୍ୟ ମୁମ୍ବାଇ, ଗୁଜରାଟ, କୋଲକାତା, ଦିଲ୍ଲୀ, କେରଳ, ୟୁପି ପରି ଶକ୍ତିଶାଳୀ ଟିମ୍‌ଙ୍କୁ ହରାଇଛି। ପୂର୍ବତନ ଖେଳାଳି ଓ ଅଧିନାୟକ ମଧୁସ୍ମିତା ବେହେରା, କାଦମ୍ବିନୀ ମହାକୁଡ, ସ୍ୱାଗତିକା ରଥ, ଚିକିଲତା ପ୍ରଧାନ ଓ ଇତିଶ୍ରୀ ପଟ୍ଟନାୟକ ଦାୟିତ୍ୱ ନେଇଛନ୍ତି।

ସେହିପରି ସିନିୟର ପୁରୁଷ ଚୟନ କମିଟିରେ ଅଭିଜ୍ଞ ପୂର୍ବତନ ଫାଷ୍ଟବୋଲର ସୌରଜିତ୍ ମହାପାତ୍ର, ଅବକାଶ ଖଟୁଆ, ଶୁଭ୍ରଜିତ୍ ସାହୁ ରହିଥିବା ବେଳେ ଜୁନିୟର କମିଟିରେ ନଟରାଜ ବେହେରା, ନିରଞ୍ଜନ ବେହେରା ଓ ଜଗନ୍ନାଥ ଦାଶ ସ୍ଥାନ ପାଇଛନ୍ତି। ଓମେନ୍ସ କମିଟି ଚେୟାର ପର୍ସନ ସସ୍ମିତା

ପଟ୍ଟନାୟକ, ଗଙ୍ଗୋତ୍ରୀ ବେହେରା, ଶୁଭ୍ରାଂଶୁବାଳା ଭୂୟାଁ ଓ ତିଳୋତ୍ତମା ସାହୁ ରହିଛନ୍ତ। କୁଳମଣି ପରିଡା ଓ ନରେନ୍ଦ୍ର ହିରୱାନୀ ସ୍ପିନ ବୋଲିଂ ପରାମର୍ଶଦାତା ଅଛନ୍ତି। ସମସ୍ତଙ୍କ ଉପରେ ଗୁରୁଦାୟିତ୍ୱ ରହିଛି। ବାରମ୍ବାର ଖରାପ ପ୍ରଦର୍ଶନ କରୁଥିବା ଓଡ଼ିଶା ପାଇଁ ଭିଜନ ୨୦୩୦ ସହାୟକ ହେବ ବୋଲି ଆଶା କରାଯାଏ।

---

## କଣ୍ଢେଆର

ସିଆଇଏସଏଫ୍‌ର ଛପନ ବର୍ଷର
ଇତିହାସରେ ଏ କଥା
ପ୍ରଥମଥର ପାଇଁ ପଇଁତିରିଶ ବର୍ଷୀୟ
ସବ୍‌ଇନ୍‌ସପେକ୍ଟର ଗୀତା
ଦେଖାଇ ସାହସିକତା
ଏଭରେଷ୍ଟ ଶୃଙ୍ଗରେ ତ୍ରିରଙ୍ଗା ଉଡ଼ାଇ
ପାଇଛନ୍ତି ସଫଳତା।



ଗିରୋ ଡି ଇଟାଲିଆ ସାଇକେଲ
ରେସ୍‌ରେ ନବମ ଷ୍ଟେଜ୍
ବେଲଜିୟମର ୱାଉଟ ଭାନ ଆର୍ଟ
ଜିତିଛି ଦେଖ ତା ତେଜ
ଶହେ ଏକାଅଶୀ କିମି ବାଜ
ଚାରି ଘଣ୍ଟା ପନ୍ଦର ମିନିଟରେ ଗଲା
ଟୋକାର ଷ୍ଟାମିନା ହେଜ।

ପଇଁତିରିଶ କିମି ରେସ୍‌ରେ ରଚିଛି
ଇଟାଲି ମାସିମୋ ଯଶ
ଦୁଇ ଘଣ୍ଟା ତ୍ୱେଷ୍ଟି ମିନିଟ ଚେୟାଳିଶ
ସେକେଣ୍ଡରେ କରି ଶେଷ
କମ୍ପାୟର କର କୁଶ
ଆମେ ଆଉ ଏଠି ମଣିଷ ମାନୁନା
ଥରେ ଉଠିଗଲେ ନିଶ।
–ସୁବାସ ଚନ୍ଦ୍ର ପ୍ରଧାନ

---

# ସାଫ୍ ଫୁଟ୍‌ବଲରେ ଭାରତ ସଫଳ

ଅରୁଣାଚଳ ପ୍ରଦେଶର ୟୁପିଆଠାରେ ସାଫ୍ ଫୁଟ୍‌ବଲ ଚାମ୍ପିୟନଶିପ୍‌ର ସପ୍ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାମ୍ପିୟନ ହୋଇ ଭାରତ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ଆଧିପତ୍ୟ ବଜାୟ ରଖିଛି। ୨୦୧୯, ୨୦୨୨ ଓ ୨୦୨୩ ପରେ ୨୦୨୫ରେ ବିଜୟ ଧ୍ୱଜା ଉଡ଼ାଇଛି ଭାରତୀୟ ଦଳ...

ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ (ସାଫ୍) ଚାମ୍ପିୟନଶିପ୍ ନିକଟରେ ଅରୁଣାଚଳ ପ୍ରଦେଶର ୟୁପିଆସ୍ଥିତ ଗୋଲ୍ଡେନ ଜୁବିଲି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥର ସାଫ୍ ଚାମ୍ପିୟନଶିପ୍ ୧୯ ବର୍ଷରୁ କମ୍ ବର୍ଗରେ ଅନୁଷ୍ଠିତ ହୋଇଥିଲା। ମେ ୯ରୁ ୧୮ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତ ଚାମ୍ପିୟନ ହୋଇ ଆଧିପତ୍ୟ ଅବ୍ୟାହତ ରଖିଛି। ଫାଇନାଲରେ ଗତ ସଂସ୍କରଣର ଚାମ୍ପିୟନ ବାଂଲାଦେଶକୁ ଭାରତ ପେନାଲ୍ଟି ଶୁଟ୍‌ଆଉଟ ୪-୩ ଗୋଲରେ ପରାସ୍ତ କରି ବିଜୟ ମୁକୁଟ ପିନ୍ଧିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ରେ ବରାବର ରହିବାରୁ ଫଳାଫଳ ପାଇଁ ପେନାଲ୍ଟି ଶୁଟ୍ ଆଉଟ୍‌ର ସହାୟତା ନିଆଯାଇଥିଲା। ଲିଗ୍ ପର୍ଯ୍ୟାୟର ଭାରତ ଗ୍ରୁପ୍ 'ବି'ରେ ଭାରତ ଶ୍ରୀଲଙ୍କାକୁ ୮-୦ ଓ ନେପାଳକୁ ୪-୦ ଗୋଲରେ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେମିରେ ଭାରତ ୩-୦ ଗୋଲରେ ମାଲଡିଭ୍ସକୁ ପରାସ୍ତ କରି ଟାଇଟଲ ପର୍ଯ୍ୟାୟରେ ଅବତୀର୍ଣ୍ଣ ହୋଇଥିଲା। ଭାରତର ଡାନି ମେଇତେଇ ସର୍ବାଧିକ ୫ ଗୋଲ କରି ଟପ୍ ସ୍କୋରର ବିବେଚିତ ହୋଇଥିଲେ। ସୂରଯ ସିଂ ଆହେଉବାମ୍ ଶ୍ରେଷ୍ଠ ଗୋଲକିପର ଓ ମହମ୍ମଦ ଆର୍ବାଶ ସବୁଠାରୁ ମୂଲ୍ୟବାନ ଖେଳାଳି ପୁରସ୍କାର ପାଇଥିଲେ। ଶୃଙ୍ଖଳିତ ପ୍ରଦର୍ଶନ ପାଇଁ ଭାରତକୁ ଫେୟାର ପ୍ଲେ ପୁରସ୍କାର ମଧ୍ୟ ମିଳିଥିଲା। ଏହାକୁ ମିଶାଇ ୪ର୍ଥ ଥରପାଇଁ ଚାମ୍ପିୟନ ହୋଇ ଭାରତ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳ ହୋଇଛି। ୨୦୧୯, ୨୦୨୨ ଓ ୨୦୨୩ ପରେ ୨୦୨୫ରେ ବିଜୟ ଧ୍ୱଜା ଉଡ଼ାଇଛି ଭାରତୀୟ ଦଳ। ନେପାଳ ୨୦୧୫ ଓ ୨୦୧୭ରେ ୨ ଥର ଚାମ୍ପିୟନ ହୋଇଥିବାବେଳେ ବାଂଲାଦେଶ ୨୦୨୪ରେ ଥରେ ଟାଇଟଲ ହାସଲ କରିଛି।

**ଇତିହାସ:** ସାଫ୍ ଫୁଟବଲ ୩ ବର୍ଗ ୧୮, ୧୯ ଓ ୨୦ ବର୍ଷରୁ କମ୍‌ରେ ଅନୁଷ୍ଠିତ ହୋଇଥାଏ। ଆଗକୁ ଯେଉଁ ବଡ଼ ଟୁର୍ନାମେଣ୍ଟ ଆସୁଥାଏ ତାହାକୁ ଲକ୍ଷ୍ୟ ରଖି ପ୍ରସ୍ତୁତି ସ୍ୱରୂପ ସେହି ବୟସ ବର୍ଗରେ ସାଫ୍ ଚାମ୍ପିୟନଶିପ୍ ଆୟୋଜନ ହୋଇଥାଏ। ୨୦୧୫ରେ ନେପାଳରେ ଟୁର୍ନାମେଣ୍ଟ ପ୍ରଥମେ ଆରମ୍ଭ ହୋଇଥିଲା। ୧୯ ବର୍ଷରୁ କମ୍ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ଭାରତକୁ ହରାଇ ନେପାଳ ଚାମ୍ପିୟନ ହୋଇଥିଲା। ୨୦୧୭ରେ ଏହା ୧୮ ବର୍ଷରୁ କମ୍ ବର୍ଗରେ ହୋଇଥିଲା ଏବଂ ଫାଇନାଲରେ ବାଂଲାଦେଶକୁ ହରାଇ ନେପାଳ ଟାଇଟଲ ବଜାୟ ରଖିଥିଲା। ୨୦୧୯ରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ବର୍ଗରେ ଭାରତ ପ୍ରଥମଥରପାଇଁ ବିଜୟ ମୁକୁଟ ପିନ୍ଧିଥିଲା। ଫାଇନାଲରେ ଭାରତ ୨-୧ ଗୋଲରେ ବାଂଲାଦେଶକୁ ପରାସ୍ତ କରିଥିଲା। ୨୦୨୨ରେ ପ୍ରତିଯୋଗିତା ୨୦ ବର୍ଷରୁ କମ୍ ବର୍ଗରେ ଆୟୋଜନ ହୋଇଥିବାବେଳେ ଭାରତ ଫାଇନାଲରେ ଅତିରିକ୍ତ ସମୟରେ ବାଂଲାଦେଶକୁ ୫-୨ ଗୋଲରେ ହରାଇ ଟ୍ରଫି ନିଜ ପାଖରେ ରଖିଥିଲା। ୨୦୨୩ରେ ୧୯ ବର୍ଷରୁ କମ୍ ବର୍ଗରେ ଭାରତ ଚାମ୍ପିୟନ ହୋଇ ଟ୍ରଫି ଜିତିବାରେ ହ୍ୟାଟ୍ରିକ କରିଥିଲା। ଫାଇନାଲରେ ଭାରତ ୩-୦ ଗୋଲରେ ପାକିସ୍ତାନକୁ ପରାସ୍ତ କରିଥିଲା। ୨୦୨୪ରେ ୨୦ ବର୍ଷରୁ କମ୍ ବର୍ଗରେ ବାଂଲାଦେଶ ୪-୧ ଗୋଲରେ ନେପାଳକୁ ହରାଇ ପ୍ରଥମଥରପାଇଁ ଟ୍ରଫି ବିଜୟ ସ୍ୱାଦ ଚାଖିଥିଲା। ୨୦୨୫ରେ ଭାରତ ପୁଣି ବିଜୟ ପଥକୁ ଫେରି ଟୁର୍ନାମେଣ୍ଟ ଇତିହାସରେ ସବୁଠାରୁ ସଫଳ ଦଳ ହେବାର ଗୌରବ ଅର୍ଜନ କରିଛି।

### ଟୁର୍ନାମେଣ୍ଟ ଫଳାଫଳ

| ସିଜନ | ବୟସବର୍ଗ | ଆୟୋଜକ | ଚାମ୍ପିୟନ | ରନରଅପ୍ | ଗୋଲ ବ୍ୟବଧାନ |
|---|---|---|---|---|---|
| ୨୦୧୫ | ୧୯ ବର୍ଷରୁ କମ୍ | ନେପାଳ | ନେପାଳ | ଭାରତ | ୫-୪(ପେନାଲ୍ଟି) |
| ୨୦୧୭ | ୧୮ ବର୍ଷରୁ କମ୍ | ଭୁଟାନ | ନେପାଳ | ବାଂଲାଦେଶ | ରାଉଣ୍ଡ ରବିନ |
| ୨୦୧୯ | ୧୮ ବର୍ଷରୁ କମ୍ | ନେପାଳ | ଭାରତ | ବାଂଲାଦେଶ | ୨-୧ |
| ୨୦୨୨ | ୨୦ ବର୍ଷରୁ କମ୍ | ଭାରତ | ଭାରତ | ବାଂଲାଦେଶ | ୫-୨(ଅତିରିକ୍ତ ସମୟ) |
| ୨୦୨୩ | ୧୯ ବର୍ଷରୁ କମ୍ | ନେପାଳ | ଭାରତ | ପାକିସ୍ତାନ | ୩-୦ |
| ୨୦୨୪ | ୨୦ ବର୍ଷରୁ କମ୍ | ନେପାଳ | ବାଂଲାଦେଶ | ନେପାଳ | ୪-୧ |
| ୨୦୨୫ | ୧୯ ବର୍ଷରୁ କମ୍ | ଭାରତ | ଭାରତ | ବାଂଲାଦେଶ | ୪-୩(ପେନାଲ୍ଟି) |

### ୨୦୨୫ର ପୁରସ୍କାର

**ଟପ୍ ସ୍କୋରର:** ଡାନି ମେଇତେଇ (୫ ଗୋଲ), ଭାରତ
**ଶ୍ରେଷ୍ଠ ଗୋଲକିପର:** ସୂରଯ ସିଂ ଆହେଉବାମ, ଭାରତ
**ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର:** ମହମ୍ମଦ ଆର୍ବାଶ, ଭାରତ
**ଫେୟାର ପ୍ଲେ:** ଭାରତୀୟ ଦଳ



ଚାମ୍ପିୟନ ଭାରତୀୟ ଦଳ



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years

ପୃଷ୍ଠା–୮+୮

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, May 23/2025 | Page 16 | ₹ 7.00

୫୧ଶ ଭାଗ ୧୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 177 | ମୂଲ୍ୟ₹୭/-



*Admission Going on for +2 1st Yr. Sc.(CHSE & CBSE), JEE & NEET - 2025-26*

TETRAHEDRON GROUP OF INSTITUTIONS, TANGI, CUTTACK

# TETRAHEDRON
## GROUP OF INSTITUTIONS

Tangi,Cuttack, For Admission Contact : 8093064522, 8093064525,9040363480, 7008222977

## OUR CHSE RESULT -2025

99% 1st Division

- RESULT : 99.7%
- ABOVE 95% : 13
- ABOVE 560 : 51
- ABOVE 90% : 185
- ABOVE 89% : 229
- ABOVE 88% : 280
- ABOVE 85% : 446
- ABOVE 500 : 534
- ABOVE 80% : 712
- ABOVE 75% : 902
- ABOVE 70% : 1023
- ABOVE 60% : 1120

581
ABINASH PANDA
R. NO. : 312CZ142
MOB. : 8926374475

| Score | Name | R.NO. | M. |
|---|---|---|---|
| 578 | ANUNJAYA | 312CZ044 | 9937820270 |
| 575 | HARAPRASAD | 312CZ052 | 9777635809 |
| 574 | ANANYA ANUPRITA | 321CZ001 | 6372522094 |
| 574 | ANANYA | 321CZ018 | 9178552089 |
| 574 | PRIYADARSHINI | 321CZ020 | 8456010982 |
| 574 | RUTUPURNA | 321CZ025 | 8908000397 |
| 573 | ASHUTOSH | 312CZ009 | 7008710810 |
| 573 | SWARNA PRAVA | 321CZ002 | 9348538749 |
| 572 | SOUMYAK | 312CZ015 | 6372996292 |
| 572 | SANDEEP | 312CZ021 | 9438775289 |
| 571 | PRIYANKA | 321CZ016 | 8328937059 |
| 570 | SWAYAM | 312CZ039 | 9583495922 |
| 569 | ARPIT | 312CZ011 | 7894911960 |
| 568 | SUBHALAXMI | 321CZ017 | 6371705857 |
| 568 | BHAGYASHREE | 321CZ509 | 9853578058 |
| 568 | SWAYAMSHREE | 321CZ510 | 9827872997 |
| 567 | SATYAJIT | 312CZ010 | 7978274905 |
| 567 | SUBHASHREE SUBHASMITA | 321CZ068 | 7978768887 |
| 567 | ASHASRI | 321CZ111 | 9237473625 |
| 566 | SAI ARPIT | 312CZ118 | 8917543238 |
| 566 | RUMITA | 321CZ024 | 9178152840 |
| 565 | SUBHAM HARAPRIYA | 312CZ033 | 9668325122 |
| 564 | SHUBHAM | 312CZ007 | 9937533036 |
| 564 | SUBHANKAR | 312CZ026 | 7064837405 |
| 564 | BABUL | 312CZ093 | 7381834918 |
| 564 | PRAGYNA PARMITA | 321CZ065 | 9937431840 |
| 564 | BINODINI | 321CZ072 | 9438279824 |
| 564 | TANUSHREE | 321CZ082 | 8457958145 |
| 563 | MOHIT | 312CZ003 | 7042591220 |
| 563 | RUTENDRA | 312CZ005 | 8376946436 |
| 563 | RAJESH | 312CZ008 | 9437824159 |
| 563 | CHINMAYA | 312CZ097 | 7750985855 |
| 563 | RUDRA NARAYAN | 312CZ104 | 7908558686 |
| 563 | PRIYANKA | 321CZ039 | 9883320962 |
| 563 | ANANYA | 321CZ063 | 7894879290 |
| 563 | RASHMITA | 321CZ122 | 8249824883 |
| 562 | DIBYAJYOTI | 312CZ086 | 9692268696 |
| 562 | JYOTI RANJAN | 312CZ153 | 9861434928 |
| 561 | SITANSHU | 312CZ105 | 9178515603 |
| 561 | PRITISMITA | 321CZ007 | 9861306001 |
| 561 | PRIYANSHA | 321CZ010 | 8961657265 |
| 561 | SOUVAGYALAXMI | 321CZ022 | 9658552663 |
| 561 | PRAVASINI | 321CZ173 | 9348692263 |
| 560 | TANMAY | 312CZ006 | 9439099339 |
| 560 | RAJESH | 312CZ145 | 8328867688 |
| 560 | SOUMYA RANJAN | 312CZ158 | 9938372676 |
| 560 | PRATEEK | 312CZ234 | 9777204680 |
| 560 | RUDDHI SWASTIK | 312CZ581 | 7539031933 |
| 560 | SUBHASMITA | 321CZ011 | 8338816946 |
| 560 | PRANGYA | 321CZ511 | 6370197299 |

## We are expecting 140 to 180 Govt. MBBS Admissions in 2025

71 MBBS IN 2024 | 54 MBBS IN 2023

## OUR ACHIEVERS IN AIIMS

- 710 – KAMALAKANTA – AIIMS,BBSR(2024) – Mob. : 8249906661
- 700 – RAHUL – AIIMS,RAIPUR(2024) – M. : 6372741832
- 697 – SUSHREE SANGITA – AIIMS,DELHI(2021) – Mob. : 9810975701
- 695 – OMM PRAKASH – AIIMS,GRORAKHAPUR(2024) – M. : 6372521307
- 695 – SWAGATIKA – M. : 7381845430 – AIIMS GORAKHAPUR(2024)
- 680 – DEVASIS SAHOO – Mob. : 9861492793 – AIIMS BBSR(2021)
- 675 – ASHIRBAD BISWAL – Mob. : 7846821473 – AIIMS GORAKHPUR(2023)
- 670 – ADITYA NARAYAN – M. : 8260333635 – AIIMS MADURAI(2024)
- 670 – ANUPAM NAYAK – Mob. : 7205755502 – AIIMS KALYANI (2023)
- 665 – SATYAJIT NAYAK – Mob. : 8260601336 – AIIMS RAIPUR(2022)

We are expecting 10 to 20 IIT '& NIT Admissions in 2025

## Qualifying & Scholarship Test for NEET :

25th May, 1st June and 9th June 2025 (any one)

Exam from 11am. to 2.00pm. (Reporting at 10.00am.)

FOR ONLINE REGISTRATION VISIT OUR WEBSITE : https://neet.tetrahedroncoaching.com

Name of the Exam Centres :

- TETRAHEDRON Group of Institutions, Tangi, Cuttack, M. : 9040363480
- TETRAHEDRON Coaching, Arunodaya Nagar, Cuttack, M. : 8093064572
- OASIS Gopabandhu Square, Bhubaneswar, M. : 8093064525
- SRIRAM HIGHER Secondary School, Soro, Near NH-16,Balasore, M. : 8093664112
- ARYAVAT Higher Secondary School, Soubhagya Nagar, Angul, M. : 9348300700
- SANDILYA College of Science, Dehuripali, Budharaja,Sambalpur, M. : 9040363480

One Year NEET Coaching Starts from 29th May, 4th June & 22nd June 2025

# TETRAHEDRON
HIGHER SECONDARY SCHOOL
WOMEN'S HIGHER SECONDARY SCHOOL
RESIDENTIAL COACHING FOR NEET & JEE

www.tetrahedroncoaching.com

## ସଂକ୍ଷେପରେ

### ବରଗାଡ଼ି ଦୁର୍ଘଟଣାଗ୍ରସ୍ତ

**କାଏମା,୨୨।୫(ଶିବପ୍ରସାଦ ମହାନ୍ତି):** ଯାଜପୁର ଜିଲା ଧର୍ମଶାଳା ଥାନା ଶଙ୍ଖାଡ଼ିଅ ନିକଟରେ ଏକ ବରଗାଡ଼ି ଗୁରୁବାର ବାଇକ୍ ସହ ଧକ୍କା ହୋଇଛି। ଫଳରେ ବର ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ୨ ବାଇକ୍ ଅରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଧର୍ମଶାଳା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ଗୋକନେଶ୍ୱର ମନ୍ଦିରରେ ବାହାଘର ଚାଲିଥିବାବେଳେ ଗାଡ଼ି ତେଲ ପକାଇବା ପାଇଁ ଶଙ୍ଖାଡିଅ ନିକଟ ପେଟ୍ରୋଲ ପମ୍ପକୁ ଯାଇଥିଲା। ସେଠାରେ ତେଲ ପକାଇ ଫେରିବା ସମୟରେ ବାଇକ ସହ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ

**ଧର୍ମଶାଳା,୨୨।୫(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ କୁମାରୀସ୍ଥିତ କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏଥିରେ ଧର୍ମଶାଳା କଂଗ୍ରେସ ନେତା କିଷାନ ପଣ୍ଡା ଯୋଗଦେଇ ରାଜୀବଙ୍କ ତ୍ୟାଗପୁତ ଜୀବନ ସମ୍ପର୍କରେ ଆଲୋଚନା କରିବା ସହ କଂଗ୍ରେସ ସଂଗଠନକୁ ତୃଣମୂଳସ୍ତରରୁ ମଜଭୁତ୍ କରିବା ପାଇଁ ପରାମର୍ଶ ଦେଇଥିଲେ। କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା କୃଷକ ସେଲ ସଭାପତି ବସନ୍ତ କୁମାର ପରିଡ଼ା, ପିସିସି ସଦସ୍ୟ ହିମାଂଶୁ ଶେଖର ଦେଓ, ଗଗନ ବିହାରୀ ରାଉତ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ତରାଇ, ପୂର୍ବତନ ସମିତିସଭ୍ୟ ନକୁଳ ନାୟକ, ଯୁବନେତା ସଞ୍ଜୟ କୁମାର ରାଉତ, ସେକ୍ ଇଦ୍ରିସ୍, ସାଗର ପାଳ, ନାରାୟଣ ରାଉତ, ଅମରେନ୍ଦ୍ର ସାମଲ, କାର୍ତ୍ତିକେଶ୍ୱର ସାହୁ ଓ ଦେବାଶିଷ ପରିଡ଼ା ଯୋଗଦେଇ ରାଜୀବଙ୍କ ଦେଶ ପ୍ରତି ଥିବା ଅବଦାନର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ରାଜୀବଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା।

# ସରକାରୀ ସ୍କୁଲରେ ବିବାହ ଭୋଜି ପାଇଁ ଚାଲିଛି ଟେଣ୍ଟ ବନ୍ଧା

**ଜିଲାପାଳଙ୍କ ଦୃଷ୍ଟି ଆକର୍ଷ କଲେ ବୁଦ୍ଧିଜୀବୀ**

**ଯାଜପୁର ସଦର,୨୨।୫ (ସମର ବିଜୟ ଶରଣ):** ସରକାରୀ ଶିକ୍ଷାନୁଷ୍ଠାନରେ ଉତ୍ତମ ଶୈକ୍ଷିକ ବାତାବରଣ ନିମନ୍ତେ ବିଦ୍ୟାଳୟ ଏବଂ ଏହାର ପରିସରକୁ ଅନ୍ୟ କୌଣସି କାର୍ଯ୍ୟକ୍ରମରେ ବ୍ୟବହାର କରାଯାଇ ପାରିବନାହିଁ। କିଛି ବର୍ଷ ପୂର୍ବରୁ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଏଭିଳି ନିର୍ଦ୍ଦେଶନାମା ଜାରି ହୋଇଛି। କିନ୍ତୁ ଯାଜପୁର ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟର ଅନତି ଦୂର ଏବଂ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିକଟ ବିଚିତ୍ରପୁର ପଞ୍ଚାୟତର ବାଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ୨୫ ତାରିଖରେ ଏକ ବିବାହ ଭୋଜି ନିମନ୍ତେ ଟେଣ୍ଟ ବନ୍ଧା କାମ ଚାଲିଥିବା ଦେଖିବାକୁ ମିଳିଛି। ଏନେଇ କେତେଜଣ ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଏବଂ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ



ବିଦ୍ୟାଳୟ ପରିସରରେ ଟେଣ୍ଟ ବନ୍ଧାଯାଇଛି।

ପଚାରିବାରୁ ସେମାନେ ଏପରି ବେଆଇନ କାର୍ଯ୍ୟକୁ ପ୍ରଶୟ ଦିଆଯିବ ନାହିଁ ବୋଲି କହିଛନ୍ତି। କିନ୍ତୁ ଶିକ୍ଷା ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶକୁ କୁଆଡ଼େ ବିଦ୍ୟାଳୟ କର୍ତ୍ତୃପକ୍ଷ ଗ୍ରହଣ କରିବାକୁ ନାରାଜ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଯୁକ୍ତି ଯେ, ସ୍କୁଲ ପରିଚାଳନା କମିଟି ଚାହିଁଲେ ଏହା ପରିସରରେ ସବୁ କିଛି ହୋଇପାରିବ। ସ୍କୁଲ ପରିଚାଳନା କମିଟିଠାରୁ ଶିକ୍ଷା ବିଭାଗ କି ଜିଲା ପ୍ରଶାସନ ବଡ଼ ନୁହେଁ ବୋଲି ସ୍କୁଲ କର୍ତ୍ତୃପକ୍ଷ ଯୁକ୍ତି ରଖିଛନ୍ତି ବୋଲି ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ ଏହି ଘଟଣା ସମ୍ପର୍କରେ ବୁଦ୍ଧିଜୀବୀ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏବେ ଦେଖିବାକୁ ଅପେକ୍ଷା ଏ ଦିଗରେ କି ପଦକ୍ଷେପ ନିଆଯାଉଛି।

# ଗୋରୁ ଚୋରି ନେଇ ଥାନାରେ ଅଭିଯୋଗ

**କାଏମା,୨୨।୫(ଶିବପ୍ରସାଦ ମହାନ୍ତି):** ଗୋରୁ ଚୋରି ଓ ବେଆଇନ କଂସେଇ ଖାନା ବିରୋଧରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗୀ ଦଳ ପକ୍ଷରୁ ଧର୍ମଶାଳା ଥାନାରେ ଗୁରୁବାର ଅଭିଯୋଗ ହୋଇଛି।

ଧର୍ମଶାଳା ଥାନା ଅଞ୍ଚଳରେ ଦିନକୁ ଦିନ ଗୋରୁ ଚୋରି ବଢିଚାଲିଛି। ସେହିପରି ବେଆଇନ ଭାବେ କଂସେଇ ଖାନା ଚାଲୁଛି। ଏନେଇ ଅନେକ ଅଭିଯୋଗ ହୋଇଥିଲେ ବି ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବିଭିନ୍ନ ଗାଁରୁ ଚୋରି ହୋଇଥିବା ଗୋରୁଙ୍କୁ ଗତ ମଙ୍ଗଳବାର ରାତିରେ ଏହି ଥାନା ଅନ୍ତର୍ଗତ କାଏମା ସ୍କୁଲ ପଡ଼ିଆରେ ଏକ ପିକଅପ ଭ୍ୟାନ୍‌ରେ ବୋଝେଇ କରାଯାଉଥିବାବେଳେ ସ୍ଥାନୀୟ ଲୋକେ ପହଞ୍ଚି ଜଣେ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ଥାନାରେ ଅଟକ ଥିବା ଯୁବକ ଜଣଙ୍କ ତାଙ୍କର ଅନ୍ୟ ସହଯୋଗୀଙ୍କ ସହ ସ୍ଥାନୀୟ ଅଞ୍ଚଳରୁ ଦୁଇ ସହରୁ ଅଧିକ ଗୋରୁ ଚୋରି କରି ନେଉଳପୁର ଗ୍ରାମରେ ଦେଉଥିବା ଲୋକଙ୍କ ସମ୍ମୁଖରେ ମାନିଥିଲେ। ନେଉଳପୁରଠାରେ କଂସେଇଖାନା ଚଳାଇଥିବା ୨ ବ୍ୟକ୍ତି ଏହି ଚୋରିରେ ସଂପୃକ୍ତି ଥିବା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଥାନାରେ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ବିଶ୍ୱହିନ୍ଦୁ ପରିଷଦ ଧର୍ମଶାଳା ପ୍ରଖାଣ୍ଡ ସଭାପତି ବିବେକାନନ୍ଦ ଜେନା ଅଭିଯୋଗ କରିଛନ୍ତିଯେ, ସ୍ଥାନୀୟ ଅଞ୍ଚଳରୁ ରାତିରେ ଲୋକଙ୍କ ଗାଈ, ବଳଦ ଓ ବୁଲା ଷଣ୍ଢଗୁଡ଼ିକୁ ଚୋରି କରାଯାଉଛି। ପରେ ସେମାନଙ୍କୁ ନେଉଳପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ଓ କଣ୍ଟାବଣିଆ ଗ୍ରାମର ଖେଳ ପଡ଼ିଆରେ କିଛି ଖାଇବାକୁ ନ ଦିଆଯାଇ ଅତି ନିର୍ଦ୍ଦୟ ଭାବରେ ବନ୍ଧାଯାଉଛି। ନିୟମିତ ରାତିରେ ବିଭିନ୍ନ ସ୍ଥାନରୁ ଗୋରୁ ଚୋରି କରାଯାଇ କଂସେଇ ଖାନାକୁ ଚୋରାଚାଲାଣ କରାଯାଉଛି, ଯାହାକି ଗୋସୁରକ୍ଷା ଆଇନକୁ ଖୋଲାଖୋଲି ଉଲ୍ଲଂଘନ କରୁଛି। ତେଣୁ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

# ଛାତ୍ରୀ ଅପହରଣକାରୀଙ୍କୁ ୨୦ ବର୍ଷ କାରାଦଣ୍ଡ

**ଯାଜପୁରଟାଉନ,୨୨।୫ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):** ଜଣେ ୧୭ ବର୍ଷୀୟା ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର ମାମଲାର ଗୁରୁବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ଅଭିଜିତ ପଲେଇ ମାମଲାର ବିଚାର କରି ଦୋଷୀଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲ୍ ଦଣ୍ଡ ଦେଇଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ସଦର ଥାନା ଅଞ୍ଚଳର ସମ୍ପୃକ୍ତ ଛାତ୍ରୀଙ୍କୁ ୨୦୨୧ ନଭେମ୍ବର ୨୭ରେ ପୁରୁଷୋତ୍ତମପୁର ଗ୍ରାମର ପରେଶ ଓରଫ ମେଘୁଆ ମଳିକ ତା' ସାଙ୍ଗ ଆକାଶ ମହାନ୍ତିଙ୍କ ସହ ମିଶି ଅପହରଣ କରିଥିଲେ। ଏନେଇ ଯାଜପୁର ସଦର ଥାନାରେ ନାବାଳିକାଙ୍କ ମା' ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ନଂ.୩୨୨/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ। ଘଟଣାର ୭ଦିନ ପରେ ଅଭିଯୁକ୍ତଙ୍କ ଭଉଣୀ ଘର ଯାଜପୁର ରୋଡ୍‌ର ଚଢ଼େଇ ପାଡିଆରୁ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ନାବାଳିକା ଉଦ୍ଧାର ହେବା ପରେ ମେଘୁଆ ତାଙ୍କୁ ବଳାତ୍କାର କରିଥିଲେ ବୋଲି ସେ ପୋଲିସ ସମ୍ମୁଖରେ ଅଭିଯୋଗ କରିଥିଲେ। ବିଚାରପତି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୩ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରୁଥିଲେ।

# ମୂଳାପାଳ ପଞ୍ଚାୟତ ପାଇଁ ସୁନାମ ଆଣିଲେ ସୁପ୍ରିୟା

**ପାଣିକୋଇଲି,୨୨।୫(ବିକାଶ ମଲ୍ଲିକ):** କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମର ଗୋଲକ ଚନ୍ଦ୍ର ମାଝୀ ଓ ଅନୁପମା ମାଝୀଙ୍କ ଝିଅ ସୁପ୍ରିୟା ମୂଳାପାଳ ବଞ୍ଚାୟତ ପାଇଁ ସୁନାମ ଆଣିଛନ୍ତି। ସେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷା ଫଳରେ ୫୫୮ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ମୂଳାପାଳ ସରସ୍ୱତୀ ଶିଶୁ ମନ୍ଦିରରେ ମାଟ୍ରିକରେ ସେ ଏ-୧ରେ ପାସ କରିବା ପରେ ପ୍ରୟାସ କଲେଜରେ ଯୁକ୍ତ ୨ ପଢୁଥିଲେ। ଫଳ ପ୍ରକାଶ ପରେ ତାଙ୍କ ପଞ୍ଚାୟତରେ ଖୁସିର ଲହରି ଖେଳିଯାଇଛି।



# ଟପ୍ ଟେନ୍‌ରେ ପାଣିକୋଇଲିର ରାହୁଲ



**ପାଣିକୋଇଲି,୨୨।୫(ବିକାଶ ମଲ୍ଲିକ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଯାଜପୁର ଜିଲା ପାଣିକୋଇଲି ଅଞ୍ଚଳର ଶ୍ରୀଧର ପାଢୀ ଓ କଳ୍ପନା ପାଢୀଙ୍କ ପୁଅ ରାହୁଲ କୁମାର ପାଢୀ ୯୧.୧୬% ମାର୍କ ରଖି ରାଜ୍ୟର ଟପ ୧୦ରେ ସ୍ଥାନ ପାଇଛନ୍ତି। ଫଳାଫଳ ଘୋଷଣା ପରେ ପାଣିକୋଇଲି ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ରାହୁଲ କଟକ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଣିଜ୍ୟ ବିଭାଗରେ ଅଧ୍ୟୟନ କରୁଥିଲେ। ସେ ପାଣିକୋଇଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ହୋଇଥିବାରୁ ବିଦ୍ୟାଳୟର ଶିକ୍ଷକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ପୁଣି ରେଭେନ୍ସାରେ ବାଣିଜ୍ୟ ବିଭାଗରେ ଯୁକ୍ତ ତିନି ପଢିବେ ବୋଲି ସୂଚନା ଦେଇଛନ୍ତି।

# ୯୩% ମାର୍କ ରଖି ସଫଳତା ପାଇଲେ ସନ୍ଦୀପ

**ବରୀ,୨୨।୫(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ ଅଧୀନ ରମ୍ପା ପଞ୍ଚାୟତର ଛାତ୍ର ସନ୍ଦୀପ ସୌରଭ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ୯୩ ପ୍ରତିଶତ ମାର୍କ ରଖି ସଫଳତା ହାସଲ କରିଛନ୍ତି। ବରୀ ବ୍ଲକର ଖବରଦାତା ସଞ୍ଜୟ କୁମାର ବେହେରା ଓ ରଶ୍ମିରେଖା ବେହେରାଙ୍କ ପୁଅ ସନ୍ଦୀପ ଯାଜପୁର ରୋଡ୍‌ସ୍ଥିତ ତଣ୍ଡରା ପ୍ରୟାସ ଉଚ୍ଚ ମାଧମିକ ବିଦ୍ୟାଳୟରେ ଅଧୟନ କରୁଥିଲେ। ସେ ମୋଟ୍ ୬୦୦ ନମ୍ବରରୁ ୫୫୮ ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ସେ ବିଦ୍ୟାଳୟ ଅଧକ୍ଷ ନିହାର ରଞ୍ଜନ ଦାସଙ୍କ ସହ ସମସ୍ତ ଅଧାପିକାଅଧାପଙ୍କୁ ଶ୍ରେୟ ଦେଇଛନ୍ତି। ଭବିଷ୍ୟତରେ ଜଣେ ଆଇଆଇଟି ଇଞ୍ଜିନିୟର ହେବେ ବୋଲି ସନ୍ଦୀପ ପ୍ରକାଶ କରିଛନ୍ତି।





## ସଂକ୍ଷେପରେ

### ୩ ବଖରା ଜଳିଗଲା

ଦଶପଲ୍ଲା,୨୨।୫(ପ୍ରକାଶ କୁମାର ପାଣି)

ଗୁରୁବାର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ନେଳିଗୁଡ଼ା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୩ ବଖରା ପୋଡ଼ିଯାଇଛି। ଏହି ଅଗ୍ନିକାଣ୍ଡରେ ଦୁଃଶାସନ ନାୟକଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଛି। ଘରେ ଥିବା ଧାନ,ଚାଉଳ ସହିତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଛି। କୌଣସି ଗଣ୍ଡଗୋଳକୁ କେନ୍ଦ୍ର କରି ଏହି ଘରପୋଡି ହୋଇଥିବା ଗ୍ରାମବାସୀ କହିଛନ୍ତି। ଖବରପାଇ ଦଶପଲ୍ଲା ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

### ସତ୍ୟବ୍ରତ ନୟାଗଡ଼ ଜିଲା କଂଗ୍ରେସ କମିଟି ସଂଯୋଜକ

ରଣପୁର,୨୨।୫
(ସୁକାନ୍ତ କିଶୋର ଡାକୁଆ)



ରଣପୁର ବ୍ଲକ ବିନୋଦପଡା ଗ୍ରାମର କଂଗ୍ରେସ ନେତା ସତ୍ୟବ୍ରତ ନାୟକ ନୟାଗଡ଼ ଜିଲା କଂଗ୍ରେସ କମିଟିର ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ନାୟକ ପୂର୍ବରୁ ଛାତ୍ର କଂଗ୍ରେସ କମିଟି ସାଧାରଣ ସମ୍ପାଦକ, ଯୁବ କଂଗ୍ରେସ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଓ ସାଧାରଣ ସମ୍ପାଦକ ଯୁବ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସିଛନ୍ତି। ବର୍ତ୍ତମାନ ସେ ରାଷ୍ଟ୍ରୀୟ ମଜଦୂର କଂଗ୍ରେସର ରାଜ୍ୟ ଯୁଗ୍ମ ସଧାରଣ ସମ୍ପାଦକ ଓ ଜାତୀୟ ସାଂଗଠନିକ ସମ୍ପାଦକ ସହିତ ନୟାଗଡ଼ ଜିଲା ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ଏହା ସହିତ ରାଜ୍ୟ ରାଜୀବ ଗାନ୍ଧୀ ଛାତ୍ର ଫୋରମ ପ୍ରତିଷ୍ଠାତା ସଭାପତି ଭାବେ ସେ ଗତ ୩୦ ବର୍ଷ ଧରି କାର୍ଯ୍ୟକ୍ରମ କରି ଆସୁଛନ୍ତି।

# ଯୋଜନାର ନାଁ ବଦଳିଲା, କାମ ଅଧାରେ ରହିଲା





ସିନ୍ଦୂରିଆ ଉଚ୍ଚ ବିଦ୍ୟାଳୟରେ ନିର୍ମାଣକାମ ବନ୍ଦ ପଡ଼ିଥିବାରୁ ବର୍ଷାପାଣି ଜମିରହିଛି।

ନୟାଗଡ଼,୨୨।୫(ଲୋକାନାଥ ମିଶ୍ର)

୫ଟି ଯୋଜନାର ନାମ ବଦଳି ଗୋପବନ୍ଧୁ ଶିକ୍ଷା ସେତୁ ଯୋଜନା ହେବ ପରେ ବି ଅଧାପନ୍ତରିଆ କାମ ପୂର୍ଣ୍ଣାଙ୍ଗ ହୋଇପାରୁନି। ଏଣୁ ନୟାଗଡ଼ ସହର ଉପକଣ୍ଠ ନୟାଗଡ଼ ବ୍ଲକ ସିନ୍ଦୂରିଆ ଉଚ୍ଚ ବିଦ୍ୟାଳୟରେ ସରକାରୀ ଅନୁଦାନରେ ସ୍କୁଲରେ ଥିବା ଅନେକ ଉପକରଣ ନଷ୍ଟ ହେବାକୁ ଯାଉଛି। ସିନ୍ଦୂରିଆ ସ୍କୁଲର ରୂପାନ୍ତରଣ ତଥା ନିର୍ମାଣ ଦାୟିତ୍ୱରେ ନୟାଗଡ଼ ବ୍ଲକ କନିଷ୍ଠ ଯନ୍ତ୍ରୀ ସୁମିତ୍ରା ନାୟକ ରହି ସବୁ କାର୍ଯ୍ୟ କରୁଥିଲେ। ଇତିମଧ୍ୟରେ ୧ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ୍ ଠାରୁ ଆରମ୍ଭକରି ଶ୍ରେଣୀଗୃହକୁ ରାସ୍ତା ସଂଯୋଗ ଏବଂ ମୁଖ୍ୟଫାଟକ ନିର୍ମାଣ ଇତ୍ୟାଦି ଅସମାପ୍ତ ଅବସ୍ଥାରେ ପଡ଼ିଛି। ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ଓ ସ୍ମାର୍ଟବୋର୍ଡ ଲାଗିଥିବା ବେଳେ ଆର୍ଥିଂ ବ୍ୟବସ୍ଥା ନ ଥିବାରୁ ବିଜୁଳି ଘଡ଼ଘଡି ମାରି ଏସବୁ ପୋଡ଼ିଯାଇପାରେ। ବିଦ୍ୟାଳୟ ହତା ଭିତରେ ମାଟି ପଡ଼ିବା କଥା। କିନ୍ତୁ ମାଟି ପଡି ନ ଥିବାରୁ ବର୍ଷାଦିନେ ପାଣି ଜମିରହି ପରିବେଶକୁ ସନ୍ତସନ୍ତିଆ ଓ କର୍ଦ୍ଦମାକ୍ତ କରି ରଖୁଛି। ଏଣେ ଶ୍ରେଣୀଗୃହକୁ ସଂଯୋଗ କରୁଥିବା ରାସ୍ତାରେ ମେଣ୍ଟାଲ ଉଠି ଛାତ୍ରୀଛାତ୍ର ପ୍ରତିଦିନ ଝୁଣ୍ଟିପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ଏସବୁର ପ୍ରତିକାର ନିମନ୍ତେ ଲେଖିଜଣାଇବା ସହିତ ଆଲେଚନା କରିଥିଲେ। କନିଷ୍ଠ ଯନ୍ତ୍ରୀ ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ଦିନେ ୨ ଦିନ ଭିତରେ ରାସ୍ତା ଓ ଆର୍ଥିଙ୍ଗ କାମ କରିବା ପାଇଁ କହିଥିଲେ ହେଁ ସପ୍ତାହେ ବିତିଯାଇଥିଲେ ମଧ୍ୟ କାମ ଆରମ୍ଭ ନ କରି ହେୟଜ୍ଞାନ କରିଚାଲିଛନ୍ତି। ଏନେଇ ଗ୍ରାମବାସୀ, ଅଭିଭାବକ ଓ ଆଲୁମିନି ସଦସ୍ୟମାନେ ଗଭୀର ଅସନ୍ତୋଷ ବ୍ୟକ୍ତ କରୁଛନ୍ତି ବୋଲି ଆଲୁମିନି ସଦସ୍ୟ ସରୋଜ ପଟ୍ଟନାୟକ, ଶେଖ ମଜହର, ଅମଜାଦ ଖାଁ, ସନ୍ତୋଷ ସାହୁ, କୁନା ସାହୁ ଓ ଲିଆକତ ଅଲି ପ୍ରମୁଖ ସୂଚନା ଦେଇଛନ୍ତି। ୩ ଦିନ ଭିତରେ ଯଦି କାମ ଆରମ୍ଭ କରାନଯାଏ ତେବେ ବାଧ୍ୟହୋଇ ଦୁର୍ଗାପ୍ରସାଦ ଓ ସିନ୍ଦୂରିଆ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

### ସିନ୍ଦୂରିଆ ଉଚ୍ଚ ବିଦ୍ୟାଳୟ

# ଓଡ଼ଗାଁ କଲେଜ: କଳାରେ ସୀମା ନାୟକ ଟପ୍ପର

ଓଡ଼ଗାଁ,୨୨।୫
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ +୨ କଳା ବିଭାଗ ପରୀକ୍ଷାରେ ୫୨୧ ନମ୍ବର ରଖି ସୀମା ନାୟକ କଲେଜ ଟପ୍ପର ହୋଇଥିବା ବେଳେ ପ୍ରିୟସ୍ମିତା ପ୍ରଧାନ ୫୧୫ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ଏବଂ ଆୟୁସ୍ମିତା ପାତ୍ର ୫୧୩ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ପରୀକ୍ଷା ଫଳ ବୁଧବାର ଅପରାହ୍ନରେ ପ୍ରକାଶ ପାଇଥିଲା। ଓଡ଼ଗାଁ କଲେଜରୁ ୪୧୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୦୭, ଦ୍ୱିତୀୟ ଶ୍ରେଣୀରେ ୫୩ ଏବଂ ୧୬୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ପତ୍ରମାଧ୍ୟମରେ ଶିକ୍ଷା ପରୀକ୍ଷା ଦେଇଥିବା ୨୯ ଜଣଙ୍କ ମଧ୍ୟରୁ ଦ୍ୱିତୀୟ ଶ୍ରେଣୀରେ ୩ ଏବଂ ତୃତୀୟ ଶ୍ରେଣୀରେ ୧୨ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ଧନ୍ଦାମୂଳକ ଶିକ୍ଷାର ଇଡିଏର ପ୍ରଥମ ଶ୍ରେଣୀରେ ୧ ଜଣ ଏବଂ ଦ୍ୱିତୀୟରେ ୧ ଜଣ ପାସ କରିଛନ୍ତି। ସେହିପରି ଏହି ବ୍ଲକ କୋମଣ୍ଡ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୨ କଳାରେ ୫୬ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୬ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୪ ଏବଂ ତୃତୀୟ ଶ୍ରେଣୀରେ ୨୯ ଜଣ ଏବଂ ବିଜ୍ଞାନ ବିଭାଗ ପରୀକ୍ଷାରେ ୩୬ ଜଣଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୫ ଓ ତୃତୀୟ ଶ୍ରେଣୀରେ ୬ କୃତକାର୍ଯ୍ୟ ହୋଇଥିବା ଜଣାପଡିଛି।

### କୋମଣ୍ଡ ମହିଳା କଲେଜରେ ୮୦ ପ୍ରତିଶତ ସଫଳତା

# ନ୍ୟାୟ ପଞ୍ଚାୟତର ନିଷ୍ପତ୍ତିରେ ପାରିବାରିକ ବିବାଦର ସମାଧାନ

ଖଣ୍ଡପଡ଼ା,୨୨।୫
(ଅଜୟ କୁମାର ମହାରଣା)

ଆଇନର ବିଧି ବ୍ୟବସ୍ଥାରେ ନ୍ୟାୟ ପାଇବାରେ ବିଳମ୍ବ ହେଉଥିବା ବେଳେ ନ୍ୟାୟ ପଞ୍ଚାୟତ ନିଷ୍ପତ୍ତିନାମା ଜରିଆରେ ଗତ ୨ ବର୍ଷ ଧରି ୨ ପରିବାର ମଧ୍ୟରେ ଲାଗି ରହିଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଆପୋଷ ଆଲୋଚନା ମଧ୍ୟରେ ହୋଇଛି। ଖଣ୍ଡପଡ଼ା ନିକଟସ୍ଥ ବାଇଗୁଣିଆଁ ଗ୍ରାମର ଲକ୍ଷ୍ମୀଧର ମହାରଣାଙ୍କ ଝିଅ ଉର୍ମିଳାଙ୍କ ସହ ବୋଲଗଡ ବ୍ଲକ କଳାଙ୍ଗ ଗ୍ରାମର ଜଣେ ଯୁବକଙ୍କ ୨ ବର୍ଷ ତଳେ ବିବାହ ହୋଇଥିଲା। ମାତ୍ର ବିଭିନ୍ନ କାରଣକୁ କେନ୍ଦ୍ର କରି ପାରିବାରିକ କଳହର ସୂତ୍ରପାତ ହୋଇଥିଲା। ଫଳରେ ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ ମନାନ୍ତର ସୃଷ୍ଟି ହୋଇଥିଲା। ଫଳରେ ୨ ପରିବାର ଅଶାନ୍ତିରେ ଦିନ କାଟୁଥିଲେ। ୨ ପରିବାର ମଧ୍ୟରେ ଶାନ୍ତି ଫେରାଇ ଆଣିବା ପାଇଁ ନୟାଗଡ଼ ଜିଲା ଶାନ୍ତି କମିଟି ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିଲା। ଜିଲା ଶାନ୍ତି କମିଟିର ସମ୍ପାଦକ ପ୍ରଫୁଲ୍ଲ ନନ୍ଦ, ସାଙ୍ଗଠନିକ ସମ୍ପାଦକ ଗୌରାଙ୍ଗ ପ୍ରଧାନ ଓ କଳାଙ୍ଗ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ କିଶୋର ଚନ୍ଦ୍ର ହୋତାଙ୍କ ଉଦ୍ୟମରେ ଉଭୟ ପରିବାର ସଦସ୍ୟମାନଙ୍କ ଉପସ୍ଥିତିରେ ବିଭିନ୍ନ ପ୍ରସଙ୍ଗ ଉପରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ଏହାପରେ ସବୁ ବିବାଦର ସମାଧାନ ହୋଇଥିଲା। ନ୍ୟାୟ ପଞ୍ଚାୟତ ଜରିଆରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକୁ ଉଭୟ ପରିବାରର ସ୍ୱୀକାର କରିଛନ୍ତି। ଏହାପରେ ଉଭୟ ପରିବାର ସଦସ୍ୟଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ଅଧାରେ ଅଟକିଛି ସେତୁ, ରାସ୍ତା ନିର୍ମାଣ

### ଜମି ଅଧିଗ୍ରହଣକୁ ନେଇ ଚିନ୍ତା

ଖଣ୍ଡପଡ଼ା,୨୨।୫
(ଅଜୟ କୁମାର ମହାରଣା)



ଅଧାପନ୍ତରିଆ ଭାବେ ରହିଥିବା ସେତୁ କାମ।

ଖଣ୍ଡପଡ଼ାରୁ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାର ବରକୋଳି ଛକଠାରୁ ତେନ୍ତୁଳିଆପଲ୍ଲୀ, ମୁରାରୀପୁର ଗ୍ରାମ ଦେଇ କଣ୍ଟିଲୋକୁ ସଂଯୋଗ କରୁଥିବା ରାସ୍ତାର କୁଆଁରିଆ ନଦୀ ଉପରେ ସେତୁ ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି। ଜମି ଅଧିଗ୍ରହଣ ସମସ୍ୟା ସୃଷ୍ଟି ହେବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। କଣ୍ଟିଲୋ ପାର୍ଶ୍ୱ ମାଳବନ୍ଧରୁ ନିର୍ମାଣଧୀନ କୁଆଁରିଆ ସେତୁକୁ ସଂଯୋଗୀକରଣ ପାଇଁ ଆବଶ୍ୟକ ପଡୁଥିବା ଜମି ଅଧିଗ୍ରହଣ ହୋଇ ପାରୁନାହିଁ। ଫଳରେ ସେତୁ ନିର୍ମାଣରେ ଠିକାସଂସ୍ଥା ସମସ୍ୟାର ସମ୍ମୁଖୀନ ହୋଇଥିବା ଜଣାପଡିଛି। ସେହିପରି ବରକୋଳି ଛକରୁ ନିକଟସ୍ଥ ତେନ୍ତୁଳିଆପଲ୍ଲୀକୁ ସଂଯୋଗ କରୁଥିବା ରାସ୍ତାର କିଛି ଅଂଶ ବ୍ୟକ୍ତିଗତ ମାଲିକାନାରେ ଥିବାରୁ ରାସ୍ତା ନିର୍ମାଣ ହୋଇ ପାରୁନାହିଁ। ତେଣୁ ରାସ୍ତା ଓ ନୂତନ ସେତୁ ନିର୍ମାଣ କାର୍ଯ୍ୟ ଅଧାରେ ଅଟକିଛି। ଏ ସମ୍ପର୍କରେ ଜିଲା ପ୍ରଶାସନ ଅବଗତ ଥିଲେ ହେଁ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନୟାଗଡ଼ ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ ରାଜସ୍ୱ ବିଭାଗ ଉଚ୍ଚ ପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଶରଣକୁଳରେ ଗାଈଚୋରି ର୍ୟାକେଟ ସକ୍ରିୟ

### ଗୁହାଳରୁ ଓ ଚରିବା ବେଳେ ଗାଈ ଚୋରି

ନୟାଗଡ଼,୨୨।୫(ଲୋକନାଥ ମିଶ୍ର)

ନୟାଗଡ଼ ପୋଲିସ ଜିଲାର ଶରଣକୁଳ ଥାନା ଶରଣକୁଳ ଓ ବାଉଁଶିଆ ଅଞ୍ଚଳରୁ ଗାଈ ଚୋରି ର୍ୟାକେଟ କାମ କରୁଛି। କେତେଜଣ ବ୍ୟକ୍ତି ଗୁହାଳରୁ ଗାଈ ଚୋରାଇ ନେଉଥିବାବେଳେ ଆଉ କେତେଜଣ ଗାଈ ଚରୁଥିବାବେଳେ ଚୋରାଇ ନେଉଛନ୍ତି। ଗାଈ ଚୋରି ନେଇ ଶରଣକୁଳ ନରେନ୍ଦ୍ରପୁରର ଅଶୋକ କୁମାର ସାହୁ, ବାଉଁଶିଆ ଗାଁର ଚମ୍ପା ନାହାକ ଓ ମଞ୍ଜୁ ବେହେରା ପ୍ରମୁଖ ଥାନାରେ ଗୁରୁବାର ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।



**ପ୍ରତିଷ୍ଠା, ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସଯାତ୍ରା**

ରଘୁନାଥପୁର, (ରାଜେନ୍ଦ୍ର ନାରାୟଣ ସିଂହ): ରଘୁନାଥପୁର ବ୍ଲକ ଅନ୍ତର୍ଗତ କନ୍ଦରାପାଟି ଗ୍ରାମର ମା'ବୁଢ଼ୀ ଜାଗୁଳେଇଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ବୁଧବାର ଅଙ୍କୁରାରୋପଣ କରାଯାଇଥିବାବେଳେ ଗୁରୁବାର କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ପାଇକା ନଦୀରୁ କଳସରେ ପାଣି ଆଣି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ସେଠାରେ କଳସ ସ୍ଥାପନ ପରେ ପୁରୀରୁ ଆସିଥିବା ପଣ୍ଡିତମାନଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି।

# ସରୁନି ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ

ଜଗତ୍‌ସିଂହପୁର, ୨୨।୫ (ପ୍ରମୋଦ କୁମାର ନାୟକ)

- ୧୧ କୋଟି ବ୍ୟୟ ବରାଦରେ ଚାଲିଛି କାମ
- ୧୩ ବର୍ଷ ପୂର୍ବରୁ ଖର୍ଚ୍ଚ ହୋଇଥିଲା ୧ କୋଟି

୧୩ ବର୍ଷ ପୂର୍ବରୁ ଜିଲା ମୁଖ୍ୟାଳୟରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଚିନ୍ତା କରାଯାଇଥିଲା। ସେତେବେଳେ ଏହି ଖବର ସାଧାରଣରେ ଖୁସି ଭରି ଦେଇଥିଲା। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଯୋଗଧାରୀ ନିକଟରେ ସ୍ଥାନ ଚିହ୍ନଟ ସହ ପାଖାପାଖି ୧ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା। କିନ୍ତୁ ବିନା ବିଚାରବିମର୍ଶରେ ଉକ୍ତ ସ୍ଥାନ ଚିହ୍ନଟ କରାଯାଇଥିବାରୁ ବାସ୍ତବ ଲକ୍ଷ୍ୟ ପୂରଣ କରିପାରି ନ ଥିଲା। କାଳକ୍ରମେ ବସ୍‌ଷ୍ଟାଣ୍ଡଟି ବେସରକାରୀ ଉଦ୍ଦେଶ୍ୟରେ ଅର୍ଥାତ୍ ଟ୍ରକ୍‌ଗୁଡ଼ିକର ରହଣି ପାଇଁ ବ୍ୟବହାର ହୋଇ ଚାଲିଥିଲା। ଦୀର୍ଘଦିନ ପରେ ସରକାର ଏହି ସ୍ଥାନରେ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିଲେ। ଏ ବାବଦରେ ପାଖାପାଖି ୧୧ କୋଟି ଟଙ୍କା ଖର୍ଚ୍ଚ ଆକଳନ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଥିଲା। ଏହି ଅନୁଯାୟୀ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ପାଖାପାଖି ୭ କୋଟି ଟଙ୍କାର ଅନୁଦାନ ଜଗତ୍‌ସିଂହପୁର ପୌର ପରିଷଦକୁ ଦିଆଯାଇଥିଲା। ପରିଷଦ ଏହି ରାଶି ୨୦୨୩ରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲା। ୧୧।୧୧।୨୩ରୁ କାମ ଆରମ୍ଭ ହୋଇ ୧୧।୧୧।୨୪ ସୁଦ୍ଧା ସରିବ ବୋଲି ରାଜିନାମା ହୋଇଥିଲା। କିନ୍ତୁ ଏଥିମଧ୍ୟରେ ଅଧିକ ୬ ମାସ ପୂରିବାକୁ ବସିଥିଲେ ସୁଦ୍ଧା କାମ ଶେଷ ହୋଇପାରିନାହିଁ। ଜଗତ୍‌ସିଂହପୁର ମୁଖ୍ୟ ଡାକଘର ନିକଟ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବସ୍‌ଷ୍ଟପ୍ ରହିଛି। ସେଠାରେ ବସ୍‌ଗୁଡ଼ିକ କିଛି ସମୟ ଅଟକି ପୁଣି ବାହାରି ଯାଉଛି। ଏକକାଳୀନ ୧୦ଟି ବସ୍ ରହିଲା ଭଳି ଜାଗା ସେଠାରେ ନାହିଁ। ଏହି କମ୍ ଜାଗାରେ ଟ୍ରେକରଗୁଡ଼ିକ ମଧ୍ୟ ଅଟକୁଛି। ଏନେଇ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବସ୍‌ଷ୍ଟପ ଜମିର କିଛି ପରିମାଣ ପୁରୋହିତପୁର ସୋସାଇଟି ଏବଂ ଅବଶିଷ୍ଟ ଜଗତ୍‌ସିଂହପୁର ପୌର ପରିଷଦ ଅଧୀନରେ ରହିଛି। ପରିଷଦ ଏହି ଜମିକୁ ବସ୍ ମାଲିକ ସଂଘକୁ ଲିଜ୍ ସୂତ୍ରରେ ଦେଇଛି। ଏହି ସମସ୍ୟା ଭିତରେ ଜଗତ୍‌ସିଂହପୁରରେ ବସ୍‌ଷ୍ଟାଣ୍ଡର ଆବଶ୍ୟକତାକୁ ଅନୁଭବ କରି ୨୦୦୩ରେ ତତ୍କାଳୀନ ଜିଲାପାଳ ପଦକ୍ଷେପ ନେଇଥିଲେ। ବସ୍ ମାଲିକ ସଂଘ, ଲୋକ ପ୍ରତିନିଧି କିମ୍ବା ବୁଦ୍ଧିଜୀବୀଙ୍କ ମତାମତ ନ ନେଇ ତରବରିଆ ଭାବେ ବଜାରଠାରୁ ୩ କିଲୋମିଟର ଦୂର ଜଗତ୍‌ସିଂହପୁର-ବାଲିକୁଦା ମୁଖ୍ୟ ରାସ୍ତା ପାର୍ଶ୍ୱ ଯୋଗଧାରୀଠାରେ ବସ୍‌ଷ୍ଟାଣ୍ଡ ପାଇଁ ସ୍ଥାନ ଚିହ୍ନଟ କରାଯାଇଥିଲା। ୮ ମାର୍ଚ୍ଚ ୨୦୦୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୭୭ଲକ୍ଷ ୭୬ ହଜାର ୭୪୯ ଟଙ୍କା ଓ ଦ୍ୱିତୀୟ ପର୍ଯ୍ୟାୟରେ ପାଖାପାଖି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଆସିଥିବା ଅନୁଦାନ ହେଲା ଏମ୍‌ପି ପାଣ୍ଠିରୁ ୨୦ ଲକ୍ଷ ୮୯ ହଜାର ୪୦୧, ରାଜ୍ୟ ସଭା ସଦସ୍ୟ ୧୧ଲକ୍ଷ ୯୯ହଜାର, ବିଧାୟକ ୯ ଲକ୍ଷ, ଜଗତ୍‌ସିଂହପୁର ପୌର ପରିଷଦ ୫ଲକ୍ଷ ୮୮ ହଜାର ୧୩୮ ଏବଂ ସ୍ୱତନ୍ତ୍ର ସମସ୍ୟା ପାଣ୍ଠିରୁ ୩୦ ଲକ୍ଷ ଟଙ୍କା। ଏଥିରେ ୨ଟି ଫାଟକ ନିର୍ମାଣ କରାଯାଇଥିଲା। ବାମ ଫାଟକ ପାର୍ଶ୍ୱରେ ପୋଲିସ ସହାୟତା କେନ୍ଦ୍ର, ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟ, ୨ଟି ପରିସ୍ରାଗାର (ମହିଳା ଓ ପୁରୁଷ) ତିଆରି ହୋଇଥିଲା। ସମ୍ମୁଖପଟ ଶେଷ ଆଡକୁ ୫ଟି ବିଶ୍ରାମାଗାର, ଏହା ପଛକୁ ସୁଲଭ ଶୌଚାଳୟ ଏବଂ ସ୍ନାନାଗାର ତିଆରି କରାଯାଇଥିଲା।ଆଲୋକ ବ୍ୟବସ୍ଥା ହୋଇଥିଲା। ବସ୍‌ଷ୍ଟାଣ୍ଡର ଦକ୍ଷିଣ ପାର୍ଶ୍ୱରେ ୧୪ଟି ବିଶ୍ରାମାଗାର କୋଠରି, ୨ ପରିସ୍ରାଗାର (ମହିଳା, ପୁରୁଷ) ବ୍ୟବସ୍ଥା ହୋଇଥିଲା। ରାସ୍ତା ପାର୍ଶ୍ୱ ଅର୍ଥାତ୍ ୨ ଫାଟକ ମଝିରେ ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନ ରଖାଯାଇଥିଲା। ଫାଟକ ବାହାରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ୯ ଡିସେମ୍ବର ୨୦୧୨ରେ ତତ୍କାଳୀନ ଗ୍ରାମ୍ୟ ଉନ୍ନୟନ ଏବଂ ସମବାୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। କିନ୍ତୁ ବସ୍‌ଷ୍ଟାଣ୍ଡଟି କାର୍ଯ୍ୟକ୍ଷମ ହୋଇପାରି ନ ଥିଲା। ଏହାର ଦୀର୍ଘ ବର୍ଷ ପରେ ଅର୍ଥାତ୍ ୨୦୨୩ରେ ସରକାର ଏହି ସ୍ଥାନରେ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଘୋଷଣା କରିଥିଲେ। ତା'ପରେ ୧ କୋଟି ବ୍ୟୟରେ ନିର୍ମିତ ପୁରୁଣା ବିଲ୍ଡିଂ ଆଦି ଭଙ୍ଗା ଯାଇଥିଲା। ଯୋଜନା ଅନୁଯାୟୀ ୧୦ଟି ବସ୍ ଏକକାଳୀନ ରହିଲା ପରି ବସ୍ ଟର୍ମିନାଲ ନିର୍ମାଣ ସହ ଯାତ୍ରୀ ବିଶ୍ରାମାଗାର, ପାଇଖାନା, ପରିସ୍ରାଗାର, ଏଟିଏମ୍, ୮ ଅତିଥି ଭବନ ଓ କ୍ୟାଣ୍ଟିନ୍ ନିର୍ମାଣ ପାଇଁ ଯୋଜନା ହୋଇଥିଲା, କିନ୍ତୁ ଏପର୍ଯ୍ୟନ୍ତ କାମ ସରିନାହିଁ।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କୁ ପଚାରିବାରୁ ପାଖାପାଖି ୧୧ କୋଟି ଟଙ୍କାରେ ଚାଲିଥିବା କାମ ଆପାତତଃ ସରି ଆସିଲାଣି। ଆଉ ଖୁବ୍‌କମ ଦିନ ଭିତରେ ମଡେଲ ବସ୍‌ଷ୍ଟାଣ୍ଡକୁ ଜଗତ୍‌ସିଂହପୁର ପୌର ପରିଷଦକୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି।


ନିର୍ମାଣାଧୀନ ମଡେଲ ବସ୍‌ଷ୍ଟାଣ୍ଡ।

# ଗୋମାତାଙ୍କୁ ଜାତୀୟ ପ୍ରାଣୀ ଘୋଷଣା କରିବା ଉଚିତ : ବାବା ବଳିଆ


ବାର୍ଷିକ ଚତୁର୍ଦ୍ଦଶୀ ମେଳାରେ ବାବା ବଳିଆ ଓ ଅନ୍ୟ ସାଧୁସନ୍ଥମାନେ।

ତିର୍ତ୍ତୋଲ, ୨୨।୫ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଆମ୍ବେରୀ ପଞ୍ଚାୟତ ଅନ୍ତର୍ଗତ ଅରିଲୋ ଶିଶୁ ଅନନ୍ତ ଆଶ୍ରମ ପରିସରରେ ଆୟୋଜିତ ୫୬ତମ ବାର୍ଷିକ ଚତୁର୍ଦ୍ଦଶୀ ମେଳା ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ସନ୍ଥ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ବାବା ବଳିଆ କହିଥିଲେ, ସତ୍ୟ, ସନ୍ଥ ଓ ଶାସ୍ତ୍ର ଏ ତିନୋଟି ସନାତନ ଧର୍ମର ମୂଳ ଆଧାର। ସନାତନ ଧର୍ମ ଅନେକ ମତାନ୍ତରରେ ବିଭାଜିତ ହେବା ଦ୍ୱାରା ଶାସ୍ତ୍ରର ମୌଳିକ ସିଦ୍ଧାନ୍ତରୁ ଜନସାଧାରଣ ଦୂରେଇ ରହୁଛନ୍ତି। କର୍ମ ହିଁ ମନୁଷ୍ୟର ବାସ୍ତବ ପରିଚୟ। ଏହାହିଁ ପ୍ରତିଟି ଜୀବନକୁ ସୁଖ ଓ ଦୁଃଖ ଉଭୟ ପ୍ରଦାନ କରିଥାଏ। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ବାବା ବଳିଆ କହିଥିଲେ ଯେ, ଗୋସମ୍ପଦର ସୁରକ୍ଷା ପାଇଁ ଗୋମାତାଙ୍କୁ ଜାତୀୟ ପ୍ରାଣୀ ରୂପେ ଘୋଷଣା କରାଯିବା ଉଚିତ। ରାଷ୍ଟ୍ରର ବିକାଶ ପାଇଁ ରାସ୍ତା ନିର୍ମାଣ ଆବଶ୍ୟକ। ମାତ୍ର ଏଥିପାଇଁ ପୁରୁଣା ଗଛ କାଟିବା ପୂର୍ବରୁ ନୂତନ ଜଙ୍ଗଲ ପ୍ରଥମେ ସୃଷ୍ଟି କରାଯାଉ। ପ୍ରତିଟି ଅଞ୍ଚଳର ଜନସାଧାରଣ ସଚେତନ ରହି ଗଛକଟାକୁ ବିରୋଧ କରିବା ଉଚିତ। ସଭ୍ୟ ସମାଜରେ ବଢୁଥିବା ପୁରୁଷ ନିର୍ଯାତନାକୁ ଦୃଷ୍ଟିରେ ରଖି ସରକାର ପୁରୁଷ କମିଶନ ଗଠନ କରିବା ଉଚିତ। ବିଶ୍ୱ ଆତଙ୍କବାଦରୁ ମୁକ୍ତ ହେଉ ବୋଲି ବାବା ବଳିଆ କହିଥିଲେ। ଏହି ସନ୍ଥ ସମ୍ମିଳନୀରେ ସ୍ୱାମୀ ବ୍ରହ୍ମାନନ୍ଦ, ରିକି ମିଶନର ଶ୍ରୀସନ୍ଥ, ଗୋବର୍ଦ୍ଧନ ପୀଠର ମାତୃପ୍ରସାଦ ମିଶ୍ର, ଛତିଆବଟର ଜଗନ୍ନାଥ ଦାସ, ଧାନକୁନ୍ଦର ଅରକ୍ଷିତ ଦାସ, ସତ୍ୟାନନ୍ଦ ଦାସ, ମହନ୍ତ ପର୍ଶୁରାମ ଦାସ, ଦାମୋଦର ଦାସ, ଅସୀମାନନ୍ଦ ମହାରାଜ, ବିଶ୍ୱାନନ୍ଦ ବାବା, ଦିବାକର ଦାସ ପ୍ରମୁଖ ସାଧୁ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବାବାଜୀ ଶ୍ରୀବାସ ଦାସ, ଡ. ଚିଦାନନ୍ଦ ବ୍ରହ୍ମଚାରୀ, ବିମ୍ବାଧର ଦାସ, ପ୍ରକାଶ ଦାସ, ମନୋଜ ଦାସ, ସଞ୍ଜୟ ଦାସ ପ୍ରମୁଖ ସଞ୍ଚାଳନ କରିଥିଲେ।

# ତ୍ରିରଙ୍ଗା ଶୋଭାଯାତ୍ରା

ରଘୁନାଥପୁର,୨୨।୫(ରାଜେନ୍ଦ୍ର ନାରାୟଣ ସିଂହ)

ଅପରେଶନ ସିନ୍ଦୂରର ସଫଳତା ପରେ ଭାରତୀୟ ସୈନ୍ୟବାହିନୀର ମନୋବଳକୁ ଦୃଢ଼ କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ଗୁରୁବାର ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଘୁନାଥପୁର ଥାନାଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ଆୟୋଜିତ ଏହି ଶୋଭାଯାତ୍ରାର ନେତୃତ୍ୱ ରଘୁନାଥପୁର ବ୍ଲକ ଭାଜପା ସଭାପତି ସ୍ୱରାଜ ସାମଲ ନେଇଥିଲେ। ଏଥିରେ ବହୁ ଲୋକ ସାମିଲ ହୋଇ ଭାରତର ଜାତୀୟ ପତକା ଧରି ପାକିସ୍ତାନ ବିରୋଧରେ ନାରାବାଜି କରିବା ସହ ଭାରତୀୟ ବୀର ସୈନିକମାନଙ୍କ ଜୟଗାନ କରିଥିଲେ। ଏହି ଶୋଭାଯାତ୍ରାରେ ଜଗତ୍‌ସିଂହପୁର ଜିଲା ଭାଜପା ସାଧାରଣ ସମ୍ପାଦକ ସୁବାସ ଜେନା, ନିର୍ମଳ ମହାପାତ୍ର, ସୁକାନ୍ତ ସ୍ୱାଇଁ, ସରୋଜକାନ୍ତ ସ୍ୱାଇଁ, ବାବା ବଂଶୀଧର ଦାସ, ବ୍ଲକ ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁପ୍ରଭା ସ୍ୱାଇଁ, ଭାଜପା ଓବିସି ସଭାପତି ସୁବୋଧ ବାରିକ, ନବ ମଲ୍ଲିକ, ବ୍ଲକ ଭାଜପା ଯୁବମୋର୍ଚ୍ଚା ସଭାପତି ମନୋଜ ସାହୁ, ଶିବ ପ୍ରସାଦ ଦାସ, ବ୍ଲକ ଭାଜପା ମହିଳା ମୋର୍ଚ୍ଚା ଉପ ସଭାପତି ଅନିତାରାଣୀ ତ୍ରିପାଠୀ ପ୍ରମୁଖ ସାମିଲ ହୋଇଥିଲେ।



ରଘୁନାଥପୁର ଥାନାଠାରୁ ବାହାରିଥିବା ତ୍ରିରଙ୍ଗା ଶୋଭାଯାତ୍ରାରେ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜର ସଦସ୍ୟ ଓ ଅନ୍ୟମାନେ।

# ତାରିଣୀ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶତ ପ୍ରତିଶତ ସଫଳତା

ମାର୍ଶାଘାଇ,୨୨।୫ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ହଳଦିଆଗଡ଼ା ନିକଟସ୍ଥ ତାରିଣୀ ଯୁକ୍ତ ୨ ବିଜ୍ଞାନ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ଶତ ପ୍ରତିଶତ ହୋଇଛି। ମୋଟ ୧୨୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୯୮ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୪ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪ ଜଣ ଛାତ୍ରୀଛାତ୍ର ୯୦% ରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଦିବ୍ୟଜ୍ୟୋତି ମହାପାତ୍ର ୫୫୨ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୧୧ ଜଣ ଛାତ୍ରୀଛାତ୍ର ୫ ଶହରୁ ଅଧିକ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ତାରିଣୀ ଶିକ୍ଷାନୁଷ୍ଠାନ ସମୂହର ପରିଚାଳନା ନିର୍ଦ୍ଦେଶକ ଶ୍ରୀବତ୍ସ କୁମାର ପଣ୍ଡା ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ | Bhubaneswar, Friday, May 23/2025 | ପୃଷ୍ଠା-୧




ଯାଜପୁର ଜିଲା କଳିଙ୍ଗନଗରରେ ଇଡ୍‌କୋ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରୋଜେକ୍ଟ ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସନାୟକ ଏବଂ ବଡ଼ଚଣା ବିଧାୟକ ଅମର ନାୟକ।

# ଶିଳ୍ପ ପାଇଁ ବଳିଦାନ ନୁହେଁ, ଭାଗୀଦାରି ଆବଶ୍ୟକ: ମୁଖ୍ୟମନ୍ତ୍ରୀ

**■ କଳିଙ୍ଗନଗରରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ପ୍ରକଳ୍ପ ଶିଳାନ୍ୟାସ**

**■ ୩୬ ହଜାର ନୂଆ ନିଯୁକ୍ତି ସୃଷ୍ଟି ଲକ୍ଷ୍ୟ**

ଯାଜପୁର,୨୨।୫
(ହର୍ଷବର୍ଦ୍ଧନ ବେହେରା)



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି।

ଶିଳ୍ପ କ୍ଷେତ୍ରରେ ଆଜି ସାରା ରାଜ୍ୟରେ ଏକ ଐତିହାସିକ ଦିନ। ଗୋଟିଏ ଦିନରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ସମ୍ପ୍ରସାରଣ ଓ ଉଦ୍‌ଘାଟନ ହେବା ସହ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହିସବୁ ପ୍ରକଳ୍ପରେ ୩୬ ହଜାର ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରହିଛି। କଳିଙ୍ଗନଗର ଗୁଳିକାଣ୍ଡ ଘଟଣାକୁ ମନେପକାଇ ଶିଳ୍ପ ପ୍ରତିଷ୍ଠା ପାଇଁ ବଳିଦାନ ନୁହେଁ, ଭାଗୀଦାରିର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଗୁରୁବାର ଯାଜପୁର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଟାଟା ଷ୍ଟିଲର ସମ୍ପ୍ରସାରଣ ଏବଂ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ସ୍ଥାନୀୟ ନିଯୁକ୍ତିକୁ ପ୍ରାଥମିକତା ଦେବାକୁ ଉପସ୍ଥିତ ଶିଳ୍ପପତିମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ମେକ୍ ଇନ୍ ଓଡ଼ିଶାର ୧୧୩ ଦିନ ମଧ୍ୟରେ ଶିଳ୍ପଗୁଡ଼ିକର ଶିଳାନ୍ୟାସ ହୋଇପାରିଛି। ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇପାରିଛି। ଓଡ଼ିଶା ଆଉ କେବଳ ସମ୍ଭାବନାର ଭୂମି ନୁହେଁ, ଏହା ହେଉଛି ସୀମାହୀନ ସୁଯୋଗର ଭୂମି। ଉଦ୍‌ଘାଟନ ନୁହେଁ କି ଶିଳାନ୍ୟାସ ନୁହେଁ, ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ସମୃଦ୍ଧ ଓଡ଼ିଶା ନିର୍ମାଣର ଶୁଭାରମ୍ଭ ହୋଇଛି। ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଆମ ଗାଁର ଜଣେ ଯୁବକଙ୍କୁ ଆଉ ବାହାରକୁ ଯିବାକୁ ପଡ଼ିବ ନାହିଁ। ଏହା ସମ୍ଭବ ହୋଇଛି, ଆମ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ। କାରଣ, ଯଦି ଇଚ୍ଛାଶକ୍ତି ନାହିଁ ତେବେ ପାଦେ ଆଗେଇବାକୁ ମଧ୍ୟ ମଣିଷ ସକ୍ଷମ ହୋଇପାରେ ନାହିଁ। ରାଜ୍ୟର ଶିଳ୍ପ ବିକାଶର ଏନ୍ତୁଡ଼ିଶାଳ ହେଉଛି ଶିଳ୍ପ ସମୃଦ୍ଧ କଳିଙ୍ଗନଗର। ଶିଳ୍ପ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରି ରାଜ୍ୟ ପାଇଁ ଏହି ଅଞ୍ଚଳ ଏକ ଦୃଷ୍ଟାନ୍ତ ପାଲଟିଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-ଉତ୍କର୍ଷ ଓଡ଼ିଶାର ଚମତ୍କାର ସଫଳତା ବଳରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ଆମେ ପାଇଥିଲୁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ, ଓଡ଼ିଶାବାସୀଙ୍କ ବିଶ୍ୱାସକୁ ସାଥୀ କରି ଆମ ସରକାର କାର୍ଯ୍ୟ କରୁଛି। ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି। ଶିଳ୍ପର ବିକାଶ ଆମର ପ୍ରଥମ ଉଦ୍ଦେଶ୍ୟ ଥିଲା। ଆଉ ସେହି ଉଦ୍ଦେଶ୍ୟକୁ ଆମ ସରକାର ସଫଳ କରୁଛନ୍ତି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, ରାଜ୍ୟର ଆର୍ଥିକ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି ଏବଂ ଯୁବଶକ୍ତିର ବିକାଶ ପାଇଁ ରୋଜଗାର ଆବଶ୍ୟକ। ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଆମ ସରକାରଙ୍କ ଉଦ୍ୟମ ସଫଳ ହେଉଛି। ଶିଳ୍ପର ବିକାଶ ହେବା ସହ ଆମ ରାଜ୍ୟର ବିକାଶ ହେଉଛି ବୋଲି କହିଛନ୍ତି। ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶଦାସ ନାୟକ, ବଡ଼ଚଣା ବିଧାୟକ ଅମର ନାୟକଙ୍କ ସମେତ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥାର ଶିଳ୍ପପତିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

କଳିଙ୍ଗନଗରରେ ପ୍ରାୟ ୪୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ପ୍ରାୟ ୬୬ ହଜାର କୋଟି ଟଙ୍କା ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ ହୋଇଛି। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ସି, ଏସ୍‌ଟିଙ୍କ ଜମି କିଣିବେ ସରକାର

**ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି) ଲୋକଙ୍କ ଜମିକୁ ଧନୀ ଲୋକମାନେ ହଡ଼ପ କରିପାରିବେ ନାହିଁ। ଏହାକୁ ଦୃଷ୍ଟିରେ ରଖି ଏସ୍‌ସି,ଏସ୍‌ଟି ଲୋକଙ୍କ ଜମିର ସୁରକ୍ଷା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ। ତଦନୁଯାୟୀ ଯଦି ସେମାନେ ଚାହିଁବେ ସେମାନଙ୍କ ଜମିକୁ ସିଧା ରାଜ୍ୟ ସରକାରଙ୍କୁ ବିକ୍ରି କରିପାରିବେ। ସରକାର ତାହାକୁ ଅନ୍ୟ କାହାକୁ ବିକ୍ରି ନ କରି ୨ରୁ ୩ ବର୍ଷ ନିଜ ପାଖରେ ରଖିବେ। ଏହି ଅବଧି ମଧ୍ୟରେ ସେମାନେ ବିକ୍ରି ବାବଦ ଅର୍ଥ ପୈଠ କରି ନିଜ ଜମି ଫେରସ୍ତ ପାଇପାରିବେ। ଏସ୍‌ସି, ଏସ୍‌ଟି ବର୍ଗର ଲୋକଙ୍କ ପାଇଁ ଏଭଳି ବ୍ୟବସ୍ଥା ରାଜ୍ୟ ସରକାର ଖୁବ୍‌ଶୀଘ୍ର କରିବେ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ଗଣମାଧ୍ୟମକୁ କହିଛନ୍ତି।**

**■ ଖୁବ୍‌ଶୀଘ୍ର ଗଠନ ହେବ କର୍ପସ ଫଣ୍ଡ: ରାଜସ୍ୱ ମନ୍ତ୍ରୀ**

**■ ଚାପ ପକାଇ ଜାତି, ଜନଜାତିଙ୍କ ସମ୍ପତ୍ତି ହଡ଼ପ କରିପାରିବେନି ଧନିକ ଗୋଷ୍ଠୀ**

ଭୁବନେଶ୍ୱର,୨୨।୫
(ରବିନାରାୟଣ ଜେନା)

ଏସ୍‌ସି, ଏସ୍‌ଟି ବର୍ଗର ଲୋକମାନେ କୌଣସି ଜରୁରୀ ଆବଶ୍ୟକତା ବେଳେ ଜମି ବିକ୍ରି କରିବା ସହଜ ହେଉନାହିଁ। ପ୍ରଚଳିତ ଆଇନ ବ୍ୟବସ୍ଥା ସେମାନଙ୍କ ଜମିକୁ ସୁରକ୍ଷା ଦେଉଥିଲେ ମଧ୍ୟ କିଣାବିକା ସମୟରେ ପ୍ରଶାସନିକ କ୍ଲିଷ୍ଟତା ରହୁଛି। ଏଥିଯୋଗୁ ସାଧାରଣ ବର୍ଗର ଲୋକେ ଏସ୍‌ସି, ଏସ୍‌ଟି ଲୋକଙ୍କ ଜମି କିଣିବାକୁ ପଛଘୁଞ୍ଚା ଦେଉଛନ୍ତି। ଫଳରେ ଏହାର ଫାଇଦା ନେଉଛନ୍ତି ଧନୀ, ପ୍ରଭାବଶାଳୀ ଏବଂ ଦଲାଲ ଗୋଷ୍ଠୀ। ଏହିମାନଙ୍କ ହାତକୁ ଏସ୍‌ସି, ଏସ୍‌ଟି ଲୋକମାନେ ଜରୁରୀ ସମୟରେ ସେମାନଙ୍କ ଜମିକୁ କମ୍ ମୂଲ୍ୟରେ ଟେକି ଦେଇ ଏକପ୍ରକାର ଶୋଷଣର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ସିଧା ଏସ୍‌ସି,ଏସ୍‌ଟି ଲୋକଙ୍କ ଜମି କିଣିବାକୁ ଯାଉଛନ୍ତି। ଫଳରେ ସେମାନଙ୍କୁ ଶୋଷଣର ଶିକାର ହେବାକୁ ପଡ଼ିବ ନାହିଁ ଏବଂ ପରବର୍ତ୍ତୀ ସମୟରେ ଜମି ଫେରିପାଇବା ସୁଯୋଗ ମଧ୍ୟ ମିଳିବ। ଏଥିପାଇଁ ସରକାର ଖୁବ୍‌ଶୀଘ୍ର ଏକ କର୍ପସ ପାଣ୍ଠି ବ୍ୟବସ୍ଥା କରିବାକୁ ଯୋଜନା କରିଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁସାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିର ସୁରକ୍ଷା ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହି କମିଟିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରମୁଖ ସଚିବ, ଏସ୍‌ସି, ଏସ୍‌ଟି ବିକାଶ ବିଭାଗର ନିର୍ଦ୍ଦେଶକ, ବିଶେଷଜ୍ଞ, କେତେଜଣ ଅଭିଜ୍ଞ ଅଧିକାରୀ ରହିବେ। ସେମାନେ ଏ ବାବଦରେ ନିରୀକ୍ଷଣ କରି ରିପୋର୍ଟ ଦେବେ। ଏହାସହ ଅନୁସୂଚିତ ଜନଜାତି ଓ ଜାତିମାନଙ୍କର ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ, ଏସ୍‌ସି ଓ ଏସ୍‌ଟି ବିକାଶ ବିଭାଗର ଗୃହ କମିଟି ଏବଂ ବିଧାୟକମାନଙ୍କର ପରାମର୍ଶ ମଧ୍ୟ ନିଆଯିବ। ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେଲା ପରେ ଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଝିଅ ବାହାଘର, ଚିକିତ୍ସା ଓ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ ସରକାର କିଣିବେ। ସରକାର ଉକ୍ତ ଜମିକୁ ୨ରୁ ୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ କରି ନିଜ ପାଖରେ ରଖିବେ। ପରେ ଜମି ମାଲିକ ଚାହିଁଲେ ପୁଣି ସରକାରଙ୍କ ଠାରୁ ସେହି ଜମି କିଣିପାରିବେ। ଯଦି ଜମି ମାଲିକ ଆଉ ଜମି ଫେରାଇ ନେବାକୁ ଚାହିଁବେ ନାହିଁ, ତେବେ ଅନୁସୂଚିତ ଜନଜାତି ଲୋକଙ୍କ ପାଖରୁ କିଣାଯାଇଥିବା ଜମି ସେହି ବର୍ଗର ଲୋକଙ୍କୁ ହିଁ ନିଲାମ କରାଯିବ।

ଅନ୍ୟପକ୍ଷରେ ବିରୋଧୀ କଡ଼ା ସମାଲୋଚନା କରିଛନ୍ତି। ସରକାର ଅଫିସରଙ୍କୁ ଲଗାଇ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମି ହଡ଼ପ କରିବାକୁ ଯୋଜନା କରିଛନ୍ତି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି। ସରକାର ଜମି କିଣିବାକୁ ଇଚ୍ଛା କରୁଛନ୍ତି, କାରଣ ସେମାନେ ହରିଜନ, ଆଦିବାସୀଙ୍କୁ ବାସଚ୍ୟୁତ କରିବାକୁ ଚାହୁଁଛନ୍ତି। ଯେଉଁଠି ବଡ଼ ବଡ଼ ପ୍ରକଳ୍ପ, ଡ୍ୟାମ୍, କଳକାରଖାନ ହୁଏ ସେଠାରେ ସରକାର ଜମି କିଣନ୍ତ। ଆଦିବାସୀଙ୍କୁ ଭୂମିହୀନ କରିବା ପାଇଁ ଏହା ସରକାରଙ୍କ ଏକ ଅଭିନବ ଯୋଜନା ବୋଲି ପ୍ରମିଳା କହିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମି କିଣିବା ସଂକ୍ରାନ୍ତରେ ଯେଉଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି, ତାହା ଏକ ହୀନ ପ୍ରୟାସ। ଯଦି ସରକାରଙ୍କର ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ପାଇଁ ଏତେ ଦରଦ ରହିଛି, ତେବେ ସରକାର ଗ୍ୟାରେଣ୍ଟର ସାଜି ଜମିମାଲିକଙ୍କୁ ତାଙ୍କ ଜରୁରୀ କାର୍ଯ୍ୟରେ ଆର୍ଥିକ ସହାୟତା ଯୋଗାଇ ଦିଅନ୍ତୁ। ଯେଭଳି ପରବର୍ତ୍ତୀ ସମୟରେ ସେହି ବ୍ୟକ୍ତି ଅର୍ଥ ଶୁଝିବାରେ ସମର୍ଥ ହୋଇପାରିବ। ନଚେତ ବଡ଼ବଡ଼ିଆ କମ୍ପାନୀକୁ ଜମି ଯୋଗାଇଦେବା ପାଇଁ ସରକାର ଏଭଳି ଚକ୍ରାନ୍ତ ନ କରନ୍ତୁ ବୋଲି କାଡାମ କହିଛନ୍ତି। ପୂର୍ବର ବିଜେଡି ସରକାର ଏଭଳି ନିଷ୍ପତ୍ତି ନେଇ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ବର୍ଗର ଲୋକଙ୍କ ଆକ୍ରୋଶର ପ୍ରତିଫଳନରେ କ୍ଷମତାଚ୍ୟୁତ ପର୍ଯ୍ୟନ୍ତ ଗଲା। ଏବେର ସରକାର ଯଦି ଏଭଳି କିଛି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତି, ପରବର୍ତ୍ତି ସମୟରେ ଏହି ବର୍ଗର ଲୋକମାନେ ଉଚିତ ଜବାବ ଦେବେ ବୋଲି କାଡାମ କହିଛନ୍ତି।




# ସଲ୍‌ମାନଙ୍କ ଘରେ ପଶିବାକୁ ଉଦ୍ୟମ: ୨ ଗିରଫ

ମୁମ୍ବାଇ, ୨୨।୫





ଗାଲାକ୍ସି ଆପାର୍ଟମେଣ୍ଟର ସିସିଟିଭିରେ କଏଦ ଇଶା ଛାବରିଆଙ୍କ ଫଟୋ।

ଅଭିନେତା ସଲ୍‌ମାନ ଖାନ୍‌ଙ୍କ ସୁରକ୍ଷାରେ ତ୍ରୁଟି ହୋଇଥିବା ଘଟଣା ସାମ୍ନାକୁ ଆସିଛି। ୨ ଦିନ ମଧ୍ୟରେ ସଲ୍‌ମାନଙ୍କ ମୁମ୍ବାଇର ବାନ୍ଦ୍ରାସ୍ଥିତ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ଚେଷ୍ଟା କରିଥିବାରୁ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ଗିରଫ କରାଯାଇଛି। ଉଭୟ ଅଭିଯୁକ୍ତ ଅଲଗା ଅଲଗା ସମୟରେ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଉଭୟ ଅଭିଯୁକ୍ତ ଜିତେନ୍ଦ୍ର କୁମାର ସିଂ(୨୩) ଏବଂ ଇଶା ଛାବରିଆ (୩୨) ହୋଇଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ଜିତେନ୍ଦ୍ର ଛତିଶଗଡ଼ ନିବାସୀ ହୋଇଥିବାବେଳେ ମଙ୍ଗଳବାର ସକାଳ ୯.୩୦ ସମୟରେ ସେ ସଲ୍‌ମାନଙ୍କ ଘର ନିକଟରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ଗାଲାକ୍ସି ଆପାର୍ଟମେଣ୍ଟରେ ନିୟୋଜିତ ସୁରକ୍ଷା କର୍ମୀ ତାଙ୍କୁ ସେଠାରୁ ଚାଲିଯିବା ପାଇଁ କହିବାରୁ ଜିତେନ୍ଦ୍ର ରାଗରେ ସୁରକ୍ଷା କର୍ମୀ ଧରିଥିବା ଫୋନ୍‌କୁ ତଳେ ପକାଇଦେଇଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଗାଲାକ୍ସି ଆପାର୍ଟମେଣ୍ଟରେ ରହୁଥିବା ଜଣେ ବ୍ୟକ୍ତିଙ୍କ କାର୍‌କୁ ପିଛା କରି ଜିତେନ୍ଦ୍ର ଗାଲାକ୍ସି ଆପାର୍ଟମେଣ୍ଟ ପରିସରରେ ପ୍ରବେଶ କରିବାକୁ ସକ୍ଷମ ହୋଇଥିଲେ। ତେବେ କିଛି ସମୟ ପରେ ସୁରକ୍ଷା କର୍ମୀ ତାଙ୍କୁ ଧରିବା ସହ ବାନ୍ଦ୍ରା ପୋଲିସକୁ ହସ୍ତାନ୍ତର କରିଥିଲେ। ପଚରାଉଚରା ସମୟରେ ଜିତେନ୍ଦ୍ର କହିଛନ୍ତି, ସେ ସଲ୍‌ମାନଙ୍କୁ ଭେଟିବାକୁ ଚାହୁଁଥିଲେ। ସୁରକ୍ଷାକର୍ମୀ ଏଥିପାଇଁ ତାଙ୍କୁ ଅନୁମତି ଦେଉ ନ ଥିଲେ। ତେଣୁ ସେ ଗାଲାକ୍ସି ଆପାର୍ଟମେଣ୍ଟରେ ଲୁଚି ପ୍ରବେଶ କରିଥିବା ଜିତେନ୍ଦ୍ର କହିଛନ୍ତି। ସେହିପରି ଗୁରୁବାର ଭୋର୍ ୩.୩୦ ସମୟରେ ଇଶା ମଧ୍ୟ ଗାଲାକ୍ସି ଆପାର୍ଟମେଣ୍ଟରେ ପ୍ରବେଶ କରିବାକୁ ସଫଳ ହୋଇଥିଲେ। ସେ ଆପାର୍ଟମେଣ୍ଟର ଲିଫ୍ଟ ପର୍ଯ୍ୟନ୍ତ ପହଞ୍ଚି ଯାଇଥିବା ବେଳେ ସେଠାରେ ସୁରକ୍ଷା କର୍ମୀ ତାଙ୍କୁ ଧରିଥିଲେ। ଇଶାଙ୍କୁ ମଧ୍ୟ ପୋଲିସ ଗିରଫ କରି ପଚରାଉଚରା ଜାରି ରଖିଛି। ପଚରାଉଚରା ସମୟରେ ଇଶା କହିଛନ୍ତି, ସଲ୍‌ମାନ ତାଙ୍କୁ ୬ ମାସ ହେବ ଜାଣିଛନ୍ତି ଏବଂ ତାଙ୍କ ନିମନ୍ତ୍ରଣରେ ହିଁ ସେ ଗାଲାକ୍ସି ଆପାର୍ଟମେଣ୍ଟକୁ ଆସିଥିଲେ। ତେବେ ସଲ୍‌ମାନ ଇଶାଙ୍କୁ କୌଣସି ନିମନ୍ତ୍ରଣ ଦେଇ ନ ଥିବା ଗାଲାକ୍ସି ଆପାର୍ଟମେଣ୍ଟର ଜଣେ କର୍ମଚାରୀ ପୋଲିସକୁ କହିଛନ୍ତି। ସଲ୍‌ମାନଙ୍କୁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗରୁ ବାରମ୍ବାର ହତ୍ୟା ଧମକ ମିଳିଥିବାରୁ ଏହି ଘଟଣା ମୁମ୍ବାଇ ପୋଲିସର ଚିନ୍ତା ବଢ଼ାଇଛି। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ବେଳେ ସଲ୍‌ମାନ ଓ ଗାଲାକ୍ସି ଆପାର୍ଟମେଣ୍ଟର ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି।

## ଆସୁଛି ଲଘୁଚାପ, ୨୭ରୁ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୨।୫(ଅନୁରାଧା ମହାରଣା)

ଏବେ ରାଜ୍ୟରେ ବର୍ଷା ଜାରି ରହିଛି। ୨୭ ତାରିଖରୁ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗର ସୂଚନାନୁସାରେ, ୨୭ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ଓ ତା'ର ପାଶ୍ୱବର୍ତ୍ତୀ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ଏହାର ପ୍ରଭାବରେ ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷା ଅଧିକ ହେବ। ଅନ୍ୟପକ୍ଷରେ ଲଘୁଚାପ ସୃଷ୍ଟି ହେବା ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଆଡକୁ ଅଗ୍ରସର ହେବାକୁ ଆହୁରି ସକ୍ରିୟ କରିବ। ଫଳରେ ମୌସୁମୀର ଓଡ଼ିଶା ଆଗମନ ନେଇ ବାଟ ଫିଟିବ ବୋଲି ପାଣିପାଗ ବିଶେଷଜ୍ଞ ଆକଳନ କରିଛନ୍ତି। ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ୨୬ ଓ ୨୭ ତାରିଖରେ ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଗୁରୁବାର ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର ଓ ଦେବଗଡ଼କୁ ବାଦ୍ ଦେଲେ ଅନ୍ୟ ୨୬ ଜିଲାରେ ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଆଜିର ସମ୍ପାଦକୀୟ
ଶାନ୍ତି ଚୁକ୍ତିରେ ମହିଳାଙ୍କ ଭୂମିକା

# ଟିଗିରିଆ ଥାନା ଏଏସ୍‌ଆଇ ଭିଜିଲାନ୍ସ ଦ୍ୱାରା ଗିରଫ

କଟକ,୨୨।୫(କାର୍ତ୍ତିକ ସାହୁ)

କଟକ ଜିଲା ଟିଗିରିଆ ଥାନା ଏଏସ୍‌ଆଇ ପ୍ରଦୀପ କୁମାର ବେହେରା ଲାଞ୍ଚ ନେବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗୁରୁବାର ଗିରଫ ହୋଇଛନ୍ତି। ଭିଜିଲାନ୍ସ ପକ୍ଷରୁ ତାଙ୍କ ସରକାରୀ ବାସଭବନ, ହିନ୍ଦୋଳ ନୂତନ ପାଟଣାସାହିସ୍ଥିତ ପୈତୃକ ବାସଗୃହରେ ଏକକାଳୀନ ତଲାସ ଜାରି ରହିଛି। ସୂଚନାନୁସାରେ, ଏଏସ୍‌ଆଇ ଅଭିଯୋଗକାରୀ ଓ ତାଙ୍କ ଜଣେ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ବିବାଦର ସମାଧାନ ପାଇଁ ଅଭିଯୋଗକାରୀଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଉଭୟ ପକ୍ଷ ପରସ୍ପର ବିରୋଧରେ ଏତଲା ଦେଇଥିଲେ। ପ୍ରତିପକ୍ଷଙ୍କ କାଉଣ୍ଟର ଅଭିଯୋଗରେ ଅଭିଯୋଗକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପାଇଁ ଏଏସ୍‌ଆଇ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ବେହେରାଙ୍କ ବାମ ହାତ ଧୋଇବାରୁ ରାସାୟନିକ ପ୍ରକ୍ରିୟା ପଜିଟିଭ ଆସିଥିଲା। ଫଳରେ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା। ଏ ନେଇ କଟକ ଭିଜିଲାନ୍ସରେ ଏକ ମାମଲା (ନଂ.୧୨/୨୦୨୫) ରୁଜୁ ହୋଇଛି।

# ୨୭ ଯାଏ ବଢ଼ିଲା ଓଟିଇଟି ଆବେଦନ

କଟକ,୨୨।୫(କାର୍ତ୍ତିକ ସାହୁ)

ଚାକିରିରେ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ନିମନ୍ତେ ଆବେଦନ ତାରିଖକୁ ଆସନ୍ତା ୨୭ ତାରିଖ ରାତି ୧୧.୪୫ ଯାଏ ବର୍ଦ୍ଧିତ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏ ନେଇ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହା ପରେ ଆବେଦନ ଅବଧି ଆଉ ବର୍ଦ୍ଧିତ ହେବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ୭ ନେତାଙ୍କୁ ନେଇ ଶୃଙ୍ଖଳା କମିଟି ଗଢ଼ିଲା ବିଜେଡି

ଭୁବନେଶ୍ୱର,୨୨।୫(ସୁଜିତ୍ ମିଶ୍ର)

ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁବାର ଦଳର ଶୃଙ୍ଖଳା କମିଟି ଘୋଷଣା କରିଛନ୍ତି। ଏହି କମିଟିରେ ଦଳ ୭ ଜଣଙ୍କୁ ନିଯୁକ୍ତ କରିଛି। ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର, ପ୍ରଦୀପ କୁମାର ଅମାତ, ଚନ୍ଦ୍ରଶେଖର ସାହୁ, ରାଜଶ୍ରୀ ମଲ୍ଲିକ, ସାରଦା ପ୍ରସନ୍ନ ଜେନା, ଶର୍ମିଷ୍ଠା ସେଠୀ ଏବଂ ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ ଦଳ ଶୃଙ୍ଖଳା କମିଟିରେ ରଖିଛି। ଅନ୍ୟପଟେ ପୂର୍ବତନ ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଥିବା ପାର୍ଥସାରଥି ମୁଦୁଲି ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ନିଲମ୍ବନ କରାଯାଇଥିବା

## ଦଳ ବିରୋଧୀ କାର୍ଯ୍ୟ ପାଇଁ ପାର୍ଥସାରଥି ମୁଦୁଲି ନିଲମ୍ବିତ

ସୂଚନା ଦିଆଯାଇଛି। ଏନେଇ ବିଜେଡି ଉପ ସଭାପତି(ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଜଣେ ବରିଷ୍ଠ ନେତାଙ୍କ ସୂଚନା ମୁତାବକ ପାର୍ଥସାରଥି ବୁଧବାର ଏକ ଭିଡିଓ ଜାରିକରି ତାଙ୍କ ଦଳ ୨୪ ବର୍ଷ ସରକାରରେ ଥିବା ସମୟରେ ଓଡ଼ିଆମାନଙ୍କ ପାଇଁ କାହିଁକି କିଛି କରିନଥିଲା ବୋଲି ପ୍ରଶ୍ନ ଉଠାଇଥିଲେ। ସେଥିଲାଗି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି ବୋଲି ସେ କହିଛନ୍ତି।


## ROURKELA DEVELOPMENT AUTHORITY
UDITNAGAR : ROURKELA-769012
No.1666/RDA., dated : 16.05.2025

**PROCLAMATION**

No.CAD-478 : It is hereby informed to the General public that Smt. Biplabini Patnaik, W/O- Harihar Mohanty has applied for permission for transfer of **House No. L/119, under Durgapur Foot Hill Housing Project, Stage-I, Basanti Colony, Rourkela-12** in favour of **Sri Samapika Datta**, W/O - **Achintya Datta**, Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd./- Secretary
OIPR-13250/11/0085/2526 Rourkela Development Authority

## OFFICE OF THE PURI MUNICIPALITY, PURI
No.4785 /Dt.20.05.2025

**NOTICE INVITING TENDER**

No.C-368 : Sealed quotations are invited from intending manufacturers/Suppliers/Agencies having valid GST, PAN & registration certificate for supply of 100 Nos of PRE- FABRICATED FRP TOILETS to Puri Municipality on hire basis for installation at different places of Puri town during the entire festive season of Rath Yatra-2025 in view of smooth & hygienic maintenance of sanitation activities in the city. The details of the quotation may be seen in the website www.purimunicipality.nic.in & www.puri.odisha.gov.in. The quotation paper along with terms & conditions shall be submitted to the Office of the Executive Officer, Puri Municipality, Puri on or before 30.05.25 at 05 P.M. through Speed Post/Regd Post/Courier only. The quotation documents should be submitted clearly superscribed on envelope as "BID DOCUMENT FOR THE SUPPLY OF FRP TOILETS ON HIRE BASIS The bidder/s may attend the pre bid meeting which is scheduled to be held on dtd. 26.05.25 at 04 P.M. The tenders will be opened at 11 A.M. on dt. 31.05.25 in presence of bidders or their authorized representatives, who may present at the time of opening of the tenders, Puri Municipality will in no way be responsible for any postal delay. Tenders received beyond the schedule date shall be rejected.

The authority reserves the right to reject any or all the tenders without assigning any reason thereof.

Sd./- Executive Officer
OIPR-13159/11/0052/2526 Puri Municipality, Puri

## ODISHA STATE CIVIL SUPPLIES CORPORATION LTD.
(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. : 0674-2395391, Fax No. : 0674-2395291, Website : www.oscsc.in
OSCSC-ESTT-ESTT-0021-2024 No.6960 Date : 20.05.2025

**SHORT TENDER CALL NOTICE**

No.CAD-502 : Sealed tenders in plain paper/letter pad in the prescribed format appended below are invited from the intending Registered Firms / Suppliers located at Bhubaneswar, having valid GST Registration Certificate and Income Tax Clearance Certificate for supply of Office Article / Stationeries, etc., for official use in the Corporation. The details of these articles can be obtained from House Stock & Store of OSCSC Ltd. on any working day between Office hours, and the same can be available on the website of OSCSC Ltd., Bhubaneswar. The tenderer should enclose earnest money of **Rs 25,000.00 (Rupees Twenty Five Thousand)** only in the shape of an Accounts Payee Bank Draft / Pay Order drawn in favour of **Managing Director, OSCSC Ltd., Bhubaneswar,** along with the tender, which will be refunded to the unsuccessful tenderer subsequently whose tender is not accepted. The tenders should reach the undersigned only through Speed Post/ Registered Post, super-scribing the word "**TENDER PAPER FOR SUPPLY OF STATIONERY ARTICLES**" on the envelope containing the Tender. The last date of receipt of the tender is **dated. 11.06.2025 up to 2.00 P.M.**, after which no tender shall be accepted. The tenders shall be opened on **11.06.2025 at 4.00 P.M.** in the presence of tenderers or their authorized representatives in the chamber of FA & CAO, OSCSC Ltd. Bhubaneswar. The itemwise short list shall be prepared basing on the lowest rate offered by the tenders. The authority reserves the right to reject any or all tenders without assigning any reason thereof. The tenders received incomplete shape or after the scheduled date & time shall be summarily rejected. For details please refer to our web site www.oscsc.in.

OIPR-07002/11/0036/2526 Sd./- General Manager (Admn.)

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୪୨, ଟେଲିଫ୍ୟାକ୍ସ: (୦୬୭୪) ୨୩୯୦୯୪୧
ଫାକ୍ସ: (୦୬୭୪) ୨୩୯୦୩୪୭, ୱେବସାଇଟ: www.oshb.org

ପତ୍ର ସଂଖ୍ୟା: ୨୭ ତା: ୧୩।୦୫।୨୫

**ବିଜ୍ଞାପନ**

No. CAD-486: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଘର ନଂ. ଏଚ୍.ଆଇ.ଜି.-୫୧ (HIG-51), ବାରିଗାଡ଼ ସୋସିଆଲ ହାଉସିଂ ସ୍କିମ୍, ମହିଷାପାଟ ଫେଜ୍-୨, ଢେଙ୍କାନାଳ ଯାହା ଗୃହ ନିର୍ମାଣ ସଂସ୍ଥାଦ୍ୱାରା ଶ୍ରୀ ଲଳାଟେନ୍ଦୁ ପ୍ରଧାନ, ପିତା: ବେଣୁଧର ପ୍ରଧାନ, ସା: କୃଷ୍ଣାଶ୍ରୀ ପାଟଣା, ପୋ: କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ପ୍ରାପ୍ତ ଶ୍ରୀ ଲଳାଟେନ୍ଦୁ ପ୍ରଧାନ ଉକ୍ତ ଗୃହଟିକୁ ଦ୍ୱିତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଶିଶିର କୁମାର ନାୟକ, ପିତା: କୈଳାସ ଚନ୍ଦ୍ର ନାୟକ, ସା: ଅରିଲୋ, ଗୋପିନାଥ, ପୋ: ନରାଜ, ଥାନା: ବାଙ୍କୀ, ଜିଲ୍ଲା: କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ଯ୍ୟାଳୟଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ଗୃହର ସ୍ୱତ୍ୱ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0626/2526 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

## OFFICE OF THE DISTRICT COLLECTOR, NAYAGARH (EXCISE SECTION)

**NOTICE INVITING APPLICATIONS FOR SETTLEMENT OF COUNTRY LIQUOR SHOP OF NAYAGARH DISTRICT**

No.524/Ex., Dated. 20.05.2025

**No.F-13** : Applications are invited for settlement of **02 (Two)** numbers of Country Liquor Shops of Nayagarh District for the year, 2025-26 onwards by way of lottery. The persons interested to participate may apply online in "Form-B" through the portal **http://stateexcise.odisha.gov.in** from **20.05.2025 to 02.06.2025 (05:00 P.M.)**. Lottery will be held on **05.06.2025 at Conference Hall of Collectorate, Nayagarh from 11:00 A.M.** onwards.

The details of the shops to be settled and the terms and conditions applicable thereof are available in the said website and notice boards of the District Excise Office, Nayagarh and Collectorate, Nayagarh.

OIPR-36020/11/0004/2526 Sd./- Collector, Nayagarh

## GOVERNMENT OF ODISHA
## OFFICE OF THE EXECUTIVE ENGINEER, N.H. DIVISION, BHUBANESWAR
Email: eenh_bbsr@yahoo.co.in, Ph.No.-0674-2972908

**INVITATION FOR BIDS**

**BID IDENTIFICATION NO. 02 SE NH, BBSR OF 2025-26**

**No.b:**-The Superintending Engineer, National Highways Division, Bhubaneswar on behalf of Governor of Odisha invites percentage rate bids in Double cover system in online mode for construction of works as detailed in the table below from eligible contractors as mentioned in Col.7 registered with the State Govt. and Contractors of equivalent Grade or Class registered with Central Government / Other State Government/ MES/ Railways for execution of Civil Works, on production on definite proof from the appropriate authority.

| Sl. No. | Name of Work | Approximate Estimated Cost put to Tender | Concerned Sub-Division | Bid Security EMD (online) | Cost of Bid documents (online) | Class of Bidder | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | "S/R to NH-57 such as Laying of 30 mm thick BC from km 257/020 to Km 258/050 at RSD Bolagarh for the year 2025-26" | Rs.6844177/- (Excluding GST) | NH Sub Division, Khordha | Rs.68442/- | Rs.10000/- | "B" Class Contractor | 01 (One Month) |

The bidders have to participate in ONLINE bidding only. The website for "ONLINE BIDDING" is http://tendersodisha.gov.in.
1.Bid documents will be available in above website from dt.26.05.2025 to dt.04.06.2025 upto 17.30 hours.The cost of Bid document and EMD as stated in the DTCN shall be deposited in online as per instruction in the portal. Bids of the above work shall be opened at 12.30 hours on dt.05.06.2025. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from the website www.tendersodisha.gov.in.
2. Subsequent corrigendum/addendum if required shall be available in the website as indicated above.
3. The authority reserves the right to cancel any/ all bids without assigning any reason thereof.

OIPR-34044/11/0004/2526 Sd./- Superintending Engineer, N.H. Division, Bhubaneswar

## ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES Mining Happiness

**Short Notice**

**For Sale of Natural & Cutting Waste/ residual Khondalite stone**

**No.CAD-503:** The Odisha Mining Corporation Ltd. intends to sell Natural and Cutting waste/ residual Khondalite produced at different Khondalite mines of OMC Ltd. at Gobindpur Mines & Narangarh Mines of Odisha through National e-auction. The e-auction will be conducted by MSTC Ltd. on dt.28.05.2025 from 11.00 AM to 2.00 PM.
For details, please visit the website of MSTC i.e. www.mstcecommerce.com.

OIPR-30005/11/0196/2526 Chief General Manager (S&M)

## ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES Mining Happiness

**Short Notice**

**For Sale of High Carbon Ferrochrome (HCFC)**

**No.CAD-504:** The Odisha Mining Corporation Ltd. intends to sell various grades of High Carbon Ferrochrome (HCFC) produced at Ferrochrome plant, OMC Ltd., situated at Jajpur Road in Jajpur District of Odisha through National e-auction. The e-auction will be conducted by MSTC Ltd. on dt.28.05.2025 from 11.00 AM to 2.00 PM.
For details, please visit the website of MSTC i.e. www.mstcecommerce.com.

OIPR-30005/11/0199/2526 Chief General Manager (S&M)

## OFFICE OF THE TALCHER ANGUL MERAMANDALI DEVELOPMENT AUTHORITY, TAMDA, ANGUL

No.230/TAMDA Date: 19.5.2025
E. mail - secretary.tamdaangul@gmail.com

**EXPRESSION OF INTEREST**

**No.CAD-481** : Expression of Interest in sealed cover are invited from the intending CAG empanelled Chartered Accountant firms for the Tax Audit of Accounts TAMDA, Angul for the financial year from **2020-21 to 2024-25** as per ODA R 1982. The CA firm having the Government entity audit will be given preference. The Sealed EOI along with all necessary documents should reach in the Office of the Secretary, TAMDA, Angul, Odisha, PIN-759122 **on or before Dt.04.6.2025 up to 12.00** Noon and same will be opened on the same day at 12.30 P.M. in the office chamber of the undersigned in presence of the participants or their authorized representative. TAMDA office may be contacted for detail information along with terms & conditions. The Authority reserves the right to reject any or all EOIs without assigning any reason thereof.

OIPR-13264/11/0001/2526 Sd./- Secretary, TAMDA

## GOVERNMENT OF ODISHA
No.B-145
## OFFICE OF THE SUPERINTENDING ENGINEER BARGARH (R&B) DIVISION, BARGARH
E-mail:eepwdbgh@gmail.com, Phone/Fax:06646-234819
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE_PWD_BGH No.03 OF 2025-26
No.2467, Dated 19.05.2025

1) The **Superintending Engineer, Bargarh (R&B) Division, Bargarh** on behalf of Governor of Odisha invites **Percentage Rate** bid in **Single & Double** Cover System in **ONLINE MODE** for the Civil Works as detailed in the **Detailed Tender Call Notice (D.T.C.N.)** from the eligible class of contractors.
2. No. of Road & Building Works:- 02 Nos.
3. Cost of Tender Paper:- Rs.6,000/- & Rs.10,000/-
4. Class of Contractor :- "D", "C" & "B" Class Contractor
5. Date & Time of available in website & receipt of Bids:- **11.00 Hrs. of 23.05.2025 to 17.00 Hrs. of 02.06.2025.**
6. Date of Opening of Technical Bid:- **03.06.2025 at 11.30 Hrs.**
7. The Bidders have to participate in ONLINE bidding only. Further details can be seen from the State Govt. Portal website **https://tendersodisha.gov.in.**
8) Any corrigendum/Addendum will be displayed in the website **https://tendersodisha.gov.in** only.

Sd./- Superintending Engineer
OIPR-34039/11/0023/2526 Bargarh (R&B) Division


## ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ

ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୫ (ରେଗୁଲାର ଓ ଏକ୍ସ-ରେଗୁଲାର କାର୍ଯ୍ୟସୂଚୀ)

ବିଜ୍ଞପ୍ତି ନଂ **720** / (Exam. Conf.)/ ତା **20.5.25** ରିଖ

**No.N-51:** ଏତଦ୍ୱାରା ରାଜ୍ୟର ସମସ୍ତ ହାଇସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, ପରୀକ୍ଷାର୍ଥୀ, ପତ୍ରମାଧ୍ୟମରେ ଶିକ୍ଷା ପରୀକ୍ଷାର୍ଥୀ, ଅଭିଭାବକ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ ଆସନ୍ତା ୨୦୨୫ ମସିହା ସପ୍ଲିମେଣ୍ଟାରୀ ହାଇସ୍କୁଲ ସାର୍ଟିଫିକେଟ୍ **(Regular ଏବଂ Ex-Regular)** ପରୀକ୍ଷା ତା୦୧/୦୭/୨୦୨୫ରିଖ ଠାରୁ ଆରମ୍ଭ ହୋଇ ତା୧୦/୦୭/୨୦୨୫ରିଖ ପର୍ଯ୍ୟନ୍ତ ନିମ୍ନୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ । ଉଭୟ **Regular** ଏବଂ **Ex-Regular** ପରୀକ୍ଷା ଗୋଟିଏ **Sitting** ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ । ପରୀକ୍ଷା ପ୍ରତ୍ୟେକ ଦିନ **09.00 am** ରୁ ଆରମ୍ଭ ହୋଇ **11.30 am** ରେ ଶେଷ ହେବ । କେବଳ **MTH** ପରୀକ୍ଷା **11.45 am** ରେ ଶେଷ ହେବ ।

**01/07/2025 (Tuesday) (09 am to 11.30 am)**
ପ୍ରଥମ ଭାଷା (First Language)
FLO ଓଡ଼ିଆ | FLB ବଙ୍ଗଳା | FLH ହିନ୍ଦୀ | FLU ଉର୍ଦ୍ଦୁ | FLT ତେଲୁଗୁ
FLE ଅଲ୍‌ଟରନେଟିଭ ଇଂରାଜୀ (Alt. English)

**02/07/2025 (Wednesday) (09 am to 11.30 am)**
SSC ସାମାଜିକ ବିଜ୍ଞାନ (Social Science)

**04/07/2025 (Friday) (09 am to 11.45 am)**
MTH ଗଣିତ (Mathematics)

**07/07/2025 (Monday) (09 am to 11.30 am)**
ଦ୍ୱିତୀୟ ଭାଷା (Second Language)
SLE ଇଂରାଜୀ English, SLH ହିନ୍ଦୀ Hindi,
SEP ପରିବେଶ ଓ ଜନସଂଖ୍ୟା ଶିକ୍ଷା (କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) Env. & Population Edn. (Only for Hearing Impaired Candidates)

**08/07/2025 (Tuesday)**
TLV Practical - 09 am to 11.00 am

**09/07/2025 (Wednesday) (09 am to 11.30 am)**
GSC ବିଜ୍ଞାନ (Science)

**10/07/2025 (Thursday)** ତୃତୀୟ ଭାଷା (Third Language)

(09 am to 11.30 am)
TLH (ହିନ୍ଦୀ) TLS (ସଂସ୍କୃତ)
TLO (ଓଡ଼ିଆ) TLP (ପାର୍ସୀ)
(09 am to 10.00 am)
TLV (Theory) କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ

(09 am to 10.30 am)
Vocational Trade (Theory) - IT, RT, TH, AG, PL, BW, AH, AM, EH, CN, FP, TC
VT (Theory) - କେବଳ Vocational ପରୀକ୍ଷାର୍ଥୀଙ୍କ ପାଇଁ ଉଦ୍ଦିଷ୍ଟ

- ✓ TLV ଏବଂ Vocational Trade ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର Subjective ପ୍ରଶ୍ନ ଏବଂ ୫୦ ମାର୍କର Objective (MCQ) ପ୍ରଶ୍ନ ଆସିବ ।
- ✓ Objective (MCQ) ପ୍ରଶ୍ନର ଉତ୍ତର OMR Answer Sheetରେ ଏବଂ Subjective ପ୍ରଶ୍ନର ଉତ୍ତର ପ୍ରଶ୍ନ ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ ।
- ✓ Vocational Trade(Theory) ବିଷୟ ଗୁଡ଼ିକରେ ୫୦ ମାର୍କ ଏବଂ TLV(Theory) ରେ ୨୦ ମାର୍କର Subjective ପ୍ରଶ୍ନ ଆସିବ ।
- ✓ Vocational Trade ଗୁଡ଼ିକର ପ୍ରାକ୍ଟିକାଲ ପରୀକ୍ଷା (୫୦ମାର୍କ) ନିଜ ନିଜ ବିଦ୍ୟାଳୟରେ ତା02/06/2025ରିଖ ଠାରୁ ତା05/06/2025ରିଖ ମଧ୍ୟରେ OSEPA ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ଏବଂ TLV Practical ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ୮୦ ମାର୍କରୁ ଅନୁଷ୍ଠିତ ହେବ।

OIPR- 27004/11/0084/2526 ସ୍ୱା./–ସମ୍ପାଦକ


## OFFICE OF THE CDM & PHO-CUM-DISTRICT MISSION DIRECTOR, NUAPADA
(District Programme Management Unit, NHM)
Telefax : 06678-223908, E-mail : nhmnuapada@gmail.com
Letter No. : 1275 Date : 19.05.2025

**EXTENSION NOTICE**

**No.E-100** : The last dated for Sealed tenders invited from the reputed supplier of stationary items and reputed travel agencies/ Tour Operators/Private individuals, for supply of stationary items on annual rate contract basis and hiring of vehicle on monthly basis as per Notice No. 1171/DPMU/NHM/2025 dated 02.05.2025, is hereby extended to 28.05.2025 till 1.00 P.M. from 19.05.2025 till 1.00 P.M. and will be opened on 29.05.2025 at 11.00 A.M. at O/o of the CDM&PHO, Nuapada. All other terms and condition of the bid remains same.

Sd./- CDM&PHO-Cum-District-Mission Director, Nuapada
OIPR-10055/11/0018/2526

## ZILLA SWASTHYA SAMITI, ANGUL
O/o-The CDM & PHO cum District Mission Director, Angul

**TENDER CALL NOTICE**

No. : 1098 Date : 20.05.2025

**No.E-102** : Sealed tenders are invited from reputed Agencies or Firms for **Supply of PRINTING & IEC/BCC MATERIALS** under **NHM, Angul.** Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. **www.angul.odisha.gov.in.** The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

Sd./- CDM & PHO cum DMD, Angul
OIPR-10174/11/0002/2526

## ପୌର ପରିଷଦ କାର୍ଯ୍ୟାଳୟ, ଟିଟିଲାଗଡ଼
## OFFICE OF THE MUNICIPAL COUNCIL, TITILAGARH
(Deptt. of Housing & Urban Development, Govt. of Odisha)
At/PO. Ps. : Titilagarh, Dist : Balangir - 767033, Ph-06655-295225,
e-mail : titilagarhmunicipality@gmail.com

**e-Procurement Notice**

BID IDENTIFICATION NO. : TIG-MPL-13-2025
No.1410//Dtd.19.05.2025

**No.C-359** : The Executive Officer, Titilagarh Municipality on behalf of Governor of Odisha invites Percentage rate bid in double cover system in **ONLINE MODE** for the construction of works detailed in the table below from **"A" Class Contractors** registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

1. Name of the Work : **Const. of new Office Building of Titilagarh Municipality Office.**
2. No. of tender : **1 No.**
3. Estimated Cost : **Rs.5.24 (crore)**
4. Class of Contractor : **"A" Class Contractor**
5. Date & Time of availability in Portal : **From Dt.26.05.2025, 10.00 A.M. to Dt.20.06.2025 up to 05.00 P.M.**
6. Last Dt. & Time for deposit of fee & Documents at Titilagarh Municipality office in Office tender box only : **Dt.23.06.2025 at 5.00 P.M.**
7. Date of opening Bid : **Dt.24.06.2025 at 11.00 A.M.**
8. The bidders have to participate in ONLINE bidding only. Further details can be seen from the website :http://tendersodisha.gov.in. All future corrigendum will be available on Online Mode/Offline Mode.

Sd./- Executive Officer, Titilagarh, Municipality
OIPR-13095/11/0026/2526

## Government of Odisha
## Office of the Chief Construction Engineer Rural Works Circle, Sambalpur
E-mail Id serwcirclesbp@yahoo.com

**Bid Identification No. Road Tender Online RWCSBP-05/2025-26 No: 1614 Dated:21.05.2025**

**No.O-187:** The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for SACI for the year 2024-25.

| | | |
|---|---|---|
| 1 | Name of work | SACI for the year 2024-25. |
| 2 | No. of works | 02 Nos. details as per DTCN |
| 3 | Estimated cost | Approximately varies from Rs.294.65 lakhs to Rs.384.86 lakhs. |
| 4 | Class of Contractor | 'B', & 'A' Class |
| 5 | Cost of tender paper and mode of deposit | Rs. 10,000/- per set ( to be deposited On-line) in favour of concerned Executive Engineer |
| 6 | Mode of submission of tender | Tender should be submitted only Online in website www.tendersorissa.gov.in. (https//tendersodisha.gov.in) |
| 7 | EMD and mode of deposit | 1% of estimated cost of the work to be remitted online as mentioned in DTCN. |

8 Summary of key dates are provided below :

| Procurement Officer | Bid Identification No. | Availability of Tender online for bidding From | Availability of Tender online for bidding To | Last date & time for seeking clarification | Date & Time of opening of tender Technical Bid | Date & Time of opening of tender Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender Online RWCSBP-05/2025-26 | 28.05.2025 From 11.00 A.M. | 11.06.2025 Upto 05.00 P.M. | 09.06.2025 Upto 5.00 P.M. | 12.06.2025 at 11.00 AM | Will be intimated later |

* Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
* Subsequent modification / corrigendum/ Addendum if required shall appear in website only.
* The amount put to bid is exclusive of GST.
* Bidder should inspect the road before bidding and quote his rate accordingly.

OIPR-25091/11/0060/2526 Sd./- Chief Construction Engineer, Rural Works Circle, Sambalpur

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
ଉପ ମହାପ୍ରବନ୍ଧକ(ବିଦ୍ୟୁତ୍)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ଭୁବନେଶ୍ୱର

No. CAD-512 **ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓପିଟିସିଏଲ୍ ଦ୍ୱାରା ନିର୍ମିତ ୨୨୦ କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍ ୨୨୦/୩୩ କେଭି ସବ-ଷ୍ଟେସନ, ନୟାଗଡ଼ ଠାରୁ ୨୨୦/୩୩ କେଭି ଜେଳ ଟ୍ରାନ୍ସ ବଦଳଷ୍ଟେସନ, ନୟାଗଡ଼ ପର୍ଯ୍ୟନ୍ତ ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଯାଇଅଛି । ଏହି ଲାଇନ୍ କୋମାଙ୍ଗେନପୁର, ରଘୁନାଥ ପ୍ରସାଦ, ଲାଠିପଡ଼ା, ବେରଭିଅମୃତମଣୋହି, ଗୁଜାନଟି, ବିରୁଡ଼ା, ସରପଡ଼ା, ବଡ଼ପାଟସ୍ତର, ଚମ୍ପତି ପୁର, ତେଙ୍ଗାର ଗଡ଼ି, ଶୁକଳପାଡ଼ିଆ, ଇଟାମାଟି, ବାଲିକୁଦିଆ, ପ୍ରତାପ ପ୍ରସାଦ, ଘଣ୍ଟୁଆଳ, ସୁନ୍ଦରିଆ ଗ୍ରାମ ଦେଇ ଯାଇଅଛି । ଉକ୍ତ ୨୨୦କେଭି ଅତ୍ୟୁଚ୍ଚ ବିଦ୍ୟୁତ୍ ଲାଇନ୍‌କୁ ଆସନ୍ତା ତା. ୩୧.୦୫.୨୦୨୫ ଠାରୁ ଯେକୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଞ୍ଚାରିତ କରାଯିବ ।

ଏହା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ୧୯୫୬ ଅନ୍ତର୍ଗତ ଧାରା ୭୯,୮୦ ଓ ୮୨(କ) ଅନୁଯାୟୀ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡ଼ିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ଟାୱାର ଉପରେ ଚଢ଼ିବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଘର ତୋଳିବା, ଗଛ ଲଗାଇବା, ଟାୱାରରେ ଚଢ଼ିବା କିମ୍ବା ତାହିଁରେ ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି । ଏଣୁ ଏ ବିଷୟରେ ଜନସାଧାରଣ ସର୍ବଦା ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ । ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ ।

ସ୍ୱା - ଉପ-ମହାପ୍ରବନ୍ଧକ (ବିଦ୍ୟୁତ୍)
OIPR-04011/11/0161/2526 ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ,ଭୁବନେଶ୍ୱର
/optcl.odisha /optcl_odisha FIPR-10/2025-26

# ସଙ୍କଟରେ ମଧୁର କଇଁଛ



କଇଁଛଙ୍କ ସୁରକ୍ଷା ଦ୍ୱାରା ଜୈବ ବିବିଧତାର ବିକାଶ ସମ୍ଭବ। ସେମାନେ ଆମ ପ୍ରକୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମାତ୍ର ଅନେକ ସମୟରେ ସଚେତନତାର ଅଭାବ କିମ୍ବା ଶିକାର ଲକ୍ଷ୍ୟରେ ସେମାନଙ୍କ ଉପରେ ଆକ୍ରମଣ କରାଯାଉଛି। ଯାହାର କୁପରିଣାମ ଆମ ପରିବେଶ ଉପରେ ପଡୁଛି। ତେଣୁ କଇଁଛଙ୍କୁ ସେମାନଙ୍କ ପ୍ରାକୃତିକ ପରିବେଶରେ ବଞ୍ଚିବା ଏବଂ ବଢ଼ିବାରେ ସହାୟତା ଲାଗି ସଚେତନ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୨୩କୁ 'ବିଶ୍ୱ କଇଁଛ ଦିବସ' ଭାବେ ପାଳନ କରାଯାଉଛି। ଉକ୍ତଦିନ କଇଁଛ ସମ୍ପର୍କିତ ବିଭିନ୍ନ ବିଷୟରେ ସୂଚିତ କରାଯିବା ସହ ଏ ସମ୍ପର୍କରେ ସଚେତନତା ବୃଦ୍ଧି ଲାଗି ଲକ୍ଷ୍ୟ ରଖାଯାଇଛି। କଇଁଛମାନେ ଏକ ପ୍ରକାର ସରୀସୃପ, ଯାହା ସମଗ୍ର ବିଶ୍ୱରେ ଅନେକ ପରିବେଶରେ ବିଦ୍ୟମାନ। ଜୀବବିଜ୍ଞାନୀଙ୍କ ମତରେ ପ୍ରାୟ ୧୫୭ନିୟୁତ ବର୍ଷତଳେ ସରୀସୃପ ପ୍ରଜାତିର ସୃଷ୍ଟି ହୋଇଥିଲା। ପ୍ରଥମେ ଆମେରିକାନ୍ ଟର୍ଟଏଜ୍ ରେସକ୍ୟୁ ସଂଗଠନ ୧୯୯୦ରେ ସ୍ଥାପନ ହୋଇଥିଲା। ଆମେରିକୀୟ କଇଁଛ ଉଦ୍ଧାର କାର୍ଯ୍ୟ ସୁଜନ ଟେଲେମ ଏବଂ ମାର୍ଶଲ ଥମ୍ପସନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ସାରା ବିଶ୍ୱରେ ଜନସାଧାରଣଙ୍କୁ ସଚେତନ କରାଇବା ସହ ସମସ୍ତଙ୍କୁ ଏଥିରେ ସାମିଲ କରାଇବା ଲକ୍ଷ୍ୟରେ ୨୦୦୦ ମସିହାରୁ ବିଶ୍ୱ କଇଁଛ ଦିବସ ପାଳନ କରାଯାଉଛି।

ସାମ୍ପ୍ରତିକ ସମୟରେ କଇଁଛ ଏବେ ସଙ୍କଟରେ ପଡିଛନ୍ତି। ଏହାର ଅଧିକାଂଶ ପ୍ରଜାତି ବିଲୁପ୍ତ ମଧ୍ୟ ହୋଇଗଲେଣି। ମାଛଧରା ଜାଲରେ ଛନ୍ଦି ହୋଇ ହେଉ ଅବା ଟ୍ରଲର ବ୍ଲେଡ୍‌ରେ କଟି କିମ୍ବା ସମୁଦ୍ରରେ ଜମା ହୋଇଥିବା ପ୍ଲାଷ୍ଟିକ୍ ଖଣ୍ଡ ଖାଇ କଇଁଛମାନେ ଅସମୟରେ ମୃତ୍ୟୁବରଣ କରୁଛନ୍ତି। ଯାହାକି ପରିବେଶ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି। ଏନେଇ କଇଁଛଙ୍କ ସୁରକ୍ଷା ଦିଗରେ ଅଗ୍ରଣୀ ଭାବେ କାର୍ଯ୍ୟରତ ତଥା ଓପ୍‌ସା (ଓଡ଼ିଶା ପର୍ଯ୍ୟାବରଣ ସଂରକ୍ଷଣ ଅଭିଯାନ ଟ୍ରଷ୍ଟ)ର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ବିଶ୍ୱାଳ କୁହନ୍ତି, ବିଶ୍ୱ କଇଁଛ ଦିବସ ଏବଂ ସାମୁଦ୍ରିକ କଇଁଛ ଦିବସ ସମ୍ପୂର୍ଣ୍ଣ ଅଲଗା। ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ଉପରେ ଆମ ରାଜ୍ୟରେ କିଛି କିଛି କାମ କରାଯାଉଛି, ମାତ୍ର ମଧୁର କଇଁଛ ବା ନଦୀ, ପୋଖରୀ ଆଦି ଜଳରେ ଦେଖାଦେଉଥିବା କଇଁଛଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ସଚେତନ ମଧ୍ୟ କରାଯାଉନାହିଁ। ଫଳରେ ମଧୁର କଇଁଛଙ୍କ ବିପୁଳ ପରିମାଣରେ ଚୋରା ଚାଲାଣ ଚାଲିଛି। ସେହିପରି ଏବେ ବି କେତେଜଣ ଲୋକ କଇଁଛକୁ ମାରି ଖାଉଥିବା ଦେଖାଯାଉଛି। ତେଣୁ ନଦୀ, ପୋଖରୀରେ ମିଳୁଥିବା କଇଁଛମାନେ ସମ୍ପୂର୍ଣ୍ଣରୂପେ ଅସୁରକ୍ଷିତ। କେତେବେଳେ କେମିତି ବନବିଭାଗ ପକ୍ଷରୁ ଧରପଗଡ଼ ହେଲେ କଇଁଛ ଶିକାରୀ ଧରାପଡୁଛନ୍ତି। ମାତ୍ର ସେମାନଙ୍କୁ ସେହିଭଳି ଦଣ୍ଡବିଧାନ ମିଳୁନାହିଁ। ଫଳରେ ସେମାନେ ଏଭଳି କାର୍ଯ୍ୟରୁ କ୍ଷାନ୍ତ ହେଉନାହାନ୍ତି। ତେଣୁ ଉଭୟ ସରକାରୀ ଏବଂ ବେସରକାରୀସ୍ତରରେ ଏହି ପ୍ରଜାତିର କଇଁଛଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ।

ରିପୋର୍ଟ: **ବନ୍ଦନା ସେଠୀ**, ଭୁବନେଶ୍ୱର

## 'ଡ୍ୟାନ୍ସିଙ୍ଗ ଟର୍ଟଲ ରକ୍'

### ଏ ବର୍ଷର ଥିମ୍



ସାରା ପୃଥିବୀରେ କଇଁଛ ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ୨୦୦୦ ମସିହାରୁ ପାଳିତ ହୋଇଆସୁଛି ବିଶ୍ୱ କଇଁଛ ଦିବସ। ଏହି ଦିବସ ଲାଗି ଚଳିତ ବର୍ଷ ଥିମ୍ ରହିଛି 'ଡ୍ୟାନ୍ସିଙ୍ଗ ଟର୍ଟଲ ରକ୍'। ବିଶ୍ୱ କଇଁଛ ଦିବସର ଫେସବୁକ ପୃଷ୍ଠା ଏବଂ ଇନ୍‌ଷ୍ଟାଗ୍ରାମ ଅନୁଯାୟୀ, ଏହି ଥିମ ଜନସାଧାରଣଙ୍କୁ କଇଁଛଙ୍କ ବିଷୟରେ ଅଧିକ ଜାଣିବା, ସେମାନଙ୍କ ସଂରକ୍ଷଣ ଲାଗି ସଚେତନତା ସୃଷ୍ଟି କରିଥାଏ। ଏଥିସହ ନୃତ୍ୟ ସମେତ ମଜାଦାର କାର୍ଯ୍ୟକଳାପରେ ସାମିଲ ହୋଇ କଇଁଛଙ୍କୁ ପାଳନ ଲାଗି ଉତ୍ସାହିତ କରେ।

# ଅଲିଭ ରିଡ୍‌ଲେ କଇଁଛ ଅସୁରକ୍ଷିତ

କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ଅଧୀନ ଗହୀରମଥା ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳ ଭାବେ ବିଦିତ। ଚଳିତବର୍ଷ ୬ ଲକ୍ଷରୁ ଅଧିକ ଅଲିଭ ରିଡ୍‌ଲେ ଏଠାରେ ଅଣ୍ଡାଦାନ କରିଛନ୍ତି। ନିକଟରେ ଶାବକ ସବୁ ସମୁଦ୍ରକୁ ଫେରିଛନ୍ତି। ତେବେ ସମୁଦ୍ର ତଟକ୍ଷୟ ପାଇଁ ଏଭଳି ସ୍ଥିତି ଆଗକୁ ରହିବ କି ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ; ଯାହା କି ବିରଳ ଅଲିଭ ରିଡ୍‌ଲେ କଇଁଛ ଅଣ୍ଡାଦାନ ପାଇଁ ଅସୁରକ୍ଷିତ ହେବ ବୋଲି ପରିବେଶବିତ୍‌ମାନେ କହିଛନ୍ତି।

ବିଶ୍ୱ ତାପନ ଓ ପାଣିପାଗ ପରିବର୍ତ୍ତନ କେନ୍ଦ୍ରାପଡ଼ା ଜିଲାର ୪୮ କିଲୋମିଟର ତଟାଞ୍ଚଳ ଉପରେ ପ୍ରଭାବ ପକାଉଛି। ଗତ ୬ ଦଶନ୍ଧି ମଧ୍ୟରେ ପ୍ରାୟ ୧୪ କିଲୋମିଟର ତଟ କେନ୍ଦ୍ରାପଡ଼ା ଜିଲାର ସ୍ଥଳଭାଗକୁ ମାଡ଼ି ଆସିଲାଣି। ବଡ଼ ଗହୀରମଥା, ସାନ ଗହୀରମଥା, ମୋହନପୁର, କାହ୍ନୁପୁର ଆଦି ସାତଭାୟାର ରାଜସ୍ୱ ଗ୍ରାମଗୁଡ଼ିକ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି। ଫଳରେ ଅଲିଭ ରିଡ୍‌ଲେ କଇଁଛଙ୍କ ପ୍ରଜନନ ସ୍ଥଳ କମିବାରେ ଲାଗିଛି। ଓଡ଼ିଶାର ୪୮୦ କିଲୋମିଟର ସମୁଦ୍ର ତଟାଞ୍ଚଳର ଗହୀରମଥା, ଦେବୀ ଓ ଋଷିକୁଲ୍ୟା ମୁହାଣ ଅଲିଭ ରିଡ୍‌ଲେଙ୍କ ପ୍ରଜନନସ୍ଥଳୀ। ତେବେ

## ଗହୀରମଥାର ତଟକ୍ଷୟ

ଗହୀରମଥାର ୧୩୩୬ ବର୍ଗ କିଲୋମିଟର ସାମୁଦ୍ରିକ ଅଞ୍ଚଳର ପ୍ରାୟ ୩୫ ବର୍ଗ କିଲୋମିଟର ତଟାଞ୍ଚଳ ଅର୍ଥାତ୍ ଦକ୍ଷିଣରେ ବ୍ରାହ୍ମଣୀ ନଦୀ ମୁହାଣଠାରୁ ଉତ୍ତରରେ ଥିବା ଧାମରା ବନ୍ଦର ପର୍ଯ୍ୟନ୍ତ ସମ୍ପ୍ରତି ଏହି କଇଁଛ ଅଣ୍ଡାଦାନ କରୁଛନ୍ତି। ୨୦୨୩ରେ ୩ଟି ଭାରତୀୟ ଅନୁଷ୍ଠାନ ଓ ବ୍ରାଜିଲ ବିଶ୍ୱବିଦ୍ୟାଳୟର ଏକ ଗବେଷଣା ପତ୍ରରୁ ତଟାଞ୍ଚଳ ସ୍ଥିତି ଆଗକୁ ଆହୁରି ଖରାପ ରହିବ ବୋଲି କୁହାଯାଇଛି। ବରୁଣେଇ ମୁହାଣଠାରୁ ମାଇପୁରା ମୁହାଣ ପର୍ଯ୍ୟନ୍ତ ଦ୍ରୁତ ତଟକ୍ଷୟ ଜାରି ରହିଛି ; ଯାହା ଅଲିଭ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନକୁ ପ୍ରଭାବିତ କରିବ। ସେହିପରି ହୁକିଟୋଲା, ଏକକୁଳା, ହ୍ୱିଲର ଦ୍ୱୀପ ସଙ୍କୁଚିତ ହେଉଛି। ୧୯୭୦ ଦଶକରେ ସାତଭାୟାଠାରୁ ଏକକୁଳା ପର୍ଯ୍ୟନ୍ତ ବିରଳ ଅଲିଭ ରିଡ୍‌ଲେଙ୍କ ପ୍ରଜନନ ସ୍ଥଳୀ ଥିଲା। ୧୯୭୪ରେ ଏହା ନଜରକୁ ଆସିବା ପରେ ଗହୀରମଥା ସାମୁଦ୍ରିକ ଅଞ୍ଚଳ ଏହି ବିରଳ ଜୀବଙ୍କ ପାଇଁ ଉପଯୁକ୍ତ ସ୍ଥଳ ବୋଲି ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ଯୋଗାଇ ଦିଆଯାଉଛି। ମାତ୍ର ସମୁଦ୍ର ତଟକ୍ଷୟ ଏମାନଙ୍କ ଆଗମନକୁ ହ୍ରାସ କରିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି।

ରିପୋର୍ଟ: **ଜଗନ୍ନାଥ ଧଳ**, କେନ୍ଦ୍ରାପଡ଼ା


## ରେଳପଥ ମନ୍ତ୍ରାଳୟ
## (ପୂର୍ବ ତଟ ରେଳପଥ)
## ବିଜ୍ଞପ୍ତି

**ଭୁବନେଶ୍ୱର, ୧୦ ଜାନୁଆରୀ, ୨୦୨୫**

**ରେଳବାଇ ଅଧିନିୟମ, ୧୯୮୯ର ଧାରା ୨୦ଇ ଅନୁଯାୟୀ ବିଜ୍ଞପ୍ତି**

**ଏସ.ଓ. 2271(ଇ).-** ଯେତେବେଳେ, ଭାରତ ସରକାରଙ୍କ ବିଜ୍ଞପ୍ତି ଦ୍ୱାରା, ରେଳ ମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ, ନିର୍ମାଣ ସଂଗଠନ), ବିଜ୍ଞପ୍ତି ସଂଖ୍ୟା, ଏସ.ଓ. 2636(ଇ) ତାରିଖ 10 ସେପ୍ଟେମ୍ବର, 2024 ରେ ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ II, ଧାରା 3 ଉପ-ଧାରା (ii), ତାରିଖ 10 ସେପ୍ଟେମ୍ବର, 2024 (ଏଠାରେ ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ଏବଂ ରେଳ ଆଇନ, 1989 (1989 ର 24) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20ଏ ର ଉପ-ଧାରା (1) ଅନୁଯାୟୀ ଜାରି କରାଯାଇଛି, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାରେ **"ସାରଳା-ସାସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ(୮ କିଲୋମିଟର)"** ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପର କାର୍ଯ୍ୟକାରୀ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ ପରିଚାଳନା ଉଦ୍ଦେଶ୍ୟରେ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ତାଙ୍କର ଉଦ୍ଦେଶ୍ୟ ଘୋଷଣା କରୁଛନ୍ତି।

ଏବଂ ଯେହେତୁ, ଉକ୍ତ ବିଜ୍ଞପ୍ତିର ସାରାଂଶ ଉକ୍ତ ଆଇନର ଧାରା 20ଏ ର ଉପଧାରା (4) ଅନ୍ତର୍ଗତ 22 ସେପ୍ଟେମ୍ବର, 2024 ରେ ଦୈନିକ ସ୍ଥାନୀୟ ସମ୍ବାଦପତ୍ର ଯଥା "ଧରିତ୍ରୀ" ଓଡ଼ିଆରେ (ଭୁବନେଶ୍ୱର ସଂସ୍କରଣ) ଏବଂ "ଦି ଟାଇମ୍ସ ଅଫ୍ ଇଣ୍ଡିଆ" ଇଂରାଜୀରେ (ଭୁବନେଶ୍ୱର ସଂସ୍କରଣ) ପ୍ରକାଶିତ ହୋଇଥିଲା;

ଏବଂ ଯେତେବେଳେ, ଆପତ୍ତି ଗ୍ରହଣ କରାଯାଇଥିଲା; ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିଗୁଡ଼ିକ ଶୁଣିଛନ୍ତି ଏବଂ ଉକ୍ତ ଆଇନର ଧାରା 20ଡି ଅନୁଯାୟୀ ଆଦେଶ ପାସ କରାଯାଇଛି।

ଏବଂ ଯେହେତୁ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ତେଣୁ, ବର୍ତ୍ତମାନ, ଦକ୍ଷ ଅଧିକାରୀଙ୍କ ରିପୋର୍ଟ ପ୍ରାପ୍ତ ହେବା ପରେ, ଏବଂ ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବ;

ଏବଂ ଏହା ସହିତ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ସମସ୍ତ ଭାରରୁ ମୁକ୍ତ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ।

### ଅନୁସୂଚୀ

ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର **"ସାରଳା-ସାସନ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ (୮ କିଲୋମିଟର)"** ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ମଧ୍ୟରେ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା। ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର ସମ୍ବଲପୁର ତହସିଲରେ ୬ଟି ଗ୍ରାମ ଅବସ୍ଥିତ ଯାହାର ଅଧିକାରୀ ସମ୍ବଲପୁରର ତହସିଲଦାର, ଓଡ଼ିଶା ରାଜ୍ୟର ସମ୍ବଲପୁର ଜିଲ୍ଲାର ଅଧୀନରେ ଅବସ୍ଥିତ।

**ଜିଲ୍ଲାର ନାମ : ସମ୍ବଲପୁର**

| କ୍ରମିକ ନଂ. | ଗ୍ରାମର ନାମ | ଖାତା ନଂ. | ପ୍ଲଟ ନଂ. | ସମୁଦାୟ କ୍ଷେତ୍ର (ଏକର) | ଆଧିକୃତ କ୍ଷେତ୍ର (ଏକର) | କିସମ | ଅଭିଲିଖିତ ପ୍ରଜାର ନାମ |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| **ଗ୍ରାମର ନାମ : ରାଣୀ ଖୁଣ୍ଟା** | | | | | | | |
| 1 | ରାଣୀ ଖୁଣ୍ଟା | 466 | 705 | 0.120 | 0.020 | ଘର | ମୃଣାଳକାନ୍ତି ଶତପଥି ପି:ହାରାଧନ ଶତପଥି ଜା: ବ୍ରାହ୍ମଣ ବା: ନିଜଗାଁ |
| 2 | ରାଣୀ ଖୁଣ୍ଟା | 466 | 706 | 0.050 | 0.050 | ଜଳାଶୟ | ମୃଣାଳକାନ୍ତି ଶତପଥି ପି:ହାରାଧନ ଶତପଥି ଜା: ବ୍ରାହ୍ମଣ ବା: ନିଜଗାଁ |
| 3 | ରାଣୀ ଖୁଣ୍ଟା | 200 | 707 | 0.370 | 0.190 | ବାହାଲ ଖାରି ପାଣି ଏକ ଦୋଫସଲି | ପ୍ରଶାନ୍ତ କୁମାର ପତି ପି:ରବିନାରାୟଣ ପତି ଜା: ବ୍ରାହ୍ମଣ ବା: ନିଜଗାଁ |
| 4 | ରାଣୀ ଖୁଣ୍ଟା | 200 | 689 | 0.470 | 0.025 | ବାହାଲ ଖାରି ପାଣି ଏକ ଦୋଫସଲି | ପ୍ରଶାନ୍ତ କୁମାର ପତି ପି: ରବିନାରାୟଣ ପତି ଜା: ବ୍ରାହ୍ମଣ ବା: ନିଜଗାଁ |
| | | | ମୋଟ: | **1.010** | **0.285** | | |
| **ଗ୍ରାମରନାମ : ଅଯିତପୁର ଶାସନ** | | | | | | | |
| 5 | ଅଯିତପୁର ଶାସନ | 113/51 | 260 | 0.750 | 0.010 | ବସ୍ତୁମାଳ | ମହେନ୍ଦ୍ର କୁମାର ଧର ପି: ରାଜାରାମ ଧର ଜା: ବ୍ରାହ୍ମଣ ବା: ହରଗୌରି ବିହାର ଅଇଁଠାପାଲି, ଜି: ସମ୍ବଲପୁର |
| 6 | ଅଯିତପୁର ଶାସନ | 113/65 | 261 | 1.460 | 0.045 | ବସ୍ତୁମାଳ | ପ୍ରଦିପ କୁମାର ମହାପାତ୍ର, ପି: କୁଞ୍ଜ ମହାପାତ୍ର, ଜା: ବ୍ରାହ୍ମଣ, ବା: ମାଲିପାଲି (ଭାଲୁପାଲି ) |
| 7 | ଅଯିତପୁର ଶାସନ | 1 | 269 | 1.950 | 0.250 | ବସ୍ତୁମାଳ | ଅର୍ଜୁନମୋହନ ହୋତା, ସୁରେନ୍ଦ୍ର ମୋହନ ହୋତା, ଲଳିତ ମୋହନ ହୋତା, ବିରେନ୍ଦ୍ର ମୋହନ ହୋତା, ଧିରେନ୍ଦ୍ର ମୋହନ ହୋତା, ମନୋରମା ଦାଶ, ପି: ଚକ୍ରଧର ହୋତା, ଜଗଦୀଶ ତ୍ରିପାଠୀ, ବୈଦେହୀ ଷଡ଼ଙ୍ଗି, କୁନି ଦାସ, ପି: ରାଜିବଲୋଚନ ତ୍ରିପାଠୀ, ଜା: ବ୍ରାହ୍ମଣ, ବା: ନିଜଗାଁ |
| 8 | ଅଯିତପୁରଶାସନ | 113/57 | 270 | 2.300 | 0.150 | ଖଲିଆମାଳ | ଅର୍ଣ୍ଣପୂର୍ଣ୍ଣା ପାଟଯୋଶୀ, ସ୍ୱା: ସେବାରଞ୍ଜନ ପାଟଯୋଶୀ, ସେବାରଞ୍ଜନ ପାଟଯୋଶୀ, ପି: ରବିରତ୍ନ ପାଟଯୋଶୀ, ଜା: ବ୍ରାହ୍ମଣ, ବା: ଶାନ୍ତିନଗର, ବୁଢ଼ାରଜା, ଥାନା- ଅଇଁଠାପାଲି |
| | | | ମୋଟ : | **6.460** | **0.455** | | |
| **ଗ୍ରାମର ନାମ : ସଣ୍ଢାସିଂହା** | | | | | | | |
| 9 | ସଣ୍ଢାସିଂହା | 172/169 | 115 | 0.610 | 0.150 | ଜୁଲୁକି ମାଲ | ତ୍ରିନାଥ ବାଗ, ପି: ରଥୀ ବାଗ, ଜା: ଗଉଡ଼, ବା: ସଣ୍ଢାସିଂହା, ଥା: ଶାସନ, ଜି: ସମ୍ବଲପୁର |
| 10 | ସଣ୍ଢାସିଂହା | 139 | 117 | 1.270 | 0.170 | ଜୁଲୁକି ବେର୍ଣ୍ଣା | ସତ୍ୟ ନାରାୟଣ ମିଶ୍ର, ଶରତ ମିଶ୍ର, ଶାନ୍ତନୁ ମିଶ୍ର, ସନ୍ତୋଷ ମିଶ୍ର, କାଞ୍ଚନ ପଣ୍ଡା, ସବିତା ପଣ୍ଡା, ପି: ଭଗବାନ ମିଶ୍ର, ବିଦେଶିନୀ ନାୟକ, ସ୍ୱା: ହିମାଂଶୁ ମିଶ୍ର, ସୀକୃତି ମିଶ୍ର, ସଂଗ୍ରାମ ମିଶ୍ର, ପି: ହିମାଂଶୁ ମିଶ୍ର, ଜା: ବ୍ରାହ୍ମଣ, ବା: ଗଣେଶ ନଗର, ରେଙ୍ଗାଲୀ, ସମ୍ବଲପୁର |
| 11 | ସଣ୍ଢାସିଂହା | 172/58 | 125 | 0.860 | 0.070 | ଲାଇନ ଟରା | ଆର୍ତ୍ତତ୍ରାଣ ମିଶ୍ର, ପି: ରାହାସ ବିହାରୀ ମିଶ୍ର, ଜା: ବ୍ରାହ୍ମଣ, ବା: ଶାସନ |
| 12 | ସଣ୍ଢାସିଂହା | 37 | 126 | 0.640 | 0.070 | ଜୁଲୁକି ବେର୍ଣ୍ଣା | ଜଗନ୍ନାଥ ମଲ୍ଲିକ, ପି:ପଣ୍ଡିତ ମଲ୍ଲିକ, ଜା: କନ୍ଧ, ବା: ଅଜିତପୁର ଶାସନ |
| 13 | ସଣ୍ଢାସିଂହା | 157 | 127/516 | 0.120 | 0.030 | ମହୁଲ ବେର୍ଣ୍ଣା | ସାରଙ୍ଗ ପଙ୍ଗା, ପି: ଚେରୁ ପଙ୍ଗା, ଜା: ଗଣ୍ଡ, ବା: ନିଜଗାଁ |
| 14 | ସଣ୍ଢାସିଂହା | 157 | 127 | 3.130 | 0.010 | ମହୁଲ ବେର୍ଣ୍ଣା | ସାରଙ୍ଗ ପଙ୍ଗା, ପି: ଚେରୁ ପଙ୍ଗା, ଜା: ଗଣ୍ଡ, ବା: ନିଜଗାଁ |
| 15 | ସଣ୍ଢାସିଂହା | 90 | 128 | 0.360 | 0.050 | ଜୁଲୁକି ମାଳ | ଶ୍ରୀ ରାମଚନ୍ଦ୍ର ମହାପ୍ରଭୁ ବିଜେ ଅଜିତପୁର ଶାସନ, ବା: ମା ବଂଶୀଧର ମିଶ୍ର, ପି: ବଳଭଦ୍ର ମିଶ୍ର, ଜା: ବ୍ରାହ୍ମଣ, ବା: ଅଜିତପୁର ଶାସନ |
| 16 | ସଣ୍ଢାସିଂହା | 172/177 | 131 | 0.590 | 0.020 | ମହୁଲ ବାହାଲ | ସବ୍ୟସାଚୀ ସାହୁ, ପି: ଗଙ୍ଗାଧର ସାହୁ, ଜା: କୁଲତା, ବା: ବୈଦାରନୂଆପାଲି, ଥା: ଅଇଁଠାପାଲି, ଜି: ସମ୍ବଲପୁର |
| 17 | ସଣ୍ଢାସିଂହା | 172/177 | 132 | 0.110 | 0.020 | ମହୁଲ ମାଲ | ସବ୍ୟସାଚୀ ସାହୁ, ପି: ଗଙ୍ଗାଧର ସାହୁ, ଜା: କୁଲତା, ବା: ବୈଦାରନୂଆପାଲି, ଥା: ଅଇଁଠାପାଲି, ଜି: ସମ୍ବଲପୁର |
| 18 | ସଣ୍ଢାସିଂହା | 172/69 | 133 | 1.000 | 0.070 | ମହୁଲ ମାଲ | ଆଦିତ୍ୟ ଅଟି, ପି: ଭାଗିରଥି ଅଟି, ଜା: ଗଣ୍ଡ, ବା: ନିଜଗାଁ |
| 19 | ସଣ୍ଢାସିଂହା | 118 | 143 | 2.260 | 0.130 | ମହୁଲ ମାଳ | ଭୀଷ୍ମଦେବ ମେହେର, ପି: ଚୈତନ୍ୟ ମେହେର, ଜା: ଭୁଲିଆ, ବା: ସାକ୍ଷୀପଡ଼ା (ସମ୍ବଲପୁର) |
| 20 | ସଣ୍ଢାସିଂହା | 161 | 144 | 1.180 | 0.200 | ଖୁଣ୍ଟ ମାଳ | ମଥୁରା କୁମୁରା, ପି: ଶୁକଦେବ ଧରୁଆ, ଜା: ଗଣ୍ଡ, ବା: ନିଜଗାଁ |
| | | | ମୋଟ : | **12.130** | **0.990** | | |
| **ଗ୍ରାମର ନାମ : ମାଝୀପାଲି** | | | | | | | |
| 21 | ମାଝୀପାଲି | 88/93 | 180 | 2.130 | 0.020 | କରମାମାଲ | ପଟାୟତ ଲାଲ ମେହେର, ପି: ଭୁବନ ମେହେର, ଜା: ଚମାର, ବା: ନିଜଗାଁ |
| 22 | ମାଝୀପାଲି | 88/146 | 210 | 0.130 | 0.130 | ଖଲିଆମାଲ | ଶାନ୍ତନୁ କୁମାର ମହାନ୍ତି, ପି: ଲାଲସାହେବ ମହାନ୍ତି, ଜା: ବ୍ରାହ୍ମଣ, ବା: ପଟ୍ଟନାୟକପଡା, ସମ୍ବଲପୁର |
| 23 | ମାଝୀପାଲି | 72 | 108/294 | 1.880 | 0.055 | ଟାରମାଲ | ରାମଚନ୍ଦ୍ର କରାଳି, ପି: ପୁରଷ୍ତମ କରାଳି, ନୂରା କରାଳି, ସ୍ୱା: ପୁରଷ୍ତମ କରାଳି, ଜା: ଗଣ୍ଡା, ବା: ନିଜଗାଁ |
| 24 | ମାଝୀପାଲି | 88/146 | 208 | 0.320 | 0.115 | ଖଲିଆମାଲ | ଶାନ୍ତନୁ କୁମାର ମହାନ୍ତି, ପି: ଲାଲସାହେବ ମହାନ୍ତି, ଜା: ବ୍ରାହ୍ମଣ, ବା: ପଟ୍ଟନାୟକପଡା, ସମ୍ବଲପୁର |
| 25 | ମାଝୀପାଲି | 88/370 | 210/691 | 1.000 | 0.175 | ଘରବାରି | ସୁନିଲ କୁମାର ଶର୍ମା, ପି: ପ୍ରଭୁଦୟାଲ ଶର୍ମା, ଜା: ବ୍ରାହ୍ମଣ, ବା: ଧନୁପାଲି, ଜି: ସମ୍ବଲପୁର |
| 26 | ମାଝୀପାଲି | 88/371 | 210/692 | 0.820 | 0.240 | ଘରବାରି | ଅନିଲ କୁମାର ଶର୍ମା, ପି: ପ୍ରଭୁଦୟାଲ ଶର୍ମା, ଜା: ବ୍ରାହ୍ମଣ, ବା: ଧନୁପାଲି, ଜି: ସମ୍ବଲପୁର |
| 27 | ମାଝୀପାଲି | 88/371 | 208/693 | 1.180 | 0.495 | ଘରବାରି | ଅନିଲ କୁମାର ଶର୍ମା, ପି: ପ୍ରଭୁଦୟାଲ ଶର୍ମା, ଜା: ବ୍ରାହ୍ମଣ, ବା: ଧନୁପାଲି, ଜି: ସମ୍ବଲପୁର |
| 28 | ମାଝୀପାଲି | 88/146 | 176 | 0.100 | 0.040 | ପଟିତ | ଶାନ୍ତନୁ କୁମାର ମହାନ୍ତି, ପି: ଲାଲସାହେବ ମହାନ୍ତି, ଜା: ବ୍ରାହ୍ମଣ, ବା: ପଟ୍ଟନାୟକ ପଡା, ସମ୍ବଲପୁର |
| 29 | ମାଝୀପାଲି | 61 | 172 | 3.420 | 0.400 | ଡୁଙ୍ଗୁରି ଟରା | ମୂଷା ମୁଣ୍ଡା, ପି: ମାଥଉ ମୁଣ୍ଡା, ସରୋଜ ଆଇନ୍ଦ, ସ୍ୱା: ସାମସନ ଆଇନ୍ଦ, ମାସି ଆଇନ୍ଦ, ଇସ୍ତଫା ଆଇନ୍ଦ, ସୁଲେମାନ ଆଇନ୍ଦ, ପି: ମୂଷା ମୁଣ୍ଡା, ଜା: ମୁଣ୍ଡା, ବା: ଭାଲୁକୁନ୍ଦା, ଥା: ଶାସନ, ଜି: ସମ୍ବଲପୁର |
| | | | ମୋଟ : | **10.980** | **1.670** | | |
| **ଗ୍ରାମର ନାମ : ଛଟର ଗଡ଼ା** | | | | | | | |
| 30 | ଛଟରଗଡ଼ା | 30 | 17 | 1.580 | 0.015 | ବେର୍ଣ୍ଣା ସାଧାରଣ | ରର୍ବଟ କେରକେଟା, ପି: ମାସି ପ୍ରକାଶ କେରକେଟା, ଜା: ମୁଣ୍ଡା, ବା: ଆଶାପାଲି, ଖ୍ରୀଷ୍ଟିୟାନପଡା, ଥା: ଟାଉନ, ଜି: ସମ୍ବଲପୁର |
| | | | ମୋଟ: | **1.580** | **0.015** | | |
| **ଗ୍ରାମର ନାମ : ପରଧିଆପାଲି** | | | | | | | |
| 31 | ପରଧିଆପାଲି | 228/675 | 922 | 1.220 | 0.050 | ପଟିତ | ସିନ୍ଧୁବାଳା ମିଶ୍ର, ସ୍ୱା: ନୃସିଂହନାଥ ମିଶ୍ର, ଜା: ବ୍ରାହ୍ମଣ, ବା: ନନ୍ଦପଡା |
| 32 | ପରଧିଆପାଲି | 163 | 920 | 5.920 | 0.020 | ଲିଆଖାଇ ମାଳ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢ଼ାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 33 | ପରଧିଆପାଲି | 135 | 918 | 3.230 | 0.040 | କଣାଚେରଆଟ | ପୁରନ୍ଦର ସାହୁ, ପର୍ଶୁରାମ ସାହୁ, ପି: ଖାଡି ସାହୁ, ଦଧିବାବନ ସାହୁ, ପି: ଶ୍ୟାମ ସାହୁ, ଜା: କୁଲତା, ବା: ନିଜଗାଁ |
| 34 | ପରଧିଆପାଲି | 9 | 917 | 4.550 | 0.130 | ଝାର ବେର୍ଣ୍ଣା | ଗିର୍ଜା ମାଧବ ଗୁରୁ, ବରଦା ମାଧବ ଗୁରୁ, ପି: ଅନନ୍ତରାମ ଗୁରୁ, ଶୋଭା ଗୁରୁ, ସ୍ୱା: ନିଳମାଧବ ଗୁରୁ, ସୁଦିପ୍ତା ଗୁରୁ, ପି: ନିଳମାଧବ ଗୁରୁ, ଜା: ବ୍ରାହ୍ମଣ, ବା: ସାକ୍ଷିପଡା, ସମ୍ବଲପୁର |
| 35 | ପରଧିଆପାଲି | 9 | 916 | 1.130 | 0.010 | ଝାର ବେର୍ଣ୍ଣା | ଗିର୍ଜା ମାଧବ ଗୁରୁ, ବରଦା ମାଧବ ଗୁରୁ, ପି: ଅନନ୍ତରାମ ଗୁରୁ, ଶୋଭା ଗୁରୁ, ସ୍ୱା: ନିଳମାଧବ ଗୁରୁ, ସୁଦିପ୍ତା ଗୁରୁ, ପି: ନିଳମାଧବ ଗୁରୁ, ଜା: ବ୍ରାହ୍ମଣ, ବା: ସାକ୍ଷିପଡା, ସମ୍ବଲପୁର |
| 36 | ପରଧିଆପାଲି | 69 | 672 | 4.340 | 0.085 | ଭୁର୍ଲା ଟିକିରା | ଚୁଆ ମୁଣ୍ଡା, ପି:ବାଙ୍କୁ ମୁଣ୍ଡା, ଜା: ମୁଣ୍ଡା, ବା: ମାଳିପାଲି |
| 37 | ପରଧିଆପାଲି | 125 | 1126 | 0.210 | 0.095 | ବାରି ସାଧାରଣ | ପ୍ରଫୁଲ୍ଲ ସାହୁ, ପ୍ରମୋଦ ସାହୁ, ପି: ଦେବାର୍ଚ୍ଚନ ସାହୁ, ଜା: କୁଲତା, ବା: ନିଜଗାଁ |
| 38 | ପରଧିଆପାଲି | 52 | 1110 | 0.210 | 0.165 | ବାରି ସାଧାରଣ | ଗୋପିନାଥ ଗୁରୁ, ଜଗନ୍ନାଥ ଗୁରୁ, ମୁରାରୀ ପ୍ରସାଦ ଗୁରୁ, ପି: ପ୍ରଦ୍ୟୁମ୍ନ ଗୁରୁ, ପଦ୍ମାବତୀ ଗୁରୁ, ସ୍ୱା: ପ୍ରଦ୍ୟୁମ୍ନ ଗୁରୁ, ବିଶ୍ୱନାଥ ଗୁରୁ, ପି: ମଦନ ମୋହନ ଗୁରୁ, ଗୋଦାବରୀ ଗୁରୁ, ସ୍ୱା: ମଦନ ମୋହନ ଗୁରୁ, ଜା: ବ୍ରାହ୍ମଣ, ବା: ନିଜଗାଁ |
| 39 | ପରଧିଆପାଲି | 163 | 1147 | 0.400 | 0.170 | ମାଳ ଖାରି | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢ଼ାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 40 | ପରଧିଆପାଲି | 163 | 1146 | 0.200 | 0.105 | ବାରି ସାଧାରଣ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢ଼ାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା ବା: ନିଜଗାଁ |
| 41 | ପରଧିଆପାଲି | 207 | 1141 | 0.040 | 0.040 | ବାରି ସାଧାରଣ | ସନ୍ତୋଷ ଷଣ୍ଢ, ପି: ଦିନାରାମ ଷଣ୍ଢ, ଜା: ଗଉଡ଼, ବା: ନିଜଗାଁ ପାଣିବୁଡି ପ୍ରଧାନ, ସ୍ୱା: ସତ୍ୟାନନ୍ଦ ପ୍ରଧାନ, ଜା: କୁଲୁତା, ବା: ନିଜଗାଁ, ବସୁ ବଢେଇ ସ୍ୱା: ଶୁକଦେବ ବଢେଇ, ଜା: କୁଲୁତା, ବା: ଟକବା ଥାନା ଶାସନ, ମନ ପଧାନ, ସ୍ୱା: ଉଜାଗର ପଧାନ, ଜା: କୁଲୁତା, ବା: ଗଣ୍ଡପାଲି ଥାନା ଶାସନ, ଝାପ ସାହୁ, ସ୍ୱା: ଯୋଗିନ୍ଦ୍ର ସାହୁ, ବିପିନ ବିହାରୀ ବାରିକ, ପି: ସୁଦର୍ଶନ ବାରିକ, ଭରତ ବାରିକ, ପି: ଉଗ୍ରେସନ ବାରିକ, ଭାନୁମତୀ ବାରିକ, ସ୍ୱା: ଉଗ୍ରେସନ ବାରିକ, ଜା: କୁଲୁତା, ବା: ନିଜଗାଁ |
| 42 | ପରଧିଆପାଲି | 132 | 1139 | 0.070 | 0.050 | ବାରି ସାଧାରଣ | ପାଣିବୁଡି ପ୍ରଧାନ ସ୍ୱା: ସତ୍ୟାନନ୍ଦ ପ୍ରଧାନ ଜା: କୁଲୁତା ବା: ନିଜଗାଁ, ବସୁ ବଢେଇ ସ୍ୱା: ଶୁକଦେବ ବଢେଇ, ଜା: କୁଲୁତା ବା: ଟକବା, ଥା: ନାଶାସନ, ମନପଧାନ ସ୍ୱା: ଉଜାଗର ପଧାନ, ଜା: କୁଲୁତା ବା: ଗଣ୍ଡପାଲି, ଥା:ନାଶାସନ, ଝାପ ସାହୁ, ସ୍ୱା: ଯୋଗିନ୍ଦ୍ର ସାହୁ, ବିପିନ ବିହାରୀ ବାରିକ ପି:ସୁଦର୍ଶନ ବାରିକ, ଭରତ ବାରିକ, ପି: ଉଗ୍ରେସନ ବାରିକ, ଭାନୁମତୀ ବାରିକ, ସ୍ୱା: ଉଗ୍ରେସନ ବାରିକ, ଜା: କୁଲୁତା,ବା: ନିଜଗାଁ |
| 43 | ପରଧିଆପାଲି | 163 | 1138 | 0.050 | 0.035 | ବାରି ସାଧାରଣ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢ଼ାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ, ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 44 | ପରଧିଆପାଲି | 228/646 | 1137 | 0.030 | 0.030 | ବାରିସାଧାରଣ | ବିଜୟ କୁମାର ନାଏକ, ଅଶ୍ୱିନୀ କୁମାର ନାଏକ, ନବିନ ଚନ୍ଦ୍ର ନାଏକ, ପି: ଆର୍ତ୍ତତ୍ରାଣ ନାଏକ, ଜା: କୁଲତା, ବା: ପରଧିଆପାଲି, ସମ୍ବଲପୁର |
| 45 | ପରଧିଆପାଲି | 228/1562 | 1136 | 0.030 | 0.030 | ବାରିସାଧାରଣ | କୈଳାଶ ସାହୁ, ପି: ଯୁଗଳ ସାହୁ, ଜା: ତେଲି, ବା: ପରଧିଆପାଲି, ଥା: ଅଇଁଠାପାଲି, ଜି: ସମ୍ବଲପୁର |
| 46 | ପରଧିଆପାଲି | 216 | 1135 | 0.070 | 0.055 | ବାରିସାଧାରଣ | ସାନ ବାରିକ, ସ୍ୱା: ଭୁବନ ବାରିକ, ଜା: କୁଲତା, ବା: ନିଜଗାଁ |
| 47 | ପରଧିଆପାଲି | 218 | 1134 | 0.040 | 0.040 | ବାରି ସାଧାରଣ | ପ୍ରଦିପ କୁମାର ସାହୁ, ପି: ଶିବ ଶଙ୍କର ସାହୁ, ସରୋଜିନୀ ସାହୁ, ସ୍ୱା: ଶିବ ଶଙ୍କର ସାହୁ, ଜା: କୁଲତା, ବା: ନିଜଗାଁ |
| 48 | ପରଧିଆପାଲି | 188 | 1132 | 0.090 | 0.090 | ବାରି ସାଧାରଣ | ରାମଚନ୍ଦ୍ର ଧରୁଆ, ପି: ଦାଶ ଧରୁଆ, ଗୋପ କହ୍ନାଇ ଧରୁଆ, ପି: ଜନକରାମ ଧରୁଆ, ପଦ୍ମା ଧରୁଆ, ସ୍ୱା: ଜନକରାମ ଧରୁଆ, ଜା: ଗଣ୍ଡ, ବା: ନିଜଗାଁ |
| 49 | ପରଧିଆପାଲି | 196 | 1131 | 0.200 | 0.070 | ବାରି ସାଧାରଣ | ସୁନନ୍ଦା ମହାପାତ୍ର, ସୁଖଦା ଦାଶ, ପି: ଲଲିତ ମୋହନ ମିଶ୍ର, ସରୋଜିନୀ ମିଶ୍ର, ସ୍ୱା: ଲଲିତ ମୋହନ ମିଶ୍ର, ଜା: ବ୍ରାହ୍ମଣ, ବା: ନିଜଗାଁ |
| 50 | ପରଧିଆପାଲି | 40 | 1130 | 0.100 | 0.045 | ବାରି ସାଧାରଣ | ଗଣ୍ଡା ଭୋଏ, ପି:ସୋମନାଥ ଭୋଏ, ଜା: ଗଣ୍ଡ, ବା: ନିଜଗାଁ |
| 51 | ପରଧିଆପାଲି | 227 | 1128 | 0.120 | 0.035 | ବାରି ସାଧାରଣ | ସନ୍ତୋଷ ପଧାନ, ପି: ହଜାରୀ ପଧାନ, ଜା: କୁଲତା, ବା: ନିଜଗାଁ |
| 52 | ପରଧିଆପାଲି | 131 | 1127 | 0.170 | 0.055 | ବାରି ସାଧାରଣ | ଶ୍ରୀଧର ଭୋଏ, ପି: ହିରା ଭୋଏ, ଜା: କୁଲତା, ବା: ନିଜଗାଁ, ସାବିତ୍ରୀ ପ୍ରଧାନ, ପି: ପ୍ରହଲ୍ଲାଦ ପ୍ରଧାନ, ଜା: କୁଲତା, ବା: କୁଲତା ନୂଆପାଲି, ଲୋହିତ ପଧାନ, କିଶୋର ଚନ୍ଦ୍ର ପଧାନ, ପି: ଗୋବର୍ଦ୍ଧନ ପଧାନ, ଲଲିତା ବଢେଇ, ତପସ୍ୱିନୀ ପାତ୍ର, ପି: ପୁରଷ୍ତମ ଖମାରୀ, ସଞ୍ଜୟ ପ୍ରଧାନ, ଅଭୟ ପ୍ରଧାନ, ପି: ବିନୋଦ ପ୍ରଧାନ, ଜା: କୁଲତା, ବା: ପରଧିଆପାଲି |
| 53 | ପରଧିଆପାଲି | 163 | 1244 | 19.390 | 0.045 | ଲାଉକୁଦା ମାଳ | ସୁମିତ୍ରା ବାରିକ, ପି: ଖଗେଶ୍ୱର ବାରିକ, ସୀତା ବାରିକ, ଶାନ୍ତି ଭୋଇ, ପି: ଭୁବନ ବାରିକ, ରାଜେନ୍ଦ୍ର ବାରିକ, ଗଜେନ୍ଦ୍ର ବାରିକ, ଯଜ୍ଞସେନୀ ବାରିକ, ପ୍ରଭାସିନୀ ବାରିକ, ବିଳାସିନୀ ବାରିକ, କୈଳାସିନୀ ବାରିକ, ସୁବାସିନୀ ବାରିକ, ପି: କୁଞ୍ଜ ବିହାରୀ ବାରିକ, ଆନନ୍ଦ ଭୋଇ, ସାନନ୍ଦ ଭୋଇ, ଜଗଦିଶ ଭୋଇ, କଲ୍ୟାଣୀ ବଢ଼ାଇ, ପି: ଶଙ୍କର ଭୋଇ, ତାରିଣୀ ସାହୁ, ପୁଷ୍ପାଞ୍ଜଳି ସାହୁ, ସଞ୍ଜୁକ୍ତା ସାହୁ ପି: ବେଣୁଧର ସାହୁ, ତପସ୍ୱିନୀ ଭୋଇ, ପଙ୍କଜିନି ଭୋଇ, ରବିନ୍ଦ୍ର ଭୋଇ, ପି: ସୁକାନ୍ତି ଭୋଇ, ଗଙ୍ଗାଧର ସାହୁ, ପି: ଧ୍ରୁବା ସାହୁ, ମନ୍ଦୋଦରୀ ବାରିକ, ପି: ଅନନ୍ତରାମ ବାରିକ, ଜା: କୁଲତା, ବା: ନିଜଗାଁ |
| 54 | ପରଧିଆପାଲି | 61 | 1119 | 0.060 | 0.020 | ବାରି ସାଧାରଣ | ଚନ୍ଦ୍ରମା ବଢାଇ, ସ୍ୱା: ସନ୍ତୋଷ ବଢାଇ, ସୁଜୟ ବଢାଇ, ବିଜୟ ବଢାଇ, ଅଜୟ ବଢାଇ, ସମ୍ପିତ ବଢାଇ, ପି: ସନ୍ତୋଷ ବଢାଇ, ଜା: କୁଲତା, ବା: ନିଜଗାଁ |
| 55 | ପରଧିଆପାଲି | 100 | 1121 | 0.070 | 0.025 | ବାରି ସାଧାରଣ | ଦଶରଥ ସାହୁ, ପି: ମୁକ୍ତିଧର ସାହୁ, ଜା: କରଣ, ବା: ନିଜଗାଁ |
| 56 | ପରଧିଆପାଲି | 7 | 1122 | 0.060 | 0.020 | ବାରି ସାଧାରଣ | ଭୀଷ୍ମଦେବ ସାହୁ, ପି:ଅନନ୍ତରାମ ସାହୁ, ଜା: କୁଲତା, ବା: ନିଜଗାଁ |
| 57 | ପରଧିଆପାଲି | 124 | 1123 | 0.070 | 0.025 | ବାରି ସାଧାରଣ | ଟଙ୍କଧର ପଧାନ, ମଦନ ପଧାନ, ପି: ବାସୁଦେବ ପଧାନ, ଜା: କୁଲତା, ବା: ଗୋପାଳପାଲି |
| 58 | ପରଧିଆପାଲି | 9 | 1143 | 0.090 | 0.090 | ବାରି ସାଧାରଣ | ଗିର୍ଜା ମାଧବ ଗୁରୁ, ବରଦା ମାଧବ ଗୁରୁ ପି: ଅନନ୍ତରାମ ଗୁରୁ, ଶୋଭା ଗୁରୁ, ସ୍ୱା: ନିଳମାଧବ ଗୁରୁ, ସୁଦିପ୍ତା ଗୁରୁ, ପି: ନିଳମାଧବ ଗୁରୁ, ଜା: ବ୍ରାହ୍ମଣ, ବା: ସାକ୍ଷିପଡା, ସମ୍ବଲପୁର |
| 59 | ପରଧିଆପାଲି | 212 | 1144 | 0.100 | 0.020 | ବାରି ସାଧାରଣ | ସରନ କନ୍ଧ, ପି: କୁଳମଣୀ କନ୍ଧ, ଅବଧୁତ କନ୍ଧ, ଅଚ୍ୟୁତା କନ୍ଧ, ଶଚିଦା କନ୍ଧ, ଉଛବ କନ୍ଧ, ପି: ହରି କନ୍ଧ, ଜା: କନ୍ଧ, ବା: ଯାମପାଲି, ସୁବିଧା କନ୍ଧ, ସ୍ୱା: ହରି କନ୍ଧ, ଜା: କନ୍ଧ, ବା: ନିଜଗାଁ, ସଏନ୍ଧି କନ୍ଧ, ପି: ବନମାଳୀ କନ୍ଧ, ଜା: କନ୍ଧ, ବା: ଯାମପାଲି, ଶୁକ୍ରତା କନ୍ଧ, ପି: ବନମାଳୀ କନ୍ଧ, ଜନକ କନ୍ଧ, ସ୍ୱା: ବନମାଳୀ କନ୍ଧ, ଜା: କନ୍ଧ, ବା: ନିଜଗାଁ |
| 60 | ପରଧିଆପାଲି | 212 | 1140 | 0.10 | 0.10 | ମାଳଖାରି | ସରନ କନ୍ଧ, ପି: କୁଳମଣୀ କନ୍ଧ, ଅବଧୁତ କନ୍ଧ, ଅଚ୍ୟୁତା କନ୍ଧ, ଶଚିଦା କନ୍ଧ, ଉଛବ କନ୍ଧ, ପି: ହରି କନ୍ଧ, ଜା: କନ୍ଧ, ବା: ଯାମପାଲି, ସୁବିଧା କନ୍ଧ, ସ୍ୱା: ହରି କନ୍ଧ, ଜା: କନ୍ଧ, ବା: ନିଜଗାଁ, ସଏନ୍ଧି କନ୍ଧ, ପି: ବନମାଳୀ କନ୍ଧ, ଜା: କନ୍ଧ, ବା: ଯାମପାଲି, ଶୁକ୍ରତା କନ୍ଧ, ପି: ବନମାଳୀ କନ୍ଧ, ଜନକ କନ୍ଧ, ସ୍ୱା: ବନମାଳୀ କନ୍ଧ, ଜା: କନ୍ଧ, ବା: ନିଜଗାଁ |
| | | | ମୋଟ: | **42.360** | **1.790** | | |
| | | | ସମୁଦାୟ ମୋଟ: | **74.520** | **5.205** | | |

| ଗ୍ରାମର ନାମ | ଅଧିଗ୍ରହଣ କ୍ଷେତ୍ର (ଏକର) |
|---|---|
| ରାଣୀ ଖୁଣ୍ଟା | 0.285 |
| ଅଯିତପୁର ଶାସନ | 0.455 |
| ଛଟର ଗଡ଼ା | 0.015 |
| ମାଝୀପାଲି | 1.67 |
| ସଣ୍ଢାସିଂହା | 0.99 |
| ପରଧିଆପାଲି | 1.790 |
| **ମୋଟ** | **5.205** |

PR-30/CI/25-26

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କଳିଙ୍ଗନଗରରେ ଇମ୍ଫା ସମ୍ପ୍ରସାରିତ କାରଖାନାର ଶିଳାନ୍ୟାସ

**ଭୁବନେଶ୍ୱର,୨୨।୫**

ଇଣ୍ଡିଆନ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍(ଇମ୍ଫା)ର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହେବାକୁ ଥିବା ଇମ୍ଫା ସମ୍ପ୍ରସାରିତ କାରଖାନାର ଶିଳାନ୍ୟାସ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା କଳିଙ୍ଗନଗରଠାରେ ହୋଇଯାଇଛି। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ଯାଜପୁର ଏମ୍‌ପି ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ଅମର ନାୟକ ଏବଂ ବିଧାୟକ ଆକାଶ ଦାସନାୟକଙ୍କ ସମେତ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥିତ ୧୨୪.୨୬ ଏକର ପରିବ୍ୟାପ୍ତ ସ୍ଥାନରେ ଏହି କାରଖାନା ଆରମ୍ଭ ସହ ବାର୍ଷିକ ୧,୦୦,୦୦୦ ମେଟ୍ରିକ ଟନ୍ ଫେରୋକ୍ରୋମ୍ ଉତ୍ପାଦନ ହେବ। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ସୁଦ୍ଧା ଏହି କାରଖାନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ସେହିଭଳି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହେବାକୁ ଥିବା ଏହି କାରଖାନା ଉଭୟ ଚୌଦ୍ୱାର ଏବଂ ଥେରୁବାଲିଠାରେ ଥିବା ଇମ୍ଫାର ସମନ୍ୱିତ କାର୍ଯ୍ୟସ୍ଥଳୀଗୁଡ଼ିକର ପରିପୂରକ ହେବ। ଏପରିକି ଏହାର ମୋଟ ଉତ୍ପାଦନ କ୍ଷମତା ୩,୮୪,୦୦୦ ଟନ୍‌କୁ ବୃଦ୍ଧି ପାଇବା ସହ ମୂଲ୍ୟଯୁକ୍ତ ଫେରୋକ୍ରୋମ୍ ଉତ୍ପାଦନକାରୀ ଭାବରେ ଭାରତରେ ଏହାର ସ୍ଥିତିକୁ ସୁଦୃଢ଼ କରିବ। ଏ ସମ୍ପର୍କରେ ଇମ୍ଫାର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି, ଓଡ଼ିଶାର ବିକାଶ ପାଇଁ ଆମେ ସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛୁ। ଏହି ନୂତନ ପ୍ରକଳ୍ପ କେବଳ ରାଜ୍ୟର ଶିଳ୍ପ ମାନଚିତ୍ରକୁ ଉନ୍ନତ କରିବ ନାହିଁ ବରଂ ଦୀର୍ଘସ୍ଥାୟୀ ଏବଂ ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ ଇମ୍ଫାର ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ। ଫେରୋ ଆଲଏଜ୍ କ୍ଷେତ୍ରରେ ଅଗ୍ରଣୀ ଇମ୍ଫା ଜେଏସ୍‌ଡବ୍ଲ୍ୟୁ ଗ୍ରୀନ୍ ଏନର୍ଜି ସହ ମିଳିତ ଉଦ୍ୟମରେ କଳିଙ୍ଗନଗର କାରଖାନାରେ ସ୍ମେଲଟିଂ ପ୍ରକ୍ରିୟା ପାଇଁ ୧୧୦ ମେଗାୱାଟ ହାଇବ୍ରିଡ୍ ନବୀକରଣୀୟ ବିଦ୍ୟୁତ୍ ଶକ୍ତି ଯୋଗାଣ କରିବ। ଏହା କେବଳ ଇମ୍ଫାର ସବୁଜ ପରିବେଶ ସୃଷ୍ଟି ପାଇଁ ଉଦ୍ୟମକୁ ତ୍ୱରାନ୍ୱିତ କରିବା ସହ୍ ଏକ ସବୁଜ ଭବିଷ୍ୟତ ନିର୍ମାଣ ଦିଗରେ ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ ୨୦୭୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନ ହାସଲ କରିବାରେ ଭାରତର ଅଭିଯାନକୁ ସହାୟତା ମଧ୍ୟ କରିବ।


ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ନିଯୁକ୍ତି କ୍ଷେତ୍ରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ନୂଆ ମାଇଲଖୁଣ୍ଟ

**ଭୁବନେଶ୍ୱର,୨୨।୫ (ଅଭୟ ଦାଶ)**

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା କଟକ ବିଦ୍ୟାଧରପୁର ଗୋଡ଼ିସାହିସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ନିଯୁକ୍ତି କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ବିଗତ କିଛି ବର୍ଷ ହେବ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରୁ ସଫଳତାର ସହ ଉତ୍ତୀର୍ଣ୍ଣ ହେଉଥିବା ବିଦ୍ୟାର୍ଥୀଙ୍କ ନିମନ୍ତେ ଶିକ୍ଷାନୁଷ୍ଠାନ ଉତ୍ତମ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛି। ସେହିଭଳି ଶିକ୍ଷାନୁଷ୍ଠାନର କୃଷି ଏବଂ ଉଦ୍ୟାନ କୃଷି ବିଷୟରେ ବିଏସ୍‌ସି (ସମ୍ମାନ) ପାଠ୍ୟକ୍ରମ ରଖି ଅଧ୍ୟୟନ କରୁଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ସଫଳତାର ଚାବିକାଠି ପାଲଟିଛି। ଚଳିତ ଶିକ୍ଷା ବର୍ଷ ଶେଷରେ ଏହି ସଫଳତାର ଗ୍ରାଫ୍ ବହୁ ଉଚ୍ଚକୁ ଯାଇଥିବା ବିଶ୍ୱବିଦ୍ୟାଳୟ ପ୍ଲେସ୍‌ମେଣ୍ଟ ଅଧିକାରୀ ରବିରଞ୍ଜନ କୁମାର ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୧-୨୨ ଶିକ୍ଷାବର୍ଷ ଶେଷ ବେଳକୁ ବିଶ୍ୱବିଦ୍ୟାଳୟର ୭୬% ଶିକ୍ଷାର୍ଥୀଙ୍କୁ ନିଯୁକ୍ତି ସୁଯୋଗ ମିଳିଥିବାବେଳେ ୨୦୨୨-୨୩ରେ ଏହି ସଂଖ୍ୟା ବୃଦ୍ଧି ପାଇ ୮୦.୫୨% କୁ ଛୁଇଁଥିଲା। ସେହିପରି ୨୦୨୩-୨୪ ଶିକ୍ଷାବର୍ଷ ଶେଷ ବେଳକୁ ଏହା ଆହୁରି ବୃଦ୍ଧି ପାଇ ୮୨.୦୯% ହୋଇଥିଲାବେଳେ ୨୦୨୪-୨୫ ଶିକ୍ଷାବର୍ଷ ଶେଷ ହୋଇ ନ ଥିବାବେଳେ ଏହି ସଂଖ୍ୟା ୭୦% ଟପିସାରିଲାଣି। ଏପରିକି ଆଗକୁ ଆହୁରି ବଳକା ସମୟ ଥିବାବେଳେ ଏହି ସଂଖ୍ୟା ୯୦% ଛୁଇଁବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆକଳନ କରିଛନ୍ତି।

ସେହିଭଳି ୨୦୨୧-୨୫ ବ୍ୟାଚ୍ ଶିକ୍ଷାର୍ଥୀମାନଙ୍କର ଶିକ୍ଷା ବର୍ତ୍ତମାନ ସମ୍ପନ୍ନ ହୋଇଥିବାବେଳେ କ୍ୟାମ୍ପସ ଚୟନ ମାଧ୍ୟମରେ ସେମାନେ ବିଭିନ୍ନ ବ୍ୟାଙ୍କ, ହାଇଲ୍ୟାଣ୍ଡ୍ ଗ୍ରୁପ୍ ଓ ଭର୍ଭ କନ୍‌ସଲଟିଂ ପ୍ରାଇଭେଟ୍ ଲିମିଟେଡ୍ ଭଳି ଉଚ୍ଚ ମାନକ ସଂସ୍ଥାରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ଏପରିକି ସେମାନଙ୍କ ମଧ୍ୟରେ ଓମ୍ ଅନିକେତ ସାହୁ, ଶ୍ରୁତିସ୍ନିଗ୍ଧା ସାହୁ, ଜିତୁରାଜ ନାୟକ, ମୋହିତ ରଞ୍ଜନ ବିଶ୍ୱାଳ, ଅସୀମ ପ୍ରୀତି ମହାପାତ୍ର, ପ୍ରିୟମ୍ ପଳାଶ ମଲ୍ଲିକ, ରାହୁଲ ସାମଲ, ସମ୍ମିତ ବେହେରା ଏବଂ ଏସ୍.ଏ. ଶକ୍ତି ସ୍ୱରୂପାନନ୍ଦ ପ୍ରମୁଖ ଭିନ୍ନ ପଦବୀରେ ନିଯୁକ୍ତି ସୁଯୋଗ ପାଇଛନ୍ତି।

# ଗ୍ରାମାଞ୍ଚଳରେ ଜିଓର ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା

**ଭୁବନେଶ୍ୱର,୨୨।୫**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ ଅପରେଟର ରିଲାଏନ୍ସ ଜିଓ ଗ୍ରାମାଞ୍ଚଳରେ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା 'ଜିଓଏୟାରଫାଇବର'କୁ ଯୋଗାଇଦେଉଛୁ। ଭାରତର ଗ୍ରାମାଞ୍ଚଳରେ ରହୁଥିବା ଜନସାଧାରଣ ଦୀର୍ଘଦିନରୁ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଇଣ୍ଟରନେଟ୍‌ର ଲାଭରୁ ବଞ୍ଚିତ ରହିଛନ୍ତି। ତେବେ ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ତଥ୍ୟ ଅନୁଯାୟୀ ଗ୍ରାମାଞ୍ଚଳରେ ଜିଓ ବ୍ୟାପକ ଭାବେ ୫ଜି ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫ୍‌ଡବ୍ଲ୍ୟୁଏ) ସେବା ଉପଲବ୍ଧ କରାଇବା ଦ୍ୱାରା ଏହି ଧାରାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଇଛି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୨୨।୫**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୪୫ (୬୪୪.୬୪) ପଏଣ୍ଟ ହ୍ରାସ ଘଟି ୮୦,୯୫୨ (୮୦,୯୫୧.୯୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୨୦୪ (୨୦୩.୭୫) ପଏଣ୍ଟ କମି ୨୪,୬୧୦ (୨୪,୬୦୯.୭୦) ଅଙ୍କରେ କାରବାର ଶେଷ ହୋଇଥିଲା।

# ବାର୍ଷିକ ଆଧାରରେ ୪୭.୫% ରାଜସ୍ୱ ବୃଦ୍ଧି

**ଭୁବନେଶ୍ୱର,୨୨।୫**

ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ୟାଙ୍କର କାରବାର ଓ ଆଗାମୀ କାର୍ଯ୍ୟପନ୍ଥା ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏପରିକି ୨୦୨୫ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ୨୦୨୪-୨୫ ଆର୍ଥିକ ବର୍ଷର ଫଳାଫଳକୁ ମଧ୍ୟ ଏହି ବୈଠକରେ ଘୋଷଣା କରାଯାଇଛି। ସେହିଭଳି ଏହି ଆର୍ଥିକ ବର୍ଷରେ ବ୍ୟାଙ୍କର ମୋଟ ରାଜସ୍ୱ ବାର୍ଷିକ ଆଧାରରେ ୪୭.୫% ବୃଦ୍ଧି ହୋଇ ୨୭୦୯ କୋଟି ଟଙ୍କାରେ ପହଞ୍ଚିଛି। ଏହି ଅବଧି ମଧ୍ୟରେ ବ୍ୟାଙ୍କର ନେଟ୍ ଲାଭ ୮୧.୪% ବୃଦ୍ଧି ହୋଇ ୬୩ କୋଟି ଟଙ୍କାରେ ପହଞ୍ଚିଥିବାବେଳେ ଏବିଟଡା ୬୪% ବୃଦ୍ଧି ପାଇ ୨୯୯ କୋଟି ଟଙ୍କା ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବ୍ୟାଙ୍କର କଷ୍ଟମର ବାଲାନ୍ସ ୩୦.୬% ବୃଦ୍ଧି ହୋଇ ୩୬୫୯ କୋଟି ଟଙ୍କା ରହିଥିବାବେଳେ ଗ୍ରସ୍ ମର୍ଚ୍ଚାଣ୍ଡାଇଜ ଭାଲ୍ୟୁ (ଜିଏମ୍‌ଭି) ୩୮୦୮ ବିଲିୟନ ଟଙ୍କା ରହିଛି।

# Classified Everyday

**0674-2580101, 9692975378**



## REAL ESTATE SALE


**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପଦୂରତାରେ 1500sqft.- 5,55,000/- ପ୍ଲଟ୍ ବିକ୍ରିହେବ। 9348232008. D-76265

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-76458

Near Lingaraj Temple gharabari plot 2003sf. with boundary wall, no litigation direct owner. Contact No.-9178924698, 8895829129. D-607


FOR RENT

For rent basic JCV, PC-71 & PC-130 L & T Kamsatu Government work, Private work & Comany work. Contact: 9178924698. D-608


Healthcare

Positively health benefits spaexpertfemaletherapist homely atmosphere. 9114559860. D-542

**Relax, Refresh your body, Mind at Saikrupa Spa with best therapies. 7848011468.** D-568

## AFFIDAVIT

By virtue of an affidavit before Executive Magistrate, Bhubaneswar, I, MANGULI DEI, aged about 80 years, W/o- Late Krupasindhu Nayak, permanent resident of At- Damodarpur, Bira Pratappur, Dist.- Puri, Odisha at present residing at Durga Mandap Basti, Near SP Vigilance Office, Unit- 7, Suryanagar, P.S.- Capital, Bhubaneswar, Dist.- Khordha, Odisha, PIN-751001 declare that I have changed my name from MANGULI NAYAK to MANGULI DEI. Henceforth, I shall be known as MANGULI DEI for all purposes.
MANGULI DEI
D-657

By virtue of an affidavit before Notary Public, Cuttack, dated 21.05.2025, I, Soudamini Panda, At/P.O.- Danpur, P.S.- Kendrapada Sadar, Dist.- Kendrapara-754210 declare that I have changed my name from Soudamini Rath to Soudamini Panda. Henceforth, I shall be known as Soudamini Panda for all purposes.
Soudamini Panda
D-659

By virtue of an affidavit sworn before Notary Public, dated 22nd May 2025, I, Shiva Himirika, Address: At- Adivasi Sahi, Village- Kotapeta, P.O.- Kotapeta, Dist.- Rayagada, Odisha, 765017 declare that I have changed my name from Hiralal Paswan to Shiva Himirika. Henceforth, I shall be known as Shiva Himirika for all purposes.
Shiva Himirika
D-661

By virtue of an affidavit sworn before Notary Public, Rayagada, dated 22.05.2025, I, Ajit Kumar Naik, At-Nishikhal, P.O.- Sankarada, P.S.-Tikiri, Dist.-Rayagada, Odisha, PIN- 765015 declare that I have changed my name from Hadi Bandhu Naik to Ajit Kumar Naik. Henceforth, I shall be known as Ajit Kumar Naik for all purposes.
Ajit kumar Naik
D-660

By virtue of an affidavit sworn before the Notary Public, Sonepur on dated 20.05.25, I, Ajambila Mahakur, R/o. Village- Kirtipur, P.O.- Khalipali, P.S.- Sonepur, Dist.- Subarnapur, PIN- 767017 declare that I have changed my daughter's name from Pritimayee Mahakur to Priti Sulagna Mahakur. Henceforth, she shall be known as Priti Sulagna Mahakur for all purposes.
Ajambila Mahakur
D-669

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

By virtue of an affidavit sworn before the Executive Magistrate, Uditnagar on dated 09.05.25, I, Basanti Devi Ray, W/o- Manji Ray, R/o. Keutenposh, Padampur, Dist.- Sundargarh, Odisha- 770039 declare that I have changed my son's name from Binit Kumar Ray to Vinit Ray. Henceforth, he shall be known as Vinit Ray for all purposes
Basanti Devi Ray
D-666

By virtue of an affidavit sworn before the Notary Public, Jharsuguda, No.11, date 21.05.25, I, Saroj Bhoi, R/o- Kechhobahal, P.O.- Chichinda, P.S.- Brajrajnagar, Dist.- Jharsuguda- 768216, Odisha declare that I have changed my name from Saroj Kumar Bhoi to Saroj Bhoi. Henceforth, I shall be known as Saroj Bhoi for all purposes.
Saroj Bhoi.
D-667

By virtue of an affidavit sworn before the Notary Public, Bargarh, No.340, date 20.05.25, I, Sunita Bhoi formerly called Sunita Padhan, R/o- Budhitikra, Ekamra Chowk, P.O.- Sarsara, P.S./Dist.- Bargarh, PIN- 768040, Odisha declare that I have changed my name from Sunita Padhan to Sunita Bhoi. Henceforth, I shall be known as Sunita Bhoi for all purposes.
Sunita Bhoi
D-668

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Before Executive Magistrate, R. Udayagiri affidavit No.- 651/25-22.05.25, I, Shyam Kumar Datta (38), S/o- Late Krushna Chandra Datta, Res/ Vill- R. Udayagiri, P.O.- R.Udayagiri, P.S.- R.Udayagiri state that my name wrongly mentioned on my Aadhaar Card and Voter Identity Card as Shyam Kumar Datt. Both Shyam Kumar Datta and Shyam Kumar Datt as one and same person. Henceforth, I shall be known as Shyam Kumar Datta for all future purposes. D-671

ମୁଁ, ସୁରେଶ କୁମାର ପେଦିନା, ପିତା- ସ୍ୱର୍ଗତ ପେଦିନା ଅନନ୍ତ ରାଓ, ବାସିନ୍ଦା: ସ୍ଥାନ- ଡେରା ସାହି, ଗୁଡ଼ାରି, ୱାର୍ଡ ନଂ.-୫, ପୋଷ୍ଟ/ଥାନା- ଗୁଡ଼ାରି, ଜିଲ୍ଲା- ରାୟଗଡ଼ା, ଓଡ଼ିଶା, ପିନ୍- ୭୬୫୦୨୬, ଓଡ଼ିଶା ଏହି ସତ୍ୟପାଠ ନଂ.-୪୮୦, ତାରିଖ ୨୧।୦୫।୨୦୨୫ ଜରିଆରେ ଘୋଷଣା କରୁଅଛି କି, ଏବେ ପରଠାରୁ ମୁଁ ସମସ୍ତ ଭବିଷ୍ୟତ ଉଦ୍ଦେଶ୍ୟ ପାଇଁ ସୁରେଶ କୁମାର ପେଦିନା ଭାବେ ପରିଚିତ ହେବି।
ଧ-୬୭୨

By virtue of an affidavit sworn before the Executive Magistrate, Sundargarh, No.736, dated 28.04.25, I, Rajeswari Rana, W/o- Lokanath Rana, R/o. Village/P.O.- Aunlabahal, P.S.- Lephripara, Dist.- Sundargarh, Odisha declare that I have changed my son's name from Jas Rana to Joysh Rana. Henceforth, he shall be known as Joysh Rana for all purposes.
Rajeswari Rana
D-665

## ମନେ ପଡ଼ନ୍ତି

**୩୫ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**୰ଗୋପୀନାଥ ପଣ୍ଡା**
୬୨, ବାପୁଜୀନଗର
ତିରୋଧାନ: ୩୧।୦୫।୧୯୮୯
(ଜ୍ୟେଷ୍ଠ କୃଷ୍ଣ ଏକାଦଶୀ)
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୫୧୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପ୍ରିୟଦର୍ଶିନୀ ନାୟକ (ପିଙ୍କୁ)**
ଶିକ୍ଷୟିତ୍ରୀ: ଚନ୍ଦାପାଟ ପ୍ରାଇମେରୀ ସ୍କୁଲ, ଚନ୍ଦାପାଟ, ଜଗତ୍‌ସିଂହପୁର
ଆବିର୍ଭାବ: ୦୩।୦୫।୧୯୬୭
(କନ୍ଧେଇପୋଖରୀ, ରାହାମା, ଜଗତ୍‌ସିଂହପୁର)
ତିରୋଧାନ: ୧୩।୦୫।୨୦୨୫
(ପରିୟାପାଟପୁର, ବାଲିପାଟଣା, ଖୋର୍ଦ୍ଧା)
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପରିବାର ଓ ବନ୍ଧୁବର୍ଗ
ଧ-୬୭୦

**୨୯ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**୰ଇଂ ଦୟାନିଧି ମହାପାତ୍ର**
ଆବିର୍ଭାବ: ୦୨.୦୧.୧୯୦୩ ତିରୋଧାନ: ୧୩.୦୫.୧୯୯୬
ଗ୍ରାମ: ବଡଝରିଲୋ, କଟକ
ଘର: ଜି-୫, ଜୟଗୁରୁ ନିବାସ, ବିଜେବି ନଗର, ଭୁବନେଶ୍ୱର
ତୁମେ ମେରୁଦଣ୍ଡ ଆମ ମାନଙ୍କର,
ତୁମେ ବୈଶାଖୀ ଆମ ମାନଙ୍କର,
ତୁମେ ସ୍ପନ୍ଦନ ଆମ ହୃଦୟ ର,
ତୁମେ ଅଣୁ ଆମ ରକ୍ତ ବିନ୍ଦୁର,
ନନା ତୁମେ ଆମ ପାଖରେ ଥିଲ,
ଅଛ ଆଉ ସଦା ରହିଥିବ।
ଶୋକସନ୍ତପ୍ତ:- ଝିଅ, ଜ୍ୱାଇଁ, ପୁଅ, ବୋହୂ, ନାତି, ନାତୁଣୀ ବନ୍ଧୁ ଓ ସମସ୍ତ ପରିବାରବର୍ଗ।
ଧ-୬୬୮୨


**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

## ସଂକ୍ଷେପରେ

### କଣ୍ଟେସର ଓଲଟି ଚାଳକ ମୃତ

**ଧର୍ମଶାଳା/ଚଢ଼େଇଧରା, ୨୨।୫ (ବଟକୃଷ୍ଣ ପରିଡ଼ା/ଦିଲୀପ ପରିଡ଼ା):** ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ବାଟିଯୋଡ଼ାଛକ ନିକଟରେ ଗୁରୁବାର ଏକ କଣ୍ଟେସର ଓଲଟି ଜଣେ ଚାଳକଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଶ୍ରମିକ ଆହତ ହୋଇଛନ୍ତି। ମୃତ ଚାଳକ ବାରମାଣ ଗ୍ରାମର ମଗୁଲି ପ୍ରଧାନଙ୍କ ପୁଅ କାନ୍ତ ପ୍ରଧାନ(୨୩) ବୋଲି ଜଣାପଡ଼ିଛି। ଚାଳକ କଣ୍ଟେସର ନେଇ ରାହାଡ଼ପୁର କଳାପଥର ଖଦାନକୁ କାମ କରିବାକୁ ଯାଉଥିବାବେଳେ ଏଭଳି ଅଘଟଣ ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଚାଳକ ନିଦ୍ରା ଯିବାରୁ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସେଥିରେ ବସିଥିବା ଜଣେ ଶ୍ରମିକ ଉପସ୍ଥିତ ବୁଦ୍ଧି ଖଟାଇ ଡେଇଁ ପଡ଼ିବାରୁ ବଞ୍ଚି ଯାଇଥିଲେ। ଏନେଇ ପୋଲିସ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

### ଶିବପାର୍ବତୀ ବିବାହ ପାଇଁ ପ୍ରସ୍ତୁତି

**ବିଞ୍ଝାରପୁର, ୨୨।୫ (ରାମକୃଷ୍ଣ ଦାସ):** ଆସନ୍ତା ୩୧ ତାରିଖରେ ବିଞ୍ଝାରପୁରର ପ୍ରସିଦ୍ଧ ବାବା ବରୁଣେଶ୍ୱରଙ୍କ ଶିବବିବାହ ଉତ୍ସବ ପାଳନ କରାଯିବ। ଦେବଦେବ ମହାଦେବ ସାଜିବେ ବର ଆଉ ମାତା ପାର୍ବତୀ ସାଜିବେ କନିଆ। ଏଥିପାଇଁ ଶିବପାର୍ବତୀ ବିବାହ କମିଟି ଓ ସେବାୟତମାନଙ୍କ ପକ୍ଷରୁ ପ୍ରସ୍ତୁତି ଜୋରଦାର ଚାଲିଛି। ବିବାହ ଶୋଭାଯାତ୍ରାରେ ସାମିଲ ହେବ ସଂକୀର୍ତ୍ତନ, ବୀରବାଦ୍ୟ। ବରାନୁଗମନ ଶୋଭାଯାତ୍ରାରେ ଦୁଲୁକିବ ବରୁଣେଶ୍ୱର କ୍ଷେତ୍ର। ମେ' ୩୧ ସକାଳେ ସୂର୍ଯ୍ୟପୂଜା, ପାର୍ଶ୍ୱଦେବତାଙ୍କ ପୂଜା, ଦେବୀଙ୍କ ମହାସ୍ନାନ ଓ ମଙ୍ଗନ କାର୍ଯ୍ୟ ସହ ମହାଦେବଙ୍କ ମହାରୁଦ୍ରାଭିଷେକ ଅନୁଷ୍ଠିତ ହେବ। ସନ୍ଧ୍ୟା ୬ଟାରୁ ବରଯାତ୍ରୀଙ୍କ ଗହଣରେ ମହାଦେବଙ୍କ ନଗର ପରିକ୍ରମା ସହ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯିବ। ରାତି ୧୦ଟା୩୦ରୁ ବିବାହ କାର୍ଯ୍ୟ ଆରମ୍ଭ ହେବ। ମାତା ପାର୍ବତୀଙ୍କ ପିତାଭାବେ ଶାନ୍ତନୁ କୁମାର ରାଉତଙ୍କ ପରିବାର ପକ୍ଷରୁ ନିମନ୍ତ୍ରଣ ପତ୍ର ବର୍ଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିସହିତ ସମସ୍ତ ପ୍ରକାର ଜାନି ଯୌତୁକ, ଗହଣା ଗାଣ୍ଠି, ଲୁଗାପଟା କ୍ରୟ କରାଯାଉଛି ବୋଲି ରାଉତ ପ୍ରକାଶ କରିଛନ୍ତି।

### ଭୁଜାଲି ଦେଖାଇ ଲୁଟ୍

**ବାସୁଦେବପୁର, ୨୨।୫ (କାଳିପଦ ରାୟ):** ବାସୁଦେବପୁର ବ୍ଲକ ଗୁଆଗଡ଼ିଆ ପଞ୍ଚାୟତର ମିର୍ଜାପୁର ଗ୍ରାମର ମୁରଲୀ ପାଣିଗ୍ରାହୀଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ୩ଜଣ ଦୁର୍ବୃତ୍ତ ଘରର ଗ୍ରୀଲ ଚାବି ଭାଙ୍ଗି ଭିତରକୁ ପଶିଥିଲେ। ମୁରଲୀଙ୍କ ସ୍ତ୍ରୀ, ମା ଉଠି ପଡ଼ିବାରୁ ଭୁଜାଲି ଦେଖାଇ ଗଡରେଜ ଚାବି ନେଇ ୫ ଭରିର ସୁନାଗହଣା ସହ ରୂପା ଅଳଙ୍କାର ନେଇ ଚମ୍ପଟ ମାରିଥିଲେ।

# ସୁପରଭାଇଜରଙ୍କୁ ହତ୍ୟା ଅଭିଯୋଗରେ ୩ ଅଟକ

**ଝୁଲନ୍ତା ମୃତଦେହ ଜବତ**

■ ପୋଲିସ ଗାଡ଼ି ଅଟକାଇଲେ ଉତ୍ତ୍ୟକ୍ତ ଲୋକେ

**ଦଶରଥପୁର, ୨୨।୫ (ସୁଶାନ୍ତ କୁମାର ବେହୁରିଆ):** କୁଆଖିଆ-ମଙ୍ଗଳପୁର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଜଣେ ସୁପରଭାଇଜରଙ୍କ ଗୁରୁବାର ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ସୁବଳା (ଗୋଗୁଆ) ଗ୍ରାମର ଅଭୟ ପରିଡ଼ାଙ୍କ ଏକମାତ୍ର ପୁଅ ମନୋରଞ୍ଜନ ପରିଡ଼ା(୩୦)। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ଦଶରଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ମୃତଦେହ ଯାଜପୁର ଜିଲା ଦଶରଥପୁର ଥାନା କଳିଙ୍ଗପୁର ଗ୍ରାମର ଭଡ଼ା ଘରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ମୃତକଙ୍କ ଗୋଟିଏ ଗୋଡ଼ ତଳେ ଲାଗିଥିବା ବେଳେ ଅନ୍ୟ ଗୋଡ଼ ଚେୟାର ଉପରେ ଥିଲା। ସେହିପରି ମୃତଦେହ କିଛି ସମୟ ଝୁଲି ରହିବା ପରେ ଆପେ ତଳକୁ ଖସି ପଡ଼ିଥିଲା। ଘଟଣା ପ୍ରଚାରିତ ହେବାପରେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ସେଠାରେ ପହଞ୍ଚିଥିଲେ। ଉକ୍ତ ଭଡ଼ାଘରେ ରହୁଥିବା ଅନ୍ୟ ୩ ଜଣଙ୍କୁ ମନୋରଞ୍ଜନଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତି ଅଭିଯୋଗ କରି ଲୋକେ ମାଡ଼ ମାରିବା ସହ ଅଟକ ରଖିଥିଲେ। ଦଶରଥପୁର ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ିକୁ ଅଟକ ରଖିଥିଲେ। ଥାନା ଆଇଆଇସି ଶରତ ଚନ୍ଦ୍ର ନାୟକ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସେମାନେ ଗାଡ଼ି ଛାଡ଼ିଥିଲେ। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ଏନେଇ ନଂ.୮୭/୨୫ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କହିଛନ୍ତି।



ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ି ଅଟକାଇଛନ୍ତି।

# ଜନସେବା କେନ୍ଦ୍ରରେ ଠକେଇ ଅଭିଯୋଗ

**ଚଣ୍ଡିଖୋଲ, ୨୨।୫ (ପ୍ରଦୀପ୍ତ କୁମାର ପୃଷ୍ଟି):** ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ ଆବେଦନ ପାଇଁ ସରକାର ସମସ୍ତ ଜନସେବା ଓ ମୋ ସେବାକେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ବିନାମୂଲ୍ୟରେ ଏହି ଆବେଦନ କରିବାକୁ କୁହାଯାଇଛି। ମାତ୍ର ବଡ଼ଚଣା ବ୍ଲକରେ ଥିବା କେତେକ ଜନସେବା ଓ ମୋ ସେବା କେନ୍ଦ୍ରରେ ପ୍ରତି ହିତାଧିକାରୀଙ୍କଠାରୁ ୩୦ଟଙ୍କା ଜୋରଜବରଦସ୍ତ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏପରି କି ଟଙ୍କା ନ ଦେଲେ ହିତାଧିକାରୀଙ୍କୁ ଫେରାଇ ଦିଆଯାଉଛି। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ଯେଉଁମାନେ ଟଙ୍କା ନେଉଛନ୍ତି ସେମାନଙ୍କ ବିରୋଧରେ ଲିଖିତ ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ହାଇଟେକ୍ ବିଜ୍ଞାନ ବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା


ଆଦିତ୍ୟ କୁମାର ସ୍ୱାଇଁ


ସୁଶ୍ରୀସଙ୍ଗୀତା ବିନ୍ଧାଣି


ସୁସ୍ମିତା ଦାଶ


ସୋମ୍ୟାରାଣୀ ସାହୁ


ଆଦିତ୍ୟ ପ୍ରିୟବ୍ରତ ସାମଲ


ସୁମନ ମହାନ୍ତି

**୯୦ ଶତକଡ଼ାରୁ ଊର୍ଦ୍ଧ୍ୱ ମାର୍କ ରଖିଲେ ୬ ବିଦ୍ୟାର୍ଥୀ**

**ରସୁଲପୁର, ୨୨।୫ (ରଞ୍ଜିତ ରାଉତ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବାଣିଜ ଓ ବିଜ୍ଞାନ ଫଳ ପ୍ରକାଶ ପାଇଛି। ଏଥିରେ ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ହାଇ-ଟେକ୍ କଲେଜର ବିଦ୍ୟାର୍ଥୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ୬ଜଣ ବିଦ୍ୟାର୍ଥୀ ୯୦ଶତକଡ଼ା ଓ ତାଠାରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବିଦ୍ୟାର୍ଥୀ ଆଦିତ୍ୟ ସ୍ୱାଇଁ ମୋଟ ୬୦୦ ନମ୍ବରରୁ ୯୪ଶତକଡ଼ା ହାରରେ ୫୬୪, ସୁଶ୍ରୀସଂଗୀତା ବିନ୍ଧାଣୀ ୯୩ ଶତକଡ଼ା ହାରରେ ୫୫୮, ସୁସ୍ମିତା ଦାଶ ୯୨.୮୩ ଶତକଡ଼ା ହାରରେ ୫୫୭, ସୌମ୍ୟାରାଣୀ ସାହୁ ୯୧.୮୩ ହାରରେ ୫୫୧, ଆଦିତ୍ୟ ପ୍ରିୟବ୍ରତ ସାମଲ ୯୦.୫୦ ହାରରେ ୫୪୩ ଓ ସୁମନ ମହାନ୍ତି ୯୦.୩୩ ହାରରେ ୫୪୨ ନମ୍ବର ହାସଲ କରି କଲେଜର ଗୌରବକୁ ବୃଦ୍ଧି କରିଛନ୍ତି। ଚଳତିବର୍ଷ କଲେଜରୁ ମୋଟ ୨୪୮ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଥିବା ୬ଜଣଙ୍କ ସମେତ ୨୧୩ଜଣ ପ୍ରଥମ ଶ୍ରେଣୀ, ୨୯ଜଣ ଦ୍ୱିତୀୟ ଶ୍ରେଣୀ ଓ ୩ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାର୍ଥୀଙ୍କ ସଫଳତାକୁ ନେଇ କଲେଜ କର୍ତ୍ତୃପକ୍ଷଙ୍କ ସମେତ ଅଧ୍ୟାପିକାଅଧ୍ୟାପକ ଓ ଅଭିଭାବକଙ୍କ ମହଲରେ ସନ୍ତୋଷବ୍ୟକ୍ତ କରାଯାଇଛି।

# ମଙ୍ଗଳପୁରରେ ତ୍ରିରଙ୍ଗା ଶୋଭାଯାତ୍ରା

**ଦଶରଥପୁର, ୨୨।୫ (ସୁଶାନ୍ତ କୁମାର ବେହୁରିଆ):** ଅପରେଶନ ସିନ୍ଦୂରର ସଫଳତା ପରେ ଭାରତୀୟ ସେନାର ବୀରତ୍ୱ ଓ ସାହସକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଦଶରଥପୁର ଭାଜପା ପକ୍ଷରୁ ମଙ୍ଗଳପୁରଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରା କନିକାପ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ମଙ୍ଗଳପୁର ବଜାର ପରିକ୍ରମା କରି ଥାଲକୁଡ଼ି ଡାକବଙ୍ଗଳାଠାରେ ଶେଷ ହୋଇଥିଲା। ବରିଷ୍ଠ ନେତା ଗୌତମ ରାୟ ଓ ନେତ୍ରୀ ବିବିତା ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ୧୦୦୦ରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ, ଯୁବକ, ଛାତ୍ର, ବୁଦ୍ଧିଜୀବୀ, ଏନସିସି ଛାତ୍ର ଓ ଅବସରପ୍ରାପ୍ତ ସେନା କର୍ମଚାରୀ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରମେଶ ସାମଲ, ସୁବାସ ମହାନ୍ତି, ଶଶଧର ବେହୁରିଆ, ଅଭିମନ୍ୟୁ ମହାନ୍ତି, ଲକ୍ଷ୍ମୀଧର ସାହୁ, ଶ୍ରୀନିବାସ ପରିଡ଼ା, ପ୍ରମୋଦ ପଣ୍ଡା, ସବ୍ୟସାଚୀ ଦାସ, ଇନ୍ଦ୍ରଜିତ ଦାସ, ସତ୍ୟଜିତ ସାମଲ, ଚିତ୍ତରଞ୍ଜନ ସାମଲ, ମଙ୍ଗଳପୁର ସମିତିସଭ୍ୟା ସରିତା ପଣ୍ଡା, ଦଶରଥପୁର ମଣ୍ଡଳ ସଭାପତି ସୁନୀଲ ରାଉତ, ମଙ୍ଗଳପୁର ମଣ୍ଡଳ ସଭାପତି ପତିତପାବନ ମହାନ୍ତି, ବାଘୁଆସୁଣୀ ମଣ୍ଡଳ ସଭାପତି ଶୁକଦେବ ଦାସ, ଜୟଚଣ୍ଡୀ ମଣ୍ଡଳ ସଭାନେତ୍ରୀ ଚିନ୍ମୟୀ ପାଣ୍ଡଙ୍କ ସମେତ ବହୁ ଭାଜପା କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

# ଜିଲା ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର

**ଯାଜପୁର ଟାଉନ, ୨୨।୫ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ବଳିଦାନ ଦିବସ ଉପଲକ୍ଷେ ଯାଜପୁର ଜିଲା ଯୁବ କଂଗ୍ରେସ ପକ୍ଷରୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଶିବିରରେ ଉଦ୍‌ଘାଟକ ଭାବେ ଯାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ନେତା ସୁଦିପ କୁମାର କର ଓ ସମ୍ମାନିତ ଅତିଥିଭାବେ ରକ୍ତଭଣ୍ଡାରର ଦାୟିତ୍ୱରେ ଥିବା ଅଧିକାରୀ ଡା. ପ୍ରଶାନ୍ତ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଯୁବନେତା କୁମାର ଆଶୁତୋଷଙ୍କ ଆୟୋଜନକ୍ରମେ ଶିବିରରେ ୨୦ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଯୁବ କଂଗ୍ରେସର ଯଯାତି ନାୟକ, ଅନନ୍ତ ଜେନା, ସୂର୍ଯ୍ୟମଣି ଖିଲାର, ଅନୁପମ ମଲ୍ଲିକ, ଆଶାଲତା ନାୟକ, ଦିଲୀପ ଭଦ୍ର, ସତ୍ୟ ନାୟକ, ରବି ପ୍ରକାଶ ନାୟକ, ଜୟ ପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ନିକୁଞ୍ଜ ସାମଲ, ଗୋବିନ୍ଦ ସାହୁ, ଅବ୍ଦୁଲ୍ ରୋପ, ମାନସ ପଣ୍ଡା, ଅମୂଲ୍ୟ ବିଶ୍ୱାଳ, ଅର୍ଜିତ ନାୟକ ଓ ନକୁଳ ଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତ ଭଣ୍ଡାର ପକ୍ଷରୁ ପାର୍ଥସାରଥୀ ପୁହାଣ, ବିଶ୍ୱରଞ୍ଜନ ଓଝା, ହୃଷୀକେଶ ଜେନା, ତରୁଣ କୁମାର ନାୟକ ଯୋଗଦେଇ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

# ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ ପାଳିତ

**ଯାଜପୁର ଟାଉନ, ୨୨।୫ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସକୁ ଯାଜପୁର ଜିଲା କଂଗ୍ରେସ ପକ୍ଷରୁ ବଳିଦାନ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତଙ୍କ ଅଧ୍ୟକ୍ଷତାରେ ରାଜୀବ ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯିବା ସହ ତାଙ୍କ ଜୀବନୀ ଓ ଦେଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟାବଳୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠ ନେତା ଦିଗମ୍ବର କର, ନାରାୟଣ ଚନ୍ଦ୍ର ସାମନ୍ତ, ସୁଦୀପ କର, ଦୁର୍ଯ୍ୟୋଧନ ବେହେରା, ଆଲୋକ ବେହେରା, ମାନସ ପଣ୍ଡା, କପିଳେଶ୍ୱର ଦଳାଇ, ଅର୍ଜିତ ନାୟକ, ସେକ୍ ଆବାସ, ନକୁଳଦେବ ସାହୁ, ରଘୁନାଥ ସାହୁ, ବିଜୟମହାପାତ୍ର, ଗୋବିନ୍ଦ ସାହୁ, ସଂଗ୍ରାମ ସାହାଣୀ, ଅମୂଲ୍ୟ ବିଶ୍ୱାଳ, ନିକୁଞ୍ଜ ସାମଲ ଓ ଅବ୍ଦୁଲ୍ ରୋପ୍ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଯୁକ୍ତ ୨ ବିଜ୍ଞାନରେ ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ଡାକ୍ତର ହେବାକୁ ଚେଷ୍ଟା କରିବି: କାହ୍ନୁଚରଣ**

**ଧର୍ମଶାଳା, ୨୨।୫ (ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ୍ ଥାନୁଆଳ ଗ୍ରାମର ଭୀମସେନ ସେଠୀଙ୍କ ପୁଅ କାହ୍ନୁଚରଣ ସେଠୀ ଜାରକା ରେନେସା କଲେଜରେ ଅଧ୍ୟାପନା କରି ଧର୍ମଶାଳା ବ୍ଲକରେ ଯୁକ୍ତ୨ ବିଜ୍ଞାନରେ ଟପ୍ପର ହୋଇଛନ୍ତି। କାହ୍ନୁଚରଣଙ୍କ ବାପା ଚଣ୍ଡିଖୋଲ ଛକରେ କାକୁଡ଼ି ବିକ୍ରି କରି ପରିବାର ଚଳାଇବା ସହ ପୁଅଙ୍କୁ ପାଠ ପଢ଼ାଉଛନ୍ତି। କାହ୍ନୁଚରଣ ଥାନୁଆଳ ପଞ୍ଚାୟତ ଅନ୍ତର୍ଗତ ମୁରାରୀପୁରସ୍ଥିତ ଗୋପାଳ ଜୀଉ ହାଇସ୍କୁଲରେ ମାଟ୍ରିକରେ ୫୨୦ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ରେନେସା ଜୁନିୟର କଲେଜରେ ନାମ ଲେଖାଇଥିଲେ। ଦିନକୁ ୭ରୁ ୮ଘଣ୍ଟା ପରିଶ୍ରମ କରି ସେ ଯୁକ୍ତ୨ ବିଜ୍ଞାନରେ ୫୫୬ ଅର୍ଥାତ୍ ୯୨.୬% ନମ୍ବର ରଖି ଗୌରବ ହାସଲ କରିଛନ୍ତି। ଭବିଷ୍ୟତରେ ସେ ଡାକ୍ତର ହେବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ ଧର୍ମଶାଳା ପ୍ରେସ କ୍ଲବରେ ଗୁରୁବାର ଆୟୋଜିତ ସଭାରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଫଳତା ପାଇଁ କାହ୍ନୁଚରଣ ତାଙ୍କ ବାପା, ମା' ଏବଂ ରେନେସା କଲେଜର ଚେୟାରମ୍ୟାନ ବିଭୂତି ଭୂଷଣ ରାଉତ, ପ୍ରିନ୍ସପାଲ ଜ୍ଞାନରଞ୍ଜନ ଜେନା ଓ କଲେଜର ପରିଚାଳକ ଚିନ୍ମୟ ସାହୁଙ୍କୁ ଶ୍ରେୟ ଦେଇଛନ୍ତି। ସମ୍ବର୍ଦ୍ଧନା ସଭାରେ ପ୍ରେସ କ୍ଲବର ସଭାପତି ରମାକାନ୍ତ ଜେନା ଅଧ୍ୟକ୍ଷତା କରିଥିଲେ। ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ଉପସଭାପତି ଗୁଲାମ ଗସ, ସୀତାକାନ୍ତ ସାମଲ, ସହସମ୍ପାଦକ ମାନସ ରଞ୍ଜନ ଜେନା, ବିନୋଦ ବିହାରୀ ସାହୁ, ସୁବ୍ରତ ଜେନା, ବିବେକାନନ୍ଦ ରାୟ, କପିଳେନ୍ଦ୍ର ରାଉତ, ସଂଗଠନ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତ, ଆଇନ୍ ପରାମର୍ଶଦାତା କ୍ଷୀରୋଦ ମୁଦୁଲି, ଅନିଲ ନାୟକ, ଗିରିଧାରୀ ବେହେରା, ବିକ୍ରମ ମହାନ୍ତି, ବିନୋଦ ପରିଡ଼ା ଯୋଗଦେଇ କାହ୍ନୁଚରଣଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଥିଲେ। କ୍ଲବ କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଅନ୍ୟପକ୍ଷରେ ଏହି ସଫଳତା ପାଇଁ କାହ୍ନୁଚରଣଙ୍କୁ ଥାନୁଆଳ ସରପଞ୍ଚ ନର୍ମଦା ସ୍ୱାଇଁ ପଞ୍ଚାୟତ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧିତ କରିଛନ୍ତି।



କୃତୀ ଛାତ୍ରଙ୍କୁ ଧର୍ମଶାଳା ପ୍ରେସ୍ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

# ସମସ୍ତେ ସମନ୍ୱୟରେ ବଞ୍ଚିବାକୁ ଶିଖିବା ଉଚିତ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ଟାଟାଷ୍ଟିଲ୍ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ**

**କାଳିଆପାଣି, ୨୨।୫ (ଅସିତ ମହାନ୍ତ):** ଟାଟାଷ୍ଟିଲ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି। ସୁକିନ୍ଦା ଖଣି ପରିସରରେ ଥିବା ଅଡିଟୋରିୟମଠାରେ ଗୁରୁବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୁଣା ଲୋକ କାହାଣୀ ଉପରେ ଏକ ପୁସ୍ତକ ଉନ୍ମୋଚନ କରାଯାଇଛି। ପ୍ରକୃତି ଓ ଜୈବ ବିବିଧତା ନେଇ ଆଦିମ ଜନଜାତିଙ୍କ ମଧ୍ୟରେ ଅନେକ ରୋଚକ କାହାଣୀ ରହିଛି। ତେବେ ଆଧୁନିକୀକରଣ ଓ ସମୟ ସ୍ରୋତରେ ଏସବୁ ଏବେ ମନରୁ ଲିଭିବାକୁ ବସିଛି। ଯୁବବର୍ଗଙ୍କ ଏସବୁ କାହାଣୀ ବିଷୟରେ ବହୁ କମ ଧାରଣା ରହିଛି। ତେଣୁ ଲୋକଙ୍କ ମାନସପଟରୁ ଏହି କାହାଣୀଗୁଡ଼ିକ ଲିଭିଯିବା ପୂର୍ବରୁ ଏହାକୁ ବହି ମାଧ୍ୟମରେ ଆଗାମୀ ପିଢ଼ିଙ୍କ ପାଇଁ ସାଇତି ରଖିବାକୁ ଉଦ୍ୟମ କରାଯାଇଛି। ୬୪ ପୃଷ୍ଠା ସମ୍ବଳିତ ଏହି 'ସଙ୍ଗ ଅଫ ଦି ଫରେଷ୍ଟ' ବହିରେ (ଜଙ୍ଗଲର ଗୀତ) ସ୍ଥାନ ପାଇଛି।

ଟାଟାଷ୍ଟିଲ ଫେରୋ ଆଲଏଜ ଓ ମିନେରାଲ୍ସ ଡିଭିଜନର ଏକ୍‌ଜିକ୍ୟୁଟିଭ୍ ଇନଚାର୍ଜ ପଙ୍କଜ ସତିଜା ଏହି ପୁସ୍ତକକୁ ଉନ୍ମୋଚନ କରି କହିଛନ୍ତି, ଏହି ପୁସ୍ତକ ଦ୍ୱାରା ଆମେ କେବଳ ଗଳ୍ପ ନୁହେଁ, ଏକ ଐତିହ୍ୟ, ଜ୍ଞାନ ଓ ପୃଥିବୀ ପ୍ରତି ଆଦିବାସୀ ଦୃଷ୍ଟିକୋଣର ସଂରକ୍ଷଣ କରୁଛୁ। ଏହା ଆମକୁ ପୃଥିବୀର ଏକ ସହଯାତ୍ରୀ ହେବାର ପ୍ରେରଣା ଦେଉଛି। ଚଳିତ ବର୍ଷର ବିଷୟବସ୍ତୁ 'ପ୍ରକୃତି ସହିତ ସମନ୍ୱୟ ଓ ଦୀର୍ଘସ୍ଥାୟୀ ବିକାଶ'କୁ ପ୍ରତିବିମ୍ବିତ କରୁଛି। ଏହି ଅବସରରେ କଲୋନୀ ପରିସରରେ ଥିବା ଷ୍ଟିୱାର୍ଟ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ଶ୍ରମଶକ୍ତି ହାଇସ୍କୁଲର ଛାତ୍ରୀଛାତ୍ର ଯୋଗଦେଇ ଜୈବ ବିବିଧତା ଉପରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

ଟାଟାଷ୍ଟିଲ ଫାଉଣ୍ଡେଶନର ସିଏସଆର୍ ଓଡ଼ିଶା ମୁଖ୍ୟ ଡ. ଅମ୍ବିକା ପ୍ରସାଦ ନନ୍ଦ ଅତିଥି ଭାବେ ଯୋଗଦେଇ କହିଥିଲେ, ପୃଥିବୀ ନାନା ପ୍ରକାର ଜୀବଜନ୍ତୁ ଓ ପ୍ରଜାତିଙ୍କ ଘର। ଆମେ ସମସ୍ତେ ଏକ ସମନ୍ୱୟରେ ବଞ୍ଚିବାକୁ ଶିଖିବା ଉଚିତ। ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରି ଆମେ ଏହି ପୃଥିବୀକୁ ଏକ ସୁନ୍ଦର ସ୍ଥାନ ବନାଇ ପାରିବା। 'ସଙ୍ଗ ଅଫ ଦି ଫରେଷ୍ଟ' ପୁସ୍ତକ ଉଭୟ ପ୍ରିଣ୍ଟ ଓ ଡିଜିଟାଲ ରୂପରେ ଉପଲବ୍ଧ ଅଛି। ଏହାଏକ ସାଂସ୍କୃତିକ ଓ ପରିବେଷିକ ଜ୍ଞାନର ଭଣ୍ଡାର ଭାବେ କାମ କରିବ ବୋଲି ସେ ମତପ୍ରକାଶ କରିଥିଲେ। ପରିବେଶୀୟ ଦୀର୍ଘସ୍ଥାୟୀ ଓ ସାଂସ୍କୃତିକ ସଂରକ୍ଷଣ ପ୍ରତି ପ୍ରତିବଦ୍ଧତା ସ୍ୱରୂପ ଟାଟା ଷ୍ଟିଲ ଫାଉଣ୍ଡେଶନ ଏହି ବିଶେଷ ଦିବସରେ ଏକ ଆଲୋଚନାଚକ୍ର ମଧ୍ୟ ଆୟୋଜନ କରିଥିଲା। ଏଥିରେ ପୂର୍ବତନ ପ୍ରଧାନ ବନ ସଂରକ୍ଷକ ଡ. ଅରୁଣ କୁମାର ମିଶ୍ର, ପରିବେଶ ଗବେଷକ ଓ ଗ୍ରୋ ୱିଥ ନେଚର ସଂସ୍ଥାର ସଂସ୍ଥାପକ ଗାୟତ୍ରୀ ଦେବୀ, ସୁକିନ୍ଦା-ବ୍ରାହ୍ମଣୀପାଳ ଟାଟା ଷ୍ଟିଲ ଫାଉଣ୍ଡେସନର ୟୁନିଟ ଲିଡ ଡ. ଶ୍ୱେତାଶ୍ରୀ ପୁରୋହିତ ଓ ଡ. ଜୟନ୍ତ ତ୍ରିପାଠୀ ଯୋଗଦେଇ ନିଜ ଅଭିଜ୍ଞତା ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟାଷ୍ଟିଲ୍ ଫାଉଣ୍ଡେଶନ ମୁଖ୍ୟ ଶମ୍ଭୁନାଥ ଝା, ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର ଓ କର୍ପୋରେଟ କମ୍ୟୁନିକେଶନର ସୁକିନ୍ଦା ଅଧିକାରୀ ଜ୍ୟୋତି ପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିକାଶ ନାମରେ କେନାଲର ବିନାଶ

- ପଚ୍ଛାମୁଣ୍ଡାଇ କେନାଲ ଶଯ୍ୟା ଖୋଳି ଖିନ୍‌ଭିନ୍
- ବାଇପାସ୍ ରାସ୍ତା ପାଇଁ କେନାଲ ପାର୍ଶ୍ୱ ପୋତି ଦେଲେ
- ଜଳ ପରିଚାଳନା ନେଇ ଆଶଙ୍କାରେ ଚାଷୀ

ପଚ୍ଛାମୁଣ୍ଡାଇ, ୨୨।୫ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଚ୍ଛାମୁଣ୍ଡାଇ ଓ ଗୋବରୀ ସମ୍ପ୍ରସାରିତ କେନାଲ ଏବେ ସ୍ଥିତି ହରାଇ ସଙ୍କୁଚିତ ହୋଇଚାଲିଛି। କେନାଲ ଶଯ୍ୟାରୁ ମାଟି ଖୋଳି ଲୁଟି ଚାଲିଥିବାବେଳେ ପଚ୍ଛାମୁଣ୍ଡାଇର ବିକାଶ ନାମରେ ଠିକାସଂସ୍ଥା କେନାଲକୁ ପୋତି ପ୍ରକଳ୍ପ ନିର୍ମାଣ କରି ବିନାଶକୁ ଡାକି ଆଣୁଛି। ଏବେ ପଚ୍ଛାମୁଣ୍ଡାଇ କେନାଲ ଶଯ୍ୟା ଖୋଳି ଖିନ୍‌ଭିନ୍ କରି ଦିଆଯାଇଛି। ଫଳରେ କେନାଲ ଆଗଭଳି ଆଉ ଚାଷଜମି ପାଇଁ ଜଳ ଯୋଗାଣ କରିବାରେ ଅସମର୍ଥ ହୋଇପଡ଼ିବା ନେଇ ଚାଷୀ, ବୁଦ୍ଧିଜୀବୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଏ ସଂକ୍ରାନ୍ତରେ ଚାଷୀମୂଲିଆ ସଙ୍ଗଠନର ଆବାହକ ଭାସ୍କର ରାଉତରାୟ, କୃଷକ ନେତା ବିଜୟ ଦାସ, ପ୍ରକାଶ ମହାନ୍ତି, କୁଞ୍ଜବିହାରୀ ନାୟକ, ସୁରେନ୍ଦ୍ର ପରିଡ଼ା, ଦାଶରଥି ସାହୁ, ଅଜୟ ନାୟକ, ସୁଶାନ୍ତ ସାମଲ, ନରେଶ ଜେନା, ରଞ୍ଜିତ ପ୍ରଧାନ, ରତ୍ନାକର ପ୍ରଧାନ ପ୍ରମୁଖ ଅଞ୍ଚଳର ଶତାଧିକ ଚାଷୀ ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି, ବ୍ରିଟିଶ ଶାସନ ୧୮୬୬ ନଅଙ୍କ ଦୁର୍ଭିକ୍ଷ ବେଳେ ଓଡ଼ିଶାର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଥିଲା। ସେତେବେଳେ ଜଳସେଚନ ଓ ଜଳପଥ ପରିବହନ ଲକ୍ଷ୍ୟ ନେଇ ବ୍ରିଟିଶ ସରକାର ଆନ୍ତଃ ପ୍ରାଦେଶିକ ଯୋଗାଯୋଗ ଲାଗି ପଚ୍ଛାମୁଣ୍ଡାଇ ଓ ଗୋବରୀ ସମ୍ପ୍ରସାରିତ କେନାଲ ଖୋଳାଇଥିଲେ। ଏହା କାର୍ଯ୍ୟକ୍ଷମ ହେବା ପରେ ସୁନାବ୍ୟା ହେଲା। ବଡ଼ ବଡ଼ ନୌକା, ବୋଟ୍, ମୋଟର ଲଞ୍ଚରେ ବ୍ରାହ୍ମଣୀରୁ ଅଳଭା ଲକ୍ ଦେଇ ଗଣ୍ଡାକିଆ ଗୋବରୀ ମଧ୍ୟ ଦେଇ ପାରାଦୀପକୁ ନୌବାଣିଜ୍ୟ କରାଯାଉଥିଲା। ଦେଶ ସ୍ୱାଧୀନ ପରେ ନବେ ଦଶକଠାରୁ ସ୍ଥାନୀୟ ଚାଷୀ କେବଳ ଜଳସେଚନ କାର୍ଯ୍ୟରେ ଏହି କେନାଲକୁ ବ୍ୟବହାର କରି ୩ ଫସଲି କରି ଆସୁଥିଲେ। ବିଜେଡି ସରକାରର ଦୂରଦୃଷ୍ଟି ଅଭାବରୁ ୨୦୧୮ରେ ୮୦ ଫୁଟ ଚଉଡା କେନାଲର ଦୁଇପାର୍ଶ୍ୱ ପୋତି ପ୍ରାୟ ୨୫ ଫୁଟ ଚଉଡା କମ୍ କରି ଦିଆଗଲା। ଅଳଭା ଓ ଗଣ୍ଡାକିଆ ଲକ୍‌କୁ ମଧ୍ୟ ବନ୍ଦ କରି ଦିଆଗଲା। ଏକାସଙ୍ଗେ ୩ରୁ ୪ଟି ପଣ୍ୟବାହୀ ଡଙ୍ଗା ଆତଯାତ କରୁଥିବା କେନାଲ ସମ୍ପ୍ରତି ୨୫ ଫୁଟ ଚଉଡ଼ାରେ ସୀମିତ ରହିଥିବାବେଳେ ଏବେ ନୂତନ ବାଇପାସ ରାସ୍ତା ନିର୍ମାଣ କରୁଥିବା ଠିକାଦାର କେନାଲ ପାର୍ଶ୍ୱରେ କଂକ୍ରିଟ ଢଳେଇ କାନ୍ଥ କରି ଶଯ୍ୟା ୧୦ ଫୁଟ କମ କରିସାରିଲାଣି। ବେଆଇନ ଭାବେ ଠିକାଦାରଙ୍କ ମାଟି ଖନନ ଯୋଗୁ କେନାଲ ଶଯ୍ୟାରେ କେଉଁଠି ଗଣ୍ଡ ତ ଆଉ କେଉଁଠି ପଡ଼ିଆରେ ପରିଣତ ହୋଇଛି। ଏଭଳିସ୍ଥିତିରେ ପଚ୍ଛାମୁଣ୍ଡାଇ ଗୋବରୀ ସମ୍ପ୍ରସାରିତ କେନାଲ ସହ ୧୭ଟି ଛୋଟ ଶାଖା କେନାଲ ଓ ୫ଟି ମାଇନର କେନାଲ ଜଳପ୍ରବେଶ କରିବ ନାହିଁ। ଏହି କେନାଲ ଓ ଶାଖା କେନାଲ ଉପରେ ନିର୍ଭର କରୁଥିବା ଅବିଭକ୍ତ କଟକ ଜିଲାର ଭାତହାଣ୍ଡି କୁହାଯାଉଥିବା ଉତିକଣ ଅଞ୍ଚଳର ଚାଷଜମି ପଡ଼ିଆ ପଡ଼ିବା ଆଶଙ୍କା ପ୍ରକାଶ ପାଉଛି। କେନାଲରେ ପାଣି ଆସିଲେ ପଚ୍ଛାମୁଣ୍ଡାଇ ବାଇପାସ୍‌ଠାରୁ ତଳମୁଣ୍ଡ ଗୋବରୀ କେନାଲକୁ ଜଳଯୋଗାଣ ବ୍ୟବସ୍ଥାରେ ବାଧା ସୃଷ୍ଟି ହେବ। କୃଷକଙ୍କ ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବା କହୁଛନ୍ତି। କିନ୍ତୁ ଯେଉଁ କେନାଲ ପାଣି ଦ୍ୱାରା ଚାଷୀ ଚାଷ କାର୍ଯ୍ୟ କରୁଛନ୍ତି ତାହାକୁ ଖୋଳା ପୋତା ହୋଇ ଭିତରକନିକାକୁ ଗମନାଗମନ ପାଇଁ ନୂତନ ବାଇପାସ୍ ରାସ୍ତା ନିର୍ମାଣ କେତେଦୂର ସମୁଚୀନ ତାହା ଆଲୋଚନା ହେଉଛି। ବାଇପାସ୍ ରାସ୍ତା ପାଇଁ କେନାଲଟି ସମ୍ପୂର୍ଣ୍ଣ ନଷ୍ଟଭ୍ରଷ୍ଟ ହୋଇଚାଲିଛି। ଫଳରେ କେନାଲ ସଙ୍କୁଚିତ ହେବା ସହ ପୋତି ହୋଇଯିବାରେ ଲାଗିଛି। ଏଥିପାଇଁ ପଚ୍ଛାମୁଣ୍ଡାଇ ବ୍ଲକ ଉତିକଣ ଅଞ୍ଚଳର ଶତାଧିକ ଚାଷୀଙ୍କ ପରିବାର ପେଟକୁ ପୂର୍ତ୍ତ ବିଭାଗ ଲାତ ମାରୁଛି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳଙ୍କୁ ପଚାରିବାରେ ଠିକାଦାରଙ୍କ ସହ ଏଗ୍ରିମେଣ୍ଟରେ କେନାଲ ୧୦ ଫୁଟ ପୋତେଇ ଓ ଶଯ୍ୟା ଖୋଦେଇ ପାଇଁ ଉଲ୍ଲେଖ ରହିଛି। ଆମେ କିଛି କରିପାରିବୁନାହିଁ। ଅନ୍ୟପକ୍ଷରେ ପୂର୍ତ୍ତ ବିଭାଗ ଏସ୍‌ଡିଓଙ୍କ ଏପରି କଥାକୁ ସାଧାରଣରେ ନାପସନ୍ଦ କରି ଚାଷୀକୁଳ ଜନସ୍ୱାର୍ଥ ମାମଲା କରିବାକୁ ସଜବାଜ ହେଲେଣି ବୋଲି କହିଛନ୍ତି।


ପଚ୍ଛାମୁଣ୍ଡାଇ କେନାଲ ଶଯ୍ୟାକୁ ଖୋଳିବା ପରେ ପୋତି ରାସ୍ତା ନିର୍ମାଣ ଚାଲିଛି।

## ରାସ୍ତାକାମ ଯୋଗୁ ଅଟକିଲା ଆମ୍ବୁଲାନ୍ସ


ରାସ୍ତାକାମ ବେଳେ ଅଟକି ରହିଥିବା ଆମ୍ବୁଲାନ୍ସ।

**ବର୍ଷାରେ ପିଚୁକାମ, ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ**

ଡେରାବିଶ, ୨୨।୫ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ମୁଖ୍ୟ ବ୍ୟବସାୟସ୍ଥଳ ଚାନ୍ଦୋଳ ବଜାର ମଧ୍ୟ ଭାଗରେ ଗୁରୁବାର ମଧ୍ୟାହ୍ନରେ ବିନା ସୂଚନାରେ ଅତି ତରବରିଆ ଭାବେ ପିଚୁ କାମ ଚାଲିଥିଲା। ଚାନ୍ଦୋଳ ବଜାର କେନ୍ଦ୍ରାପଡ଼ା ଜିଲାର ମୁଖ୍ୟ ଦ୍ୱାର ତଥା ବ୍ୟସ୍ତ ବହୁଳ ବଜାର ଭାବେ ପରିଚିତ। ରାସ୍ତା କାମ ଯୋଗୁ ଚାନ୍ଦୋଳ ବଜାର ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏପରିକି ଜଣେ ଗୁରୁତର ରୋଗୀକୁ ନେଇ ଯାଉଥିବା ଆମ୍ବୁଲାନ୍ସ ଉକ୍ତ ଜାମରେ ଦୀର୍ଘ ସମୟ ଅଟକି ରହିଥିଲା। ଏହି ଘଟଣାକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଉଛି। ବୁଧବାର ରାତିରେ ବର୍ଷା ହୋଇଥିବା ବେଳେ ଠିକାଦାର ଅତି ତରବରିଆ ଭାବେ ଗୁରୁବାର କେଉଁ ପରିସ୍ଥିତିରେ ରାସ୍ତାରେ ପିଚୁ କାମ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପରିକି ବର୍ଷା ସମୟରେ ପିଚୁ କାମ ଓ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର ଯୋଗୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସଂକ୍ଷେପରେ

### ଶୈଳେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩ ଛାତ୍ରୀ ବ୍ଲକ୍ ଟପ୍ପର

ରାଜକନିକା, ୨୨।୫ (ସଞ୍ଜୟ କୁମାର ଦାଶ)

ଯୁକ୍ତ ୨ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ରାଜକନିକା ବ୍ଲକର ୪ଟି ସେକେଣ୍ଡାରୀ ସ୍କୁଲ ମଧ୍ୟରୁ ବିଜ୍ଞାନ, ବାଣିଜ୍ୟ ଓ କଳା ୩ଟି ବିଭାଗରେ ରାଜକନିକାର ଶୈଳେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ବ୍ଲକ ଟପ୍ପର ହୋଇଛନ୍ତି। ବିଜ୍ଞାନ ଛାତ୍ର ଶୁଭମ୍ ବେହେରା ୫୩୦ ନମ୍ବର, ବାଣିଜ୍ୟ ଛାତ୍ରୀ ଶୁଭଲକ୍ଷ୍ମୀ ନାୟକ ୪୯୩ ନମ୍ବର ଓ କଳା ଛାତ୍ରୀ ସ୍ମୃତିରେଖା ବେହେରା ୫୩୬ ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ଓଳାଭର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ଛାତ୍ରୀ ପ୍ରିୟଦର୍ଶିନୀ ମହାନ୍ତି ୫୧୧ ନମ୍ବର, ବାଣିଜ୍ୟରେ ଛାତ୍ରୀ ଶତାବ୍ଦୀ ମଲ୍ଲିକ ୪୯୧ ନମ୍ବର ଓ କଳାରେ ଛାତ୍ରୀ ମନୀଷା ସାହୁ ୪୯୦ ନମ୍ବର ରଖି ବିଦ୍ୟାଳୟର ଟପ୍ପର ହୋଇଛନ୍ତି। କାଟଣା କପିଳେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ବିଭାଗର ଛାତ୍ରୀ ରାଜଲକ୍ଷ୍ମୀ ନାୟକ ୫୨୭ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି।

### ଯୁକ୍ତ ୨ କଳାରେ ସବିତା, ବାଣିଜ୍ୟରେ ପ୍ରଭାତ, ବିଜ୍ଞାନରେ ଶୁଭସ୍ମିତା ବ୍ଲକ ଟପ୍ପର

ରାଜନଗର, ୨୨।୫ (ଭାସ୍କର ରାଉତରାୟ)

ଯୁକ୍ତ ଦୁଇ ବାଣିଜ୍ୟ, କଳା ଓ ବିଜ୍ଞାନ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ରାଜନଗରସ୍ଥିତ ଶ୍ରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଯୁକ୍ତ ଦୁଇ ବାଣିଜ୍ୟରେ ପ୍ରଭାତ ବାରିକ ୪୫୩ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତ। ପ୍ରଭାତ ରାଜନଗର ବ୍ଲକରେ ବାଣିଜ୍ୟ ବିଭାଗରେ ଟପ୍ପର ହୋଇଛନ୍ତି। ଏହି ମହାବିଦ୍ୟାଳୟର ଶୁଭସ୍ମିତା ରାଉତ ବିଜ୍ଞାନରେ ୪୮୬ ମାର୍କ ରଖି ବ୍ଲକର ଟପ୍ପର ହୋଇଛନ୍ତି। ସେହିପରି ରାଜନଗର ବ୍ଲକ ଅନ୍ତର୍ଗତ ନାଗା ନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସବିତା ଜାନା ଯୁକ୍ତ ଦୁଇ କଳାରେ ୫୧୫ ମାର୍କ ରଖି ବ୍ଲକ ଟପ୍ପର ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ବ୍ଲକ ଟପ୍ପର ସବିତାଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ର ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ବେହେରା ଓ ଅଧ୍ୟାପକ ଅଧ୍ୟାପିକାମାନେ ଶୁଭେଚ୍ଛା ଜଣାଇଛନ୍ତି।

## ବାରହା ଆକ୍ରମଣରେ ମୃତ ଯୁବକଙ୍କ ପରିବାରକୁ ସହାୟତା

**ଘର ଲୋକଙ୍କୁ ଭେଟିଲେ ବିଧାୟକ, ଡିଏଫ୍ଓ**

ମହାକାଳପଡ଼ା, ୨୨।୫ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଜମ୍ବୁ ଗ୍ରାମର ସିଦ୍ଧାର୍ଥ ମିର୍ଦ୍ଧା (୩୫)ଙ୍କୁ ବୁଧବାର ଏକ ବାରହା ଆକ୍ରମଣ କରିଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ମୃତ୍ୟୁ ଘଟିଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ଜମ୍ବୁ ଗ୍ରାମରେ ପହଞ୍ଚିବାରେ ଲୋକାରଣ୍ୟ ହୋଇଥିଲା। ଖବରପାଇ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ଡିଏଫ୍ଓ ଦାୟିତ୍ୱରେ ଥିବା ସୌଭାଗ୍ୟ କୁମାର ସାହୁ ମୃତ ସିଦ୍ଧାର୍ଥଙ୍କ ବାପା କାର୍ତ୍ତିକ ମିର୍ଦ୍ଧା ଓ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଶୁଦ୍ଧିକ୍ରିୟା ପାଇଁ ୬୦ ହଜାର ଟଙ୍କା ଓ ବନ ବିଭାଗ କର୍ମଚାରୀଙ୍କ ପକ୍ଷରୁ ଅତିରିକ୍ତ ସହାୟତା ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସରକାରୀ ନିୟମ ଅନୁସାରେ ଜଙ୍ଗଲ ଜନ୍ତୁ ଆକ୍ରମଣରେ ମୃତ୍ୟୁ କଲେ ଆର୍ଥିକ ସହାୟତା ୬ ଲକ୍ଷ ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ସେହିପରି ଉକ୍ତ ଗ୍ରାମର ଫରେଷ୍ଟ ବିଟ୍ ହାଉସ୍ ନିକଟରେ ଅନ୍ୟ ଏକ ବାରହା ଆକ୍ରମଣରେ ଆଶାଲତା ମଣ୍ଡଳ ଓ ରବୀନ ମଣ୍ଡଳ ଆହତ ହୋଇ ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ପରିବାରକୁ ବନ ବିଭାଗ ପକ୍ଷରୁ ପ୍ରତି ପରିବାରକୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଡିଏଫ୍ଓ ସାହୁଙ୍କ ସହ ଅତିରିକ୍ତ ବନ ସଂରକ୍ଷକ ଗଗନ କୁମାର ମଲ୍ଲିକ, ମହାକାଳପଡା ରେଞ୍ଜ ଅଧିକାରୀ ଶାନ୍ତନୁ କୁମାର ଦଳାଇ, ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳ, ଫରେଷ୍ଟର ମହନ୍ତ କୁମାର ମଲ୍ଲିକଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ବୁଧବାର ସକାଳ ସାଢ଼େ ୫ଟାରେ ସିଦ୍ଧାର୍ଥ ନିଜ ଘରୁ ବାହାରିବାବେଳେ ହଠାତ ବାରହା ବାଡ଼ିରୁ ବାହାରି ଆକ୍ରମଣ କରିଥିଲା। ତାଙ୍କ ବେକରେ ଗଭୀର କ୍ଷେତ ଯୋଗୁ ତଳେ ପଡ଼ି ଯାଇଥିଲେ। ଗାଁ ଲୋକ ତାଙ୍କୁ ଉଦ୍ଧାର କରି ଗୋବରୀ ନଦୀକୁ ଡ଼ଙ୍ଗାରେ ପାରି ହୋଇ କାରରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ବେଳେ ମୃତ୍ୟୁ ଘଟିଥିଲା।


ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ସିଦ୍ଧାର୍ଥଙ୍କ ପରିବାରକୁ ଭେଟିବାବେଳେ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ପାଗଳା ଗାଈ ଆକ୍ରମଣରେ ୧୦ ଆହତ

**ଲୋକଙ୍କୁ ଆକ୍ରମଣ ପରେ ୩ ଗାଈ ମୃତ୍ୟୁ**

ରାଜନଗର, ୨୨।୫ (ଭାସ୍କର ରାଉତରାୟ)

ରାଜନଗର ନିର୍ବାଚନମଣ୍ଡଳୀ ସଂସାରଫଳ ଗ୍ରାମରେ ୩ଟି ଗାଈ ହିଂସ୍ର ହୋଇ ସାଧାରଣ ଲୋକଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିଛନ୍ତି। ଏହି ହିଂସ୍ର ଗାଈ ଆକ୍ରମଣରେ ୧୦ ଜଣ ଗୁରୁବାର ଆହତ ହୋଇଛନ୍ତି। ୩ଦିନ ହେଲା ଗୁହାଳୁ ଗାଈ ଫିଟେଇବା ମାତ୍ରେ ଗାଈ ହିଂସ୍ର ହୋଇ ଉଠିବା ସହ ବାଟରେ ଯାଉଥିବା ଲୋକମାନଙ୍କୁ ଗୋଡେଇ ଗୋଡେଇ ଆକ୍ରମଣ କରୁଥିଲେ। ସଂସାରଫଳ ଗାଁର ରବୀନ୍ଦ୍ର ପାତ୍ର, ବିଜୟ ପାତ୍ର, ବନମାଳୀ ମଲ୍ଲିକଙ୍କ ଗାଈ ହିଂସ୍ର ହୋଇ ପଡିବା ସହିତ ବାଟରେ ପଡି ପ୍ରାଣ ହରାଇଛନ୍ତି। ଏ ସମ୍ପର୍କରେ ଗାଈ ହରାଇଥିବା ରବୀନ୍ଦ୍ର, ବିଜୟ ଓ ବନମାଳୀ କହିଛନ୍ତି, ହଠାତ ଆମ ଗାଈ ପାଗଳ ହୋଇ ଲୋକଙ୍କୁ ଗୋଡ଼ାଇ ମାରିବା ପରେ ଟଳି ପଡିଛନ୍ତି। ଏ ସମ୍ପର୍କରେ ପଚ୍ଛାମୁଣ୍ଡାଇ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଦୀପ ଜେନାଙ୍କୁ ପଚାରିବାରେ ପାଗଳ କୁକୁର କାମୁଡ଼ାରୁ ଗାଈମାନେ ହିଂସ୍ର ହୋଇ ଏପରି ଆଚରଣ କରି ଥାଇପାରିଥାନ୍ତି। ତେବେ ତଦନ୍ତ କରାଯିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ସେ କହିଛନ୍ତି।

## କଳାରେ ମୋନାଲିସା, ବାଣିଜ୍ୟରେ ସୌଭାଗିନୀ ଜିଲା ଟପ୍ପର

ନାଉଗାଁ, ୨୨।୫ (ସୁଧା ବେହୁରା)


ମୋନାଲିସା ସ୍ୱାଇଁ


ସୌଭାଗିନୀ ବିଶ୍ୱାଳ

ନାଉଗାଁ ବ୍ଲକ ମଉଳାଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ କଳା ଛାତ୍ରୀ ମୋନାଲିଶା ସ୍ୱାଇଁ ଜଗତ୍‌ସିଂହପୁର ଜିଲାରେ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଛନ୍ତି। ସେ ସର୍ବମୋଟ ୫୪୮ ମାର୍କ ରଖିଛନ୍ତି। ମୋନାଲିସାଙ୍କ ଘର ଉକ୍ତ ବ୍ଲକ ଓଷକଣା ପଞ୍ଚାୟତ ଅନ୍ତର୍ଗତ ନୟାସିଙ୍ଗଡା ଗ୍ରାମରେ। ସେ ବାପା ଆଦିକନ୍ଦ ସ୍ୱାଇଁ ଓ ମା' ଗିତାଞ୍ଜଳି ସ୍ୱାଇଁଙ୍କ ଏକମାତ୍ର କନ୍ୟା। ବାପା ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ମୋନାଲିଶା ଏହି ସଫଳତାର ଶ୍ରେୟ ପରିବାର ସଦସ୍ୟ, ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ଦେଇଛନ୍ତି। ଦୃଢ଼ ଆତ୍ମବିଶ୍ୱାସ, କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି। ଆଗକୁ ପ୍ରଶାସନିକ କ୍ଷେତ୍ରରେ ସେବା କରିବା ପାଇଁ ଉଚ୍ଚ ଶିକ୍ଷା ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ସେହିପରି ବାଣିଜ୍ୟରେ ଉକ୍ତ ବ୍ଲକ ଅନ୍ତର୍ଗତ ଧୂଆଁପଦା ଗ୍ରାମର ସୌଭାଗିନୀ ବିଶ୍ୱାଳ ସର୍ବୋଚ୍ଚ ୫୫୫ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି। ସେ ଜଗତ୍‌ସିଂହପୁରସ୍ଥିତ ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଢ଼ନ୍ତି। ସଫଳତାର ଶ୍ରେୟ ସେ ପ୍ରଭୁ ଜଗନ୍ନାଥଙ୍କ ସହ ପରିବାର ସଦସ୍ୟ, ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ଦେଇଛନ୍ତି। କଠିନ ପରିଶ୍ରମ ଯୋଗୁ ସେ ଏହି ସଫଳତା ପାଇଥିବା ପ୍ରକାଶ କରିଛନ୍ତି। ସୌଭାଗିନୀ ଭଗବାନ ବିଶ୍ୱାଳ, ମା' ସ୍ମିତାରାଣୀ ବିଶ୍ୱାଳଙ୍କ ଏକମାତ୍ର କନ୍ୟା। ଭବିଷ୍ୟତରେ ଉଚ୍ଚଶିକ୍ଷା ଲାଭ କରିବା ସହ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖଥିବା ପ୍ରକାଶ କରିଛନ୍ତି।

## ଶାନ୍ତି, ସଦାଚାର ସୁସ୍ଥ ସମାଜ ଗଠନରେ ସହାୟକ ହେବ


ବାବା ବଳିଆ ଭାଗବତ କଥାମୃତ ଶୁଣାଉଛନ୍ତି।

**ପଦ୍ମଶ୍ରୀ ବାବା ବଳିଆଙ୍କ ଭାଗବତ କଥାମୃତ**

ଡେରାବିଶ, ୨୨।୫ (ବେବର୍ତ୍ତା ଅଜୟ ଦାସ)

ଶାନ୍ତି, ସଦ୍‌ଭାବନା, ସଂହତି ଓ ସଦାଚାର, କରୁଣା, ପ୍ରେମ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବ ବୋଲି ପଦ୍ମଶ୍ରୀ ପୂଜ୍ୟପୂଜକ ବାବା ବଳିଆ ନିଜର ଆଶୀର୍ବଚନ ମାଧ୍ୟମରେ କହିଛନ୍ତି। କେନ୍ଦ୍ରାପଡ଼ା ଅନନ୍ତ ବଳିଆ ସେବା ସଂଘ ଓ ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ଆୟୋଜିତ ଡେରାବିଶ ବ୍ଲକ ଅଧୀନ ଗୁଆଳସିଂସ୍ଥିତ କେନ୍ଦ୍ରାପଡ଼ା ଲ' କଲେଜ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ପଦ୍ମଶ୍ରୀ ବଳିଆ ଉପରୋକ୍ତ ବକ୍ତବ୍ୟ ପ୍ରଦାନ କରିଛନ୍ତି। ଏଥିସହ ଆଜି ମଣିଷ ଅଧିକ ସ୍ୱାର୍ଥାନ୍ୱେସୀ ହେବାସହ ନିଜ ଭିତରେ ମୁଁକାର ପାଇଁ ସମଗ୍ର ବିଶ୍ୱରେ ତାଣ୍ଡବ ରଚାଇଛି। ବିପର୍ଯ୍ୟସ୍ତ ଅବସ୍ଥାରେ ଥିବା ପ୍ରକୃତି ଓ ପରିବେଶର ସୁରକ୍ଷା ଲାଗି ନିଜ ବାଡି ବଗିଚାରେ ବୃକ୍ଷରୋପଣ ପାଇଁ ସଂକଳ୍ପ ନେବା। ନିଜ ବୃଦ୍ଧ ମାତାପିତାଙ୍କୁ ସେବା କରିବା ସହ ପରିବାରକୁ ବୈକୁଣ୍ଠ ସମାନ କରି ଗଢ଼ିତୋଳିବା, ବିଷାକ୍ତ ହୋଇପଡିଥିବା ମାଟି, ପାଣି, ପବନ ଓ ଆକାଶକୁ ସୁରକ୍ଷିତ ରଖିବା ସହ ପଥଭ୍ରଷ୍ଟ ହୋଇପଡୁଥିବା ଯୁବ ସମାଜ ନିଜକୁ ନିଶା ସେବନଠାରୁ ଦୂରେଇ ରଖି ସୁସ୍ଥ ନିରାମୟ ଜୀବନଯାପନ କରିବାକୁ ପଦ୍ମଶ୍ରୀ ବଳିଆ କହିଛନ୍ତି। ଏହି ଅବସରରେ ଶ୍ରୀଜଗନ୍ନାଥ ସଂକୀର୍ତ୍ତନ ମହାସଂଘ ପକ୍ଷରୁ ଶତାଧିକ ସଂକୀର୍ତ୍ତନ ମଣ୍ଡଳ ଶ୍ରୀବଳଦେବଜୀଉଙ୍କ ମନ୍ଦିରରୁ ଆଜ୍ଞାମାଳ ନେଇ ସଂକୀର୍ତ୍ତନ ମହାସଂଘ ସଭାପତି ନବଘନ ନାୟକଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ସହରର ପରିକ୍ରମା ବେଳେ ବିଭିନ୍ନ ମହାପୁରୁଷଙ୍କ ପୀଠରୁ ଆଜ୍ଞାମାଳ ଗ୍ରହଣ କରି ସଭା ନିକଟରେ ପହଞ୍ଚିଥିଲେ। ଏହି ସନ୍ଧ୍ୟା ସମଗ୍ର ସହରରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଏହାକୁ ଅନନ୍ତ ବଳିଆ ସେବା ସଂଘ କେନ୍ଦ୍ରାପଡ଼ା ଶାଖାର କର୍ମକର୍ତ୍ତା ଓ ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମର ସନ୍ନ୍ୟାସୀ ପରମାତ୍ମା ଦାସ, ପ୍ରଣବାନନ୍ଦ ଦାସ, ପ୍ରସନ୍ନ ପରିଡାଙ୍କ ସମେତ ଆଶ୍ରମର ସାଧୁମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ବର୍ତ୍ତିଗଲେ ବ୍ୟବସାୟୀ, ବିଦ୍ୟୁତ୍ ଆଘାତରେ ଷଣ୍ଢ ମୃତ

**ଗାଁରେ ବୁଲାଇଲେ, ନଣ୍ଡା ହେଲେ ସ୍ଥାନୀୟ ଲୋକେ**

ରାଜନଗର, ୨୨।୫ (ଭାସ୍କର ରାଉତରାୟ)

ଷ୍ଟ୍ରିଟ ଲାଇଟ୍ ବିଦ୍ୟୁତ ଖୁଣ୍ଟ ଆଘାତରେ ଷଣ୍ଢର ମୃତ୍ୟୁ ଘଟିଥିବାବେଳେ ବ୍ୟବସାୟୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ରାଜନଗର ବ୍ଲକ ଡାଙ୍ଗମାଳ ଗାଁର ମଙ୍ଗଳା ଛକରେ ନିରାକାର ବେହେରାଙ୍କ ଦୋକାନ ପାଖରେ ଥିବା ଷ୍ଟ୍ରିଟ୍ ଲାଇଟ ଖୁଣ୍ଟଟି କୌଣସି କାରଣରୁ ଚାର୍ଜ ହୋଇଯାଇଥିଲା। ବ୍ୟବସାୟୀ ଜଣକ ପ୍ରତିଦିନ ଆସି ତାଙ୍କ ସାଇକେଲକୁ ଖୁଣ୍ଟରେ ଡେରିକି ରଖିଥାନ୍ତି। ନିରାକାର ଗୁରୁବାର ଦୋକାନ ଖୋଲିବା ପୂର୍ବରୁ ଡାଙ୍ଗମାଳ ଗାଁ ଓ ବଜାରରେ ବୁଲାବୁଲି କରୁଥିବା ଷଣ୍ଢ ଷ୍ଟ୍ରିଟ ଲାଇଟ ଖୁଣ୍ଟରେ ଘଷି ହୋଇଯାଇଥିଲା। ଷ୍ଟ୍ରିଟ ଲାଇଟର ଲୁହା ଖୁଣ୍ଟ ସଂସ୍ପର୍ଶରେ ଆସିବା କ୍ଷଣି ଷଣ୍ଢ ସେହିଠାରେ ଟଳି ପଡ଼ିଥିଲା। ଷ୍ଟ୍ରିଟ ଲାଇଟ ଖୁଣ୍ଟରୁ ବିଦ୍ୟୁତ ସଂଯୋଗ କଟାଯିବା ପରେ ଷଣ୍ଢକୁ ବାହାର କରାଯାଇଥିଲା। ଷଣ୍ଢକୁ ଶୋଭାଯାତ୍ରାରେ ଡାଙ୍ଗମାଳ ଗାଁ ପରିକ୍ରମା କରାଯିବା ପରେ ମଙ୍ଗଳା ଛକ ନିକଟରେ ସତ୍କାର କରାଯାଇଛି।

## ମହିଳା ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର


ଶିବିରରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷଣ ନେବାକୁ ଆସିଥିବା ବାଳିକାମାନେ।

ଆଳି, ୨୨।୫ (ବନମାଳୀ ସେନାପତି)

ଆଳି ବ୍ଲକ ଦେମାଳ ପଞ୍ଚାୟତ ଗିରିବନ୍ଧ ଖେଳ ପଡ଼ିଆରେ ଓଡ଼ିଶା ଫୁଟବଲ ଆସୋସିଏଶନ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା କ୍ରୀଡା ସଂସଦ ଓ ଆଳି ଆଥଲେଟିକ ଆସୋସିଏଶନର ମିଳିତ ସହଯୋଗରେ ଏକ ଗ୍ରୀଷ୍ମ କାଳୀନ ମହିଳା ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର ଗୁରୁବାର ଆରମ୍ଭ ହୋଇଛି। ପ୍ରାୟ ଏକ ମାସ ହେବାକୁ ଥିବା ଏହି ମହିଳା ପ୍ରଶିକ୍ଷଣ ଶିବିରକୁ ଆଳି ବିଧାୟକ ତଥା ଆଳି ଆଥଲେଟିକ ଆସୋସିଏଶନର ସଭାପତି ପ୍ରତାପ କେଶରୀ ଦେବ ଉଦ୍‌ଘାଟନ କରିଛନ୍ତି। ଜିଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଜିଲା କ୍ରୀଡା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ଆଥଲେଟିକ ସମ୍ପାଦକ ଜ୍ୟୋତିର୍ମୟୀ ଦାସ, କୋଷାଧ୍ୟକ୍ଷ ଯୁଧିଷ୍ଠିର ଲେଙ୍କା, ସମ୍ପାଦକ ବିଜୟ କୁମାର ସେନାପତି, ମତୋ କଲେଜର କ୍ରୀଡା ଶିକ୍ଷକ ଶିବ ପ୍ରସାଦ ମଲ୍ଲିକ, ଆଳି ଆଥଲେଟିକ ଆସୋସିଏଶନର ସଦସ୍ୟ ଗଣେଶ୍ୱର ସାମଲ, ଜିଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ କେନ୍ଦ୍ରାପଡ଼ା ଜିଲାର ୪୫ ଜଣ ମହିଳା ଫୁଟ୍‌ବଲ ଖେଳାଳି ପ୍ରଶିକ୍ଷଣ ନେବାର କାର୍ଯ୍ୟକ୍ରମ ରହିଥିବା ନେଇ ଜିଲା କ୍ରୀଡା ଅଧିକାରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି। କୋଚ ଆଲୋଚନା ସେନାପତି, ସୁଶ୍ରୀ ସଙ୍ଗୀତା ମଲ୍ଲିକ ପ୍ରଶିକ୍ଷଣ ଦେବା ନିମନ୍ତେ ନିଯୁକ୍ତ ହୋଇଛନ୍ତି। ଆଳି ମହିଳା ଫୁଟ୍‌ବଲର ପ୍ରତିଷ୍ଠାତା ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ଅସରାଏ ବର୍ଷାରେ କୁଜଙ୍ଗ ବଜାର ଜଳାର୍ଣ୍ଣବ

କୁଜଙ୍ଗ, ୨୨।୫ (ମନୋଜ ପ୍ରଧାନ)



କୁଜଙ୍ଗ ମେଡିକାଲ ରୋଡରେ ବର୍ଷାଜଳ ଜମିଛି।

ବୁଧବାର ରାତିରେ ଅସରାଏ ବର୍ଷାରେ କୁଜଙ୍ଗ ବଜାର ଜଳାର୍ଣ୍ଣବ ହୋଇଯାଇଛି। ଆଗକୁ ବର୍ଷାଋତୁ ଆସୁଥିବାବେଳେ ବଜାର ଅବସ୍ଥା ବେହାଲ ହୋଇଯିବ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। କୁଜଙ୍ଗ ବଜାର ଜଳବୁଡ଼ି ସମସ୍ୟା ଦୀର୍ଘ ୩୦ ବର୍ଷ ହେବ ଲାଗି ରହିଛି। ଗତ ବର୍ଷାଋତୁରେ ନୂଆ କରି ଯୋଗଦେଇଥିବା ବର୍ତ୍ତମାନର ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଯୁଦ୍ଧକାଳୀନ ଭିତ୍ତିରେ ଯୁକୁଳା ଡ୍ରେନ ସବୁ ସଫା କରିଥିଲେ। ଏଥିଯୋଗୁ ଜନସାଧାରଣ କିଛିମାତ୍ରାରେ ଆଶ୍ୱସ୍ତ ହୋଇଥିଲେ। ଏବେ ସାମାନ୍ୟ ବର୍ଷାରେ ବଜାର ଅଞ୍ଚଳରେ ପାଣି ଜମିଥିବାରୁ ଲୋକେ ପୁଣି ଚିନ୍ତାବ୍ୟକ୍ତ କରିଛନ୍ତି। ଥାନା ଛକଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବର୍ଷା ଜଳ ଜମି ରହିଛି। ରାସ୍ତାର ଦୁଇ ପାର୍ଶ୍ୱରେ ଯେଉଁସବୁ ଟାଇଲ ପଡ଼ିଛି, ତାହା ରାସ୍ତାଠାରୁ ଅଧିକ ଉଚ୍ଚ ହୋଇଥିବାରୁ ଜଳ ନିଷ୍କାସନ ହୋଇ ନ ପାରି ରାସ୍ତା ମଝିରେ ଜମି ରହୁଛି। ଅନ୍ୟପଟେ କୁଜଙ୍ଗ ବଜାରର ହୃଦୟ କୁହାଯାଉଥିବା ମେଡିକାଲରୋଡ଼ ସମେତ ବିଭିନ୍ନ ଗଳିକନ୍ଦି ରାସ୍ତା ଖାଲଖମାରେ ଭରି ରହିବା ଯୋଗୁ ସେଠାରେ ପାଣି ଜମି ରହିଛି। ବ୍ୟବସାୟୀମାନେ ଜଳ ନିଷ୍କାସନ ପଥକୁ ପୋତି ଦିନକୁ ଦିନ ରାସ୍ତା ଉପରକୁ ମାଡ଼ି ଚାଲିଛନ୍ତି। ଆଗାମୀ ମୌସୁମୀ ବର୍ଷା ପୂର୍ବରୁ ସରକାର ବା ପ୍ରଶାସନ କୁଜଙ୍ଗ ବଜାର ମଧ୍ୟରେ ଥିବା ସମସ୍ତ ରାସ୍ତା ବିଶେଷକରି ମେଡିକାଲ ରୋଡକୁ ପୁନର୍ବାର କଂକ୍ରିଟ କରିବାକୁ ମାଟି ସୁରକ୍ଷା ମଞ୍ଚର ସଂଯୋଜକ ହୃଷୀକେଶ ନାଥ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ସ୍ୱାଇଁ କହିଛନ୍ତି, ଗତବର୍ଷ ଡ୍ରେନ୍ ସଫା କରାଯାଇଥିଲା। ଏବେ ପରିସ୍ଥିତି ଦେଖି ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ସୁପରଭାଇଜରଙ୍କୁ ହତ୍ୟା ଅଭିଯୋଗରେ ୩ ଅଟକ

- ଝୁଲନ୍ତା ମୃତଦେହ ଜବତ
- ପୋଲିସ ଗାଡ଼ି ଅଟକାଇଲେ ଉତ୍ତ୍ୟକ୍ତ ଲୋକେ

ଦଶରଥପୁର, ୨୨।୫ (ସୁଶାନ୍ତ କୁମାର ବେହୁରିଆ)



ପୋଲିସ ଗାଡ଼ିକୁ ଉତ୍ତ୍ୟକ୍ତ ଲୋକେ ଅଟକାଇଛନ୍ତି।

କୁଆଖିଆ-ମଙ୍ଗଳପୁର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥାର ଜଣେ ସୁପରଭାଇଜରଙ୍କ ଗୁରୁବାର ଝୁଲନ୍ତା ମୃତଦେହ ମିଳିଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ପଚ୍ଛାମୁଣ୍ଡାଇ ସୁବଳା (ଗୋଗୁଆ) ଗ୍ରାମର ଅଭୟ ପରିଡ଼ାଙ୍କ ଏକମାତ୍ର ପୁଅ ମନୋରଞ୍ଜନ ପରିଡ଼ା(୩୦)। ଅନ୍ୟପକ୍ଷରେ ତାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ବାପା ଦଶରଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମୃତଦେହ ଯାଜପୁର ଜିଲା ଦଶରଥପୁର ଥାନା କଳିଙ୍ଗପୁର ଗ୍ରାମର ଭଡ଼ା ଘରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ମୃତକଙ୍କ ଗୋଟିଏ ଗୋଡ଼ ତଳେ ଲାଗିଥିବା ବେଳେ ଅନ୍ୟ ଗୋଡ଼ ଚେୟାର ଉପରେ ଥିଲା। ସେହିପରି ମୃତଦେହ କିଛି ସମୟ ଝୁଲି ରହିବା ପରେ ଆପେ ତଳକୁ ଖସି ପଡ଼ିଥିଲା। ଘଟଣା ପ୍ରଚାରିତ ହେବାପରେ ସ୍ଥାନୀୟ ଲୋକେ ଏକତ୍ରିତ ହୋଇ ସେଠାରେ ପହଞ୍ଚିଥିଲେ। ଉକ୍ତ ଭଡ଼ାଘରେ ରହୁଥିବା ଅନ୍ୟ ୩ ଜଣଙ୍କୁ ମନୋରଞ୍ଜନଙ୍କୁ ହତ୍ୟା ଘଟଣାରେ ସମ୍ପୃକ୍ତି ଅଭିଯୋଗ କରି ଲୋକେ ମାଡ଼ ମାରିବା ସହ ଅଟକ ରଖିଥିଲେ। ଦଶରଥପୁର ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏହି ସମୟରେ ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ିକୁ ଅଟକ ରଖିଥିଲେ। ଥାନା ଆଇଆଇସି ଶରତ ଚନ୍ଦ୍ର ନାୟକ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନେ ଗାଡ଼ି ଛାଡ଼ିଥିଲେ। ଏହାପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସାଇଣ୍ଟିଫିକ ଟିମ୍ ପହଞ୍ଚି ଘଟଣାର ତଦନ୍ତ କରିଥିଲା। ଏନେଇ ନଂ.୮୭/୨୫ରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ କହିଛନ୍ତି।

## ଗଞ୍ଜେଇ ଜବତ, ଜଣେ ଗିରଫ

ଫୁଲବାଣୀ,(ରାକେଶ କୁମାର ରାଉତ): ଗୋଚ୍ଛାପଡା ଥାନା ପୋଲିସ ପାଙ୍ଗାପାଜୁ ଗାଁ ନିକଟରେ ଚଢ଼ାଉ କରି ଜଣେ ଯୁବକଙ୍କ ପାଖରୁ ୨ଟି ବସ୍ତାରେ ଥିବା ୫୦ କେଜି ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରାଯାଇଛି। ସେ ହେଲେ ନେଡ଼ିପଡ଼ା ଗ୍ରାମର ଚିତ୍ରସେନ କହଁର। ଚିତ୍ରସେନ ୨ଟି ବସ୍ତାରେ ଗଞ୍ଜେଇ ଧରି ବାହାରକୁ ଯିବାକୁ ବସ୍‌କୁ ଅପେକ୍ଷା କରିଥିବା ବେଳେ ପୋଲିସ ଖବର ପାଇ ତାଙ୍କୁ ଧରିଥିଲା। ଏ ନେଇ ଥାନାରେ ୧୧୪/୨୫ରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ତ୍ରିରଙ୍ଗା ଶୋଭାଯାତ୍ରା

ଦାରିଙ୍ଗବାଡ଼ି,୨୨।୫ (ଅରୁଣ ସାହୁ): ଛଦାରିଙ୍ଗବାଡ଼ିରେ ଗୁରୁବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବ୍ଲକ୍ କାର୍ଯ୍ୟାଳୟରୁ ଏହି ଶୋଭାଯାତ୍ରା ବାହାରି ଚାରିଛକ, ବଜାର, ତିନିଛକ, ଲକ୍ଷ୍ମୀବଜାର, ଶିବମନ୍ଦିର, ବସ୍‌ଷ୍ଟାଣ୍ଡ ଦେଇ ପୁଣି ବ୍ଲକ୍ କାର୍ଯ୍ୟାଳୟକୁ ଫେରିଥିଲା। ଭାରତୀୟ ସେନାର ସାହସ ଓ ପରାକ୍ରମକୁ ସମ୍ମାନ ଜଣାଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ସରକାରୀ କର୍ମଚାରୀ, ପୋଲିସ ପ୍ରଶାସନ, ବନ ବିଭାଗ, ଅଙ୍ଗନୱାଡି କର୍ମୀ, ବ୍ଲକ ପ୍ରଶାସନ, ଅଞ୍ଚଳବାସୀ ଏବଂ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ମଞ୍ଚର ସଦସ୍ୟମାନେ ଯୋଗଦେଇଥିଲେ।

### ସଦର ଏଏସ୍‌ଆଇଙ୍କ ବିୟୋଗ

ଫୁଲବାଣୀ, ୨୨।୫ (ରାକେଶ କୁମାର ରାଉତ)

ଫୁଲବାଣୀ ସଦର ଥାନା ଏଏସ୍‌ଆଇ ହରେକୃଷ୍ଣ ମିଶ୍ର(୪୮)ଙ୍କ ଗୁରୁବାର ଫୁଲବାଣୀ ମେଡିକାଲରେ ମୃତ୍ୟୁ ଘଟିଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ତାଙ୍କ ଘର ରାୟଗଡ଼ା ଜିଲାରେ। ମିଳିଥିବା ସୂଚନା ଅନୁସାରେ ହରେକୃଷ୍ଣ ସଦର ଥାନାରେ ବହୁ ଦିନ ହେବ କାମ କରୁଥିଲେ। ତାଙ୍କର ଦେହ ଅସୁସ୍ଥ ଥିବାରୁ ସେ ରିତିମତ ଚିକିତ୍ସା ହେଉଥିଲେ। ଗତ କିଛି ଦିନ ହେବ ଘରକୁ ଛୁଟିରେ ଯାଇଥିଲେ । ୨୦ ତାରିଖ ଦିନ ପରିବାର ସହ ଫେରିଆସି କାର୍ଯ୍ୟରେ ଯୋଗ ଦେଇଥିଲେ। ସକାଳୁ ତାଙ୍କ ଦେହ ଖରାପ ହେବାରୁ ଥାନା ଗାଡ଼ିରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

### କିଶୋରଙ୍କୁ ଓଡ଼ିଶା ଗୌରବ ସମ୍ମାନ



ପାରଳାଖେମୁଣ୍ଡି,୨୨।୫(ଗିରିଧାରୀ ପରିଛା): ଗଜପତି ଜିଲାର ଅନ୍ତର୍ଜାତୀୟ ମାଷ୍ଟର ଆଥ୍‌ଲେଟିକ କିଶୋର ଚନ୍ଦ୍ର ରଥଙ୍କୁ ଓଡ଼ିଶା ଗୌରବ ସମ୍ମାନରେ ସମ୍ମାନୀତ କରାଯାଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରଥଙ୍କୁ ୱାର୍ଲ୍ଡ ଚ୍ୟାରିଟି ୱେଲଫର୍ ଫାଉଣ୍ଡେଶନ ତରଫରୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆନ୍ତର୍ଜାତୀୟସ୍ତରରେ ବିଭିନ୍ନ ସ୍ଥାନରେ ସଫଳତା ହାସଲ କରି ଦେଶ ଓ ରାଜ୍ୟକୁ ଗୌରବାନ୍ୱିତ କରିଥିବାରୁ ତାଙ୍କୁ ସମ୍ମାନ ପ୍ରଦାନ କରାଯାଇଛି। ମଞ୍ଚାସୀନ ଅତିଥିମାନେ ରଥଙ୍କ ଖେଳ ପ୍ରତି ଥିବା ନିଷ୍ଠା ଓ ପରିଶ୍ରମକୁ ପ୍ରଶଂସା କରିବା ସହ ସେ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ବୋଲି କହିଥିଲେ। ରଥ ଏଭଳି ସମ୍ବର୍ଦ୍ଧନା ପାଇଥିବାରୁ ତାଙ୍କୁ ଜିଲା ଓ ରାଜ୍ୟର ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି।

### ପୋଖରୀରୁ ପିତଳ ନାଗମୂର୍ତ୍ତି ଉଦ୍ଧାର

ଛତ୍ରପୁର,୨୨।୫ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ): ଛତ୍ରପୁର ବ୍ଲକ ଟାଙ୍ଗଣାପଲ୍ଲୀ ଗ୍ରାମର ପ୍ରଧାନସାହିରେ ଥିବା ଯମୁନା ପୋଖରୀରୁ ଗୁରୁବାର ଜଣେ ନାବାଳକଙ୍କୁ ପିତଳ ନାଗମୂର୍ତ୍ତି ମିଳିଛି। ଏହି ଖବର କିଛି ସମୟ ମଧ୍ୟରେ ଗ୍ରାମରେ ପ୍ରଘଟ ହୋଇଯାଇଥିଲା। ନାଗମୂର୍ତ୍ତି ଦେଖିବା ପାଇଁ ଶତାଧିକ ଗ୍ରାମବାସୀ ପୋଖରୀଠାରେ ପହଞ୍ଚିଥିଲେ। ବଡ ପ୍ରଧାନସାହିର ଛେଳି ଚରାଳି ପ୍ରଫୁଲ ପ୍ରଧାନଙ୍କ ୧୬ ବର୍ଷୀୟ ପୁଅ ବବୁଲଙ୍କ କିଛିଦିନ ହେଲା ମାନସିକ ଅସ୍ଥିରତା ଦେଖା ଦେଉଥିଲା। ଗତ ୫ ଦିନ ହେଲା ଗ୍ରାମର ନୀଳକଣ୍ଠେଶ୍ୱର ମନ୍ଦିରରେ ସେ ଅଧିଆ ପଡିଥିଲେ। ଗୁରୁବାର ସକାଳେ ବବୁଲ ଯମୁନା ପୋଖରୀରେ ପଶି କିଛି ଖୋଜୁଥିବା ବେଳେ ତାଙ୍କୁ ଏକ ପିତଳ ନାଗ ମୂର୍ତି ମିଳିଥିଲା । ଏହାକୁ ନେଇ ସେ ପୋଖରୀ ପାହଚରେ ରଖିଥିଲେ। ପରେ ଗ୍ରାମବାସୀ ପହଞ୍ଚି ନାଗମୂର୍ତିଙ୍କୁ ପୂଜା କରିଥିଲେ। ଏହାକୁ ଦେଖିବା ପାଇଁ ଟାଙ୍ଗଣାପଲ୍ଲୀ ଆଖପାଖ ଗ୍ରାମ ଗୁଡିକର ଜନସାଧାରଣ ମଧ ସେଠାରେ ଭିଡ ଜମାଇଥିଲେ।

# ଚାନ୍ଦା କରି ରାସ୍ତା ନିର୍ମାଣ କଲେ ଗ୍ରାମବାସୀ



ଗ୍ରାମବାସୀ ରାସ୍ତା ନିର୍ମାଣ କାର୍ଯ୍ୟରେ ଲାଗିଛନ୍ତି।

ଖଜୁରିପଡ଼ା,୨୨।୫ (ବିଦୁର ବେହେରା)

ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲା। ଏହି ଜିଲାରେ ଆଜି ବି ଲୋକେ ବନବାସୀ ଜୀବନ ଜିଉଛନ୍ତି। ନିଜର ମୌଳିକ ଅଧିକାର ପାଇଁ ସଂଗ୍ରାମ ଜାରି ରଖିଛନ୍ତି। ହେଲେ ନେତା ମନ୍ତ୍ରୀ, ଲୋକ ପ୍ରତିନିଧିଙ୍କୁ ରାସ୍ତା ଖଣ୍ଡେ ନିର୍ମାଣ ପାଇଁ ଯେତେ ଗୁହାରି କଲେ ବି କେହି କର୍ଣ୍ଣ ପାତ କରନ୍ତି ନାହିଁ। ପ୍ରଶାସନ ଉପରୁ ବିଶ୍ୱାସ ଓ ଭରସା ଭାଙ୍ଗି ଯିବା ପରେ ଶେଷରେ ଗ୍ରାମବାସୀ ନିଜେ ଚାନ୍ଦା କରି ରାସ୍ତା ନିର୍ମାଣ କରିଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ସୁଡୁକୁମ୍ପା ଗ୍ରାମପଞ୍ଚାୟତ ଅଧିନରେ ଥିବା ବାଣାମେରୁ ଗ୍ରାମରେ। ପାହାଡ଼

**ପ୍ରଶାସନ ଶୁଣିଲାନି ଅପହଞ୍ଚ ଗାଁର ଦୁଃଖ**

ପର୍ବତ ଘେରା ଘଞ୍ଚ ଜଙ୍ଗଲ ମଝିରେ ରହିଛି ବାଣାମେରୁ ଗ୍ରାମ। ଏହି ଗ୍ରାମରେ ପ୍ରମୁଖ ସମସ୍ୟା ହେଉଛି ରାସ୍ତା ସମସ୍ୟା। ଗାଁକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନାହିଁ। କେବଳ ଖାଲ ଢିପ ପାହାଡ଼ିଆ ଚଲା ରାସ୍ତା ରହିଛି। ରାସ୍ତା ସମସ୍ୟା ଯୋଗୁ ଗାଁକୁ ଆମ୍ବୁଲାନ୍ସ କିମ୍ବା ଜରୁରୀ କାଳୀନ ସେବା ଦମକଳ ଆସିପାରେ ନାହିଁ। କାହାର ଦେହ ଅସୁସ୍ଥ ହେଲେ କିମ୍ବା ଗର୍ଭବତୀ ମହିଳା ପ୍ରସବ ପାଇଁ ମେଡିକାଲ ଯିବାକୁ ହେଲେ ସେମାନଙ୍କୁ ଖଟିଆରେ ବୋହି କି ନିଆଯାଏ। ଗ୍ରାମବାସୀ ବିଷ୍ଣୁ ଚରଣ ମାଝୀ ଏବଂ ଅରୁଣ କହଁରଙ୍କ କହିବା ଅନୁଯାୟୀ ଗର୍ଭବତୀ ମହିଳାଙ୍କୁ ବୋହିକି ନେବା ସମୟରେ ରାସ୍ତାରେ ପ୍ରସବ ହୋଇଛି। ରୋଗୀ ମେଡିକାଲ ଯିବା ବେଳେ ବାଟରେ ମୃତ୍ୟୁ ହୋଇଛି। ରାସ୍ତା ସମସ୍ୟା ଯୋଗୁ ଗାଁରେ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ନାହିଁ। ଯାହା ଫଳରେ ପିଲାଛୁଆ ପାଠ ପଢିବାରେ ବ୍ୟାଘାତ ସୃଷ୍ଟି ହେଉଛି। ଗୋଦାବରୀ ଛକ ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତାଠାରୁ ମାତ୍ର ୩ କିଲୋମିଟର ଏହି ଗାଁ ରହିଛି। ଏହି ରାସ୍ତା ପାଇଁ ଗ୍ରାମବାସୀ ବହୁବାର ପଞ୍ଚାୟତ, ବ୍ଲକ, ଜିଲା ପ୍ରଶାସନ ସମେତ ବିଧାୟକ, ଏମ୍‌ପିଙ୍କୁ ଗୁହାରି କରିଥିଲେ ସୁଧା ରାସ୍ତା ଖଣ୍ଡେ ନିର୍ମାଣ ହେଲା ନାହିଁ। ତେବେ କେମିତି ବିକଶିତ ଗାଁ ହୋଇ ଓଡ଼ିଶାରେ ସାମିଲ ହେବ ବୋଲି ଗ୍ରାମବାସୀ ସରକାରଙ୍କୁ ପ୍ରଶ୍ନ କରୁଛନ୍ତି। ସ୍ଥାନୀୟ ଲୋକ ପ୍ରତିନିଧିମାନେ ଭୋଟ ପୂର୍ବରୁ ଗାଁକୁ ରାସ୍ତା ନିର୍ମାଣ କରାଯିବ ବୋଲି ମିଥ୍ୟା ପ୍ରତିଶ୍ରୁତି ଦିଅନ୍ତି। ଏସବୁ ଦେଖି ଶୁଣି ପ୍ରଶାସନ ଠାରୁ ବିଶ୍ୱାସ ଭାଙ୍ଗିବା ପରେ ଗ୍ରାମବାସୀ ଏକଜୁଟ ହୋଇ ଚାନ୍ଦାକରି ସେହି ଟଙ୍କାରେ ଜେଶିବି ଲଗେଇ ଗାଁକୁ ରାସ୍ତା ନିର୍ମାଣ କରୁଛୁ ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ଓଡ଼ିଶା ସରକାର ଏହି ସମସ୍ୟାକୁ ଦୃଷ୍ଟିଦେଇ ଆମ ଗାଁକୁ ପକ୍କା ରାସ୍ତା ନିର୍ମାଣ କଲେ ଆମ୍ଭେ ଗ୍ରାମବାସୀ ଉପକୃତ ହେବୁ ବୋଲି ଗ୍ରାମର ଲକ୍ଷ୍ମଣ ପ୍ରଧାନ, ଉମେଶ କହଁର, ଶମ୍ଭୁନାଥ ବେହେରା, ସୁଶାନ୍ତ ମାଝୀ ପ୍ରମୁଖ କହିଛନ୍ତି।

ପ୍ରକାଶ ଯେ, ଏହି ଗ୍ରାମରେ ମୋଟ ୩୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଆଦିମ କାଳରୁ ବସବାସ କରୁଛନ୍ତି। ଜଙ୍ଗଲ ମଧ୍ୟରେ ଏହି ଗ୍ରାମଟି ରହିଥିବାରୁ ଏହାପ୍ରତି କୌଣସି ସରକାରୀ ପ୍ରଶାସନିକ ଅଧିକାରୀ ଏବଂ ଜନ ପ୍ରତିନିଧି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସରପଞ୍ଚ ଦଶରଥ ଜାନିଙ୍କୁ ପଚାରିବାରୁ ସେ କହିଛନ୍ତି ରାସ୍ତା ନିର୍ମାଣ ପାଇଁ ପ୍ରକଳ୍ପ ଦିଆଯିବ। ଅନ୍ୟପଟେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ବିଡ଼ିଓଙ୍କ ପ୍ରତିକ୍ରିୟା ପାଇଁ ଫୋନ ଯୋଗେ ଯୋଗାଯୋଗ କରାଯାଥିଲେ ସୁଧା ତାହା ସମ୍ଭବ ହୋଇନାହିଁ।

## ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ, ଜେଲ ଗଲେ ସ୍ୱାମୀ

ଦିଗପହଣ୍ଡି,୨୨।୫(ଅଶେଷ ନାଥ ମିଶ୍ର)

ସାନଖେମୁଣ୍ଡି ବ୍ଲକ୍ ଖଲିଙ୍ଗି ଗ୍ରାମର ରିତୁ ବେହେରାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଥାନାରେ ଅଟକ ଥିବା ସ୍ୱାମୀ ମୟୂର ବେହେରାଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ପରେ ତାଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ଶେରଗଡ଼ ଥାନା ଜି.ନୂଆପଲ୍ଲୀ ଗ୍ରାମର ରିତୁ ଖଲିଙ୍ଗି ଗ୍ରାମର ମୟୂରଙ୍କୁ ପ୍ରାୟ ୧୫ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ଏକ ପୁଅ ଓ ଝିଅ ଅଛନ୍ତି। କୌଣସି କାରଣକୁ ନେଇ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ଗତ କିଛିବର୍ଷ ହେଲା ରିତୁଙ୍କୁ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ସୋମବାର ସକାଳେ ରିତୁଙ୍କୁ ଅଚେତ ଅବସ୍ଥାରେ ଘରୁ ଉଦ୍ଧାର କରାଯାଇ ପ୍ରଥମେ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ରିତୁଙ୍କ ବାପା ଯୋଗେନ୍ଦ୍ର ବେହେରା ପାଟପୁର ଥାନାରେ ପହଞ୍ଚି ତାଙ୍କ ଝିଅଙ୍କୁ ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ବିଷ ଦେଇ ହତ୍ୟା କରିଥିବା ନେଇ ଏତଲା ଦେଇଥିଲେ। ପୋଲିସ ମଙ୍ଗଳବାର ସକାଳେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ପହଞ୍ଚି ରିତୁଙ୍କ ମୃତଦେହ ଜବତ କରାଇଥିଲା। ସାଇଣ୍ଟିଫିକ୍ ଟିମ୍ ମୟୂରଙ୍କ ଘରେ ପହଞ୍ଚି ତଦନ୍ତ କରିଥିଲା। ମୟୂରଙ୍କୁ ପୋଲିସ ଥାନାରେ ଅଟକ ରଖି ଘଟଣାର ତଦନ୍ତ କରିବା ପରେ ସେ ମଦ ପିଇ ସ୍ତ୍ରୀ ମାଡ ମାରୁଥିବା ଜଣାପଡିଥିଲା। ରିତୁ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ଖାଇ ଦେଇଥିଲେ ବୋଲି ମୟୂର ବୟାନ ଦେଇଥିଲେ।

## ହାତୀପଲ ବିଦ୍ୟାଳୟ କୋଠା, ୩ ଘର ଭାଙ୍ଗିଲେ



ହାତୀ ସ୍କୁଲ କାନ୍ଥ ଭାଙ୍ଗିଛନ୍ତି।

ଭଞ୍ଜନଗର,୨୨।୫(ବାବୁଲା ପ୍ରଧାନ):

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ହାତୀପଲ ପୁଣି ଦୌରାତ୍ମ୍ୟ ଆରମ୍ଭ କରିଛନ୍ତି। ବୁଧବାର ରାତିରେ କେତେକ ଗ୍ରାମରେ ପଶି କ୍ଷୟକ୍ଷତି କରିଛନ୍ତି।୨୭ ଟିକିଆ ହାତୀପଲ କନ୍ଧମାଳ ଜିଲାରୁ ଆସି ମୁଜାଗଡ ରେଞ୍ଜ ବାଇବାଲି ସେକ୍ସନର ବିରିକୋଟରେ ପଶିଥିଲେ। ବିରିକୋଟ ବିଦ୍ୟାଳୟର ୨ଟି କୋଠା ସହ ଗ୍ରାମର ରମେଶ ପାତ୍ର, ରିତା ପାତ୍ର ଏବଂ ରଞ୍ଜିତ ପ୍ରଧାନଙ୍କ ଘରକୁ ହାତୀପଲ ଭାଙ୍ଗି ଦେଇଛନ୍ତି। ଖବରପାଇ ଡିଏଫଓ ହିମାଂଶୁ ଶେଖର ମହାନ୍ତି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରେଞ୍ଜର ବିଦ୍ୟାଧର ସାହୁ, ବନପାଳ ଟୁନା ମଲ୍ଲିକ, ବନରକ୍ଷୀ ପ୍ରଦ୍ୟୁମ୍ନ ବିଷୋୟୀ, ସ୍କ୍ୱାର୍ଡ ଟିମ ଘଟଣାସ୍ଥଳରେ ପହଞ୍ଚି ଜଙ୍ଗଲକୁ ହାତୀ ଘଉଡ଼ାଇ ଥିଲେ। ଏଥିସହ କ୍ଷତିଗ୍ରସ୍ତ ପରିବାରଗୁଡ଼ିକୁ କିଭଳି ସରକାରୀ ସହାୟତା ମିଳିବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେଇଥିବା ଜଣାପଡିଛି। ହାତୀ ଓ ମଣିଷ ଉଭୟେ ଯେଭଳି ସୁରକ୍ଷିତ ରହି ପାରିବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି ବୋଲି ଡିଏଫଓ ମହାନ୍ତି କହିଛନ୍ତି।

## ପାଣି ପାଇଁ ରାସ୍ତା ଅବରୋଧ

ଫୁଲବାଣୀ, ୨୨।୫ (ରାକେଶ କୁମାର ରାଉତ)

ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଲୋକେ ଗରରମରେ ଆଉଟ ପାଉଟ ହେଉଛନ୍ତି। ଏହି ସମୟରେ ଜଳ କଷ୍ଟ ଜନଜୀବନକୁ ଆହୁରି ବ୍ୟଥିତ କରିଛି । ଗୋଟିଏ ଦିନ ନୁହେଁ, ୫ ଦିନ ଧରି ପାନୀୟ ଜଳ ନ ମିଳିବାରୁ ଗ୍ରାମବାସୀ ରାଜ ରାସ୍ତାକୁ ଓହ୍ଲାଇଛନ୍ତି । ଏଭଳି ଦୃଶ୍ୟ ଫୁଲବାଣୀ ବ୍ଲକ୍ କଟ୍ରିଙ୍ଗିଆ ପଞ୍ଚାୟତରେ ଦେଖିବାକୁ ମିଳିଛି । କଟ୍ରିଙ୍ଗିଆ ପଞ୍ଚାୟତର ୧୩ ନଂ. ୱାର୍ଡ ନାକୁଡ଼ିସରୁ ସାହିକୁ ଆଜକୁ ୫ ଦିନ ହେଲା ବସୁଧା ଯୋଜନାରେ ପାନୀୟ ଜଳ ବନ୍ଦ ହୋଇଯାଇଛି। ଏଠାରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି । ପାନୀୟ ଜଳ ବନ୍ଦ ହୋଇ ଯିବାରୁ ଲୋକେ ଏ ନେଇ ସରପଞ୍ଚ, ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ। ହେଲେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ଗ୍ରାମବାସୀ ବାଧ ହୋଇ କଟ୍ରିଙ୍ଗିଆ ଛକ ପାଖରେ ଫୁଲବାଣୀ-ଗୋଛାପଡା ରାସ୍ତା ଅବରୋଧ କରିଥିଲେ। ଦୀର୍ଘ ସମୟ ଧରି ରାସ୍ତା ଅବରୋଧ ହେବାରୁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ୱାର୍ଡ ମେମ୍ବର ଫୋନ ଯୋଗେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ। ତୁରନ୍ତ ଆମେ ଯାଇ ସମସ୍ୟା ସମାଧାନ କରିବୁ ବୋଲି ଯନ୍ତ୍ରୀ କହିବା ପରେ ଲୋକେ ରାସ୍ତାରୁ ହଟିଥିଲେ। ପରେ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଏକ ଟିମ ଆସି ଅଚଳ ହୋଇଥିବା ମୋଟରକୁ ସଜାଡ଼ି ଥିଲେ। ଗ୍ରାମକୁ ତୁରନ୍ତ ପାନୀୟ ଜଳ ଯୋଗାଣ ହୋଇଥିଲା।

## ଗଞ୍ଜାମ ପୋଲିସର ସ୍ୱାସ୍ଥ୍ୟ ସଚେତନତା

ଛତ୍ରପୁର,୨୨।୫(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ): ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଗୁରୁବାର ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ମଧୁମେହ ଓ ରକ୍ତଚାପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ର ଉଦଘାଟନ କରିଥିଲେ । ପୋଲିସ ଜିଲାରେ କାର୍ଯ୍ୟରତ ପୋଲିସ ଅଧିକାରୀ ଓ କର୍ମଚାରୀ ମାନଙ୍କ ମଧୁମେହ ଓ ରକ୍ତଚାପ ପରୀକ୍ଷା ସହ ସ୍ୱାସ୍ଥ୍ୟ ଯାଞ୍ଚ ମେଡିକାଲ ଟିମ୍ ଦ୍ୱାରା କରାଯାଇଥିଲା । ପରେ ଏସପିଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଡାଇବେଟିସ ବିଶେଷଜ୍ଞ ଡାକ୍ତର ସୁନୀଲ କୋଟାଙ୍କ ଦ୍ୱାରା ମଧୁମେହ ଓ ରକ୍ତଚାପ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । କିଭଳି ଅତି ଶୀଘ୍ର ମଧୁମେହ ଓ ରକ୍ତଚାପ ପରୀକ୍ଷା କରିବା ସହ ସୁନ୍ଦର ଜୀବନ ଯାପନ ଓ ନିରୋଗ ରହିବେ ସେ ନେଇ ଡାକ୍ତର କୋଟା ବୁଝାଇଥିଲେ ।

## ଏନ୍‌ଏସି ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ଡକ୍ଟରେଟ ଉପାଧି

କବିସୂର୍ଯ୍ୟନଗର,୨୨।୫(କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ଏନ୍‌ଏସି ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁଙ୍କୁ ଡକ୍ଟରେଟ ଉପାଧି ମିଳିଛି । ସମାଜରେ ଉଲ୍ଲେଖନୀୟ ସେବା, ସଂଗଠନ ଓ ଉତ୍ସର୍ଗୀକୃତ ମନୋଭାବ ହେତୁ ସେ ଏହା ପାଇଛନ୍ତି । ଜଣେ ଶିକ୍ଷାବିତ,ମେଳାପୀ ଓ ସାହିତ୍ୟ ଅନୁରାଗୀ ସାହୁଙ୍କ ଯୋଗୁ ଅଞ୍ଚଳର ବିକାଶ ଶୀର୍ଷରେ ପହଞ୍ଚିପାରିଛି । ୱାର୍ଲଡ ଚାରିଟି ୱେଲଫେର ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ୱାର୍ଲଡ ଚାରିଟି ଆୱାର୍ଡ ସେରମନିରେ ସାହୁଙ୍କୁ ଡକ୍ଟରେଟ ଉପାଧିରେ ମାନପତ୍ର, ସିଲ୍ଡ, ପଦକ ପ୍ରଦାନ କରାଯାଇଛି । ବିଭିନ୍ନ ଅନୁଷ୍ଠାନ, ରାଜନେତା, ସଂଗଠନ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

### ୧୭ ଦିନରେ ପାଟଖଣ୍ଡା ଠାକୁରାଣୀ ଯାତ୍ରା

## ବିଶ୍ରାମ ଦିବସରେ ଦର୍ଶନ କରିବାର ଅନୁଭୂତି ନିଆରା

ବାଲିଗୁଡ଼ା,୨୨।୫ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାର ଗୁରୁବାର ମା'ଙ୍କ ବିଶ୍ରାମ ଦିବସ ଥିବାରୁ ଅନ୍ୟ ଦିନ ତୁଳନାରେ ଅଧିକ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ଏଥି ପାଇଁ ଗାନ୍ଧୀ ଛକ ସ୍ଥିତ ମା'ବରାଳ ଦେବୀ ମନ୍ଦିର ଅସ୍ଥାୟୀ ମଣ୍ଡପ ବର୍ତ୍ତମାନ ଚଳ ଚଞ୍ଚଳ ହୋଇଛି। ଅସ୍ଥାୟୀ ପୀଠରେ ମା' ପାଟଖଣ୍ଡା ଙ୍କ ସମେତ ମା' କନକ ଦୁର୍ଗା, ମା' ଡେଙ୍ଗସିଲ, ମା' ବରାଳଦେବୀ, ମା' ମହାମାୟୀ ଓ ମା' ଦକ୍ଷିଣ କାଳୀ ବିରାଜ ମାନ ଅଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋହିତ ଭାବେ ସଞ୍ଜୟ ଦାସ ଦାୟିତ୍ୱ ତୁଲାଉଥିବା ବେଳେ ମୁଖ୍ୟ ପ୍ରଚାରକ ଭାବେ ନୀଳକଣ୍ଠ ମିଶ୍ର, ମୁଖ୍ୟ ସେବାକାରୀ ଭାବେ ସନ୍ତୋଷ ଦାସ ଏବଂ ମୁଖ୍ୟ ସେବକ ଭାବେ ପ୍ରକାଶ ଚନ୍ଦ୍ର ପାଢ଼ୀ ଓ ଶ୍ରୀକାନ୍ତ ପଣ୍ଡା ଉପସ୍ଥିତ ରହି ନିଜ ନିଜର ଦାୟିତ୍ୱ ପରିଚାଳନା କରିଛନ୍ତି। ଶୁକ୍ରବାର ମା 'ମାନଙ୍କ ଘଟ ଇଲେକ୍ଟ୍ରିସାହି ଓ ଶନିବାର ଜାମପଦା ସାହି ପୂଜା କମିଟି ଅଞ୍ଚଳକୁ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ କମିଟିର ସଭାପତି ଲଳିତ କୁମାର ପାତ୍ର, ସମ୍ପାଦକ ଶିବରାମ ପ୍ରଧାନୀ, ସହ ସମ୍ପାଦକ ଗଙ୍ଗାଧର ଭୋଇ, କୋଷାଧ୍ୟକ୍ଷ ଅଶୋକ ସାହୁଙ୍କ ସମେତ ଠାକୁରାଣୀ ଯାତ୍ରା ପରିଚାଳନା କମିଟିର ୫ଜଣିଆ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।



ଅସ୍ଥାୟୀ ମଣ୍ଡପରେ ପୂଜା ପାଉଛନ୍ତି ମା

## ଯୁବ କଂଗ୍ରେସ ପକ୍ଷରୁ ରକ୍ତଦାନ ଶିବିର



ରକ୍ତଦାନ ଶିବିରରେ ଉପସ୍ଥିତ ସାନଖେମୁଣ୍ଡି ବିଧାୟକ ଓ ଅନ୍ୟମାନେ।

ହିଞ୍ଜିଳିକାଟୁ,୨୨।୫(ଦ୍ୱିତୀକୃଷ୍ଣ ପଣ୍ଡା):

ହିଞ୍ଜିଳିକାଟୁ ଯୁବ କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ପୁଣ୍ୟତିଥି ଅବସରରେ ଗୁରୁବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଛାତ୍ର କଂଗ୍ରେସ ସଭାପତି ସଞ୍ଜୟ କୁମାର ସ୍ୱାଇଁ ଓ ପ୍ରାକ୍ତନ ବ୍ଲକ କଂଗ୍ରେସ ସଭାପତି ଶିରାମ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲାରେ ରକ୍ତ ଅଭାବରୁ କାହାରି ମୃତ୍ୟୁ ହେବାକୁ ଦିଆଯିବ ନାହିଁ ବୋଲି ବିଧାୟକ ଜେନା କହିଛନ୍ତି। ଶିବିରରେ ୧୦୬ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବ୍ରହ୍ମପୁର ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ପିସିସି ସଭ୍ୟ ପଦ୍ମଚରଣ ସାହୁ, ଉମାକାନ୍ତ ଶର୍ମା, ପୂର୍ବତନ ବ୍ଲକ ସଭାପତି ମନୋଜ ସ୍ୱାଇଁ, ଲକ୍ଷ୍ମୀ ପାତ୍ର, ରାମ ନାରାୟଣ ବିଶ୍ୱାସରାୟ ପ୍ରମୁଖଙ୍କ ସମେତ ଯୁବ ଓ ଛାତ୍ର କଂଗ୍ରେସ କର୍ମୀ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ୧୩୦ ବର୍ଷ ପରେ ହେଲା ଚେବୀଟାମ୍ମାଙ୍କ ଯାତ୍ରା



ଗୋସାଣୀ,୨୨।୫(ଗଣେଶ ପାତ୍ର):

ଗଜପତି ଜିଲା ଗୋଷାଣି ବ୍ଲକ ବାଘଶାଳା ପଞ୍ଚାୟତ ତାମ୍ପରକଇଠା ଗ୍ରାମରେ ଦୀର୍ଘ ୧୩୦ବର୍ଷ ପରେ ଗ୍ରାମଦେବୀ ଚେବୀଟାମ୍ମାଙ୍କ ଯାତ୍ରା ଅନୁଷ୍ଠିତ ହୋଇଛି। ୫ ଦିନ ଧରି ଚାଲିଥିବା ଏହି ଯାତ୍ରା ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର ଲୋକ ନିଜ ବନ୍ଧୁ ଘରକୁ ଆସିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ମା'ଙ୍କୁ ଗ୍ରାମ ପରିକ୍ରମା କରାଯାଉଥିଲା। ଏଥିସହ ବିଭିନ୍ନ ପ୍ରକାର ମନୋରଞ୍ଜନ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ମା'ଙ୍କ ଗ୍ରାମ ପରିକ୍ରମା ସମୟରେ ବିଭିନ୍ନ ନାଚଗୀତ, ବାଦ୍ୟଯନ୍ତ୍ର, ଆଲୋକମାଳାର ମନ ମୋହିଥିଲା। ମାନସିକଧାରୀ ଭକ୍ତମାନେ ମୁଣ୍ଡନ କରିଥିବା ବେଳେ ଆଉ କେତେକ ମାନସିକଧାରୀ ବିଭିନ୍ନ ବେଶ ହୋଇଥିଲେ। ବୁଧବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ମା'ଙ୍କୁ ଗ୍ରାମ ପରିକ୍ରମା କରିବା ପରେ ଯାତ୍ରା ସମାପନ ହୋଇଥିଲା। ତାମ୍ପରକଇଠା ଗ୍ରାମ ସମେତ ଗୋଷାଣି ବ୍ଲକ, ପାରଳାଖେମୁଣ୍ଡି ସହରାଞ୍ଚଳ ଓ ପଡୋଶୀ ଆନ୍ଧ୍ରପ୍ରଦେଶର ବିଭିନ୍ନ ଗ୍ରାମାଞ୍ଚଳର ଲୋକେ ଯାତ୍ରକୁ ଆସିଥିଲେ।

## ସ୍ୱଧର୍ମକୁ ଫେରିଲେ ୨୯ ପରିବାର

ମୋହନା,୨୨।୫(ମନ୍ମଥ ମିଶ୍ର): ଗଜପତି ଜିଲା ମୋହନା ବ୍ଲକ ମୋହାଗଣ୍ଡା ଗ୍ରାମର ୨୯ ପରିବାରର ୧୫୦ ମହିଳା ଓ ପୁରୁଷ ସ୍ୱଧର୍ମକୁ ଫେରିଛନ୍ତି। ଏହି ଅବସରରେ ସେଠାରେ ସଂସ୍କାର ଦୀକ୍ଷା କାର୍ଯ୍ୟକ୍ରମରେ ଘୃତଯଜ୍ଞ, ନାମଯଜ୍ଞ, ଜ୍ଞାନଯଜ୍ଞ ଆଦି ହୋଇଥିଲା । ପ୍ରଥମେ କଳସ ଯାତ୍ରା ପରେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ସାଂସ୍କୃତିକ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଗାଁ ସଭାପତି ବିପ୍ର ମଲ୍ଲିକ, ହାଣ୍ଡିଆକେନ୍ଦ୍ର ସଭାପତି ଜୁରିଆ ମଲ୍ଲିକ, ସର୍ବଚ ସଭାପତି କବିରାଜ ମଲିକ, ସାତକେନ୍ଦ୍ର ସଭାପତି, ସମ୍ପାଦକ ଚୈତନ୍ୟ ମଲ୍ଲିକ, କୋଷାଧକ୍ଷ ମୁନା ମଲ୍ଲିକ, ମୁଖ୍ୟ ଅତିଥି ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ହରି ମଲ୍ଲିକ, ଉପଦେଷ୍ଟା ଉମେଶ ମଲ୍ଲିକ, ଗୀତା ଶିକ୍ଷା ଲକ୍ଷ୍ମଣ ମଲ୍ଲିକ ଉପସ୍ଥିତ ଥିବା ବେଳେ ଦୁଃଖୀ ମଲ୍ଲିକ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ପୁରୋହିତ ଭାବେ ତରଣୀ ସେନ ଦାସ କାର୍ଯ୍ୟ ସମ୍ପାଦନ କରିଥିଲେ। ବହୁ ସଂଖ୍ୟାରେ ହିନ୍ଦୁ ଉପସ୍ଥିତ ଥିଲେ।

## ରାସ୍ତା ପାଇଁ ସଚେତନ ହେଲେ ଲୋକେ


**ଧରିତ୍ରୀ ପ୍ରଭାବ**

ପାରଳାଖେମୁଣ୍ଡି,୨୨।୫(ଗିରିଧାରୀ ପରିଚ୍ଛା):

ପାରଳାଖେମୁଣ୍ଡିର ମୁଖ୍ୟ ରାସ୍ତାର ଦୂରାବସ୍ଥା ଓ ଅନିୟମିତାକୁ ନେଇ ଗତ ୨୦ ତାରିଖରେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଗୁରୁବାର ପାରଳାଖେମୁଣ୍ଡିର କେତେଜଣ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ଡିପିଆର ମୁତାବକ ବର୍ତ୍ତମାନ ଯେଉଁ ମାପଚୁପ ଚାଲିଛି ତାହାକୁ ସ୍ଥଗିତ କରି ରାସ୍ତାର ଦୋହରୀକରଣ ପାଇଁ ପୁର୍ନବିଚାର ନିମନ୍ତେ ଦାବିପତ୍ର ଦେବା ସହ ଆଲୋଚନା କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ସହରରେ ଗାଡିମୋଟର ସଂଖ୍ୟା ବଢ଼ିବାରେ ଲାଗିଛି। ସେହି ତୁଳନାରେ ରାସ୍ତା ପ୍ରଶାସ୍ତୀକରଣ କରାଯିବା, ଉଠା ଦୋକାନୀ ଏବଂ କୃଷି ଭିତ୍ତିକ ଉପାଦାନ ପାଇଁ ସ୍ୱତନ୍ତ୍ର ବଜାର ପ୍ରସ୍ତୁତ କରିବା କିମ୍ବା ରାସ୍ତା ପ୍ରଶାସ୍ତିକରଣ ନୂତନ ଢାଞ୍ଚାରେ ଜମି ଅଧିଗ୍ରହଣ କରାଯାଇ ରାସ୍ତା ପ୍ରଶାସ୍ତିକରଣ ପାଇଁ ନୂତନ ପ୍ରସ୍ତାବ ଦେବାଭଳି କୌଣସି ଉଦ୍ୟମ ଜିଲା ପ୍ରଶାସନ କି ପୌର ପାଳିକା କେହି କରିନାହାନ୍ତି। ବର୍ତ୍ତମାନ ପାରଳାଖେମୁଣ୍ଡି ସହରରେ ସର୍ବନିମ୍ନ ଆବଶ୍ୟକତା ରହିଛି ସହରର ମୁଖ୍ୟ ରାସ୍ତା ୬୪ଫୁଟ ହେବା ଆବଶ୍ୟକ।ଲୋକଙ୍କ ନିକଟରୁ ଟିକସ ଆକାରରେ ଆଦାୟ କରାଯାଉଥିବା ଟଙ୍କାର ଅପବ୍ୟବହାର କରାଯାଇ ରାସ୍ତାର ଆବଶ୍ୟକତାକୁ ଅଣଦେଖା କରାଯାଉଛି ବୋଲି କହିଛନ୍ତି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଆଲୋଚନା କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ବର୍ତ୍ତମାନ ଯେଉଁ ରାସ୍ତା କାର୍ଯ୍ୟ ଚାଲିଛି ସେଥିପାଇଁ ପୂର୍ତ୍ତ ବିଭାଗୀୟ ଅଧିକାରୀଙ୍କୁ ଡାକି ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଧରିତ୍ରୀ DHARITRI
ଧରିତ୍ରୀ 51 Years

www.orissakhabar.com/ www.dharitri.com | ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୨୩/୨୦୨୫ Bhubaneswar, Friday, May 23/ 2025




# ଗୁଜରାଟକୁ ହରାଇଲା ଲକ୍ଷ୍ନୌ



ଶଟ୍ ଖେଳିବା ଅବସରରେ ମିଚେଲ ମାର୍ଶ।

**ଅହମଦାବାଦ,୨୨।୫**

ଚଳିତ ଆଇପିଏଲ୍‌ରେ ଗୁରୁବାର ଖେଳାଯାଇଥିବା ଏକ ହାଇ ସ୍କୋରିଂ ଲିଗ୍ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ୩୩ ରନରେ ଗୁଜରାଟ ଟାଇଟନ୍ସ (ଜିଟି)କୁ ପରାସ୍ତ କରିଛି। ପୂର୍ବରୁ ପ୍ଲେଅଫ୍‌ରୁ ବାଦ୍ ପଡ଼ିଥିବା ଲକ୍ଷ୍ନୌ ଲାଗି ଏହା ଷଷ୍ଠ ବିଜୟ।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୩୫ ରନ କରିଥିଲା। ମିଚେଲ ମାର୍ଶ ୬୪ ବଲରେ ୧୦ ଚୌକା ଓ ୮ ଛକା ସହିତ ୧୧୭ ରନର ଶତକୀୟ ପାଳି ଖେଳିଥିଲେ। ଏହା ତାଙ୍କ ଆଇପିଏଲ କ୍ୟାରିୟରର ପ୍ରଥମ ଶତକ ଥିଲା। ନିକୋଲସ ପୁରନ ୨୭ ବଲରେ ୫୬ (୪ ଚୌକା ଓ ୫ ଛକା) ଓ ଏଡେନ ମାରକ୍ରାମ ୩୬ (୩ ଚୌକା ଓ ୨ ଛକା) ରନ କରିଥିଲେ। ଜବାବରେ ଗୁଜରାଟକୁ ଶୁବମନ ଗିଲ ଓ ସାଇ ସୁଦର୍ଶନ ୪୬ ରନର ଆରମ୍ଭ ଦେଇଥିଲେ। ପ୍ରଥମେ ସୁଦର୍ଶନ ୨୧ (୪ ଚୌକା) ଓ ତାଙ୍କ ପଛରେ ଗିଲ ୩୫ (୭ ଚୌକା) ଏବଂ ଜୋସ ବଟଲର ୩୩ (୩ ଚୌକା ଓ ୨ ଛକା) ରନ କରି ପାଭିଲିଅନ ଫେରିଥିଲେ। ଏହାପରେ ଶାହରୁଖ ଖାନ ଓ ଶେର୍ଫାନେ ରଦରଫୋର୍ଡ ଚତୁର୍ଥ ଉଇକେଟରେ ୩୯ ବଲରେ ଦ୍ରୁତ ୮୬ ରନ ଯୋଡ଼ିଥିଲେ। ହେଲେ ତାହା ଦଳକୁ ଜିତାଇ ପାରିନଥିଲା। ଦଳ ପାଇଁ ଶାହରୁଖ ଖାନ ୨୯ ବଲରେ ୫୭ (୫ ଚୌକା ଓ ୩ ଛକା) ଓ ରଦରଫୋର୍ଡ ୩୮(୧ ଚୌକା ଓ ୩ ଛକା) ରନ କରି ଥିଲେ। ଫଳରେ ଗୁଜରାଟ ୨୦ ଓଭରରେ ୯ ଉଇକେଟ ହରାଇ ୨୦୨ ରନ କରିପାରିଥିଲା। ଲକ୍ଷ୍ନୌ ପକ୍ଷରୁ ୱିଲିୟମ ଓରର୍କେ ୩ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ:** ୨୦ ଓଭରରେ ୨୩୫/୨ (ମିଚେଲ ମାର୍ଶ-୧୧୭, ନିକୋଲସ ପୁରନ-୫୬*,ଏଡେନ ମାରକ୍ରାମ-୩୬, ସାଇ କିଶୋର-୧/୩୪, ଆର୍ଶଦ ଖାନ-୧/୩୬)। **ଗୁଜରାଟ ଟାଇଟନ୍ସ:** ୨୦ ଓଭରରେ ୨୦୨/୯(ଶାହରୁଖ ଖାନ-୫୭, ଶେର୍ଫାନେ ରଦରଫୋର୍ଡ-୩୮, ଶୁବମନ ଗିଲ-୩୫,ଜୋସବଟଲର-୩୩,ୱିଲିଅମ ଓରର୍କେ-୩/୨୭, ଆୟୁଷ ବଦୋନୀ-୨/୪, ଆଭେଶ ଖାନ-୨/୪୧)।

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ବେଙ୍ଗାଲୁରୁ ବନାମ ହାଇଦ୍ରାବାଦ**

ସ୍ଥାନ: ଲକ୍ଷ୍ନୌ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା ନାଇଟ ରାଇଡର୍ସ | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୨ | ୪ | ୭ | ୧ | ୯ | -୧.୦୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

# ମାହାତ୍ରେ ଅଧିନାୟକ, ସୂର୍ଯ୍ୟବଂଶୀଙ୍କୁ ସୁଯୋଗ

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**

ମୁମ୍ବାଇର ଆୟୁଷ ମାହାତ୍ରେ ଆସନ୍ତା ମାସରେ ଇଂଲଣ୍ଡ ଟୁର୍‌ରେ ଯିବାକୁଥିବା ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଦଳରେ ୧୪ବର୍ଷୀୟ ବ୍ୟାଟିଂ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀଙ୍କୁ ନିଆଯାଇଛି। ଟୁର୍ ଜୁନ୍ ୨୪ରୁ ଆରମ୍ଭ ହେବ। ଏଥିରେ ଏକ ୫୦ଓଭର ବିଶିଷ୍ଟ ୱାର୍ମ ଅପ୍ ମ୍ୟାଚ ସାମିଲ କରାଯାଇଛି। ପରେ ଇଂଲଣ୍ଡର ୧୯ବର୍ଷରୁ କମ୍ ଦଳ ବିପକ୍ଷରେ ଏକ ୫ ମ୍ୟାଚ ବିଶିଷ୍ଟ ୟୁଥ୍ ଦିନିକିଆ ସିରିଜ ଏବଂ ଦୁଇଟି ମଲ୍ଟି-ଡେ ମ୍ୟାଚ ଖେଳାଯିବ। ଚଳିତ ଆଇପିଏଲ୍ ସିଜନରେ ରାଜସ୍ଥାନ ରୟାଲ୍ସରେ ବ୍ରେକ୍ ଥ୍ରୁ କରି ଚମତ୍କାର ପ୍ରଦର୍ଶନ କରିବାରୁ ତାଙ୍କୁ ଭାରତୀୟ ଦଳରେ ସୁଯୋଗ ମିଳିଛି। ବିହାର ରାଜ୍ୟ ଅନ୍ତର୍ଗତ ସମସ୍ତିପୁରର ଏହି ସ୍ୱଳ୍ପ ବୟସ୍କ ବ୍ୟାଟର ଗତ ମାସରେ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଦେଶର ସର୍ବକନିଷ୍ଠ ବ୍ୟାଟର ଭାବରେ ମାତ୍ର ୩୫ ବଲ୍‌ରେ ଶତକ ହାସଲ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲିଗ୍‌ରେ ଏହା ମଧ୍ୟ ଦ୍ୱିତୀୟ ଦ୍ରୁତତମ। ସେ ଆହୁରି ମଧ୍ୟ ବିହାର ତରଫରୁ ୫ ପ୍ରଥମ ଶ୍ରେଣୀ ଏବଂ ୬ ଲିଷ୍ଟ 'ଏ' ଗେମ୍ ଖେଳିଛନ୍ତି। ହେଲେ ଏହିସବୁ ମ୍ୟାଚରେ ସେ ଗୋଟିଏ ହେଲେ ଶତକ ହାସଲ କରିବାରେ ସଫଳ ହୋଇପାରି ନାହାନ୍ତି। ତେବେ ସୂର୍ଯ୍ୟବଂଶୀ ଗତବର୍ଷ ଚେନ୍ନାଇଠାରେ ଅଷ୍ଟ୍ରେଲିଆର ୧୯ବର୍ଷରୁ କମ୍ ଦଳ ବିପକ୍ଷ ପ୍ରଥମ ୟୁଥ୍ ଟେଷ୍ଟରେ ଏକ ଶତକ ହାସଲ କରିଥିଲେ। ଅନ୍ୟପକ୍ଷରେ ୧୭ ବର୍ଷୀୟ ମାହାତ୍ରେ ୯ଟି ପ୍ରଥମଶ୍ରେଣୀ ମ୍ୟାଚ ଏବଂ ୭ ଲିଷ୍ଟ 'ଏ' ଗେମ୍ ଖେଳି ୯୬୨ରନ ସ୍କୋର କରିଛି। ଏହି ଓପନର ଚଳିତ ସିଜନର ମଧ୍ୟଭାଗରେ ଚେନ୍ନାଇ ସୁପରକିଙ୍ଗ୍ସ ଅଧିନାୟକ ଋତୁରାଜ ଗାଏକ୍ୱାଡ୍‌ଙ୍କ ସ୍ଥାନରେ ଦଳରେ ସୁଯୋଗ ପାଇଥିଲେ। କହୁଣିରେ ଆଘାତପ୍ରାପ୍ତ ଯୋଗୁ ଋତୁରାଜ ଦଳରୁ ବାଦ୍ ପଡ଼ିଥିଲେ। ମୁମ୍ବାଇ ଉଇକେଟକିପର-ବ୍ୟାଟର ଅଭିଜ୍ଞାନ କୁଣ୍ଡୁଙ୍କୁ ମାହାତ୍ରେଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ ଜଣେ ଖେଳାଳି ହେଲେ କେରଳ ଲେଗ୍‌ସ୍ପିନର ମହମ୍ମଦ ଏନାନ୍, ଯିଏକି ଗତ ଡିସେମ୍ବରରେ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏନାନ୍ ଅଷ୍ଟ୍ରେଲିଆ ବିପକ୍ଷ ଦୁଇଟି ଟେଷ୍ଟ ମ୍ୟାଚରେ ୧୬ ଉଇକେଟ ନେଇ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ପଞ୍ଜାବ ଅଫ୍-ସ୍ପିନର ଅନମୋଲଜିତ୍ ସିଂ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ଭାବେ ୯ଟି ଉଇକେଟ ହାସଲ କରିଥିଲେ। ତାଙ୍କୁ ମଧ୍ୟ ଦଳରେ ସ୍ଥାନ ମିଳିଛି।

**ଭାରତ ୧୯ ବର୍ଷରୁ କମ୍ ଦଳ:** ଆୟୁଷ ମାହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିଭାନ ମାଲହୋତ୍ରା, ମୌଲ୍ୟରାଜସିଂ ଚାଭଡା, ରାହୁଲ କୁମାର, ଅଭିଜ୍ଞାନ କୁଣ୍ଡୁ (ଉପଅଧିନାୟକ ଓ ଉଇକେଟକିପର), ହରବଂଶ ସିଂ (ଉଇକେଟକିପର), ଆର୍.ଏସ୍. ଅମ୍ବରିଶ, କନିଷ୍କ ଚୌହାନ, ଖଲାନ ପଟେଲ, ହେନିଲ ପଟେଲ, ଯୁଦ୍ଧଜିତ୍ ଗୁହା, ପ୍ରଣବ ରାଘବେନ୍ଦ୍ର, ମହମ୍ମଦ ଏନାନ୍, ଆଦିତ୍ୟ ରାଣା, ଅନମୋଲଜିତ୍ ସିଂ।



ଆୟୂଷ ମାହାତ୍ରେ

### ଭାରତ ୧୯ବର୍ଷରୁ କମ୍ ଦଳର ଇଂଲଣ୍ଡ ଟୁର୍

# ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ଆୟୋଜନ ଲାଗି ଓଡ଼ିଶା ଆଗ୍ରହୀ

**ଡିଉ,୨୨।୫(ପି.ଟି.):** ପ୍ରଥମ ଖେଲୋ ଇଣ୍ଡିଆ ବିଚ୍‌ଗେମ୍ସର ସଫଳତାରେ ଉତ୍ସାହିତ ହୋଇ ଓଡ଼ିଶା ପରବର୍ତ୍ତୀ ସଂସ୍କରଣର ଆୟୋଜନ ଲାଗି ଆଗ୍ରହ ପ୍ରକାଶ କରିଛି। ଘୋଘଲା ବେଳାଭୂମିରେ ଚାଲିଥିବା ୬ ଦିନିଆ ପ୍ରତିଯୋଗିତାରେ ୮ଟି ବିଭାଗରେ ୨,୧୦୦ରୁ ଅଧିକ ଆଥ୍‌ଲେଟ ଅଂଶଗ୍ରହଣ କରୁଛନ୍ତି। ଗତବର୍ଷ ଆଞ୍ଚଳିକ ପ୍ରତିଯୋଗିତା ଭାବେ ଆୟୋଜିତ ଏହି ଇଭେଣ୍ଟକୁ ଭାରତ ସରକାରଙ୍କ ଖେଲୋ ଇଣ୍ଡିଆ ବ୍ୟାନରରେ ଆୟୋଜନ କରାଯାଉଛି। ଏହି ଇଭେଣ୍ଟର ପରବର୍ତ୍ତୀ ସଂସ୍କରଣର ଆୟୋଜନ ଅଧିକାର ଲାଗି ଓଡ଼ିଶା ବିଡିଂ କରିବ। ୪୮୦ କିମି ଲମ୍ବା ବେଳାଭୂମି ଥିବା ଓଡ଼ିଶାରେ ଗୋପାଳପୁର, ପୁରୀ, ଚାନ୍ଦିପୁର ଭଳି ଭେନ୍ୟୁ ରହିଛି। ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ଓଏସ୍‌ଡି ଧୀରଜ ପଟ୍ଟନାୟକ କହିଛନ୍ତି, ଆମର ୪୬ ଜଣିଆ ଦଳ ଭାଗ ନେଇ ପେଞ୍ଚାକ ସିଲାଟରେ ଗୋଟିଏ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ଜିତିଛି।

# ବେଥେଲଙ୍କ ସ୍ଥାନରେ ସିଫର୍ଟ

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**

ଆଇପିଏଲ୍ ପ୍ଲେ-ଅଫ୍ ବେଳକୁ ଇଂଲଣ୍ଡ ବ୍ୟାଟର ଜାକବ ବେଥେଲ ଉପଲବ୍ଧ ହେବେ ନାହିଁ। ଫଳତଃ ତାଙ୍କ ସ୍ଥାନରେ ନ୍ୟୁଜିଲାଣ୍ଡର ଟିମ୍ ସିଫର୍ଟ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଦଳ ସହିତ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବେଥେଲ ତାଙ୍କ ଦେଶ ପାଇଁ ମ୍ୟାଚ ଖେଳିବାକୁଥିବାରୁ ପ୍ଲେ ଅଫ୍‌ରେ ସେ ତାଙ୍କ ଦଳ ପାଇଁ ଖେଳିପାରିବେ ନାହିଁ। ଖେଳାଳି ବଦଳ ମେ ୨୪ରୁ କାର୍ଯ୍ୟକାରୀ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କହିଛି। ସୂଚନାଯୋଗ୍ୟ, ସିଫର୍ଟ ନ୍ୟୁଜିଲାଣ୍ଡ ତରଫରୁ ୬୬ ଅନ୍ତର୍ଜାତୀୟ ଟି୨୦ ଖେଳି ୧୫୪୦ରନ ସ୍କୋର କରିଛନ୍ତି। ଏହା ପୂର୍ବରୁ ୨୦୨୨ ଆଇପିଏଲ୍‌ରେ ସେ ମାତ୍ର ୩ଟି ଗେମ୍ ଖେଳିଥିଲେ। ସେ ଆର୍‌ସିବିରେ ମାତ୍ର ଦୁଇ କୋଟି ଟଙ୍କା ବିନିମୟରେ ଯୋଗଦାନ କରିଥିଲେ। ବେଥେଲ ଏଥର ଆରସିବି ପାଇଁ ତାଙ୍କ ଶେଷ ଗେମ୍ ଶୁକ୍ରବାର ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଖେଳିବେ। ଏହି ଦଳର ଏହାର ଶେଷ ଲିଗ୍ ଗେମ୍ ମେ ୨୭ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ବିପକ୍ଷରେ ଖେଳିବ। ଅନ୍ୟତମ ଦଳ ଭାବେ ପଞ୍ଜାବ କିଙ୍ଗ୍ସ ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେଅଫ୍‌ରେ ପ୍ରବେଶ କରିଛନ୍ତି। ଗୁଜରାର ଟାଇଟନ୍ସ ତରଫରୁ ଖେଳୁଥିବା ଜୋସ୍ ବଟଲର ମଧ୍ୟ ପ୍ଲେ-ଅଫ୍‌ରୁ ଓହରିଯାଇଛନ୍ତି। କାରଣ ସେ ସମୟରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଇଂଲଣ୍ଡ ହୋମ୍ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି।



ଟିମ୍ ସିଫର୍ଟ

# ଦାୟିତ୍ୱ ହସ୍ତାନ୍ତର କଲେ କୋଭେଣ୍ଟ୍ରୀ

**ବ୍ରିସ୍‌ବେନ, ୨୨।୫(ଏପି):** ଆସନ୍ତା ମାସରେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ସଭାପତି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ କ୍ରିଷ୍ଟ୍ରୀ କୋଭେଣ୍ଟ୍ରୀ ଗୁରୁବାର ବ୍ରିସ୍‌ବେନ ୨୦୩୨ ଅଲିମ୍ପିକ୍ସ ଯୋଜନା ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ୩ ଦିନିଆ ଅଷ୍ଟ୍ରେଲିଆର କ୍ୱିନ୍ସଲାଣ୍ଡ ଗସ୍ତରେ ଥିବା କୋଭେଣ୍ଟ୍ରୀ ୨୦୩୨ ଅଲିମ୍ପିକ୍ ଲାଗି ଆଇଓସିର କୋଅର୍ଡିନେଶନ କମିଶନର ସଭାପତି ପଦକୁ ମିକାଏଲା କୋଜୁଆକୋ ଜଓ୍ୱର୍ସ୍କିଙ୍କୁ ପ୍ରଦାନ କରିଛନ୍ତି।

# ୧୩ କ୍ରୀଡ଼ାରେ ହେବ ନ୍ୟାଶନାଲ ଲିଗ୍

**ନୂଆଦିଲ୍ଲୀ,୨୨।୫(ପି.ଟି.)**

ବକ୍ସିଂ ଓ ରେସଲିଂ ସମେତ ୧୩ କ୍ରୀଡ଼ା ଲାଗି ଫ୍ରାଞ୍ଚାଇଜଭିତ୍ତିକ ଇଭେଣ୍ଟର ପରିଚାଳନାକୁ ତଦାରଖ କ୍ଷେତ୍ରରେ ଜାତୀୟ ଫେଡେରେଶନ ଓ କର୍ପୋରେଟ ହାଉସ ସହିତ କ୍ରୀଡ଼ା ମନ୍ତ୍ରଣାଳୟ ସମ୍ପୃକ୍ତ ରହିବ। ହକି, କବାଡ଼ି ଭଳି ଲିଗ୍‌ରେ କର୍ପୋରେଟ ପାଣ୍ଠି ଯୋଗାଇବାରେ ସମ୍ପୃକ୍ତ ଥିବା ମନ୍ତ୍ରଣାଳୟ ଚଳିତବର୍ଷରୁ ସାଇକ୍ଲିଂ ଓ ରଗ୍‌ବୀ ଭଳି ଇଭେଣ୍ଟରେ ଖୁବ୍‌ଶୀଘ୍ର ଲିଗ୍ ଆଣିବାକୁ ଯାଉଛି। ବାସ୍କେଟବଲ, ବ୍ୟାଡ୍‌ମିଣ୍ଟନ, ଆର୍ଚେରୀ, ବକ୍ସିଂ, ରେସଲିଂ, ହ୍ୱାଇଟ୍ ୱାଟର ସ୍ପୋର୍ଟ୍ସ ଓ ପୋଲୋ ଆଦି କ୍ଷେତ୍ରରେ ଲିଗ୍ ଯୋଜନା ପର୍ଯ୍ୟାୟରେ ରହିଛି।

ଫ୍ରାଞ୍ଚାଇଜଭିତ୍ତିକ ଲିଗ୍ ସୃଷ୍ଟି କରିବା ପାଇଁ ମନ୍ତ୍ରଣାଳୟ ଖର୍ଚ୍ଚ କରିବ ନାହିଁ। କିନ୍ତୁ ଖର୍ଚ୍ଚ କରିବାକୁ ଇଚ୍ଛୁକ ଥିବା କର୍ପୋରେଟ୍ସଙ୍କୁ ଆଣିବୁ। ଆମେ ଫେଡେରେଶନ ଓ କର୍ପୋରେଟ ହାଉସ ମଧ୍ୟରେ ଏକ ମାଧ୍ୟମ ଭଳି କାମ କରିବୁ। କାରଣ କିଛି ଜାତୀୟ ଫେଡେରେଶନ ନିକଟରେ କମ୍ପାନୀକୁ ପଛରେ ପକାଇବାର ସାମର୍ଥ୍ୟ ନାହିଁ। ଏହି ଲିଗ୍‌ଗୁଡ଼ିକ ଫ୍ରାଞ୍ଚାଇଜଭିତ୍ତିକ ହେବ। ଆର୍ଚେରୀ, ଶୁଟିଂ ଓ ଯୋଗାସନ ଆଦି ବ୍ୟକ୍ତିଗତ କ୍ରୀଡ଼ା ହୋଇଥିବାରୁ ଏହି ଲିଗ୍‌ର ଚରିତ୍ର ଭିନ୍ନ ହେବ ବୋଲି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କହିଛନ୍ତି। ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରତିଯୋଗିତା ହେବ। ଶୁଟିଂ ଲିଗ୍ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ହୋଇପାରେ। ଯୋଗାସନ ଲିଗ୍ ପାଇଁ ସେପ୍ଟେମ୍ବର ଶେଷ ସପ୍ତାହ ସ୍ଲଟ ବୁକ୍ କରାଯାଇଛି।

# ମ୍ୟୁନିକ୍ ଶୁଟିଂ ବିଶ୍ୱକପ୍‌ରେ ଭାଗନେବେ ଶ୍ରୀୟଙ୍କା

**ଭୁବନେଶ୍ୱର, ୨୨।୫ (ତପନ ସ୍ୱାଇଁ)**

ଜର୍ମାନୀର ମ୍ୟୁନିକ୍‌ଠାରେ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ (ରାଇଫଲ ଓ ପିସ୍ତଲ) ଜୁନ ୬ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶାର ଶ୍ରୀୟଙ୍କା ଷଡ଼ଙ୍ଗୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ୫୦ ମିଟର ରାଇଫଲ ୩ପି ମହିଳା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଏ ନେଇ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ ଇଣ୍ଡିଆ ପକ୍ଷରୁ ପତ୍ର ଯୋଗେ ଶ୍ରୀୟଙ୍କାଙ୍କୁ ଜଣାଇ ଦିଆଯାଇଛି। ଚୟନ ଟ୍ରାଏଲ ସମୟରେ ଶ୍ରୀୟଙ୍କାଙ୍କ ତ୍ୟାଗ, କଠିନ ପରିଶ୍ରମ ଓ ଅସାଧାରଣ ପ୍ରଦର୍ଶନକୁ ଆସୋସିଏଶନ ପକ୍ଷରୁ ପ୍ରଶଂସା କରାଯାଇଛି। ପ୍ରକାଶଯୋଗ୍ୟ, ସମ୍ବଲପୁରର ଶ୍ରୀୟଙ୍କା ଏହା ପୂର୍ବରୁ ୨୦୨୨ କାଏରୋ ବିଶ୍ୱକପ୍‌ର ୫୦ ମିଟର ରାଇଫଲ ୩ ପୋଜିଶନରେ ବ୍ରୋଞ୍ଜ, ୨୦୨୩ ଚାଙ୍ଗୱନ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ୫୦ ମିଟର ରାଇଫଏ ୩ ପୋଜିଶନରେ ସ୍ୱର୍ଣ୍ଣ ଓ ୧୦ ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହା ବ୍ୟତୀତ ଏସିଆନ ଏୟାରଗନ ଚାମ୍ପିୟନଶିପ୍ ଏବଂ ସାଉଥ୍ ଏସିଆନ ଗେମ୍ସର ଶୁଟିଂ ଇଭେଣ୍ଟରେ ସେ ଅନେକ ପଦକ ହାସଲ କରିଛନ୍ତି। ୨୦୧୦ରୁ ସେ ଶୁଟିଂ ବିଶ୍ୱକପରେ ଅଂଶଗ୍ରହଣ କରିବା ଆରମ୍ଭ କରିଥିଲେ। ତାଙ୍କ ବାପା ହେଉଛନ୍ତି କଲୋନେଲ ସୀତାଂଶୁ ଚରଣ ଷଡ଼ଙ୍ଗୀ ଓ ମା' ସୁଧା ଷଡ଼ଙ୍ଗୀ। ଶ୍ରୀୟଙ୍କା ସମ୍ପ୍ରତି ଏନ୍‌ଆର୍‌ଏଆଇର ନ୍ୟାଶନାଲ ର୍‍ୟାଙ୍କିଙ୍ଗ୍‌ରେ ୩ୟ ସ୍ଥାନରେ ଅଛନ୍ତି। ଓଡ଼ିଶା ମାଇନିଂ କର୍ପୋରେଶନରେ କାର୍ଯ୍ୟରତ ଶ୍ରୀୟଙ୍କା ଚଳିତବର୍ଷ ଆର୍ଜେଣ୍ଟିନାର ବୁଏନ୍ସ ଆରିଜ ଓ ପେରୁର ଲିମାଠାରେ ଅନୁଷ୍ଠିତ ଶୁଟିଂ ବିଶ୍ୱକପରେ ଭାଗ ନେଇ ସାରିଛନ୍ତି। ଲିମାରେ ସେ ପ୍ରଭାବୀ ପ୍ରଦର୍ଶନ କରି ଫାଇନାଲ୍ସକୁ ଉନ୍ନୀତ ହୋଇଥିଲେ।



# ଭାରତୀୟ ଦଳରେ ଅମିତ, ନୀଲମ ଓ ଶିଳାନନ୍ଦ

**ନୂଆଦିଲ୍ଲୀ, ୨୨।୫ (ପି.ଟି.)**

ହକି ଇଣ୍ଡିଆ ଗୁରୁବାର ୟୁରୋପିଆନ ଲେଗ୍ ଏଫ୍‌ଆଇଏଚ୍ ହକି ପ୍ରୋ-ଲିଗ୍ ପାଇଁ ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୩ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅମିତ ରୋହିଦାସ ଓ ନୀଲମ ସଞ୍ଜୀବ ଖେସ୍ ଏବଂ ଫରୱାର୍ଡ ଶିଳାନନ୍ଦ ଲାକ୍ରା। ଏହି ପ୍ରତିଯୋଗିତା ଜୁନ୍ ୭ରୁ ଆମଷ୍ଟିଲ୍‌ଭିନ୍, ନେଦରଲାଣ୍ଡ୍ସ ଏବଂ ଆଣ୍ଟ୍ୱେର୍ପ, ବେଲଜିୟମଠାରେ ଖେଳାଯିବ। ଭାରତୀୟ ଦଳ ଜୁନ୍ ୭ ଓ ୯ରେ ନେଦରଲାଣ୍ଡ୍ସ ବିପକ୍ଷରେ ଦୁଇଟି ମ୍ୟାଚ ଖେଳି ୟୁରୋପିଆନ୍ ଲେଗ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। ଦଳ ପରେ ଆମଷ୍ଟିଲଭିନ୍‌ରେ ୱାଗନର ଷ୍ଟାଡିୟମରେ ଜୁନ୍ ୧୧ ଓ ୧୨ରେ ଆର୍ଜେଣ୍ଟିନା ବିପକ୍ଷରେ ଡବଲ ହେଡର ଖେଳିବ। ଭାରତ ପରେ ଆଣ୍ଟ୍ୱେର୍ପ ଗସ୍ତ କରିବ। ସେଠାରେ ଦଳ ଜୁନ୍ ୧୪ ଓ ୧୫ରେ ଅଷ୍ଟ୍ରେଲିଆ ବିପକ୍ଷରେ ଏବଂ ଜୁନ୍ ୨୧ ଓ ୨୨ରେ ଆୟୋଜକ ବେଲଜିୟମ ବିପକ୍ଷରେ ମ୍ୟାଚ ଖେଳି ଏହାର ଅଭିଯାନ ଶେଷ କରିବ। ସୂଚନାଯୋଗ୍ୟ, ଭାରତ ଚଳିତବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ପ୍ରୋ-ଲିଗ୍‌ର ହୋମ୍ ଲେଗ୍ ଖେଳିଛି ଏବଂ ୮ଗେମ୍‌ରୁ ୫ଟିରେ ବିଜୟ ହାସଲ କରି ୧୫ ପଏଣ୍ଟ ଅର୍ଜନ କରିଛି। ମୁଖ୍ୟ କୋଚ୍ କ୍ରେଗ୍ ଫଲ୍ଟନ କହିଛନ୍ତି, ଏଥର ଆମେ ଦଳରେ ସାମାନ୍ୟ ଅଧିକ ଅଭିଜ୍ଞ ଖେଳାଳି ନେବାକୁ ଚାହିଁଥିଲୁ। ଦଳ ଚୟନ ନେଇ ସେ ଖୁବ୍ ଖୁସି। ତାଙ୍କ ଦଳ ଭଲରୂପେ ତାଲିମ ନେଇଛି। ଆମେ ଯଥାସମ୍ଭବ ପ୍ରୋ-ଲିଗ୍ ଜିତିବାକୁ ଚାହିଁବୁ। ଦଳରେ ସ୍ଥାନ ପାଇ ନ ଥିବା ଖେଳାଳିମାନେ ହେଲେ ଡିଫେଣ୍ଡର ବରୁଣ କୁମାର, ମିଡ୍‌ଫିଲ୍ଡର ମୈରାଙ୍ଗଥେମ୍ ରବିଚନ୍ଦ୍ର ସିଂ ଓ ଫରୱାର୍ଡ ବବି ସିଂ ଦିହାମି, ଅରାଇଜିତ୍ ସିଂ ହୁଣ୍ଡାଲ, ଉତ୍ତମ ସିଂ, ଅଙ୍ଗଦ ବୀର ସିଂ ଓ ଅର୍ଶଦୀପ ସିଂ।

**ଭାରତୀୟ ହକି ଦଳ:** ଗୋଲ୍‌କିପର: କ୍ରିଶନ ବାହାଦୁର ପାଠକ, ସୂରଜ କରକେରା। ଡିଫେଣ୍ଡର: ସୁମିତ, ଅମିତ ରୋହିଦାସ, ଯୁଗରାଜ ସିଂ, ନୀଲମ ସଞ୍ଜୀବ ଖେସ୍, ହରମନପ୍ରୀତ ସିଂ, ଜରମନପ୍ରୀତ ସିଂ, ସଞ୍ଜୟ ଓ ଯଶଦୀପ ସିୱାଚ। ମିଡ୍‌ଫିଲ୍ଡର: ରାଜ କୁମାର ପାଲ୍, ନୀଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ, ରାଜୀନ୍ଦର ସିଂ, ମନପ୍ରୀତ ସିଂ, ବିବେକ୍ ସାଗର ପ୍ରସାଦ, ସମଶେର ସିଂ । ଫରୱାର୍ଡ: ଗୁର୍‌ଜାନ୍ତ ସିଂ, ଅଭିଷେକ, ଶିଳାନନ୍ଦ ଲାକ୍ରା, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତ ସିଂ।



ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୟୁରୋପିଆନ୍ ଲେଗ ପାଇଁ ମନୋନୀତ ଭାରତୀୟ ହକି ଦଳ।

### ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୟୁରୋପିଆନ୍ ଲେଗ୍

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ